# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ଅଗଷ୍ଟ ୨୮/୨୦୧୯ (୨୦ ପୃଷ୍ଠା) Dhenkanal, Wednesday, August 28 / 2019 ★★★★★

୧୫ଶ ଭାଗ ୧୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




## ‘ଇନ୍-ଶା-ଆଲ୍ଲା’ରେ ସଲମାନ୍

ସଞ୍ଜୟ ଲୀଳା ଭଁସାଲିଙ୍କ ଆଗାମୀ ଫିଲ୍ମ ‘ଇନ୍-ଶା-ଆଲ୍ଲା’ରେ ଅଭିନୟ କରିବେ ବଲିଉଡ ସୁପରଷ୍ଟାର ସଲମାନ୍ ଖାନ୍।

୦୨

୧୯

## ବୁମ୍ରାଙ୍କୁ ୭ମ ସ୍ଥାନ

ଆଇସିସି ଟେଷ୍ଟ ବୋଲିଂ ର୍ୟାଙ୍କିଂ ତାଲିକାରେ ଭାରତର ଯଶପ୍ରୀତ ବୁମ୍ରା ପ୍ରଥମ ଥର ‘ଟପ୍ ଟେନ୍’ରେ ପ୍ରବେଶ ସହ ୭ମ ସ୍ଥାନ ଅଧିକାର କରିଛନ୍ତି।



■ ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ମାମଲା

## ଉଚ୍ଛେଦ ପ୍ରକ୍ରିୟାରେ ସ୍ଥଗିତାଦେଶ ଆବେଦନ ଖାରଜ

ନୂଆଦିଲ୍ଲୀ,୨୭।୮: ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ଏହି ଉଚ୍ଛେଦ ପ୍ରକ୍ରିୟା ଉପରେ ସ୍ଥଗିତାଦେଶ ପାଇଁ ସୁପ୍ରିମ୍‌କୋର୍ଟରେ ହୋଇଥିବା ଅନ୍ତରୀଣ ଆବେଦନକୁ ଅଦାଲତ ମଙ୍ଗଳବାର ଖାରଜ କରି ଦେଇଛନ୍ତି। ଏଥିସହିତ ଶ୍ରୀମନ୍ଦିର ପାଇଁ ନିଯୁକ୍ତ ଆମିକସ୍ କ୍ୟୁରୀ ରଞ୍ଜିତ କୁମାର ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପୁରୀ ଗସ୍ତ କରି ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଉଚ୍ଛେଦ ପ୍ରକ୍ରିୟା କିପରି ଚାଲିଛି, ସେ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଅରୁଣ ମିଶ୍ର, ଏମ୍.ଆର. ଶାହ ଏବଂ ବି. ଆର. ଗାଭାଇଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ମନ୍ଦିର ପରିସରକୁ ବ୍ୟବସ୍ଥିତ କରିବାକୁ ଆଉ କି କି ପଦକ୍ଷେପ ନିଆଯାଇପାରିବ, ସେନେଇ ରିପୋର୍ଟ ପ୍ରସ୍ତୁତ କରିବାକୁ ମଧ ଆମିକସ୍ କ୍ୟୁରୀ ଏବଂ ସଲିସିଟର ଜେନେରାଲଙ୍କୁ କହିଛନ୍ତି। ଏଥିସହିତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ହେଉଥିବା ଉଚ୍ଛେଦ ପ୍ରକ୍ରିୟା ଉପରେ ସ୍ଥଗିତାଦେଶ ଚେନ୍ନାଇ ବାସିନ୍ଦା ଅରବିନ୍ଦ ଲୋଚନନ୍‌ଙ୍କ ଅନ୍ତରୀଣ ଆବେଦନକୁ ଖାରଜ କରିଛନ୍ତି। ଏପରି କି ଆନ୍ତଃମହାଦେଶୀୟ ଆଇନଜୀବୀ ସଂଘ(ଆଇସିଏଏଲ୍) ପକ୍ଷରୁ ଆଇନଜୀବୀ ଦେବାଶିଷ ମିଶ୍ର ମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ନେଇ ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଉପରେ ସ୍ଥଗିତଦେଶ ନେଇ କରିଥିବା ଆବେଦନକୁ ମଧ ଖଣ୍ଡପୀଠ ଖାରଜ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖରେ ହେବ। ପ୍ରକାଶ ଯେ, ପୂର୍ବରୁ ଆଡଭୋକେଟ ଜେନେରାଲ ଅଶୋକ ପରିଜା ଉଭୟ ଆମିକସ୍ କ୍ୟୁରୀ ଏବଂ ସଲିସିଟର ଜେନେରାଲଙ୍କୁ ଆସନ୍ତା ସେପ୍ଟେମ୍ବର ୯ ଓ ୧୦ତାରିଖରେ ପୁରୀ ଆସିବାକୁ ନିମନ୍ତ୍ରଣ କରିଥିଲେ।



ଲଙ୍ଗୁଳି ମଠ କୋଠାକୁ ଜେସିବି ଦ୍ୱାରା ଭଙ୍ଗାଯାଉଛି।

# ମାଟିରେ ମିଶିଲା ଲଙ୍ଗୁଳି ମଠ

ପୁରୀ ଅଫିସ, ୨୭।୮

ମାଟିରେ ମିଶିଛି ଲଙ୍ଗୁଳି ମଠ। ଶ୍ରୀମନ୍ଦିର ମେଘନାଦ ପାଚେରି ନିକଟରେ ଥିବା ଏହି ପୁରାତନ ମଠକୁ ମଙ୍ଗଳବାର ସମ୍ପୂର୍ଣ୍ଣ ଭାବେ ଧୂଳିସାତ୍ କରିଦେଇଛି ପ୍ରଶାସନ। କେବଳ ଗାଦି ଘରକୁ ଛାଡ଼ି ମଠର କୋଠା ସମେତ ୨୪ଟି ଦୋକାନ ଘରକୁ ଉଚ୍ଛେଦ କରାଯାଇଛି। ଏହାପରେ ଏମାର ମଠ ଭାଙ୍ଗିବାକୁ ପ୍ରଶାସନ ପ୍ରସ୍ତୁତ ହୋଇଛି। ଏମାର ମଠ କୋଠାରେ ଥିବା ବ୍ରିଟିଶ ଅମଳର ରଘୁନନ୍ଦନ ଲାଇବ୍ରେରିକୁ ପ୍ରଥମେ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

ଶ୍ରୀମନ୍ଦିର ମେଘନାଦ ପାଚେରି ଚତୁଃପାର୍ଶ୍ୱର ୭୫ମିଟର ପରିଧି ମଧ୍ୟରେ ଥିବା ସବୁ ନିର୍ମାଣ ଉଚ୍ଛେଦ ଲାଗି ନିଷ୍ପତ୍ତି ହୋଇଛି। ଯଦିଓ ପ୍ରଶାସନ ପକ୍ଷରୁ ୭୫ ମିଟର କଥା ଉଠାଯାଉନାହିଁ, ତେବେ ପ୍ରଥମ ପର୍ଯ୍ୟାୟରେ ଅସୁରକ୍ଷିତ କୋଠା ଭଙ୍ଗାଯାଉଥିବା କୁହାଯାଇଛି। ଏହି ମର୍ମରେ ଲଙ୍ଗୁଳି ମଠରେ ଦୋକାନ କରିଥିବା ବ୍ୟବସାୟୀମାନଙ୍କୁ ପ୍ରଥମେ ମୌଖିକ ଭାବେ ଜିନିଷପତ୍ର ଖାଲି କରିବାକୁ କୁହାଯାଇଥିଲା। ସୋମବାର ସେମାନେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ବିରୋଧ କରି ଧାରଣା ଦେବା ସହ ଆଗ ଥଇଥାନ ପରେ ଉଚ୍ଛେଦ ଦାବି କରିଥିଲେ। କିନ୍ତୁ ପ୍ରଶାସନର ତାଗିଦ୍ ପରେ ସେମାନେ ଦୋକାନ ଘର ଖାଲି କରିଥିଲେ। ମଠ କୋଠା ଅସୁରକ୍ଷିତ ଦର୍ଶାଇ ସୋମବାର ରାତିରେ ମହନ୍ତଙ୍କୁ ନୋଟିସ୍ ଜାରି କରିଥିଲା ପ୍ରଶାସନ। ଜିଲାପାଳ, ଏସ୍‌ପି ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ମଠ ଅନୁଧ୍ୟାନ କରିବା ପରେ ମଙ୍ଗଳବାର ସକାଳେ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଦୋକାନୀମାନେ ଜିନିଷପତ୍ର ଖାଲି କରିଥିଲେ ମଧ ଆଉ କିଛି ଆସବାବ ପତ୍ର ମଠ ଘରେ ଏବଂ ଦୋକାନରେ ଥିଲା। ଏହାକୁ ଖାଲି କରିବାରେ ବିଳମ୍ବ ହେବାରୁ ସକାଳ ପ୍ରାୟ ୯ଟାରେ ଦୁଇମହଲା ☞ ପୃଷ୍ଠା-୪

### ଶ୍ରୀକ୍ଷେତ୍ରରେ ଉଚ୍ଛେଦ ଅଭିଯାନ ଜାରି

■ ଏଥର ଏମାର ମଠ ପାଳି

■ ଭଙ୍ଗାଯିବ ବ୍ରିଟିଶ୍ ଅମଳର ଲାଇବ୍ରେରି

# ଆର୍ଥିକ ସଙ୍କଟ: ଶ୍ୱେତପତ୍ର ଦାବି କଲା କଂଗ୍ରେସ

ନୂଆଦିଲ୍ଲୀ,୨୭।୮ (ପି.ଟି./ଆଇଏଏନ୍‌ଏସ୍)

ବିମଳ ଜଲାନ କମିଟିର ସୁପାରିସକ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଲାଭାଂଶ ଓ ବଳକା ପୁଞ୍ଜି ବାବଦରେ କେନ୍ଦ୍ର ସରକାରଙ୍କୁ ୧.୭୬ ଲକ୍ଷ କୋଟି ଟଙ୍କା ଦେବା ନେଇ ବିବାଦ ଉଠିଛି। ଗୁଳିମାଡ଼ର କ୍ଷତରେ ଚୋରି କରାଯାଇଥିବା ବ୍ୟାଣ୍ଡ-ଏଡ୍ ଲଗାଇ ଚିକିତ୍ସା କରାଗଲେ ସେଥିରେ ଉପଶମ ହେବ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ଦେଶର ସାମ୍ପ୍ରତିକ ଅର୍ଥନୈତିକ ସଙ୍କଟକୁ ନେଇ କେନ୍ଦ୍ର ସରକାର ଶ୍ୱେତପତ୍ର ଜାରି କରନ୍ତୁ ବୋଲି ମଙ୍ଗଳବାର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

ଆର୍‌ବିଆଇ ପକ୍ଷରୁ ଏହି ରେକର୍ଡ ପରିମାଣର ଅର୍ଥ ହସ୍ତାନ୍ତରଣ ପ୍ରସଙ୍ଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହାର ସମାଧାନ ପାଇଁ ବାଟ ପାଉନାହାନ୍ତି। ଏଥିପାଇଁ ସେମାନେ କେନ୍ଦ୍ରୀୟ ବ୍ୟାଙ୍କରୁ ଟଙ୍କା ଚୋରି କରୁଛନ୍ତି। ଏହା ଗୁଳିମାଡ଼ରେ ଆହତ ହୋଇଥିବା ବ୍ୟକ୍ତିଙ୍କ କ୍ଷତରେ ବ୍ୟାଣ୍ଡ-ଏଡ୍ ଲଗାଇବା ସହ ସମାନ। ଆର୍‌ବିଆଇକୁ ଲୁଟ୍ କରାଯାଉଛି ବୋଲି ରାହୁଲ ଟୁଇଟ୍ କରିଛନ୍ତି। ସେହିପରି ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ଆନନ୍ଦ ଶର୍ମା କହିଛନ୍ତି, ଭାରତ ଜଟିଳ ଅର୍ଥନୈତିକ ସଙ୍କଟ ଦେଇ ଗତିକରୁଛି। ବିକାଶର ସମସ୍ତ ସୂଚକାଙ୍କ ନିମ୍ନସ୍ତରରେ ରହିଥିବାବେଳେ ମୋଟ ଘରୋଇ ଉତ୍ପାଦ (ଜିଡିପି) କ୍ରମାଗତ ଭାବେ ତଳକୁ ଖସିବାରେ ଲାଗିଛି। ୨୦୧୮-୧୯ ଆର୍ଥିକବର୍ଷର ଶେଷ ଚତୁଃମାସରେ ଜିଡିପି ୫.୮% ବୃଦ୍ଧି ପାଇଥିଲା। କିନ୍ତୁ ଚଳିତ ଆର୍ଥିକବର୍ଷର ପ୍ରଥମ ଚତୁଃମାସରେ ଏହାକୁ ୫.୬% କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଗତ ୭ ବର୍ଷରେ ଏହା ସର୍ବନିମ୍ନ ବୋଲି ଆସନ୍ତା ୩୦ ତାରିଖରେ ସ୍ପଷ୍ଟ ହୋଇଯିବ। ରାଜ୍ୟ ସଭାରେ ବିରୋଧୀ ଦଳ ଉପନେତା ଥିବା ଆନନ୍ଦ ଶର୍ମା ଆହୁରି କହିଛନ୍ତି, ଶିଳ୍ପ ଉତ୍ପାଦନର ସୂଚକାଙ୍କ ୨% ରହିଥିବାବେଳେ ମାନୁଫାକ୍ଚରିଂ ୧.୨% ରହିଛି। ଭାରତୀୟ ଟଙ୍କା ତା'ର ମୂଲ୍ୟର ୪% ହରାଇଛି ଏବଂ ଏହା ବର୍ତ୍ତମାନ ଏସିଆର ସବୁଠୁ ଦୁର୍ବଳ ମୁଦ୍ରା ଭାବେ ପରିଗଣିତ ହେଉଛି। ବେକାରି ହାର ୮.୨% ରହିଛି ବୋଲି କୁହାଯାଉଥିବାବେଳେ ବାସ୍ତବରେ ଏହା ୨୦%ରୁ ଅଧିକ। ଏହି ବିଷୟରେ ଯେକୌଣସି ଅର୍ଥନୀତିଜ୍ଞ ଯାଞ୍ଚ କରିପାରିବେ। ଅଟୋମୋବାଇଲ୍ ସେକ୍ଟର ସମେତ ଅନ୍ୟ ଶିଳ୍ପଗୁଡ଼ିକ ବିପଦ ଭିତରକୁ ଟାଣିହୋଇଗଲେଣି। ଏପରି କି ଲୋକେ ମଧ ଋଣ ପାଉନାହାନ୍ତି। ଏଥିଯୋଗୁ ଚାହିଦା ମଧ କମିବାରେ ଲାଗିଛି। ପୂର୍ବରୁ ବିମଳ ଜଲାନ କମିଟି ୧.୭ ଲକ୍ଷ କୋଟି ଟଙ୍କା ୪ରୁ ୫ଟି କିସ୍ତିରେ କେନ୍ଦ୍ର ସରକାରଙ୍କୁ ଦେବା ପାଇଁ ସୁପାରିସ କରିଥିବାବେଳେ ଏତେ ପରିମାଣର ଅର୍ଥକୁ ଗୋଟିଏ କିସ୍ତିରେ ଦେବା ପାଇଁ କିପରି ନିଷ୍ପତ୍ତି ନିଆଯାଇଛି ବୋଲି ଆନନ୍ଦ ପ୍ରଶ୍ନ କରିଛନ୍ତି। ଏହାସହ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ସପ୍ତାହେ ମଧ୍ୟରେ ଶ୍ୱେତପତ୍ର ଜାରି କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଅର୍ଥମନ୍ତ୍ରୀ ସୀତାରାମନ୍ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରି ଏହାର ଜବାବ ରଖିଛନ୍ତି। ଜିଏସ୍‌ଟି ବୈଠକ ଅବସରରେ ପୁଣେରେ ସୀତାରାମନ୍ କହିଛନ୍ତି, ଏପରି ଅଭିଯୋଗକୁ ସେ ଖାତିର କରନ୍ତି ନାହିଁ। ରାହୁଲ ଆର୍‌ବିଆଇ ସମ୍ପର୍କରେ ଅଭିଯୋଗ ଆଣିବା ପୂର୍ବରୁ ତାଙ୍କ ସରକାର ଅମଳର ଅର୍ଥମନ୍ତ୍ରୀମାନଙ୍କ ପରାମର୍ଶ ନେବା ଉଚିତ ଥିଲା। କେନ୍ଦ୍ରୀୟ ବ୍ୟାଙ୍କର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇବା ଚିନ୍ତାର ବିଷୟ। ପ୍ରକାଶ ଯେ, ଅର୍ଥନୈତିକ ପୁଞ୍ଜି ଢାଞ୍ଚା ସମୀକ୍ଷା କରିବା ପାଇଁ ରିଜର୍ଭ ବ୍ୟାଙ୍କ ଗତ ଡିସେମ୍ବରରେ ଏହାର ପୂର୍ବତନ ଗଭର୍ନର ବିମଳ ଜଲାନଙ୍କ ଅଧ୍ୟକ୍ଷତାରେ ଏକ ୬ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଥିଲା। ଆର୍‌ବିଆଇର ସେଣ୍ଟ୍ରାଲ ବୋର୍ଡକୁ ସୋମବାର ଉକ୍ତ କମିଟି ପ୍ରଦାନ କରିଥିବା ରିପୋର୍ଟରେ ଅନେକ ସୁପାରିସ କରାଯାଇଛି। ଲାଭାଂଶ ଓ ବଳକା ପୁଞ୍ଜି ବାବଦରେ କେନ୍ଦ୍ର ସରକାରଙ୍କୁ ୧,୭୬,୦୫୧ କୋଟି ଟଙ୍କା ପ୍ରଦାନ କରିବା ପାଇଁ ମଧ ଏଥିରେ ପ୍ରସ୍ତାବ ରହିଛି। ବିଗତ ଏକ ଦଶନ୍ଧି ମଧ୍ୟରେ ଆର୍‌ବିଆଇ ଏବେ ଦ୍ୱିତୀୟ ଥର ପାଇଁ ୫୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛି, ଯାହାକୁ ନେଇ ରାଜନୀତି ସରଗରମ ହୋଇଛି।

### କେନ୍ଦ୍ରକୁ ଆର୍‌ବିଆଇ ୧.୭୬ ଲକ୍ଷ କୋଟି ଟଙ୍କା ଦେବା ନେଇ ତେଜିଲା ବିବାଦ



■ ଗୁଳିମାଡ଼ର କ୍ଷତରେ ଚୋରି ବ୍ୟାଣ୍ଡ-ଏଡ୍ କାମ କରିବନି: ରାହୁଲ

■ ଅଭିଯୋଗ ପୂର୍ବରୁ କଂଗ୍ରେସ ଅମଳର ଅର୍ଥମନ୍ତ୍ରୀଙ୍କ ସହ ପରାମର୍ଶ କରିବା ଦରକାର ଥିଲା: ସୀତାରାମନ୍



### ଆଜିର ସମ୍ପାଦକୀୟ

**ଆମାଜନ: ବିଶ୍ୱ ବିପତ୍ତି**

### ଆଜିର ମନ୍ତବ୍ୟ

“ ଟିଏମ୍‌ସି କର୍ମୀମାନେ ଦଳ ନାମରେ ଲୋକଙ୍କୁ ଟଙ୍କା ମାଗନ୍ତୁ ନାହିଁ।

-ମମତା ବାନାର୍ଜୀ, ଟିଏମ୍‌ସି ସୁପ୍ରିମୋ

### କିଛି ତଥ୍ୟ

ଚଳିତ ବର୍ଷ ଜୁଲାଇ ଶେଷ ସୁଦ୍ଧା ସାରା ଦେଶରେ ଥିବା ଜନ ଔଷଧି କେନ୍ଦ୍ର ଜରିଆରେ ୧.୩ କୋଟିରୁ ଅଧିକ ପ୍ୟାଡ ବିକ୍ରି ହୋଇଛି।

- କେନ୍ଦ୍ର ସାର ଏବଂ ରସାୟନ ମନ୍ତ୍ରଣାଳୟ


BACHPAN
www.bachpanglobal.com
ଆଜି ହିଁ ବଚପନ ପ୍ରେ-ସ୍କୁଲ୍ ଆରମ୍ଭ କରନ୍ତୁ।
8860619105

NECC NATIONAL EGG CO-ORDINATION COMMITTEE 27.08.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 56 | 101 | 111 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 56 | 101 | 111 |
| BHM | 57 | 102 | 112 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers


# ମାରୁତି ସୁଜୁକିର ୩୦୦୦ ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ



ନୂଆଦିଲ୍ଲୀ,୨୭।୮

ଅଟୋ ଉଦ୍ୟୋଗରେ ମାନ୍ଦାବସ୍ଥା ଉତ୍କଟ ହେବାରେ ଲାଗିଛି। ଦୈନିକ ବିକ୍ରି ହ୍ରାସ ପାଇବା କାରଣରୁ ମାରୁତି ସୁଜୁକି ଏହାର ୩୦୦୦ ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିବାକୁ ବାଧ୍ୟ ହୋଇଛି। କମ୍ପାନୀ ଅଧ୍ୟକ୍ଷ ଆର୍.ସି.ଭାର୍ଗବ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। କମ୍ପାନୀର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)ରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ସରକାରଙ୍କ ସୁରକ୍ଷା ନିୟମ ଓ ଉଚ୍ଚ ଟିକସ ହାର ଯୋଗୁ ଅଟୋ ସେକ୍ଟର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏହି ଉଦ୍ୟୋଗ ଧିମା ହେଲେ ରାଜସ୍ୱ ମଧ ପ୍ରଭାବିତ ହେବ। ଅନ୍ୟପକ୍ଷରେ ଚଳିତ ବର୍ଷ ଏପ୍ରିଲରୁ ଅଦ୍ୟାବଧି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ୧୫୦୦ ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିସାରିଲାଣି। ଏହା ଆରମ୍ଭ ମାତ୍ର ବୋଲି କମ୍ପାନୀ ଏମ୍‌ଡି ପଓ୍ୱନ ଗୋଏଙ୍କା କହିଛନ୍ତି। ସ୍ଥିତି ଏଭଳି ଜାରି ରହିଲେ ଆଗାମୀ ଦିନରେ ଅଧିକ ସଂଖ୍ୟାରେ କର୍ମଚାରୀଙ୍କୁ ଛଟେଇ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଏପ୍ରିଲ-ଜୁନ ତ୍ରୈମାସରେ ମାରୁତି ସୁଜୁକିର ସବୁ ସେଗ୍‌ମେଣ୍ଟରେ ବିକ୍ରି ୪,୭୪,୪୮୭ ୟୁନିଟକୁ ହ୍ରାସ ପାଇଛି, ଯାହାକି ବର୍ଷକ ପୂର୍ବେ ଏହି ସମୟରେ ୬,୧୭,୯୯୦ ୟୁନିଟ ଥିଲା। ବାର୍ଷିକ ହିସାବରେ ବିକ୍ରି ୨୩.୨ ପ୍ରତିଶତ ହ୍ରାସ ପାଇଛି ବୋଲି ଭାର୍ଗବ କହିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ମାନ୍ଦାବସ୍ଥା କାରଣରୁ ଏବେ ଅଟୋମୋବାଇଲ ସେକ୍ଟର ବିକ୍ରି ୧୯ ବର୍ଷର ସର୍ବନିମ୍ନ ସ୍ତରରେ ରହିଛି। ଏହି ସମୟରେ ଗାଡ଼ି ବିକ୍ରି ୧୮.୭୧%କୁ ହ୍ରାସ ପାଇଛି। ଫଳସ୍ୱରୂପ ଗତ ୩ ମାସ ମଧ୍ୟରେ ୧୫ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ଚାକିରି ହରାଇବାକୁ ପଡିଛି ବୋଲି ଅଟୋ ମହାସଂଘ ‘ସିଆମ୍’ ପକ୍ଷରୁ କୁହାଯାଇଛି। ଆଇଏଲ୍‌ଆଣ୍ଡଏଫ୍‌ଏସ୍ ସଙ୍କଟ କାରଣରୁ ବଜାରରେ ଏବେ ନଗଦ ସଙ୍କଟ ଉତ୍କଟ ହୋଇଛି। ଏହି କାରଣରୁ ଏବେ ଅଟୋ ସେକ୍ଟରରେ ଋଣ ଯୋଗାଣ ପ୍ରଭାବିତ ହେଉଛି ବୋଲି ମହାସଂଘ କହିଛି।

### ମାନ୍ଦାବସ୍ଥା ମାଡ଼

# ଭୁବନେଶ୍ୱରରେ ହେବ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍

ଭୁବନେଶ୍ୱର, ୨୭।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ନୂଆ ଫର୍ଦ୍ଦ। ଦେଶର କ୍ରୀଡ଼ା ରାଜଧାନୀ ଭାବେ ପରିଚିତି ଲାଭ କରିଥିବା ଭୁବନେଶ୍ୱରରେ ପୁଣି ଗୋଟିଏ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଦେଖିବାକୁ ପାଇବେ ଓଡ଼ିଶାବାସୀ। ପୂର୍ବରୁ ଏସିଆନ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍ (୨୦୧୭), ଏସିଆନ୍ ରଗ୍‌ବୀ ଚାମ୍ପିୟନଶିପ୍ (୨୦୧୮), ପୁରୁଷ ହକି ବିଶ୍ୱକପ୍ (୨୦୧୮)ସମେତ ହକିର ବିଭିନ୍ନ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରି ଯଶ ଅର୍ଜନ କରିଥିବା କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ବର୍ଷ ଫୁଟ୍‌ବଲର ସର୍ବୋଚ୍ଚ ପ୍ରତିଯୋଗିତା ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଅନୁଷ୍ଠିତ ହେବ। ସ୍ଥାନୀୟ ଆୟୋଜନ କମିଟି (ଏଲ୍‌ଓସି) ପକ୍ଷରୁ ମଙ୍ଗଳବାର ୨୦୨୦ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ ପାଇଁ ଭୁବନେଶ୍ୱରକୁ ପ୍ରଥମ ପ୍ରୋଭିଜନାଲ ଭେନ୍ୟୁ ଭାବେ ଘୋଷଣା କରାଯାଇଛି। ଚଳିତ ବର୍ଷ ଶେଷ ଭାଗରେ ଅନ୍ତିମ ନିରୀକ୍ଷଣ କରାଯିବ। ଏହି ସମୟ ମଧ୍ୟରେ ଭେନ୍ୟୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥିବା ଆବଶ୍ୟକ। ଏହାପରେ ଫିଫା ପକ୍ଷରୁ ଆୟୋଜକ ସହର ଭାବେ ଘୋଷଣା କରାଯିବ। ତେବେ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫାର କୌଣସି ପ୍ରତିଯୋଗିତା ଓଡ଼ିଶାରେ ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବା ଏକପ୍ରକାର ନିଶ୍ଚିତ ହୋଇଛି।

ମଙ୍ଗଳବାର ଅପରାହ୍ଣରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଆୟୋଜନ କମିଟିର ଟୁର୍ନାମେଣ୍ଟ ନିର୍ଦ୍ଦେଶିକା ରୋମା ଖାନ୍ନା ରାଜ୍ୟ ସରକାରଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି। ‘ଆମେ ଖୁସି ଯେ, ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ ପାଇଁ ଭୁବନେଶ୍ୱରକୁ ପ୍ରଥମେ ଭେନ୍ୟୁ ଭାବେ ପ୍ରୋଭିଜନାଲ କ୍ଲିୟରାନ୍ସ ପ୍ରଦାନ କରାଯାଇଛି। ଦେଶରେ ମହିଳା ଫୁଟ୍‌ବଲର ଉନ୍ନତି ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସାମିଲ ହେବାକୁ ଯାଉଥିବାରୁ ଧନ୍ୟବାଦ ଜଣାଉଛି। ବିଶ୍ୱକପ୍ ଆୟୋଜନ ପାଇଁ କିଛି କାମ ବାକି ରହିଯାଇଛି। ରାଜ୍ୟ ସରକାର ମୁଖ୍ୟ ଷ୍ଟାଡିୟମ ସମେତ ଟ୍ରେନିଂ ସାଇଟ୍ ଭେନ୍ୟୁ ଫିଫା ଷ୍ଟାଣ୍ଡାର୍ଡ ଅନୁଯାୟୀ କରିବାକୁ ପଡ଼ିବ। ପ୍ରତିଯୋଗିତା ଆୟୋଜନ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗରେ ସନ୍ତୁଷ୍ଟ’ ବୋଲି ରୋମା ଏହି ଅବସରରେ ପ୍ରକାଶ କରିଛନ୍ତି। ଶାରୀରିକ ଅସୁସ୍ଥତା ଲାଗି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହିପାରି ନ ଥିଲେ ମଧ ସମ୍ମାନଜନକ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ ପାଇଁ ଭୁବନେଶ୍ୱରକୁ ପ୍ରଥମ ସହର ଭାବେ ପ୍ରୋଭିଜନାଲ କ୍ଲିୟରାନ୍ସ ମିଳିଥିବାରୁ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଖୁସି ଜାହିର କରିଛନ୍ତି। ଭାରତରେ ପ୍ରଥମଥର ଲାଗି ଏହି ବିଶ୍ୱସ୍ତରୀୟ ମହିଳା ଫୁଟ୍‌ବଲ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହାର ଆୟୋଜନ ଅଧିକାର ମିଳିଥିବାରୁ ଓଡ଼ିଶା ପାଇଁ ଏହା ଏକ ବଡ଼ ସମ୍ମାନ ବୋଲି କ୍ରୀଡ଼ାମନ୍ତ୍ରୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।




ପୃଷ୍ଠା-୧୫

■ ହକିଠାରୁ ଆହୁରି ଭଲ ଆୟୋଜନ କରିବୁ: ବିଶାଳ ଦେବ

■ କଳିଙ୍ଗରେ ହେବ ୩ରୁ ୬ ମ୍ୟାଚ

■ ପୋଲିସ ବାଟାଲିୟନ ଓ କ୍ୟାପିଟାଲ ହାଇସ୍କୁଲରେ ପ୍ରାକ୍ଟିସ ଭେନ୍ୟୁ



ପାକିସ୍ତାନ ପଟୁ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରାଯାଉଛି। ଏହାର ଦୃଢ଼ ଜବାବ ଦିଆଯିବା ଉଚିତ।
-ରବିନ୍ଦର ଶର୍ମା,
ଜମ୍ମୁ-କଶ୍ମୀର କଂଗ୍ରେସ ମୁଖପାତ୍ର



## ଜି-୭ର ୨୦ ନିୟୁତ ଡଲାର ସହାୟତାକୁ ବ୍ରାଜିଲର ପ୍ରତ୍ୟାଖ୍ୟାନ

# ଆମାଜନ ଜଳୁଥିବ ସ୍ତ୍ରୀଙ୍କୁ ନେଇ

ପୋର୍ଟ ଭେଲ୍‌ହୋ,୨୭।୮

### ମାକ୍ରଁ ଅପମାନଜନକ ମନ୍ତବ୍ୟ ପ୍ରତ୍ୟାହାର କଲେ ଅର୍ଥ ଗ୍ରହଣ ନେଇ ବିଚାର କରିବି: ବୋଲ୍‌ସୋନାରୋ



ଇମାନ୍ୱେଲ ମାକ୍ରଁ ଓ ସ୍ତ୍ରୀ ବ୍ରିଜେଟ୍



ଜୈର୍ ବୋଲ୍‌ସୋନାରୋଙ୍କ ସହ ସ୍ତ୍ରୀ ମିଶେଲ୍

ଆମାଜନ ଜଙ୍ଗଲରେ ଲାଗିଥିବା ନିଆଁ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ସାଜିଛି। ଏହାକୁ ଲିଭାଇବା ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ବ୍ରାଜିଲକୁ ୨୦ ନିୟୁତ ଡଲାର ସହାୟତା ଦେବା ଲାଗି ଜି-୭ ସମ୍ମିଳନୀରେ ଘୋଷଣା କରିଛନ୍ତି। ହେଲେ ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋ ଏହି ସହାୟତା ଗ୍ରହଣ କରିବାକୁ ମନାକରିଦେଇଛନ୍ତି। ମାକ୍ରଁ ତାଙ୍କ ବିରୋଧରେ ଦେଇଥିବା ଅପମାନଜନକ ମନ୍ତବ୍ୟ ପ୍ରତ୍ୟାହାର କଲେ ଏହି ଅର୍ଥ ଗ୍ରହଣ ନେଇ ବିଚାର କରିବେ ବୋଲି ମଙ୍ଗଳବାର ବୋଲ୍‌ସୋନାରୋ ସ୍ପଷ୍ଟ କରିଛନ୍ତି।

ଦୁଇ ରାଷ୍ଟ୍ରପତିଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା ସ୍ତ୍ରୀଙ୍କୁ ନେଇ। ବ୍ରାଜିଲ ରାଷ୍ଟ୍ରପତି ବୋଲ୍‌ସୋନାରୋଙ୍କ ଜଣେ ସମର୍ଥକ ଦୁଇଦିନ ତଳେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ୬୬ ବର୍ଷୀୟା ସ୍ତ୍ରୀ ବ୍ରିଜେଟ୍‌ଙ୍କୁ ନେଇ ଉପହାସ କରିଥିଲେ। ସେ ଫେସ୍‌ବୁକ୍ ପୋଷ୍ଟରେ ବ୍ରିଜେଟ୍ ଓ ବୋଲ୍‌ସୋନାରୋଙ୍କ ସ୍ତ୍ରୀ ମିଶେଲଙ୍କ ଫଟୋ ପୋଷ୍ଟ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ, ଏଥିରୁ ଆପଣ ବୁଝିପାରୁଥିବେ ବୋଲ୍‌ସୋନାରୋଙ୍କ ଉପରେ ମାକ୍ରଁ କାହିଁକି ଅତ୍ୟାଚାର କରୁଛନ୍ତି। ଏହା ଉପରେ ପର୍ତ୍ତୁଗିଜ୍ ଭାଷାରେ ମନ୍ତବ୍ୟ ଦେଇ ଦେଇ ବୋଲ୍‌ସୋନାରୋ କହିଥିଲେ, ମାକ୍ରଁଙ୍କୁ ଅପମାନିତ କରନାହିଁ। ହାଃ ହାଃ। ବୋଲ୍‌ସୋନାରୋଙ୍କ ପ୍ରତିକ୍ରିୟାକୁ ନେଇ ମାକ୍ରଁ କହିଛନ୍ତି, ଏହା ଅତ୍ୟନ୍ତ ଅଭଦ୍ର ଓ ଦୁଃଖଦ ମନ୍ତବ୍ୟ। ବୋଲ୍‌ସୋନାରୋ ମୋ ସ୍ତ୍ରୀଙ୍କ ସମ୍ପର୍କରେ ଅସମ୍ମାନଜନକ କଥା କହିଛନ୍ତି।



ବ୍ରାଜିଲବାସୀଙ୍କୁ ମୁଁ ବହୁତ ସମ୍ମାନ କରେ। ସେମାନଙ୍କୁ ଖୁବ୍‌ଶୀଘ୍ର ଜଣେ ଯୋଗ୍ୟ ରାଷ୍ଟ୍ରପତି ମିଳିଯିବେ ବୋଲି ଆଶା।

ଜି-୭ ସମ୍ମିଳନୀ ଅବସରରେ ଏକ ପ୍ରେସ୍ କନ୍‌ଫରେନ୍ସରେ ମାକ୍ରଁ ଏହି ମନ୍ତବ୍ୟ ଦେଇଥିଲେ। ଆମାଜନ ଜଙ୍ଗଲରେ ଲାଗିଥିବା ନିଆଁକୁ ନେଇ କିଛି ଦିନ ହେବ ମାକ୍ରଁ ଓ ବଲ୍‌ସୋନାରୋଙ୍କ ମଧ୍ୟରେ କୂଟନୈତିକ ସ୍ତରରେ ଟଣାଓଟରା ଦେଖିବାକୁ ମିଳିଛି। ମାକ୍ରଁ ଆମାଜନ ନିଆଁକୁ ଅନ୍ତର୍ଜାତୀୟ ସଙ୍କଟ ଭାବେ ଅଭିହିତ କରି ତାକୁ ଲିଭାଇବା ପାଇଁ ସାରା ବିଶ୍ୱର ନେତାଙ୍କୁ ଏକାଠି କରିବାକୁ ଉଦ୍ୟମ ଚଳାଇଛନ୍ତି। ପରିବେଶବିତ୍‌ମାନେ ଏହି ନିଆଁ ପାଇଁ ବୋଲ୍‌ସୋନାରୋଙ୍କ ନୀତିକୁ ଦାୟୀ କରିଛନ୍ତି। ଏଭଳି ସମୟରେ ୨୦ ନିୟୁତ ଡଲାର ଦେବା ପାଇଁ ମାକ୍ରଁ ଘୋଷଣା କରିଥିବାବେଳେ ମହିଳା, କୃଷ୍ଣକାୟ ଓ ସଂଖ୍ୟାଲଘୁଙ୍କୁ ନେଇ ଅପମାନଜନକ ମନ୍ତବ୍ୟ ଦେବାରେ କୁଖ୍ୟାତ୍ ଦକ୍ଷିଣପନ୍ଥୀ ନେତା ବୋଲ୍‌ସୋନାରୋ ତାକୁ ଗ୍ରହଣ କରିବାକୁ ମନାକରିଛନ୍ତି। ମାକ୍ରଁ ତାଙ୍କ ସମ୍ପର୍କରେ ଦେଇଥିବା ଅପମାନଜନକ ମନ୍ତବ୍ୟ ପ୍ରତ୍ୟାହାର ନ କରିବା ଯାଏ ନିଆଁ ଲିଭାଇବା ପାଇଁ ଉକ୍ତ ସହାୟତା ସେ ଗ୍ରହଣ କରିବେ ନାହିଁ କି ଫ୍ରାନ୍ସ ସହ କୌଣସି ପ୍ରକାର ଆଲୋଚନା କରିବେ ନାହିଁ।

ମିଳିଥିବା ସୂଚନାନୁସାରେ ରବିବାର ଓ ସୋମବାର ମଧ୍ୟରେ ଆମାଜନ ଜଙ୍ଗଲର ୧,୬୫୯ ନୂଆ ସ୍ଥାନରେ ନିଆଁ ଲାଗିଛି। ଏହାକୁ ମିଶାଇ ଚଳିତବର୍ଷର ମୋଟ ଅଗ୍ନିକାଣ୍ଡ ସଂଖ୍ୟା ୮୨,୨୮୫ରେ ପହଞ୍ଚିଛି। ଆମାଜନ ଅବବାହିକାରେ ଏହାକୁ ଲିଭାଇବା ପାଇଁ ବାୟୁସେନା ପକ୍ଷରୁ ଯୁଦ୍ଧବିମାନରୁ ପାଣିବର୍ଷା କରାଯାଉଛି, ଯାହାକି ଯଥେଷ୍ଟ ନୁହେଁ। ଆମାଜନର ୬୦% ବ୍ରାଜିଲରେ ରହିଥିବାବେଳେ ଅନ୍ୟ ୪୦% ପଡ଼ୋଶୀ ଫ୍ରାନ୍ସ ସମେତ ୮ଟି ଦେଶରେ ରହିଛି।

## ଦୁଇ ଗାଡ଼ିକୁ ଧକ୍କାଦେଇ ଓଲଟିଲା ଟ୍ରକ୍

# ୩ ଶିଶୁଙ୍କ ସମେତ ୧୭ ମୃତ



ଶାହଜାହାନ୍‌ପୁର, ୨୭।୮(ପି.ଟି.)

**■ଡ୍ରାଇଭର ଫେରାର, ହେଲ୍‌ପର ଗିରଫ**

**■ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ**

ଉତ୍ତରପ୍ରଦେଶର ଶାହଜାହାନ୍‌ପୁରରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ମଙ୍ଗଳବାର ସକାଳେ ଜାତୀୟ ରାଜପଥ-୨୪ର ଜାମ୍‌କା କ୍ରସିଂ ନିକଟରେ ଦୁଇଟି ଗାଡ଼ିକୁ ଧକ୍କାଦେଇ ଓଲଟି ପଡ଼ିବାରୁ ୩ ପିଲାଙ୍କ ସମେତ ୧୭ ଜଣଙ୍କ ପ୍ରାଣହାନି ଘଟିଛି। ଦୁର୍ଘଟଣାରେ ୪ ଜଣ ଆହତ ମଧ୍ୟ ହୋଇଛନ୍ତି। ଟ୍ରକଟି ପ୍ରଥମେ ଏକ ଅଟୋକୁ ଧକ୍କାଦେବା ପରେ ଏକ ଭ୍ୟାନ୍ ଉପରେ ଓଲଟି ପଡ଼ିଥିବା ଏସ୍‌ପି ଦୀନେଶ ତ୍ରିବେଦୀ ପ୍ରକାଶ କରିଛନ୍ତି। ଭ୍ୟାନ୍‌ରେ ଥିବା ଲୋକମାନେ ଚାପିହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ଦୁର୍ଘଟଣାଟି ଏତେ ଜୋର୍‌ରେ ଥିଲା ଯେ, ଘଟଣାସ୍ଥଳରେ ୩ ପିଲା(୬ରୁ ୧୨ ବର୍ଷ)ଙ୍କ ସହ ୧୬ ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ହସ୍ପିଟାଲକୁ ଯିବା ବାଟରେ ଜଣେ ଆହତ ମହିଳା ପ୍ରାଣ ହରାଇଥିଲେ।

ଦୁର୍ଘଟଣା ପରେ ଏକ କ୍ରେନ୍ ସହାୟତାରେ ଟ୍ରକଟିକୁ କଢ଼ାଯାଇ କ୍ଷତବିକ୍ଷତ ଶରୀରକୁ ବାହାରକୁ ଅଣାଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବାବେଳେ ହେଲ୍‌ପରକୁ ଗିରଫ କରାଯାଇଛି। ଅଟୋରେ ଯାତ୍ରୀମାନେ ବର୍‌ତାରାରୁ ଆସୁଥିବାବେଳେ ଭ୍ୟାନ୍ ଯାତ୍ରୀମାନେ ଶାହଜାହାନ୍‌ପୁରରୁ ଆସୁଥିଲେ। ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବା ବେଳେ ମୃତ୍ୟୁବରଣ କରିଥିବା ଲୋକଙ୍କ ମରଶରୀରକୁ ବ୍ୟବଚ୍ଛେଦ ଲାଗି ପଠାଯାଇଥିବା ପୋଲିସ କହିଛି।

ବରେଲୀ ଡିଭିଜନ କମିଶନ ରଣବୀର ପ୍ରସାଦ ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଛନ୍ତି। ଦୁର୍ଘଟଣା ଲାଗି ଡ୍ରାଇଭର୍‌ର ଅସାବଧାନତା କିମ୍ବା ଅନ୍ୟ କୌଣସି କାରଣ ଦାୟୀ, ସେଥିଲାଗି ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଯାତ୍ରୀ ପରିବହନ କରୁଥିବା ଅଟୋ ଓ ଭ୍ୟାନ୍‌ର ବୈଧ ଲାଇସେନ୍ସ ରହିଛି କି ନାହିଁ, ସେନେଇ ମଧ୍ୟ ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏସ୍‌ପି ପ୍ରସାଦ ଓ ଡିଆଇଜି ରାଜେଶ କୁମାର ପାଣ୍ଡେ ଦୁର୍ଘଟଣାସ୍ଥଳ ଓ ହସ୍ପିଟାଲ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁର୍ଘଟଣା ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିଥିବାବେଳେ ଆହତଙ୍କ ଚିକିତ୍ସା ସୁବିଧା ଓ ଅନୁକମ୍ପାମୂଳକ ସହାୟତା ରାଶି ଯଥାବିଧି ପ୍ରଦାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ବିଦେଶୀ ଗଣମାଧ୍ୟମରେ କଶ୍ମୀର

ନୂଆଦିଲ୍ଲୀ,୨୭।୮



ଭାରତ ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଅଗଷ୍ଟ ୫ରେ ଉଚ୍ଛେଦ କରିଥିଲେ। ଏହା ପୂର୍ବରୁ ଶତାଧିକ ସ୍ଥାନୀୟ ନେତାଙ୍କୁ ସରକାର ଅଟକ ରଖିଥିଲେ। କଶ୍ମୀରରେ ଅବସ୍ଥା ସ୍ୱାଭାବିକ ହେଉଛି ବୋଲି ସରକାର କହୁଥିବା ବେଳେ ଏବେ ମଧ୍ୟ ନେତାମାନେ ଗୃହବନ୍ଦୀ ରହିଛନ୍ତି। ୩୭୦ ଉଚ୍ଛେଦର ୨୧ ଦିନ ପରେ ବି ସୁରକ୍ଷା ଯବାନମାନେ ଉପତ୍ୟକାର ରାସ୍ତାଘାଟରେ ପଇଁତରା ମାରୁଛନ୍ତି। ବିକ୍ଷୋଭକାରୀଙ୍କୁ ଘଉଡାଇବା ପାଇଁ ପେଲେଟ ଗନ ଓ ଲୁହବୁହା ଗ୍ୟାସ୍ ଫାୟାରିଂ କରାଯାଉଛି ବୋଲି ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଛି। ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏତେ ସଂଖ୍ୟାରେ ନେତାଙ୍କୁ ଗୃହବନ୍ଦୀ କରି ରଖାଯିବା ପ୍ରଥମ ଘଟଣା। କଶ୍ମୀରରୁ ସ୍ୱୟଂଶାସନ କ୍ଷମତା ପ୍ରତ୍ୟାହାର ପରେ କେବଳ ନେତା ନୁହନ୍ତି, ବଡ ବ୍ୟବସାୟୀ, ମାନବାଧିକାର କର୍ମୀ, ଶିକ୍ଷକଙ୍କ ସମେତ ପାଖାପାଖି ୨୦୦୦ ଲୋକଙ୍କୁ ଅଟକ ରଖାଯାଇଛି। ସେମାନେ ନିଜ ପରିବାର ସଦସ୍ୟ କିମ୍ବା ଓକିଲଙ୍କ ସହ ମଧ୍ୟ ଯୋଗାଯୋଗ କରିପାରୁନାହାନ୍ତି। ସେମାନେ କେଉଁଠି ଅଛନ୍ତି ତାହା ମଧ୍ୟ ଗୋପନ ରଖାଯାଇଛି। ଅଧିକାଂଶଙ୍କୁ ଅଗଷ୍ଟ ୪ ତାରିଖ ରାତିରେ ଗୃହବନ୍ଦୀ କରାଯାଇଥିଲା।

# ତ୍ରାଲ୍‌ରୁ ୨ ଗୁଳିବିଦ୍ଧ ମୃତଦେହ ଉଦ୍ଧାର

ଶ୍ରୀନଗର, ୨୭।୮(ପି.ଟି.)

**ଜେଇଏମ୍‌ର ସମ୍ପୃକ୍ତି ସନ୍ଦେହ**

ଦକ୍ଷିଣ କଶ୍ମୀରର ତ୍ରାଲ୍‌ରେ ସନ୍ଦିଗ୍ଧ ଜୈଶ-ଇ-ମହମ୍ମଦ ଆତଙ୍କବାଦୀମାନେ ଗୁଳିକରି ୨ ଯାଯାବରଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସେମାନଙ୍କ ଗୁଳିବିଦ୍ଧ ମୃତଦେହ ମଙ୍ଗଳବାର ଉଦ୍ଧାର କରାଯାଇଛି। ଆତଙ୍କବାଦୀମାନେ ଗତ ସପ୍ତାହରେ ବନ୍ଧୁକ ଦେଖାଇ ସେମାନଙ୍କୁ ଘରୁ ଅପହରଣ କରିନେଇଥିଲେ। ଜମ୍ମୁ-କଶ୍ମୀରର ରାଜୌରୀ ଜିଲାରେ ରହୁଥିବା ଅବଖଦୁଲ କାଦିର କୋହଲି ଓ ତାଙ୍କ ସମ୍ପର୍କୀୟ ମନ୍‌ଜୁର ଅହମଦ କୋହଲିଙ୍କୁ ଗତ ୧୮ ତାରିଖ ରାତିରେ ଅପହରଣ କରାଯାଇଥିଲା। ଲିଟ୍‌ଚିନାଗରୁ ଅବ୍‌ଦୁଲ କାଦିରଙ୍କ ମରଶରୀର ମିଳିଥିବାବେଳେ ମନ୍‌ଜୁର କୋହଲିଙ୍କ ମରଶରୀର ବେହାକ୍ ଜଙ୍ଗଲରୁ ମିଳିଛି। ଧାରା ୩୭୦ ଉଚ୍ଛେଦ ହେବା ପରେ ଏଭଳି ଆତଙ୍କବାଦୀ ହତ୍ୟାକାଣ୍ଡ ଉପତ୍ୟକାରେ ପ୍ରଥମ ବୋଲି କୁହାଯାଉଛି। କଶ୍ମୀର କଡ଼ାସୁରକ୍ଷା ବଳୟ ମଧ୍ୟରେ ରହିଥିଲେ ହେଁ ସାମାନ୍ୟ କଟକଣା କୋହଳର ଫାଇଦା ଉଠାଇବା ଲାଗି ଆତଙ୍କବାଦୀମାନେ ସୁଯୋଗର ହାତଛଡ଼ା କରୁ ନ ଥିବା ଏଥିରୁ ସହଜେ ଅନୁମେୟ। ପ୍ରକାଶଥାଉ କି, ଗତ ୨୦ ତାରିଖରେ ଉତ୍ତର କଶ୍ମୀରର ବାରାମୁଲାଠାରେ ଗୁଳିବିନିମୟ ହେବାରୁ ଜଣେ ଲଶ୍କର ଆତଙ୍କବାଦୀ ପ୍ରାଣ ହରାଇବା ସହ ଜଣେ ସ୍ପେଶାଲ ପୋଲିସ ଏସ୍‌ଆଇ ଶହୀଦ ହୋଇଥିଲେ।

## ବାରାମୁଲାରୁ ଆତଙ୍କବାଦୀ ଗିରଫ

ଶ୍ରୀନଗର, ୨୭।୮(ପି.ଟି.)

ଉତ୍ତର ଜମ୍ମୁ-କଶ୍ମୀରର ବାରାମୁଲା ଅନ୍ତର୍ଗତ ଡେଲିନାସ୍ଥିତ ଏକ ସେନା ଚେକ୍‌ପୋଷ୍ଟ ଉପରକୁ ଗୁଳିମାଡ଼ କରୁଥିବାବେଳେ ଜଣେ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଏକ ଏକେ-୪୭ ରାଇଫଲ ଓ ଏକ ପିସ୍ତଲ ଜବତ କରାଯାଇଥିବା ସେନା ପକ୍ଷରୁ କୁହାଯାଇଛି।

## ଆଇଏନ୍‌ଏକ୍ସ ମିଡିଆ ମନି ଲଣ୍ଡରିଂ ମାମଲା

# ଆଜି ଯାଏ ବଢ଼ିଲା ଚିଦାମ୍ବରମଙ୍କ ସୁରକ୍ଷା

ନୂଆଦିଲ୍ଲୀ, ୨୭।୮(ପି.ଟି.)



ଆଇଏନ୍‌ଏକ୍ସ ମିଡିଆ ମନି ଲଣ୍ଡରିଂ ମାମଲାରେ ଫସିଥିବା ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ସୁପ୍ରିମକୋର୍ଟ ପୁଣି ଗୋଟିଏ ଦିନ ସୁରକ୍ଷା ପ୍ରଦାନ କରିଛନ୍ତି। ବୁଧବାର ପର୍ଯ୍ୟନ୍ତ ତାଙ୍କୁ ଗିରଫ କରାଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଜଷ୍ଟିସ ଆର୍. ବାନୁମତୀ ଓ ଜଷ୍ଟିସ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଚିଦାମ୍ବରମଙ୍କ ଦୁଇଟି ଆବେଦନ ସହ ରିମାଣ୍ଡ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଯୁକ୍ତି ଶୁଣାଯିବ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟ୍ଟା ଏନେଇ ଯୁକ୍ତି ଦର୍ଶାଇବେ ବୋଲି ଜଣାପଡ଼ିଛି। ଜେରାବେଳେ ଚିଦାମ୍ବରମ ସହଯୋଗ କରୁଥିଲେ କି ନାହିଁ, ସେ ସମ୍ପର୍କିତ ଟ୍ରାନ୍ସକ୍ରିପ୍ଟ ମଧ୍ୟ କୋର୍ଟ ପରଖିବେ ବୋଲି ଜଣାପଡ଼ିଛି।

# ନାବାଳିକାଙ୍କୁ ଗଣବଳାତ୍କାର ପରେ ଲଣ୍ଡାକରି ଗାଁରେ ବୁଲାଇଲେ

ଗୟା, ୨୭।୮(ପି.ଟି.)

ବିହାରର ଗୟା ଜିଲାରେ ଜଣେ ନାବାଳିକାଙ୍କୁ କେତେକ ଯୁବକ ଗାଡ଼ିରେ ଜୋରଜବରଦସ୍ତ ଉଠାଇନେଇ ଗଣବଳାତ୍କାର କରିବା ପରେ ପଞ୍ଚାୟତର ନିର୍ଦ୍ଦେଶ କ୍ରମେ ଉକ୍ତ ପୀଡ଼ିତାଙ୍କୁ ଲଣ୍ଡା କରି ଗାଁ ଦାଣ୍ଡରେ ବୁଲାଇବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି। ୬ ଯୁବକ ସ୍ଥାନୀୟ ପଞ୍ଚାୟତ ଛାତ ଉପରେ ନାବାଳିକାଟିକୁ ବେହୋସ୍ କଲା ପର୍ଯ୍ୟନ୍ତ ବଳାତ୍କାର କରିଥିବା ପୋଲିସ କହିଛି। ଜଣେ ଗାଁ ଲୋକ ଏହା ଦେଖି ଖବର ଦେବାରୁ ନାବାଳିକାକୁ ଉଦ୍ଧାର କରାଯାଇଥିଲା। ହେଲେ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରରୋଚନାରେ ପଞ୍ଚାୟତ ବୈଠକରେ ପୀଡ଼ିତାଙ୍କୁ ସହଯୋଗ କରିବା ପରିବର୍ତ୍ତେ ତାଙ୍କୁ ଲଣ୍ଡା କରାଯାଇ ଗାଁ ଦାଣ୍ଡରେ ବୁଲାଯାଇଥିଲା।

# ଜେଟ୍‌ଲୀଙ୍କ ପରିବାରକୁ ଭେଟିଲେ ମୋଦି

ନୂଆଦିଲ୍ଲୀ, ୨୭।୮(ପି.ଟି.):



ବିଦେଶ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ବାସଭବନକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଦିବଙ୍ଗତ ନେତା ଅରୁଣ ଜେଟ୍‌ଲୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ମୋଦି ଜେଟ୍‌ଲୀଙ୍କ ସ୍ତ୍ରୀ ଓ ପୁଅ ରୋହନଙ୍କ ସହ କଥା ହୋଇଥିଲେ। ପ୍ରାୟ ୨୫ ମିନିଟ ଧରି ମୋଦି ସେଠାରେ ରହିଥିଲେ। ତାଙ୍କ ପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ସେଠାକୁ ଯାଇ ପରିବାରଲୋକଙ୍କ ସହ କଥା ହୋଇଥିଲେ। ଶନିବାର ଏମ୍ସରେ ଅରୁଣ ଜେଟ୍‌ଲୀଙ୍କ ନିଧନ ହେବାବେଳେ ମୋଦି ବାହାରିନ୍‌ରେ ରହି ଗଭୀର ଶୋକ ବ୍ୟକ୍ତ କରିଥିଲେ। ମଙ୍ଗଳବାର ସକାଳେ ମୋଦି ସ୍ୱଦେଶରେ ପହଞ୍ଚିବା ପରେ ଜେଟ୍‌ଲୀଙ୍କ ବାସଭବନକୁ ଯାଇ ପରିବାର ଲୋକଙ୍କୁ ଭେଟିଥିଲେ।

# ୨୩ ପିସ୍ତଲ, ୫୦ କାର୍ଟ୍ରିଜ୍ ଜବତ:୨ ଗିରଫ

ନୂଆଦିଲ୍ଲୀ, ୨୭।୮(ପି.ଟି.)

ଅପରାଧୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଲାଗି ୨୩ ପିସ୍ତଲ ଓ ୫୦ କାର୍ଟ୍ରିଜ୍ ନେଇ ଯାଉଥିବା ୨ ଯୁବକଙ୍କୁ ଦିଲ୍ଲୀ ପୋଲିସ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ପୁଣେର ଅକ୍ଷୟ ଅଧୱାଡ଼େ (୨୩) ଓ ଚନ୍ଦପାଶା ଶେଖ୍(୨୮)। ଶାନ୍ତିବନ ବସ୍‌ଷ୍ଟପ୍ ନିକଟରୁ ଉଭୟଙ୍କୁ ଗିରଫ କରାଯାଇଛି। ଦିଲ୍ଲୀରେ ଅପରାଧୀଙ୍କୁ ଏହାକୁ ବିକ୍ରି କରିବା ଲାଗି ଏମାନେ ଆସିଥିବା ଡିସିପି(ସ୍ୱତନ୍ତ୍ର ସେଲ୍) ପି. ଏସ୍. କୁଶୱାହ ପ୍ରକାଶ କରିଛନ୍ତି।

# ନାସା ଯିବେ ୩ ଭାରତୀୟ ଛାତ୍ରୀଛାତ୍ର

ଚେନ୍ନାଇ



**‘ଗୋ ଫର୍ ଗୁରୁ’ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ**

୩ଜଣ ଭାରତୀୟ ଛାତ୍ରୀଛାତ୍ର ଆମେରିକାର ମହାକାଶ ଗବେଷଣା କେନ୍ଦ୍ର (ନାସା) ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି। ସେମାନେ ହେଲେ ତାମିଲନାଡୁର ମଦୁରାଇସ୍ଥିତ ମହାତ୍ମା ମଣ୍ଟେସରି ମାଟ୍ରିକ ହାୟର ସେକେଣ୍ଡାରି ସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ଜେ. ଧନ୍ୟା ଥାସନେମ୍, ଆନ୍ଧ୍ରପ୍ରଦେଶ ଗୁଣ୍ଟୁରସ୍ଥିତ ଭାଶ୍ୟମ୍ ଗ୍ରୁପ୍ ଅଫ୍ ସ୍କୁଲ୍‌ର ଛାତ୍ର ସାଇ ପୂଜିଥା ଏବଂ ମହାରାଷ୍ଟ୍ରର ଆଲିବାଗସ୍ଥିତ ଜିନ୍ଦଲ ବିଦ୍ୟା ମନ୍ଦିରର ଅଭିଷେକ ଶର୍ମା। ସେମାନେ ସେଠାରେ ମହାକାଶଚାରୀଙ୍କୁ ମହାକାଶ ଗବେଷଣା ସମ୍ପର୍କିତ ବିଭିନ୍ନ ବିଷୟ ପଚାରି ବୁଝିବେ। ସେମାନେ ଅକ୍ଟୋବର ପ୍ରଥମ ସପ୍ତାହରେ ନାସା ପରିଦର୍ଶନରେ ଯିବେ ବୋଲି ‘ଗୋ ଫର୍ ଗୁରୁ’ ଦ୍ୱାରା ଜାରି ଏକ ବିବୃତିରେ କୁହାଯାଇଛି। ଏହା ହେଉଛି ଆମେରିକାଭିତ୍ତିକ ଏକ ଅନ୍‌ଲାଇନ୍ ଟ୍ୟୁଟରିଂ ଆଣ୍ଡ ଏଜୁକେଶନାଲ ଟୁର୍ ସର୍ଭିସେସ୍ କମ୍ପାନି। ୨୦୧୯ରେ ଜାତୀୟ ମହାକାଶ ବିଜ୍ଞାନ ପ୍ରତିଯୋଗିତାରେ ଭାରତରୁ ୩ ଛାତ୍ରୀଛାତ୍ର ବିଜୟୀ ହୋଇଥିଲେ। ଏଥିପାଇଁ ଅନଲାଇନ୍ ଯୋଗେ ବିଜ୍ଞାନ ଓ ସାଧାରଣ ଜ୍ଞାନ ଦକ୍ଷତା ପରୀକ୍ଷା କରାଯାଇଥିଲା।

## [ଇତିହାସର ଆଇନାରେ]

### ଅଗଷ୍ଟ ୨୮ର ପ୍ରମୁଖ ଘଟଣା

୧୯୮୮ ଅଗଷ୍ଟ ୨୮ରେ ରାମଷ୍ଟିନ୍ ଏୟାର ଶୋ ବିପର୍ଯ୍ୟୟ ଘଟିଥିଲା। ୩ଟି ବିମାନ ତ୍ରିରଙ୍ଗୀ ପ୍ରଦର୍ଶନ କରୁଥିବାବେଳେ ପରସ୍ପର ମଧ୍ୟରେ ବାଡେଇ ହୋଇଯିବାରୁ ଧ୍ୱଂସାବଶେଷ ଉପସ୍ଥିତ ଜନତାଙ୍କ ଉପରେ ପଡିଥିଲା। ଏଥିଯୋଗୁ ୭୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୪୬ଜଣ ଗୁରୁତର ଆହତ ହୋଇଥିଲେ।

୧୯୯୦ ଅଗଷ୍ଟ ୨୮ରେ କୁଏତ୍‌କୁ ନୂଆ ପ୍ରାଦେଶିକ ଅଞ୍ଚଳ ଘୋଷଣା କଲା ଇରାକ। କୁଏତ ହେଉଛି ଅର୍ଦ୍ଧ-ଗଣତାନ୍ତ୍ରିକ ରାଜନୈତିକ ବ୍ୟବସ୍ଥା ଥିବା ଏକ ସାମ୍ବିଧାନିକ ସାର୍ବଭୌମ ରାଷ୍ଟ୍ର। ଏଠାରେ ବିଶ୍ୱର ଷଷ୍ଠ ବୃହତ୍ ତୈଳ ଭଣ୍ଡାର ରହିଛି। କୁଏତ୍‌ର ଦିନାର ହେଉଛି ବିଶ୍ୱର ସର୍ବୋଚ୍ଚ ମୂଲ୍ୟଯୁକ୍ତ ଚଳନ୍ତି ମୁଦ୍ରା।

# ‘ଇନ୍-ଶା-ଆଲ୍ଲା’ରେ ସଲମାନ୍-ଆଲିଆ


ମୁମ୍ବାଇ



ନିର୍ମାଣ ହେବାକୁ ଯାଉଥିବା ଆଗାମୀ ଫିଲ୍ମ ‘ଇନ୍-ଶା-ଆଲ୍ଲା’ରେ ଅଭିନୟ କରିବେ ବଲିଉଡ ସୁପରଷ୍ଟାର ସଲମାନ୍ ଖାନ୍। ତାଙ୍କ ସହ ଆଲିଅ ଭଟ୍ଟଙ୍କ ଯୋଡି ବେଶ୍ ଜମିବ ବୋଲି ଫିଲ୍ମ ନିର୍ମାତା ସଞ୍ଜୟ ଲୀଲା ଭଁସାଲି ସୂଚନା ଦେଇଛନ୍ତି। ଉଭୟ ଭଁସାଲିଙ୍କ ପ୍ରଯୋଜନା ସଂସ୍ଥା ଏବଂ ସଲମାନ୍ ଉକ୍ତ ଫିଲ୍ମ ନିର୍ମାଣ ପାଇଁ ସହମତି ପ୍ରକାଶ କରିବା ପରେ ଏଥିସହ ଜଡିତ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଏହି ସୂଚନା ମିଳିଛି। ଏହି ଫିଲ୍ମ ୨୦୨୦ ଇଦ୍‌ରେ ରିଲିଜ ହେବାର ସମ୍ଭାବନା ଅଛି। ୧୯୯୬ରେ ଭଁସାଲିଙ୍କ ପ୍ରଥମ ନିର୍ଦ୍ଦେଶନାରେ ନିର୍ମିତ ସିନେମା ‘ଖାମୋସି-ଦି ମ୍ୟୁଜିକାଲ’ରେ ସଲମାନ୍ ଅଭିନୟ କରିଥିଲେ। ଦୀର୍ଘ ଦୁଇ ଦଶନ୍ଧି ପରେ ସଲମାନ୍ ଓ ଭଁସାଲିଙ୍କ ସହ-ପ୍ରଯୋଜନାରେ ‘ଇନ୍-ଶା-ଆଲ୍ଲା’ ନିର୍ମାଣ ହେବାକୁ ଯାଉଛି। ଏଥିରେ ସଲମାନ୍ (୫୩) ପ୍ରମୁଖ ଚରିତ୍ରରେ ଅଭିନୟ କରିବା ଆଶା ଅଛି। ସଲମାନ୍ ୧୯୯୯ରେ ‘ହମ୍ ଦିଲ୍ ଦେ ଚୁକେ ସନମ୍’ରେ ଐଶ୍ୱର୍ଯ୍ୟା ରାୟ ଏବଂ ଅଜୟ ଦେବଗନ୍‌ଙ୍କ ସହ ଅଭିନୟ କରିଥିଲେ। ସେ ମଧ୍ୟ ଭଁସାଲିଙ୍କ ନିର୍ମିତ ‘ସାୱାରିୟା’ରେ ପ୍ରମୁଖ ଭୂମିକା ନେଇଥିଲେ। ଏଥିରେ ରଣବୀର କପୁର ଏବଂ ସୋନମ କପୁର ଅଭିନୟ କରିବାର ସୁଯୋଗ ପାଇଥିଲେ।

## ବିଦ୍ୟୁତ୍ ଖୁଣ୍ଟରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ, ଯୁବକ ଗୁରୁତର

**ରାଉରକେଲା ଅଫିସ,୨୭।୮:** ଷ୍ଟାଫ ସିଲେକ୍ସନ ପରିଚାଳିତ ପାରାମେଡିକାଲ ଫୋର୍ସ ପଦବୀରେ ସାକ୍ଷାତ୍‌କାର ଦେବାକୁ ଆସିଥିବା ଜଣେ ଯୁବକ ମଙ୍ଗଳବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ବଲାଙ୍ଗୀରର ଅରବିନ୍ଦ ପଟେଲ(୨୨)। ମିଳିଥିବା ସୂଚନା ମୁତାବକ, ଅରବିନ୍ଦ ପାରାମେଡିକାଲ ଫୋର୍ସ ପଦବୀରେ ସାକ୍ଷାତ୍‌କାର ଦେବାକୁ ରାଉରକେଲା ଆସିଥିଲେ। ହେଲେ ଶାରୀରିକ ପରୀକ୍ଷାରେ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ପାଖରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ତଳକୁ ଡେଇଁ ପଡିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଛେଣ୍ଡ ପୋଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।




## ■ ଓଡ଼ିଶା ଆସିବେ ଜଗା କାଳିଆ
# ସପ୍ତାହେ ଭିତରେ ତାରିଖ ଘୋଷଣା

**ଭୁବନେଶ୍ୱର, ୨୭।୮(ବ୍ୟୁରୋ)**

ଦିଲ୍ଲୀ ଏମ୍ସରେ ଅସ୍ତ୍ରୋପଚାର ମାଧ୍ୟମରେ ଅଲଗା ହୋଇ ଚିକିତ୍ସାଧୀନ ଥିବା ଯୋଡ଼ାମୁଣ୍ଡ ଶିଶୁ ଜଗା ଓ କାଳିଆ ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ। ସେମାନଙ୍କର ପରବର୍ତ୍ତୀ ଚିକିତ୍ସା ଓ ରହଣି ପାଇଁ କଟକ ଏସ୍‌ସିବିରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ତେବେ ସେମାନେ କେବେ ଆସିବେ ତାହା ସପ୍ତାହକ ଭିତରେ ତାରିଖ ଘୋଷଣା ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ଦୁହିଁଙ୍କ ଚିକିତ୍ସା ପାଇଁ ଏସ୍‌ସିବିରେ ଏକ ୬ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ଗଠନ କରାଯାଇଛି। ନ୍ୟୁରୋସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ସୁଧାଂଶୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟିମ୍‌ରେ ଶିଶୁରୋଗ ବିଭାଗ ମୁଖ୍ୟ ପ୍ରଫେସର ଜେ.ଏନ୍. ବେହେରା, ନ୍ୟୁରୋଲୋଜି ବିଭାଗ, ସର୍ଜରୀ ବିଭାଗ ଭଳି ଅନ୍ୟ ବିଭାଗର ମଧ୍ୟ ବରିଷ୍ଠ ଡାକ୍ତର ଏଥିରେ ସାମିଲ ଅଛନ୍ତି। ଦୁଇ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ସହ ପ୍ରତିଟି ମୁହୂର୍ତ୍ତ ଉପରେ ଡାକ୍ତରୀ ଟିମ୍ ନଜର ରଖିବ। ଯଦି ଆବଶ୍ୟକ ପଡ଼େ, ଜଣେ ଡାଏଟିସିଆନ୍ ଓ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଶେଷଜ୍ଞଙ୍କୁ ମଧ୍ୟ ଏହି ଟିମ୍‌ରେ ରଖାଯିବ ବୋଲି ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ପୂର୍ବରୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୭ ଜୁଲାଇ ୧୪ରେ କନ୍ଧମାଳ ଜିଲା ମିଲିପଡ଼ା ଗାଁର ଯୋଡ଼ାମୁଣ୍ଡ ଶିଶୁ ଜଗା କାଳିଆଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର କରି ଦୁଇ ଶିଶୁଙ୍କୁ ଅଲଗା କରାଯାଇଥିଲା। ସେବେଠାରୁ ଏହି ଦୁଇ ଭାଇ ଏମ୍ସରେ ରହିଥିବାବେଳେ କିଛିଦିନ ତଳେ ଓଡ଼ିଶା ଆସିପାରିବେ ବୋଲି କର୍ତ୍ତୃପକ୍ଷ କହିଥିଲେ। ଏହାପରେ ଦୁଇଜଣଙ୍କୁ ଭୁବନେଶ୍ୱର ଏମ୍ସରେ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସ୍ଥିର କରି ଅନୁମତି ମାଗିଥିଲେ। କିନ୍ତୁ ଭୁବନେଶ୍ୱର ଏମ୍ସରୁ କୌଣସି ଉତ୍ତର ନ ମିଳିବାରୁ ଏସ୍‌ସିବିରେ ରଖିବା ପାଇଁ ନିଷ୍ପତ୍ତି ହୋଇଛି।

## ■ ୨୯ରେ ଲଘୁଚାପ
# ୩୧ରୁ ବଢ଼ିବ ବର୍ଷା

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ଆସନ୍ତା ୨୯ ତାରିଖରେ ଉତ୍ତର ପୂର୍ବ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ନାହିଁ। ତେବେ ଏହାର ପ୍ରଭାବରେ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଉପକୂଳ ଓ ଆଭ୍ୟନ୍ତରୀଣ ଜିଲାର କେତେକ ସ୍ଥାନରେ ମଧ୍ୟ ଘଡ଼ଘଡ଼ି ସହ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଆସନ୍ତା ୩୧ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି।

ଓଡ଼ିଶା ଓ ଏହାର ଆଖପାଖ ଅଞ୍ଚଳରେ ଏକ ଟ୍ରଫ ଲାଇନ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମୟୂରଭଞ୍ଜ, କନ୍ଧମାଳ, ଭଦ୍ରକ, ଜଗତସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି କଟକ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ଭଦ୍ରକ, ଜଗତସିଂହପୁର ଏବଂ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ କାଁ ଭାଁ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୩ ମିଲିମିଟର ବର୍ଷା ହୋଇଥିବା ବେଳେ ଚାନ୍ଦବାଲି ୧୩, କଟକ ୪.୮, ପାରାଦୀପ ୫.୫, ଝାରସୁଗୁଡା ୧୫.୬, ସମ୍ବଲପୁର ୧୪.୨, ହୀରାକୁଦ ୧.୪, ଭବାନୀପାଟଣା ୧୨, କୋରାପୁଟ ୧୧.୬, ସୋନପୁର ୪୫ ଏବଂ ଦାରିଙ୍ଗୀବାଡିରେ ୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଆଦିମ ଜନଜାତି ମହିଳାଙ୍କ ପାଇଁ ନିୟମ କୋହଳ
## 'ମମତା ଯୋଜନା'ର ଅବଧି ୫ ବର୍ଷ ବଢ଼ିଲା

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୧ ମସିହାରୁ ଆରମ୍ଭ କରାଯାଇଥିବା 'ମମତା ଯୋଜନା'ରେ ଆଦିମ ଜନଜାତି ବର୍ଗ(ପିଭିଟିଜି)ର ମହିଳାମାନଙ୍କୁ ସାମିଲ କରାଯାଇଛି। ସେମାନଙ୍କ କ୍ଷେତ୍ରରେ ୨୦୧୪ ରୁ ୨୦୧୯ ଜୁଲାଇ ପର୍ଯ୍ୟନ୍ତ ଲାଗୁ ହୋଇଥିବା ଏହି ଯୋଜନାର ଅବଧିକୁ ଆଗାମୀ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରାଯାଇଛି । ଏଥିସହିତ ସେମାନଙ୍କ ପାଇଁ ଏହି ନିୟମକୁ କୋହଳ କରାଯାଇ ୨ରୁ ଅଧିକ ସନ୍ତାନ ଜନ୍ମ କ୍ଷେତ୍ରରେ ମଧ୍ୟ ସହାୟତା ରାଶି ପ୍ରଦାନ କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷରୁ ୨୦୨୪ ଯାଏ ମମତା ଯୋଜନା ଅଧୀନରେ ଅଣ୍ଣୁ ପ୍ରକଳ୍ପ ବ୍ୟତୀତ ଯେକୌଣସି ଅଞ୍ଚଳରେ ବସବାସ କରୁଥିବା ସମସ୍ତ ଆଦିମ ଜନଜାତି ମହିଳା ଏହି ଯୋଜନାରେ ଉପକୃତ ହେବେ । ଏହି ପ୍ରକ୍ରିୟା ପାଇଁ ଆବଶ୍ୟକ ସରକାରୀ ଆଦେଶନାମା ଜାରି କରାଯାଇଛି ।

ବିଶେଷ କରି ମାତୃ ଓ ଶିଶୁ ମୃତ୍ୟୁ ହାର କମାଇବା ସହିତ ଆଗାମୀ ପିଢ଼ି ପାଇଁ ସୁସ୍ଥ ଓ ପୁଷ୍ଟିସମ୍ପନ୍ନ ଶିଶୁ ଜନ୍ମଦେବା ଏବଂ ନିରାପଦ ମାତୃତ୍ୱକୁ ଆଖି ଆଗରେ ରଖି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ମମତା ଯୋଜନାରେ ୨ଟି କିସ୍ତିରେ ୫୦୦୦ ଟଙ୍କାର ଆର୍ଥିକ ସହାୟତା ଦୁଇଟି ଜନ୍ମ ହୋଇଥିବା ସନ୍ତାନଙ୍କ ପାଇଁ ସିଧାସଳଖ ପ୍ରସୂତି ମହିଳାଙ୍କ ଜମାଖାତାକୁ ହସ୍ତାନ୍ତର କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ପ୍ରାୟ ୩୮.୮୯ ଲକ୍ଷ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ୧୮୧୦.୭୬ କୋଟି ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସିଧାସଳଖ ହସ୍ତାନ୍ତର କରାଯାଇଛି।

ମମତା ଯୋଜନାରେ ଉପକୃତ ହେଉଥିବା ଆଦିମ ଜନଜାତି ମହିଳାମାନଙ୍କ ପାଇଁ ଏକ ଶ୍ରେଷ୍ଠ ଉଦାହରଣ ହେଉଛନ୍ତି ବୁଦାଇ ଧାଙ୍ଗଡ଼ାମାଝି । ମାଲକାନଗିରି ଜିଲାର ଖଇରିପୁଟ ବ୍ଲକ୍‌ର ବନ୍ଧଗୁଡ଼ା ଆଦିବାସୀ ଗ୍ରାମର ଆଦିମ ଜନଜାତି ମହିଳା (ପିଭିଟିଜି) ବୁଦାଇ ୨୦୧୧ ମସିହାରେ ଏହି ଯୋଜନା ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ନାମ ପଞ୍ଜୀକରଣ କରିଥିଲେ। ତାଙ୍କ ଗ୍ରାମରୁ ୫୨ କିମି ଦୂରରେ ବ୍ୟାଙ୍କ ଥିବାରୁ ଆକାଉଣ୍ଟ ଖୋଲିବା ପାଇଁ ସମସ୍ୟା ହୋଇଥିଲା। ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତାରେ ତାହା ସମ୍ଭବ ହୋଇପାରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମିଳିଥିବା ଅର୍ଥରାଶିରେ ସେ ସୁଷମ ଖାଦ୍ୟ ଏବଂ ଚିକିତ୍ସା ଖର୍ଚ୍ଚ ତୁଲାଇ ପାରିଥିଲେ। ୨୦୧୪ରେ ୩ ବର୍ଷ ପରେ ତାଙ୍କର ଦ୍ୱିତୀୟ ସନ୍ତାନ ଜନ୍ମ ସମୟରେ ପୁଣିଥରେ ସେ ଏହି ଅର୍ଥରାଶି ସହାୟତା ଆକାରରେ ପାଇଥିଲେ। ସେହିପରି ୨୦୧୭ରେ ବୁଦାଇଙ୍କ ତୃତୀୟ ସନ୍ତାନ ଜନ୍ମ ହୋଇଥିଲା। ଜଣେ ଆଦିମ ଜନଜାତି ମା' ହିସାବରେ ସରକାରଙ୍କ ମମତା ଯୋଜନାର ସୁଫଳ ପାଇ ସେ ଡାକ୍ତରଖାନାରେ ସନ୍ତାନ ପ୍ରସବ କରାଇଥିଲେ।


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ତାଳଚେର ଫର୍ଟିଲାଇଜର ପ୍ଲାଣ୍ଟ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ତାଳଚେର ଫର୍ଟିଲାଇଜର ପ୍ଲାଣ୍ଟକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରଣାଳୟ ତଥା ଫର୍ଟିଲାଇଜର୍ସ ବିଭାଗ ଓ ତାଳଚେର ଫର୍ଟିଲାଇଜର୍ସର ଅଧିକାରୀମାନଙ୍କ ସହ ସମୀକ୍ଷା କରିଛନ୍ତି। ଉକ୍ତ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ଏହା ଭାରତର ପ୍ରାକୃତିକ ଗ୍ୟାସ ଆମଦାନୀକୁ ହ୍ରାସ କରିବ ଏବଂ ଦେଶକୁ ଗ୍ୟାସ ଓ ସାର କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ ବୋଲି ଧର୍ମେନ୍ଦ୍ର ସାମାଜିକ ଗଣମାଧ୍ୟମ ଜରିଆରେ ମତବ୍ୟକ୍ତ କରିଛନ୍ତି।






## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ଅଦ୍ୱିକ ପରିବାରବର୍ଗ | ଅମିତ ପରିବାରବର୍ଗ | ଗାୟତ୍ରୀ ପରିବାରବର୍ଗ | ଗୁଲୁ ପରିବାରବର୍ଗ | ମିଠି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଋସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଟିରେ ମିଶିଲା...

ବିଶିଷ୍ଟ ଲଙ୍ଗୁଳି ମଠ ଭଙ୍ଗାଯାଇଥିଲା। ତେବେ ମଠ ଭାଙ୍ଗିବା ପୂର୍ବରୁ ମହନ୍ତ ସୋମନାଥଙ୍କ ରହିବା ପାଇଁ ନୀଳାଦ୍ରିଭିଞ୍ଜ ନିବାସ ପରିସରରେ ବ୍ୟବସ୍ଥା କରିଛି ପ୍ରଶାସନ। ଏହି ସମୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କା କରି ୩୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ବେଳେ ପ୍ରାୟ ୨୦ଜଣ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉଚ୍ଛେଦରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଜେସିବି, ବ୍ରେକର, ଟ୍ରାକ୍ଟର, ହାଇୱା ପ୍ରଭୃତି ଗାଡ଼ି ନିୟୋଜିତ ହୋଇଥିଲା।

ଅନ୍ୟପକ୍ଷେ କ୍ଷତିଗ୍ରସ୍ତ ଦୋକାନୀ ଏବେ ରାସ୍ତାରେ ବୁଲୁଛନ୍ତି। ସେମାନଙ୍କ ଆଖି ଆଗରେ ଭାଙ୍ଗିଗଲା ତାଙ୍କ ରୋଜଗାରର ପନ୍ଥା। ଏବେ ସେମାନେ ଖାଇବେ କ'ଣ ଓ ଚଳିବେ କେମିତି ଏହି ଚିନ୍ତାରେ ପଡ଼ିଛନ୍ତି। ତେବେ ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ। କ୍ଷତିଗ୍ରସ୍ତ ଦୋକାନୀ ଯଦି କେଉଁଠି ଭଡ଼ାରେ ଦୋକାନ ଘର ନେବେ, ତେବେ ସେମାନଙ୍କୁ ଭଡ଼ା ବାବଦରେ ସହାୟତା ଦିଆଯିବ। ନଗରେ ସହରରେ ଥିବା ସରକାରୀ କୋଠା କିମ୍ବା ମାର୍କେଟ କମ୍ପ୍ଲେକ୍ସରେ ସେମାନଙ୍କୁ ଖୁବଶୀଘ୍ର ଥଇଥାନ ବ୍ୟବସ୍ଥା କରାଯିବ। ଏ ନେଇ ବ୍ୟବସାୟୀଙ୍କ ସହ ଆଲୋଚନା କରିବୁ ବୋଲି ସେ ପ୍ରକାଶ କରିଛନ୍ତି। ମାତ୍ର ଏହି ପ୍ରତିଶ୍ରୁତିକୁ ବ୍ୟବସାୟୀମାନେ ଭରସି ପାରୁନାହାନ୍ତି।

ଲଙ୍ଗୁଳି ମଠ ଉଚ୍ଛେଦ ପରେ ଏବେ ଏମାର ମଠ ପାଳି। ଏମାର ମଠ କୋଠାରେ ଥିବା ରଘୁନନ୍ଦନ ଲାଇବ୍ରେରି ଓ ଏମାର ମଠ ଚକଡ଼ାରେ ଥିବା ଦୋକାନ ଘରଗୁଡ଼ିକ ଭଙ୍ଗାଯିବ। ଏଥିଲାଗି ପ୍ରଶାସନ ପ୍ରସ୍ତୁତ ହୋଇରହିଥିବାବେଳେ ଦୋକାନ ଘରଗୁଡ଼ିକ ମଧ୍ୟ ଖାଲି କରାଯାଉଛି। ଲାଇବ୍ରେରି ଖାଲି ହୋଇ ନ ଥିବା ବେଳେ ସୋମବାର ଅପରାହ୍ନରେ ପ୍ରଶାସନିକ ଅଧିକାରୀମାନେ ପାଠାଗାରକୁ ଯାଇ ସେଠେ ଆଳମାରି ଏବଂ ବହି ରହିଛି ତାହାର ତଦାରଖ କରିଛନ୍ତି। ବୁଧବାର ରଘୁନନ୍ଦନ ଲାଇବ୍ରେରି ଭଙ୍ଗାଯିବ ବୋଲି ଶୁଣିବାକୁ ମିଳୁଥିଲେ ମଧ୍ୟ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

### ଅର୍ଚ୍ଚିତାଙ୍କୁ ଅମ୍ରିଶ ପୁରୀ ଆୱାର୍ଡ

ଭୁବନେଶ୍ୱର,୨୭।୮(ବ୍ୟୁରୋ)- ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ଅର୍ଚ୍ଚିତା ସାହୁ ୨୦୧୯ ପାଇଁ ଅମ୍ରିଶ ପୁରୀ ଆୱାର୍ଡ ଅଫ୍ ଏକ୍ସଲେନ୍ସ ଗ୍ରହଣ କରିଛନ୍ତି। ମୁମ୍ବାଇସ୍ଥିତ ନେହେରୁ ସେଣ୍ଟରରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଅର୍ଚ୍ଚିତା କଳା ଓ ସଂସ୍କୃତି କ୍ଷେତ୍ରରେ ଉତ୍କର୍ଷ ଲାଗି ଏହି ପୁରସ୍କାର ପାଇଛନ୍ତି। ପ୍ରଥମ ଓଡ଼ିଆଭାବେ ସେ ଏହି ସମ୍ମାନଜନକ ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି। ଏଲ୍ଲେଇ କ୍ଲବ୍ ଦ୍ୱାରା ଗତ ୨୪ ତାରିଖରେ ଆୟୋଜିତ ଏହି କାର୍ଯ୍ୟକ୍ରମର ୨୨ତମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ବଲିଉଡ୍ ଅଭିନେତ୍ରୀ ଅମ୍ରିତା ରାଓ, ଅମିଶା ପଟେଲ, ଆୟୁବ୍ ଖାନ୍, ପ୍ରତିଭା ଖାନ୍, ମୁକେଶ ଛାବ୍ରା, କୋରିଓଗ୍ରାଫର ସମିତା ବୋଷ, ଏଲ୍ଲେଇ କ୍ଲବ୍ର ସଭାପତି ପୁଷ୍ପର ମେହେଟା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଅର୍ଚ୍ଚିତାଙ୍କୁ ସମସ୍ତେ ଶୁଭକାମନା ଜଣାଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ କୌଶଳ ପ୍ରୟୋଗ କରି କାମ ହାସଲ କରିବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଗୃହସାମଗ୍ରୀ, ନିର୍ମାଣ, ଘରଭଡ଼ା କିମ୍ବା ଗୁରୁତ୍ୱପୂର୍ଣ୍ଣ ଆଲୋଚନାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ନ ହୋଇ ପରିବାରର ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ବୃଷ** - ଦୀର୍ଘଦିନରୁ ଅଟକି ରହିଥିବା ପ୍ରାପ୍ୟଧନରେ କୌଣସି ବିଚାରୀୟ ବ୍ୟକ୍ତି ବାଧା ସୃଷ୍ଟି କରିପାରନ୍ତି। ପୂର୍ବ ଶତ୍ରୁତାକୁ ନେଇ କେହି ନିଜ ପରିସରରେ ବନ୍ଧୁଙ୍କ ଗୁପ୍ତିକ ଚେଷ୍ଟା କରି ଅନିଷ୍ଟ କରିପାରେ। ପ୍ରତିବନ୍ଧକ ହେତୁ ବ୍ୟବସାୟରୁ ସଙ୍କୁଚିତ କରିନେବା ଯୋଜନା କରିବେ। ଆର୍ଥନୈତିକ, ସାହିତ୍ୟ,କ୍ରୀଡ଼ା ଓ ଆଇନ ଅଦାଲତ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମିଥୁନ** - ଆନୁଷ୍ଠାନିକ କାମକୁ ନିମନ୍ତ୍ରିତ ହୋଇ ଅର୍ଥ, ଉପଢୌକନ ଓ ସମ୍ମାନ ପାଇ ଖୁସି ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବାର ମଉକା ଜୁଟିପାରେ। ପୂର୍ବରୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ସାଧାରଣ କାରଣ ଦେଖାଇ ମୁହଁ ଫେରାଇ ନେଇପାରନ୍ତି। ଯାତ୍ରା କାଳରେ ଅସାବଧାନତାରୁ ଦ୍ରବ୍ୟ ହରଣ ହୋଇପାରେ।

**କର୍କଟ** - ବିଗତ ଦିନର ସମସ୍ୟାର ସରଳ ସମାଧାନ ହେତୁ ମାନସିକ ସ୍ଥିରତା ଅବଶ୍ୟ ଆସିବ। ପଛକଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହେବେ। ପ୍ରକାଶନ, ସଭାସମିତି, ପ୍ରଶାସନ ଓ ପରିବହନରେ ସମସ୍ୟା ଦୂର ହେବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ସିଂହ** - କର୍ମକ୍ଷେତ୍ରରେ ଆଲୋଚନା ଅବସରରେ ବନ୍ଧୁଙ୍କ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଜେଜେଙ୍କ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରିବାକୁ ବାଧ୍ୟ ହୋଇପାରନ୍ତି। ଅଫିସରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କନ୍ୟା** - ବନ୍ଧୁଙ୍କ ସାହାଯ୍ୟପ୍ରାପ୍ତ ହୋଇ ଅଭାବ ଅନଟନ କ୍ରମଶଃ ଦୂରେଇଯିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିବା କାରଣରୁ ସହକର୍ମୀଙ୍କ ଉପରେ ସନ୍ଦେହ ପ୍ରକଟ କରିପାରନ୍ତି। ସଭାସମିତିରେ, ବିବାଦୀୟ ଘଟଣାରେ ବନ୍ଧୁମାନଙ୍କ ବିଚାର ଆପଣଙ୍କ ସପକ୍ଷରେ ଯାଇପାରେ। ବ୍ୟବସାୟରେ କ୍ଷତି ଭରଣା କରିବା ସକାଶେ ନୂତନ ଯୋଜନା କରିପାରନ୍ତି।

**ତୁଳା** - କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ନିକଟରୁ ନିର୍ଭର ପ୍ରତିଶ୍ରୁତି ଲାଭ ଯୋଗୁ ଦୁଶ୍ଚିନ୍ତାର ମାତ୍ରା କମିଯିବ। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ମାତାଙ୍କ ଜନିତ ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ଚିନ୍ତା ଦେଖାଦେଇପାରେ। ବିବାଦ ଓ ଶତ୍ରୁମାନଙ୍କଠାରୁ ଦୂରେଇ ରହିବା ଭଲ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ଲାଭବାନ ହେବେ।

**ବିଛା** - ଆନୁଷ୍ଠାନିକ କ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତତା ଅନୁଭବ କରିପାରନ୍ତି। ସାମାନ୍ୟ କଥାରେ ଅତ୍ୟଧିକ ଉତ୍ତେଜିତ ହୋଇ ପାରିବାରିକ ଅଶାନ୍ତିକୁ ଆମନ୍ତ୍ରଣ କରିବେ। ପରିବହନ, ବ୍ୟବସାୟ, ହୋଟେଲ, ସ୍ୱେଚ୍ଛାସେବୀ ଓ ବିଦ୍ୟୁତ୍ ବ୍ୟବସାୟରେ ସମସ୍ୟା ସମାଧାନ ହୋଇଯିବ। କୋର୍ଟକଚେରି ମାମଲାର ଆଶ୍ୱାସ ଶୁଣାଣି ହେବାର ଆଶା ରଖିପାରନ୍ତି।

**ଧନୁ** - ଆଜିର ପ୍ରଥମ ଯାତ୍ରା ଶୁଭପ୍ରଦ ହେବ ଓ ଆଶାନୁଯାୟୀ ଫଳ ପାଇବେ। ଆକସ୍ମିକ ଭାବରେ କର୍ମକ୍ଷେତ୍ରରେ ଦାୟିତ୍ୱବୋଧ ବୃଦ୍ଧି ପାଇବା ସାଙ୍ଗକୁ ସ୍ଥାନ ପରିବର୍ତ୍ତନର ଯୋଗ ମଧ୍ୟ ରହିଛି। ପରିବାରରେ ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତା ଯୋଗୁ ଚିନ୍ତିତବୋଧ କରିପାରନ୍ତି।

**ମକର** - କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ ଅଯଥା ଅଶାନ୍ତ ବାତାବରଣ ସୃଷ୍ଟି ହୋଇପାରେ। ବାରମ୍ବାର ବିଫଳତା କାରଣରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇବ। ଆର୍ଥିକ ଦୁରବସ୍ଥା, ପାରିବାରିକ ମତଭେଦ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ ଜନିତ ଶ୍ରବଣା ନକ୍ଷତ୍ର ମାନସିକ ଭାରସାମ୍ୟ ହରାଇପାରନ୍ତି।

**କୁମ୍ଭ** - ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ କମି କମି ଆସିବା ହେତୁ ମନେକର ବୃଦ୍ଧି ପାଇବ। ନିଜ ବ୍ୟବହାର ଜନିତ ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇ ମନସ୍ତାପ କରିପାରନ୍ତି। ବିବାଦୀୟ ଘଟଣାରେ ପୁଅଝିଅଙ୍କ ଜଣିଙ୍କରି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଇର୍ଷାପରାୟଣ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି।

**ମୀନ** - ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରିବା ଭଲ ହେବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ଲାନ୍ତି ବୋଧରୁ ଯନ୍ତ୍ରଣା ଅନୁଭବ କରିପାରନ୍ତି। ସ୍ୱାର୍ଥର ବଶବର୍ତ୍ତୀ ହୋଇ ମିତ୍ର ବନ୍ଧୁମାନେ ଅସହଯୋଗ କରିପାରନ୍ତି। ନୂତନ ବନ୍ଧୁତ୍ୱ ସମ୍ପର୍କ ସୃଷ୍ଟି କରିବାରେ ପାଖପଡ଼ୋଶୀମାନେ ଆବଶ୍ୟକ ସାହାଯ୍ୟ କରିବେ।

ଆଜି ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ବୁଧବାର, ଅଗଷ୍ଟ ୨୮ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀକୃଷ୍ଣ ବଳରାମ ବେଶ, ବୁଧବାମନ ଓଷା ଦ୍ୱିତୀୟ ପାଳି, ସ୍ୱାମୀ ଦିବାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସ, ରାଶି ନକ୍ଷତ୍ର- ପୁଷ୍ୟା/କର୍କଟ, କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬ରୁ ଘ୭ମି. ଗତେ ଘ୮ ମି. ମଧ୍ୟେ, ଘ୧୦ଘମି. ଗତେ ଘ୪ଘମି. ମଧ୍ୟେ ଅମୃତବେଳା। ସକାଳ ଘ୭ରୁ ଘ୭ମି. ମଧ୍ୟେ ଘ୧୦ଘମି. ଗତେ, ଘ୧୪ମି. ମଧ୍ୟେ ଘ୪ମି. ଗତେ, ଘ୭ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302




## BRIDE WANTED

Looking bride for Brahmin son age-29, B.Tech, CET, M.Tech, IIT Guwahati, working at Delhi as Manager, (Caste-no-bar) 7008986005. D-14092

Brahmin male 28/5'5" Jatni, searching bride (Any Location). 8338083380. D-14038

Now Matrimonial ads. only on Wednesday & Sunday Book 1 Get 1 FREE

## GROOM WANTED

Looking groom for Khandayat girl, B.Tech, NIT Rourkela, MBA, MDI Gurugram working on MNC, at Mumbai. 7008986003. D-14093

Bania 33/5' Assistant Professor, Bhubaneswar searching groom. 8338083380, 8480611745. D-14040

Muslim bride 34/5'2" Khorda, searching groom (Any Location). 8338083380. D-14037

Khandayat bride 37/5'4" Cuttack, searching groom (Odisha). 8338083380, 8480611745. D-14039

Khandayat girl M.A, M.Phil, English Lecturer, born 1993, parents professors inviting marriage proposal from deserving Khandayat / Karan / Brahmin groom. 9970119909. D-67046

Very beautiful SC (Pana) girl 1990, MBA "VAISNABI". 0674-2551286, 7008967858. D-66181




## SALE

Bhubaneswar ପିତାପଲ୍ଲୀ ଛକରେ NH କଡ଼ରେ ବାସୋପଯୋଗୀ BDA Plot sqft. 650/-ରେ ବିକ୍ରୟ। Contact: 9777764051, 8249662762. D-14081

A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363. D-66944

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot ବିକ୍ରୟ 9114955347, 8658962508. D-66764

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot ବିକ୍ରୟ ଏବଂ ପିପିଲିରେ sqft-380/-ରେ plot ବିକ୍ରୟ। 9348767829. D-66765

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar, 7809525452, 8249851363. D-66951

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

Four storeyed building approx builtup 9000 sqft and land 7000 sqft near Patia Bigbazar (Approx 150 mtrs) at Patia Railway station road. Furnished with Hospital furniture, fixture & equipment. Suitable for Clinic/ Nursing home or big retail counter. Cost above 4.0 crore. Contact: 9938810414, 9861022444. D-66288

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଟେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

କଟକ-ଗୋପାଳପୁର ଧାଇଁଯାଉଥିବାରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି 9348020724, 7978939440. D-66769

Ready to move 2BHK flat premium construction rate-35lakh includes all. No extra cost near Pahala Pal Hight Hotel. Owner:9937071564. D-66770

ଭୁବନେଶ୍ୱର Patia College ରୁ 2k.m., 50'x30 = 1500sqft ରୁ 6,75,000/- ଘରବାରି ପାଇଁ ପ୍ଲଟ ମିଳୁଅଛି 9937032327, 9583328312. D-66766

ନଖରା ତ୍ରିଶୂଳିଅନ୍ତାରେ SC plot ଘରବାରି ପାଇଁ ସହ 1500କୁ 5,25,000/, general plot sqft-400/-outright ରେ ମିଳୁଅଛି 9348847649, 8249243709. D-66772


ଭୁବନେଶ୍ୱର ଜଟଣୀ ଗେଟ୍ NH ରୁ ଅନ୍ତୁଡ଼ରେ 1200sqft, 2,16,000/, IIT Argul ରେଲୱେଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଛି। 9776974912, 8144706560. D-66773

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

Hurry! book studio & 1BHK appartment in primary location at Puri. 9078263828. D-14094

At Puri, low cost 1/2BHK flats available with attractive loan subsidy offer. 9437929773. D-14097

Sale 4 storied commercial building, 1 office 400 sqft PC 71 excavator Ex 70 at Paradeep. 9437113088, 9937691288. D-14099




Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980




ଭୁବନେଶ୍ୱର ହଂସପାଲଛକ ୬୦୦୦ ବର୍ଗଫୁଟ ସିମେଣ୍ଟି ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

## LEASE

Italian ଓ Mexican ରେଷ୍ଟୁରାଣ୍ଟ ଖୋଲିବାପାଇଁ 1000-1200sqft ଦୋକାନ ଘର ଆବଶ୍ୟକ। ଯଦି କୌଣସି ବ୍ୟକ୍ତି ହୋଟେଲକୁ ଲିଜ୍‌ରେ ଦେବାପାଇଁ ଚାହୁଁଛନ୍ତି, କେବଳ ଭୁବନେଶ୍ୱର ଲୋକମାନେ ଯୋଗାଯୋଗ କରନ୍ତୁ। 9437581042, 9515883819. D-14098




Kajal ayurvedic massage club fully relaxed by smart lady, home service available. 9937637219. D-66943

Newly open Herbal full body massage ladies & gents. 8018246332. D-66948

Kearalian Herbal full body massage smart trained lady therapist: 9437453813. D-66289

Excellent body massage and SPA provided by trained expert: 7991082881. D-56653

Ayurvedic full body massage ladies/gents smart experts therapist. 9114697517. D-66949

Ayurvedic full body massage ladies & gents smart therapist. 9040900385. D-66950

Welcome to Seva Enjoy sensual massage by smart Therapist: 6371291612. D-67049

Full body massage by expert ladies therapist Jogamaya 9861511572, 7327869094. D-66184

## AFFIDAVIT

By virtue of affidavit before Notary Public, myself Sanjukta Pradhan, D/o- Jagdish Das do hereby declare that my name has been changed from Sanjuktabala Das to Sanjukta Pradhan for all purposes in future. D-63221

By virtue of affidavit before Executive Magistrate, myself Priyabrata Mohanty, S/o- Pramod Kumar Pradhan do hereby declare that my name has been changed from Priyabrata Pradhan to Priyabrata Mohanty for all purposes in future. D-63222

## PUBLIC NOTICE

ମାନ୍ୟବର ଆୟୁକ୍ତ ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱର
ଆର.ପି.କେସ୍ ନଂ.୧୧୦/୨୦୧୭
ରଘୁନାଥ ସାହୁ...ବାଦୀ
ବନାମ
ସ୍ୱର୍ଗତ କ୍ଷେତ୍ରବାସୀ ସାହୁ/ କେଳୁଚରଣ ସାହୁ ଏବଂ ଅନ୍ୟମାନେ...ପ୍ରତିବାଦୀ
ନୋଟିସ୍ ଅର୍ଡ଼ର-୫, ରୁଲ୍-୨୦
ସି.ପି.ସି ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦ ପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ ଉପରୋଲ୍ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆୟୁକ୍ତ ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱର କ୍ୟାମ୍ପ କୋର୍ଟ, ନୟାଗଡ଼ ଜିଲ୍ଲାପାଳଙ୍କର ପରିସରରେ ଆସନ୍ତା ତା.୧୮।୦୯।୨୦୧୯ରିଖ ଦିନ ୧୧ ଘଟିକାରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ତଫସିଲ ଜମିର ବିବରଣୀ
ମୌଜା ମରେଇକଣ, ତହସିଲ/ଥାନା-ଖଣ୍ଡପଡ଼ା, ଜିଲ୍ଲା-ନୟାଗଡ଼, ହାଲ ଖାତା ନଂ-୧୯୯, ହାଲ ପ୍ଲଟ ନଂ- ୮୬୭/୯୪୮ ଏରିଆ ଏ୦୨.୮୪ ଡ଼ିସିମିଲ ଏବଂ ୭୮୨/୯୭୨, ଏରିଆ ଏ୦.୨୭ ଡ଼ିସିମିଲ ସାବିକ ସମ୍ବନ୍ଧୀୟ ଖାତା ନଂ- ୧୨୬, ସାବିକ ପ୍ଲଟ ନଂ- ୩୫୭/୪୪୩, ୩୫୭, ୩୫୮, ୩୬୮ ଓ ୩୬୭, ସ୍ଥିତିବାନ, କିସମ-ଚାଷ ଜମି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ଏହି ନିର୍ଦ୍ଧିଷ୍ଟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ମାନ୍ୟବର ଆୟୁକ୍ତ ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱର ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୧୪୦୮୩

ମାନ୍ୟବର ଆୟୁକ୍ତ ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱର
ଆର.ପି.କେସ୍ ନଂ.୧୪୯/୧୯୯୨
ରଘୁନାଥ ସାହୁ...ବାଦୀ
ବନାମ
ସ୍ୱର୍ଗତ କ୍ଷେତ୍ରବାସୀ ସାହୁ/ କେଳୁଚରଣ ସାହୁ ଏବଂ ଅନ୍ୟମାନେ...ପ୍ରତିବାଦୀ
ନୋଟିସ୍ ଅର୍ଡ଼ର-୫, ରୁଲ୍-୨୦
ସି.ପି.ସି ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦ ପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ ଉପରୋଲ୍ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆୟୁକ୍ତ ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱର କ୍ୟାମ୍ପ କୋର୍ଟ, ନୟାଗଡ଼ ଜିଲ୍ଲାପାଳଙ୍କର ପରିସରରେ ଆସନ୍ତା ତା.୧୮।୦୯।୨୦୧୯ରିଖ ଦିନ ୧୧ ଘଟିକାରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ତଫସିଲ ଜମିର ବିବରଣୀ
ମୌଜା ମରେଇକଣ, ତହସିଲ/ଥାନା-ଖଣ୍ଡପଡ଼ା, ଜିଲ୍ଲା-ନୟାଗଡ଼, ହାଲ ଖାତା ନଂ-୨୫୦, ହାଲ ପ୍ଲଟ ନଂ- ୮୨୯ ନଂ- ୮୦୮/୯୩୩, ଏରିଆ ଏ୧.୮୦ ଡ଼ିସିମିଲ ଏବଂ ପ୍ଲଟ ନଂ-୮୦୮/୯୩୫ ଏରିଆ ଏ୧.୯୧ଡ଼ିସିମିଲ ସାବିକ ସମ୍ବନ୍ଧୀୟ ଖାତା ନଂ- ୧୨୬, ସାବିକ ପ୍ଲଟ ନଂ- ୩୫୭/୪୪୩, ୩୫୭, ୩୫୮, ୩୬୮ ଓ ୩୬୭, ସ୍ଥିତିବାନ, କିସମ-ଚାଷ ଜମି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ଏହି ନିର୍ଦ୍ଧିଷ୍ଟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ମାନ୍ୟବର ଆୟୁକ୍ତ ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱର ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୧୪୦୮୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ଓଡ଼ିଆଙ୍କ କଳାକୃତି ଦକ୍ଷିଣ ଭାରତରେ ଭାଇରାଲ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨୭।୮(ସ୍ୱ.ପ୍ର.)


ରୁବିକ୍ସ କ୍ୟୁବ୍‌ରେ ପ୍ରସ୍ତୁତ ଦକ୍ଷିଣ ଭାରତ ସୁପରଷ୍ଟାର ତଥା ବାହୁବଳୀ ସିନେମା ଅଭିନେତା ପ୍ରଭାସଙ୍କ ଚିତ୍ର ଓ ଭିଡିଓ ଦକ୍ଷିଣ ଭାରତରେ ଭାଇରାଲ ହୋଇଛି । ବିଭିନ୍ନ ସୋସିଆଲ ମିଡିଆ ସମେତ ଟିଭି ଓ ପ୍ରିଣ୍ଟ ମିଡିଆରେ ମଧ୍ୟ ଛାଇ ଯାଇଛି । ତେବେ ଏହି କଳାକୃତିକୁ ତିଆରି କରିଛନ୍ତି ଓଡ଼ିଶାର ଜଣେ ଯୁବକ। ସେ ହେଉଛନ୍ତି ସୁମିତ୍ ଦ୍ୱିବେଦୀ। ସେ କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜରେ ଶେଷ ବର୍ଷ ମାଇନିଂ ଇଞ୍ଜିନିୟରିଂ ଛାତ୍ର । ତାଙ୍କ ଘର ପଶ୍ଚିମଓଡ଼ିଶାର ଦେବଗଡ ସହରରେ।

ଏହି କଳାକୃତିକୁ ୪୮୬ଟି ରୁବିକ୍ସ କ୍ୟୁବ୍‌ରେ ତିଆରି କରିଥିବା ସୁମିତ୍ କହିଛନ୍ତି। ଏଥିପାଇଁ ତାଙ୍କୁ ୩ ଦିନ ସମୟ ଲାଗିଥିଲା। ମାଇନିଂ ଇଞ୍ଜିନିୟର ହେବାକୁ ଆଶା ରଖିଥିବା ସୁମିତ୍ ଏହି ଅନନ୍ୟ ଚିତ୍ରକଳାକୁ ଛାଡ଼ିବାକୁ ଚାହାନ୍ତି ନାହିଁ । ଏହି କଳାକୃତି ବହୁତ କମ୍ କଳାକାର କରିଥାନ୍ତି। ବରଗଡରେ ଏକ ଘରୋଇ ବିଦ୍ୟାଳୟରେ ଯୁକ୍ତ ୨ ପଢୁଥିବା ବେଳେ ଜଣେ ଜୁନିୟର ଛାତ୍ରଙ୍କ ପ୍ରେରଣାରେ ସେ ଏହି କ୍ୟୁବ୍‌ରେ ଖେଳିବା ଆରମ୍ଭ କରିଥିଲେ। କିନ୍ତୁ ଗତ ୩ ମାସ ହେଲା ଏହି ରୁବିକ୍ସ କ୍ୟୁବରେ ଚିତ୍ର କରିବା ଆରମ୍ଭ କରିଥିଲେ। ଏହା ବ୍ୟୟବହୁଳ। ପକେଟ୍ ଖର୍ଚ୍ଚରୁ ୧୪୬ଟି ରୁବିକ୍ସ କ୍ୟୁବ୍ କିଣି ପ୍ରଥମେ ଓଡ଼ିଆ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଚିତ୍ର ପ୍ରସ୍ତୁତ କରିଥିଲେ। ଏହାପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କ୍ରିକେଟିୟର ଏମ୍.ଏସ୍. ଧୋନୀଙ୍କ ଚିତ୍ର କରିଥିଲେ। ଇତିମଧ୍ୟରେ ୫୦୦ ରୁବିକ୍ସ କ୍ୟୁବ୍ ନୂଆଦିଲ୍ଲୀରୁ ମଗାଇ ସେଥିରେ ଅଭିନେତା ପ୍ରଭାସଙ୍କ ଚିତ୍ର ଆଙ୍କି ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାହା ବିଶେଷ କରି ଦକ୍ଷିଣ ଭାରତରେ ଅଧିକ ଭାଇରାଲ ହୋଇଥିଲା । ସେଠାକାର ନ୍ୟୁଜ୍ ଚ୍ୟାନେଲ ଓ ପତ୍ରପତ୍ରିକାରେ ତାହା ପ୍ରକାଶ ପାଇଥିବାରୁ ସୁମିତ୍ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ତାଙ୍କ ବାପା ସୁଦାମ ଚରଣ ଦ୍ୱିବେଦୀ ପେସାରେ ଜଣେ ଠିକାଦାର ହୋଇଥିବାବେଳେ ମା' ସାବିତ୍ରୀ ହେଉଛନ୍ତି ଜଣେ ଗୃହିଣୀ ।

ଆଗକୁ ୨୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଚିତ୍ର ଆଙ୍କିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା ସୁମିତ୍ କହିଛନ୍ତି। ତେବେ ତାଙ୍କୁ ଏକ ନୂଆ ପରିଚୟ ଦେଇଥିବା ପ୍ରଭାସଙ୍କ ଚିତ୍ରକୁ ସେ ସାଇତି ରଖିବେ। ଏଣୁ ସେ ଅଧିକ ରୁବିକ୍ସ କ୍ୟୁବ୍ କିଣି ସେଥିରେ ଚିତ୍ର କରିବେ ବୋଲି କହିଛନ୍ତି। ଇଟାଲୀର ଜଣେ ରୁବିକ୍ସ କ୍ୟୁବ୍ ଚିତ୍ରକାରଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ସୁମିତ୍ ଓଡ଼ିଶା ପାଇଁ ଅଧିକ ଗୌରବ ଆଣିବା ପାଇଁ ଲକ୍ଷ୍ୟ ରଖିଛନ୍ତି।


ସୁମିତ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଅଭିନେତା ପ୍ରଭାସଙ୍କ ଫଟୋ।

## ରୁବିକ୍ସ କ୍ୟୁବ୍‌ରେ କଳାର ଯାଦୁ



# ଲାଞ୍ଚ ପାଇଁ ଦିବ୍ୟାଙ୍ଗଙ୍କୁ ବି ଛାଡ଼ିଲେନି ଏଆର୍‌ଆଇ

ନନ୍ଦପୁର/ଜୟପୁର, ୨୭।୮(ଡି.ଏନ୍.ଏ./ନି.ପ୍ର.)

ମାନବିକତା ଭୁଲିଗଲେଣି ସରକାରୀ କର୍ମଚାରୀ। ଲାଞ୍ଚଟଙ୍କା ପାଇଁ ଦିବ୍ୟାଙ୍ଗଙ୍କୁ ମଧ୍ୟ ଛାଡୁନାହାନ୍ତି। ପୈତୃକ ସମ୍ପତ୍ତିର ଡିମାର୍କେସନ ପାଇଁ ଜଣେ ଦିବ୍ୟାଙ୍ଗଙ୍କଠାରୁ ୨୫ ଶହ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି କୋରାପୁଟ ଜିଲାର ଜଣେ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ)। ତାଙ୍କ ଅଫିସ୍ ସମେତ ପୃଥକ୍ ସ୍ଥାନରେ ଥିବା ବାସଭବନ ଓ ଭଡ଼ାଘରେ ଚଢ଼ାଉ କରିଛି ଭିଜିଲାନ୍ସ। ନନ୍ଦପୁର ବ୍ଲକ ବାଲଡ଼ାର ଦିବ୍ୟାଙ୍ଗ ଉମ୍ବରୁଧର ହନ୍ତାଳଙ୍କ କହିବାନୁଯାୟୀ, ତାଙ୍କ ବାପାଙ୍କ ନାମରେ ୪ ସେଣ୍ଟ ଜାଗା ଥିଲା । ତାର ଡିମାର୍କେସନ ପାଇଁ ବାଲଡ଼ାର ଏଆର୍‌ଆଇ କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ପାଖକୁ ସେ ଗଲେ ମଧ୍ୟ ଶୁଣୁ ନଥିଲେ। ଏପରିକି ତହସିଲଦାର ମଧ୍ୟ ଶୁଣିଲେନି। ଶେଷରେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଡିମାର୍କେସନ ପାଇଁ ନିର୍ଦ୍ଦେଶ ପରେ ଉମ୍ବରୁ ସେହି ଅନୁମତି ସହ ତହସିଲଦାରଙ୍କୁ ପୁଣି ଭେଟିଥିଲେ। ତହସିଲ ଅଫିସ୍ ଡିମାର୍କେସନ କରି କିଛି ଜଣାଇଲା ନାହିଁ। ୧୧ ଦିନ ପରେ ଉମ୍ବରୁ ବାଲଡ଼ା ଏଆର୍‌ଆଇ ବିଶ୍ୱାଳଙ୍କ ପାଖକୁ ଗଲେ। ସେ ୨୫ଶହ ଟଙ୍କା ନଦେଲେ କାମ ହେବନି ବୋଲି କହିଥିଲେ। ନନ୍ଦପୁର ତହସିଲ ଅଫିସ୍ ସମ୍ମୁଖରେ ମଙ୍ଗଳବାର ଏଆର୍‌ଆଇ ବିଶ୍ୱାଳ ଉମ୍ବରୁଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଛପି ରହିଥିବା ଭିଜିଲାନ୍ସ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏନେଇ କେସ୍ ନଂ ୨୧/୧୯ରେ ମାମଲା ରୁଜୁ ହେବା ସହ ବିଶ୍ୱାଳଙ୍କ ଗଞ୍ଜାମ ଜିଲା କେଶପୁରଠାରେ ଥିବା ବାସଭବନ, ବାଲଡ଼ା ଅଫିସ ଓ ଜୟପୁର ସ୍ଥିତ ଭଡ଼ାଘରେ ମଧ୍ୟ ଚଢ଼ାଉ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ଶଶିଶେଖର ମହାପାତ୍ର କହିଛନ୍ତି।



## ଜିଲା ଚିଠି
## ଗଜପତି

# ପଛରେ ପଡ଼ିଛି ପାରଳା ଷ୍ଟେଶନ

ଗଜପତି ଜିଲାରେ ରେଳ ଚଳାଚଳର ଭିତ୍ତି ପକାଇଥିଲେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି। ତାଙ୍କ ରାଜତ୍ୱ କାଳରେ ପାରଳାଖେମୁଣ୍ଡି ଓ ନୂଆପଡ଼ା ସହ ରେଳ ସଂଯୋଗୀକରଣ ପାଇଁ ନିଷ୍ପତ୍ତି ନିଆଯାଇ ୧୮୯୮ରେ ସରକାରଙ୍କ ଦ୍ୱାରା ଗୃହୀତ ହେବାସହ ୧୯୦୦ରେ ଏହା କାର୍ଯ୍ୟକାରୀ ହୋଇଥିଲା। ସେତେବେଳେ ଏହା ୨ ଫୁଟ ୬ଇଞ୍ଚର ଗେଜ୍ ଥିଲା। ତେବେ ୧୯୦୦ରୁ ୨୦୦୦ ପର୍ଯ୍ୟନ୍ତ ରହିଥିବା ନ୍ୟାରୋଗେଜ୍‌କୁ ପରିବର୍ତ୍ତନ କରାଯାଇ ବ୍ରଡ୍‌ଗେଜ୍ କରାଯାଇଥିଲା। ପରେ ଏହି ରେଳପଥ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଥିଲା। ଗେଜ୍ ପରିବର୍ତ୍ତନ ହେବା ପରେ ଏଠାରୁ ପ୍ରଥମେ ୨୦୧୧ ଅଗଷ୍ଟ୨୨ରୁ ପୁରୀ–ଗୁଣପୁର ଭାୟା ପାରଳାଖେମୁଣ୍ଡି ରେଳ ଚଳାଚଳ କରିଥିଲା। ଏହାପରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଗୁଣପୁର ପାସେଞ୍ଜର ଟ୍ରେନ୍ ଏବଂ ତୃତୀୟରେ ରାଉରକେଲା–ଗୁଣପୁର ଭାୟା ଭୁବନେଶ୍ୱର ଦେଇ ରାଜ୍ୟରାଣୀ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ ହୋଇଛି । ଏବେ ଏହି ରେଳପଥରେ ଚାରୋଟି ଟ୍ରେନ୍ ପାରଳାଖେମୁଣ୍ଡି ଦେଇ ଚଳାଚଳ କରୁଛି । କିନ୍ତୁ ବିଡ଼ମ୍ବନା ଗଜପତିଙ୍କ ଅମଳରୁ ଆରମ୍ଭ ହୋଇଥିବା ଏହି ଷ୍ଟେଶନରେ ଯାତ୍ରୀଙ୍କ ପାଇଁ ମୌଳିକ ସୁବିଧାର ବ୍ୟବସ୍ଥା ହୋଇପାରିନି। ଏହି ଷ୍ଟେଶନର ସିଙ୍ଗଲ୍ ପ୍ଲାଟଫର୍ମର ଉଚ୍ଚତା କମ୍ ଯୋଗୁ ଯାତ୍ରୀମାନେ ବିଶେଷକରି ବରିଷ୍ଠ ନାଗରିକ ଟ୍ରେନ୍‌ରେ ଚଢ଼ିବା କଷ୍ଟକର ହେଉଛି। ଭଲ ଶୌଚାଳୟଟିଏ ନାହିଁ। ଯେଉଁ ଶୌଚାଳୟ ରହିଛି ତାହା ବ୍ୟବହାରଯୋଗ୍ୟ ନୁହେଁ। ଏହା ବ୍ୟତୀତ ଆବଶ୍ୟକ ଜିନିଷ କିଣିବା ପାଇଁ ଦୋକାନ ଘର, ପାନୀୟଜଳର ବ୍ୟବସ୍ଥା ନାହିଁ। ବିଶ୍ରାମ ପାଇଁ ମଧ୍ୟ ବ୍ୟବସ୍ଥା ନ ଥିବାରୁ ଷ୍ଟେଶନର ପ୍ରବେଶ ପଥ ଘରେ ବିନା ଆଲୋକ ଓ ପଙ୍ଖାରେ ଯାତ୍ରୀ ବସିବାକୁ ବାଧ୍ୟ ହେଉଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଷ୍ଟେଶନର ସ୍ୱଚ୍ଛତା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ କୁଢ କୁଢ ଆବର୍ଜନାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହି ରେଳପଥ ଦେଇ ଏବେ ନୌପଡ଼ା ଠାରେ କିଛି ଦ୍ରୁତଗାମୀ ଟ୍ରେନ୍ ସହ ଏହି ଜିଲାରୁ ଯାଉଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟ ସଂଯୋଗ କରିବ ବୋଲି ସୂଚନା ମିଳିଛି। ଦୈନିକ ଏଠାରୁ ଟିକଟ ଆକାରରେ ୫୦ହଜାରରୁ ଲକ୍ଷାଧିକ ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ ଆଦାୟ ହେଉଛି। ତେଣୁ ଏହି ଷ୍ଟେଶନର ଉନ୍ନତୀକରଣ ପାଇଁ ଅନେକ ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଆସିଛି। ୨୦୧୭ ମାର୍ଚ୍ଚରେ କେନ୍ଦ୍ର ରେଳମନ୍ତ୍ରୀ ସୁରେଶ ପ୍ରଭୁ ପାରଳାଖେମୁଣ୍ଡିରେ ଅତ୍ୟାଧୁନିକ ରେଳଷ୍ଟେଶନ୍ ପ୍ରତିଷ୍ଠା ହେବବୋଲି ଘୋଷଣା କରିଥିଲେ। ଗତବର୍ଷ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ଉପମୁଖ୍ୟ ପରିଚାଳନା ପ୍ରବନ୍ଧକ ଦିଲୀପ୍ ରଞ୍ଜନ ପାଲ୍ ଓ ଅନ୍ୟ ୪ ଅଧିକାରୀ ମଧ୍ୟ ଷ୍ଟେଶନ୍ ପରିଦର୍ଶନରେ ଆସି ଭିତ୍ତିଭୂମି ଓ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଷ୍ଟେଶନର ଉନ୍ନତି ହୋଇପାରିନାହିଁ।

– ରଶ୍ମିରଞ୍ଜନ ମିଶ୍ର

ଏକତରଫା ପ୍ରେମରୁ ପେଟ୍ରୋଲ ଢାଳି ନିଆଁ ଲଗାଇବା ଘଟଣା

# ଆଖି ବୁଜିଲେ ନାବାଳିକା

ବାସୁଦେବପୁର, ୨୭।୮(ଡି.ଏନ୍.ଏ.)


- ଅଭିଯୁକ୍ତ ଯୁବକ ଗିରଫ ହୋଇ ଜେଲ୍‌ରେ
- ହତ୍ୟା ମାମଲା ରୁଜୁ କଲା ପୋଲିସ

ନାବାଳିକାଙ୍କ ପ୍ରତି ଯୌନ ଶୋଷଣ ଭଳି ନାନା ନିର୍ଯାତନା ଦିନକୁଦିନ ବଢିଚାଲିଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ନୂଆଗାଁ ଅଞ୍ଚଳରେ ଏକତରଫା ପ୍ରେମରେ ବିଫଳ ହୋଇ ଜଣେ ଯୁବକ ଗତ ୨୧ ତାରିଖରେ ଜଣେ ନାବାଳିକାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ଭଳି ଦୁଃଖଦ ଘଟଣା ଘଟିଥିଲା। ତାଙ୍କ ଦେହର ୮୦ ଭାଗ ପୋଡି ଯାଇଥିବାରୁ ୬ ଦିନ ଧରି ସେ ମୃତ୍ୟୁ ସହ ସଂଗ୍ରାମ କରିଥିଲା। ଶେଷରେ ସୋମବାର କଟକ ବଡ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପହଞ୍ଚିବା ପରେ ଅଞ୍ଚଳବାସୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପୂର୍ବରୁ ବାସୁଦେବପୁର ଥାନା ପୋଲିସ ନୂଆଗାଁର ଅଭିଯୁକ୍ତ ଯୁବକ ସିଦ୍ଧାର୍ଥ ମଲିକ(୧୯)ଙ୍କୁ ଗତ ୨୪ ତାରିଖରେ ଗିରଫ କରିଥିଲା। ତାଙ୍କୁ କୋର୍ଟଚାଲାଣ ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ନାବାଳିକାଙ୍କ ବାପା ଥାନାରେ କରିଥିବା ଅଭିଯୋଗକ୍ରମେ ପୋଲିସ ପ୍ରଥମେ ଏକ ମାମଲା(ନଂ ୨୮୧/୧୯) ରୁଜୁ କରି ତଦନ୍ତ କରିଥିଲା। ନାବାଳିକାଙ୍କ ମୃତ୍ୟୁ ପରେ ହତ୍ୟା ମାମଲା ରୁଜୁ କରିଛି ପୋଲିସ।

ସୂଚନାଯୋଗ୍ୟ, ନୂଆଗାଁର ଏହି ଯୁବକ ଗତ ୨୧ ତାରିଖ ଅପରାହ୍ଣରେ ନାବାଳିକାଙ୍କ ଘରକୁ ଯାଇଥିଲେ। ସେ ଘରେ ଏକୁଟିଆ ଥିବା ଦେଖି ତାଙ୍କୁ ଘର ବାହାରକୁ ଡାକି ଆଣି ବିବାହ ପ୍ରସ୍ତାବ ଦେବା ସହିତ ପ୍ରେମ ନିବେଦନ କରିଥିଲେ। ନାବାଳିକା ଏଥିରେ ଅମଙ୍ଗ ହେବାରୁ ଅଭିଯୁକ୍ତ ଯୁବକ ଉତ୍କ୍ଷିପ୍ତ ହୋଇ ଘରୁ ପେଟ୍ରୋଲ ଆଣି ତାଙ୍କ ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ପାଖ ପଡିଶା ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କ ଦେହର ବହୁ ଅଂଶ ପୋଡି ଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ବାସୁଦେବପୁର ଡାକ୍ତରଖାନା ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯିବା ପରେ ସେଦିନ ସନ୍ଧ୍ୟାରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ଗାଁକୁ ଅଣାଯାଇ ରାତିରେ ସତ୍କାର କରାଯାଇଛି।

# ଗୁଣିଗାରେଡ଼ି ସନ୍ଦେହରେ ଜଣଙ୍କୁ ହତ୍ୟା

ଏମ୍‌ଭି–୭୯/କାଲିମେଳା, ୨୭।୮(ଡି.ଏନ.ଏ)


ଗିରଫ ୩ ଅଭିଯୁକ୍ତ

- ପୋଲିସ ଗିରଫରେ ୩ ଅଭିଯୁକ୍ତ, ଜଣେ ଫେରାର
- ପ୍ରମାଣ ନଷ୍ଟ କରିବାକୁ ନିକଟସ୍ଥ ଜଙ୍ଗଲରେ ପୋଡିଥିଲେ ମୃତଦେହ

ଜଣେ ବୃଦ୍ଧଙ୍କୁ ହତ୍ୟା କରାଯିବାର ୨୨ ଦିନ ପରେ ଘଟଣା ଉପରୁ ପରଦା ଉଠିଛି। ଗୁଣିଗାରେଡି ସନ୍ଦେହରୁ ହତ୍ୟାକାଣ୍ଡ ହୋଇଥିବା ବେଳେ ଅଭିଯୁକ୍ତମାନେ ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ ଜଙ୍ଗଲରେ ପୋଡି ଦେଇଥିଲେ। ଏହି ଘଟଣାରେ ମଙ୍ଗଳବାର ଗିରଫ ହୋଇଥିବା ୩ଜଣ ଯୁବକ ପୋଲିସ ଆଗରେ ଉପରୋକ୍ତ ଅପରାଧ ସ୍ୱୀକାର କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଉରୁମାଗୁଡ଼ା ଗାଁର ମୁକା ମାଡକାମି, ମାସା ମାଡକାମି ଓ ଜବାନପାଲ୍ଲୀର ଲାକା କାର୍ତାମି। ଉରୁମାଗୁଡ଼ା ଗାଁର ଅନ୍ୟ ଜଣେ ଅଭିଯୁକ୍ତ ଆଇତା ମାଡକାମି ଫେରାର ଅଛନ୍ତି।

ପ୍ରକାଶ ଯେ, ଉରୁମାଗୁଡ଼ାର ନାଙ୍ଗା କବାସୀ (୬୦) ଗୁଣିଗାରେଡି ଓ ଝଡାଫୁଙ୍କା କରି ଲୋକଙ୍କ ରୋଗ ଭଲ କରୁଥିବା ସ୍ଥାନୀୟ ଲୋକେ ବିଶ୍ୱାସ କରୁଥିଲେ। ରୋଗ ହେଲେ ସେମାନେ ମେଡିକାଲ ଯିବା ପରିବର୍ତ୍ତେ ତାଙ୍କ ନିକଟକୁ ଯାଉଥିଲେ। ଗତ ୩ ତାରିଖରେ ଉକ୍ତ ଗାଁର ଦୁଲା ମାଡକାମୀ ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ନାଙ୍ଗା ଗୁଣି କରି ବାପାଙ୍କୁ ମାରିଥିବା ଦୁଲାଙ୍କ ତିନିପୁଅ ମୁକା, ମାସା ଓ ଆଇତା ସନ୍ଦେହ କରିଥିଲେ। ଗତ ୫ ତାରିଖରେ ଜବାନପାଲୀ ଗାଁର ସମ୍ପର୍କୀୟ ଲାକା କର୍ତ୍ତାମୀଙ୍କ ସହ ମିଶି ୩ଭାଇ ନାଙ୍ଗା ଶୋଇଥିବାବେଳେ ତାଙ୍କ ଘରେ ପଶି ଟିପିଟିପି ହତ୍ୟା କରିଥିଲେ। ନାଙ୍ଗାଙ୍କ ପରିବାର ଲୋକେ ତାଙ୍କୁ ଛାଡିଦେବା ପାଇଁ କହିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ସମସ୍ତଙ୍କୁ ଜୀବନରୁ ମାରିଦେବୁ ବୋଲି ସେମାନେ ନାଙ୍ଗାଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ। କିଛି ଦିନ ଚୁପ୍ ରହିବା ପରେ ଜଣେ ସମ୍ପର୍କୀୟଙ୍କ ସହଯୋଗରେ ନାଙ୍ଗାଙ୍କ ପୁଅ ସୋମବାର ଏମ୍‌ଭି–୭୯ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ତଦନ୍ତ କରିବା ସହ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ମହିଳା ମାଓବାଦୀ କମାଣ୍ଡର ମଙ୍ଗଳି ଗିରଫ

ମାଲକାନଗିରି, ୨୭।୮(ସ୍ୱ.ପ୍ର.)

ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ା ପୋଲସିକୁ ଏକ ବଡ ସଫଳତା ମିଳିଛି। ଗୋଇନ୍ଦା ବିଭାଗ ସୂଚନାକୁ ଭିତ୍ତିକରି ମହିଳା ମାଓବାଦୀ କମାଣ୍ଡର ମଙ୍ଗଳି କବାସୀଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଥିବା ଦାନ୍ତେୱାଡା ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମଙ୍ଗଳିଙ୍କ ନାଁରେ ଆଠଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା। ୨୦୧୩ରୁ ମଙ୍ଗଳି କଟେକଲ୍ୟାଣ ଏରିଆ କମାଣ୍ଡର ଭାବେ କାମ କରୁଥିଲେ। ସେ ଛତିଶଗଡ଼ରେ ହୋଇଥିବା ଅନେକ ବଡ ମାଓବାଦୀ ଆକ୍ରମଣରେ ସକ୍ରିୟ ଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ମଙ୍ଗଳି କଟେକଲ୍ୟାଣ ଅଞ୍ଚଳରେ ବୁଲୁଥିବା ନେଇ ଦାନ୍ତେୱାଡ଼ା ପୋଲିସକୁ ଗୁଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ଏହାପରେ ଡିଆରଜି ଓ ସିଆରପିଏଫ ଯବାନ ସର୍ଚ୍ଚ ଅପରେଶନ କରି ମଙ୍ଗଳିଙ୍କୁ ଗିରଫ କରିଥିଲେ।

**IN THE DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack-753014
**CORRIGENDUM**
With reference to our **DRT Notice** bearing O.A. No.: 56 of 2019 published in **"Dharitri"** on **dt.23.08.2019** relating to **Syndicate Bank, Paradeep Port Branch** Versus **Mamata Swain and others,** the recovery amount should be read as **Rs.47,77,333.88** instead of Rs.50,000.00. All other facts remain unchanged.
**Sd/- Registrar**

**ଆଲ୍ଲାହାବାଦ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ରାଜକମଳ କମ୍ପ୍ଲେକ୍ସ, ଗୋଲ୍ ବଜାର, ସମ୍ବଲପୁର-୭୬୮୦୦୧ | **ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟେରେଷ୍ଟ୍ ଆକ୍ଟ,୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ବନ୍ଧକ ସ୍ଥାବର ସମ୍ପତ୍ତି ନିମନ୍ତେ ବିକ୍ରୟ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ,୨୦୦୨ ଧାରା ୧୩(୨)ଅନୁଯାୟୀ ନୋଟିସ୍ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ଉକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ଅଧିକାର ପାଇଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ **https://allahabadbank.auctiontiger.net** ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ବିକ୍ରୟ କରାଯିବ।

**(ନିଲାମ ତାରିଖ: ୧୩.୦୯.୨୦୧୯ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୧.୦୦ଘଟିକା)**

| କ୍ର. ନଂ. | ଶାଖା / ରଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | କ) ଡ଼ିମାଣ୍ଡ ନୋଟିସ୍ ତାରିଖ ଖ) ଦଖଲ ନୋଟିସ୍ ତାରିଖ ଗ) ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ | କ) ସଂରକ୍ଷିତ ମୂଲ୍ୟ ଖ) ଅମାନତ ରାଶି ଗ)ବିଡ୍ ବର୍ଦ୍ଧିତ ପରିମାଣ |
|---|---|---|---|---|
| ୧. | **କଟକ ମୁଖ୍ୟ ଶାଖା /** **ରଣଗ୍ରହୀତା: ମେସର୍ସ ଦାସ ପିଭିସି ବଲ୍ ଆଣ୍ଡ୍ ଦାସ ପ୍ଲାଷ୍ଟିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ରାମଚନ୍ଦ୍ର ଦାସ,** ପିତା: ୰ ଭାସ୍କର ଚନ୍ଦ୍ର ଦାସ, ପ୍ଲଟ୍ ନଂ.: ୧୩୨୭, ଦୁର୍ଗା ହୋଣ୍ଡା ସମ୍ମୁଖ, ଦୋଳମୁଣ୍ଡାଇ, ଜିଲ୍ଲା: କଟକ-୭୫୩୦୦୯ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ରାମାକାନ୍ତ ଦାସ,** ପିତା: ୰ ଭାସ୍କର ଚନ୍ଦ୍ର ଦାସ, **୨) ଶ୍ରୀ ଉମାକାନ୍ତ ଦାସ,** ପିତା: ୰ ଭାସ୍କର ଚନ୍ଦ୍ର ଦାସ, **୩) ଶ୍ରୀ ଅରୁଣ ଦାସ,** ପିତା: ୰ ଭାସ୍କର ଚନ୍ଦ୍ର ଦାସ, **୪) ଶ୍ରୀମତୀ ରେବତୀ ଦାସ,** ସ୍ୱାମୀ: ୰ ଭାସ୍କର ଚନ୍ଦ୍ର ଦାସ, ସମସ୍ତଙ୍କ ଠିକଣା- ସା/ପୋ.: ଗୌରଗାଡି, ଭାୟା: ରାଣୀତେଲ, ସହର: ମାଇତିପୁର, ଜିଲ୍ଲା: ବାଲେଶ୍ୱର-୭୫୬୧୦୦, **୫) ଶ୍ରୀମତୀ ଜେନାମଣୀ ଦାସ,** ସ୍ୱାମୀ: ବାଇଧର ଦାସ, ସା/ପୋ.: ସରସତିଆ, ଭାୟା: ଜଗଦଳପୁର, ଜିଲ୍ଲା: ଭଦ୍ରକ-୭୫୬୧୦୦ | କ) ୦୧.୦୩.୨୦୧୮ ଖ) ୨୪.୦୭.୨୦୧୮ ଗ)୨୭.୦୮.୨୦୧୯ ସୁଦ୍ଧା ଟ.୨୯,୫୫,୮୧୯/- + ସୁଧ, ଦେୟ ଏବଂ ଖର୍ଚ୍ଚ | **ଶ୍ରୀମତୀ ରେବତୀ ଦାସ,** ସ୍ୱାମୀ: ୰ ଭାସ୍କର ଚନ୍ଦ୍ର ଦାସ, **ଶ୍ରୀ ରାମାକାନ୍ତ ଦାସ,** ପିତା: ୰ ଭାସ୍କର ଚନ୍ଦ୍ର ଦାସ, **ଶ୍ରୀ ଉମାକାନ୍ତ ଦାସ, ପିତା:** ୰ ଭାସ୍କର ଚନ୍ଦ୍ର ଦାସ, **ଶ୍ରୀ ଅରୁଣ ଦାସ,** ପିତା: ୰ ଭାସ୍କର ଦାସ, **ଶ୍ରୀ ରାମଚନ୍ଦ୍ର ଦାସ,** ପିତା: ୰ ଭାସ୍କର ଚନ୍ଦ୍ର ଦାସ, **ଶ୍ରୀମତୀ ଜେନାମଣୀ ଦାସ,** ସ୍ୱାମୀ: ବାଇଧର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୧୨/୩୨୫, ଖାତା ନଂ.: ୫୩, କ୍ଷେତ୍ର: ଏକର୦.୧୬୦ଡିସିମିଲି, ମୌଜା: ଗୌରଗଡି, ଭାୟା: ରାଣୀତେଲ, ତହସିଲ: ସିମୁଳିଆ, ଜିଲ୍ଲା: ବାଲେଶ୍ୱର | କ) ଟ.୧୭,୪୬,୩୦୦/- ଖ) ଟ.୧,୭୪,୬୩୦/- ଗ) ଟ.୧୦,୦୦୦/- |
| ୨. | **କ୍ୟାଣ୍ଟେନ୍‌ମେଣ୍ଟ୍ ରୋଡ୍ କଟକ ଶାଖା /** **ରଣଗ୍ରହୀତା: ମେସର୍ସ ଲ୍ୟାବ୍ କେୟାର ଡାଇଗ୍ନୋଷ୍ଟିକ୍, ସ୍ୱତ୍ୱାଧିକାରୀ: ଶ୍ରୀ ସଦାନନ୍ଦ ସାହୁ,** ପିତା: ୰ ଆନନ୍ଦ ଚରଣ ସାହୁ, ସା: ମେଡିକାଲ୍ ରୋଡ୍, ରାଣୀହାଟ୍, କଟକ-୭୫୩୦୦୭ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ ମଧୁସ୍ମିତା ସାହୁ,** ସ୍ୱାମୀ: ଶ୍ରୀ ସଦାନନ୍ଦ ସାହୁ, ସା: ବାଲିଭଗତ ରୋଡ୍, ବେପାରୀ ସାହି, ବକ୍ସିବଜାର, କଟକ-୭୫୩୦୦୧ | କ) ୦୧.୧୧.୨୦୧୮ ଖ) ୨୩.୦୧.୨୦୧୯ ଗ)୨୭.୦୮.୨୦୧୯ ସୁଦ୍ଧା ଟ.୩,୫୮,୧୫୨/- + ସୁଧ, ଦେୟ ଏବଂ ଖର୍ଚ୍ଚ | **ଶ୍ରୀମତୀ ମଧୁସ୍ମିତା ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: କଟକ, ଏସ୍‌ଆର୍/ତସହିଲ: କଟକ ସଦର ନଂ.: ୨୪୭, ମୌଜା: ବ୍ରହ୍ମପୁର, ହାଲ୍ ବନ୍ଦୋବସ୍ତ ଖାତା ନଂ.: ୪୬୨, ପ୍ଲଟ୍ ନଂ.: ୬୪୯, କ୍ଷେତ୍ର: ଏକର୦.୦୩୦ଡିସିମିଲି (ଏକର ୧୦୦୦ ଡିସିମିଲି), ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୫୧୯/୨୨୧୯, ପ୍ଲଟ୍ ନଂ.: ୬୪୯, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୫୧, ଦକ୍ଷିଣ: ପ୍ଲଟ୍ ନଂ.: ୬୪୮, ପୂର୍ବ: ପ୍ରସ୍ତାବିତ ରାସ୍ତା ଏବଂ ପ୍ଲଟ୍ ନଂ.: ୬୪୮, ପଶ୍ଚିମ: ପ୍ଲଟ୍ ନଂ.: ୬୫୨ | କ) ଟ.୧୮,୩୯,୦୦୦/- ଖ) ଟ.୧,୮୩,୯୦୦/- ଗ) ଟ.୧୦,୦୦୦/- |
| ୩. | **ବଡବିଲ ଶାଖା /** **ରଣଗ୍ରହୀତା: ଶ୍ରୀ ମାର୍ଶଲ ଓରାମ୍,** ପିତା: ଶ୍ରୀ ମାନୁଏଲ୍ ଓରାମ୍, ଗ୍ରାମ: ସେରେଣ୍ଡା, ପୋ.: ସେରେଣ୍ଡା, ଥାନା: ବଡବିଲ, ଜିଲ୍ଲା: କେନ୍ଦୁଝର-୭୫୮୦୩୫ | କ) ୨୩.୦୭.୨୦୧୨ ଖ) ୦୬.୦୩.୨୦୧୩ ଗ)୨୭.୦୮.୨୦୧୯ ସୁଦ୍ଧା ଟ.୩୫,୫୯,୯୬୯/- + ସୁଧ, ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ମାର୍ଶଲ ଓରାମ୍**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ସେରେଣ୍ଡା, ୟୁନିଟ୍ ନଂ.: ୧୪, ପୋ.: ସେରେଣ୍ଡା, ଥାନା: ବଡବିଲ, ତହସିଲ: ସେରେଣ୍ଡା, ଜିଲ୍ଲା: କେନ୍ଦୁଝର, ପ୍ଲଟ୍ ନଂ.: ୩୮୭/୬୭୦, ଖାତା ନଂ.: ୫୮/୧୨୦, କ୍ଷେତ୍ର: ଏକର୦.୧୭୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଅଶୋକ ସିଙ୍କୁ, ପଶ୍ଚିମ: ଘରୋଇ ରାସ୍ତା, ଉତ୍ତର: ରୁଗୁଡିଆ ସିନ୍ଧୁ, ଦକ୍ଷିଣ: ଓଏମ୍‌ସି କଲୋନୀ | କ) ଟ.୭୧,୩୮,୦୦୦/- ଖ) ଟ.୭,୧୩,୮୦୦/- ଗ) ଟ.୨୫,୦୦୦/- |
| ୪. | **ଭବାନୀପାଟଣା ଶାଖା /** **ରଣଗ୍ରହୀତାମାନେ: ୧) ଶ୍ରୀ ତୃପ୍ତି ସାହୁ,** ପିତା- ଶ୍ରୀ ଦିଲେଶ୍ୱର ସାହୁ, **୨) ଶ୍ରୀମତୀ ଗୀତା ସାହୁ,** ସ୍ୱାମୀ- ଶ୍ରୀ ତୃପ୍ତି ସାହୁ, ସା: ଲେନ୍ ନଂ.:୧୦, ଇରିଗେସନ କଲୋନୀ, ପୋ/ଥାନା: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି-୭୬୬୦୦୧ / **ଗ୍ୟାରେଣ୍ଟିଦାତାମାନେ : ୧) ଶ୍ରୀ ସଦାନନ୍ଦ ସାହୁ,** ପିତା: ଶ୍ରୀ ଜଗବନ୍ଧୁ ସାହୁ, ସା: ଲେନ୍ ନଂ.:୭, ଇରିଗେସନ କଲୋନୀ, ପୋ/ଥାନା: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି-୭୬୬୦୦୧, **୨) ଶ୍ରୀ ପ୍ରଦୀପ କୁମାର ଦାସ,** ପିତା: ଶ୍ରୀ ପ୍ରକାଶ ଚନ୍ଦ୍ର ଦାସ, ସା: ଲେନ୍ ନଂ.:୧୦, ଇରିଗେସନ କଲୋନୀ, ପୋ/ଥାନା: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି-୭୬୬୦୦୧ | କ) ୨୧.୦୬.୨୦୧୮ ଖ) ୨୦.୦୯.୨୦୧୮ ଗ)୨୭.୦୮.୨୦୧୯ ସୁଦ୍ଧା ଟ.୨୪,୯୮,୭୦୯/- + ସୁଧ, ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ତୃପ୍ତି ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୀତାବରଦି, ଇରିଗେସନ କଲୋନୀ, ପୋ/ଥାନା: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ନୂତନ ଖାତା ନଂ.: ୧୦/୫୩୪, ନୂତନ ପ୍ଲଟ୍ ନଂ.: ୩୭/୬୨୦, ପୁରଣା ଖାତା ନଂ: ୦୮, ପ୍ଲଟ୍ ନଂ: ୩୭/୫୪/୧, କ୍ଷେତ୍ର: ଏକର୦.୦୫୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା, ପଶ୍ଚିମ: ରାସ୍ତା, ଉତ୍ତର: ବିକ୍ରେତା, ଦକ୍ଷିଣ: ବିକ୍ରେତା (ବିକ୍ରୟ ଦଲିଲ୍ ନଂ: ୧୮୮୮, ତା:୧୩.୧୦.୧୯୮୮) | କ) ଟ.୨୦,୩୯,୦୦୦/- ଖ) ଟ.୨,୦୩,୯୦୦/- ଗ) ଟ.୧୦,୦୦୦/- |
| ୫. | **ବଲାଙ୍ଗୀର ଶାଖା /** **ରଣଗ୍ରହୀତା: ଶ୍ରୀ ସତ୍ୟବ୍ରତ ପ୍ରଧାନ,** ପିତା: ଶ୍ରୀ ଦିବାକର ପ୍ରଧାନ, ସା: ବରପାଲିପଡା, ପୋ/ଜିଲ୍ଲା: ବଲାଙ୍ଗୀର-୭୬୮୦୧୭ / **ଗ୍ୟାରେଣ୍ଟିଦାତା: ଶ୍ରୀ ଦିବାକର ପ୍ରଧାନ,** ପିତା: ୰ ବାହାଦୁର ପ୍ରଧାନ, ସା: ବରପାଲିପଡା, ପୋ/ଜିଲ୍ଲା: ବଲାଙ୍ଗୀର-୭୬୮୦୧୭ | କ) ୦୪.୦୧.୨୦୧୪ ଖ) ୨୮.୦୧.୨୦୧୫ ଗ)୨୭.୦୮.୨୦୧୯ ସୁଦ୍ଧା ଟ.୧୭,୦୬,୨୨୩/- + ସୁଧ, ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଦିବାକର ପ୍ରଧାନ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଲର୍କିପାଲି, ଥାନା ନଂ.: ୧୫୩, ପ୍ଲଟ୍ ନଂ.: ୨୧୯୬, ଖାତା ନଂ.: ୧୦୭୮/୧୪୧୫, କ୍ଷେତ୍ର: ଏକର୦.୦୩୯ଡିସିମିଲି, ତହସିଲ: ବଲାଙ୍ଗୀର-୩୨୨, ଜିଲ୍ଲା: ବଲାଙ୍ଗୀର, ଏହାର ଚାରିପାର୍ଶ୍ୱରେ ପୂର୍ବ: ମହାଦେବ ସାଇ, ପଶ୍ଚିମ: ରାସ୍ତା, ଉତ୍ତର: ବ୍ରଜମୋହନ ତ୍ରିପାଠୀ, ଦକ୍ଷିଣ: ଦୁର୍ଗା ସାଇ | କ) ଟ.୧୪,୦୫,୦୦୦/- ଖ) ଟ.୧,୪୦,୫୦୦/- ଗ) ଟ.୧୦,୦୦୦/- |
| ୬. | **କେସିଙ୍ଗା ଶାଖା /** **ରଣଗ୍ରହୀତା: ଶ୍ରୀ ରାଜ ପ୍ରସାଦ ସାହୁ,** ପିତା: ଶ୍ରୀ ଭଗବାନ ସାହୁ, ସା: ଗୋବୋରା, ପୋ.: କୁତୁରୁଖମାର, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ଓଡ଼ିଶା-୭୬୬୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ବ୍ରଜେଶ୍ୱରୀ ସାହୁ,** ସ୍ୱାମୀ: ଶ୍ରୀ ରାଜ ପ୍ରସାଦ ସାହୁ, ସା: ଗୋବୋରା, ପୋ.: କୁତୁରୁଖମାର, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ଓଡ଼ିଶା-୭୬୬୦୦୧ | କ) ୧୪.୦୨.୨୦୧୭ ଖ) ୧୬.୦୭.୨୦୧୮ ଗ)୨୭.୦୮.୨୦୧୯ ସୁଦ୍ଧା ଟ.୧୬,୭୬,୯୫୦/- + ସୁଧ, ଦେୟ ଏବଂ ଖର୍ଚ୍ଚ | **ଶ୍ରୀମତୀ ବ୍ରଜେଶ୍ୱରୀ ସାହୁ,** ସ୍ୱାମୀ: ଶ୍ରୀ ରାଜ ପ୍ରସାଦ ସାହୁଙ୍କ ନାମରେ ଥିବା ଖୋଲା ପ୍ଲଟ୍‌ର ସମସ୍ତ ଅଂଶବିଶେଷ ଯାହାର ମୌଜା: କୋକଡମାଳ, ଥାନା: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ଖାତା ନଂ.: ୨୮୩/୧୨୩, ପ୍ଲଟ୍ ନଂ.: ୧୪୮୪, କ୍ଷେତ୍ର: ଏକର୦.୬୨ଡିସିମିଲି, ପ୍ଲଟ୍ ନଂ.: ୧୪୮୫/୧୭୮୭, କ୍ଷେତ୍ର: ଏକର୦.୭୮ଡିସିମିଲି ଏବଂ ପ୍ଲଟ୍ ନଂ.: ୧୫୦୦/୧୭୮୮, କ୍ଷେତ୍ର: ଏକର୦.୧୦ଡିସିମିଲି ଏବଂ ଖାତା ନଂ.: ୨୮୩/୧୨୪, ପ୍ଲଟ୍ ନଂ.: ୧୪୮୫/୧୭୮୯, କ୍ଷେତ୍ର: ଏକର୦୧.୦୦ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୨.୫୦ଡିସିମିଲି** | କ) ଟ.୭,୫୦,୦୦୦/- ଖ) ଟ.୭୫,୦୦୦/- ଗ) ଟ.୧୦,୦୦୦/- |

**ନିଲାମର ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ :**

୧) ଇ-ନିଲାମ ପ୍ଲାଟ୍‌ଫର୍ମ **(https://allahabadbank.auctiontiger.net)** ଆମର ଇ-ନିଲାମ ସେବା ପ୍ରଦାନକାରୀ **ମେସର୍ସ ଇ-ପ୍ରୋକ୍ୟୁଅରମେଣ୍ଟ ଟେକ୍ନୋଲୋଜିସ୍ ଲିଃ. (Auction Tiger) ଅହମ୍ମଦାବାଦ,** ପଞ୍ଜିକୃତ କାର୍ଯ୍ୟାଳୟ: ଗୁଜୁରାଟ ରାଜ୍ୟ (ଯୋଗାଯୋଗ **ଫୋନ୍ ନଂ. ଏବଂ ମୋବାଇଲ୍ ନଂ.: ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ- ୦୭୯-୪୦୨୩୦୮୨୧/୮୨୩/୮୨୪, ୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯)**ଙ୍କ ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକ ମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ **EMD** ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ-ନିଲାମ ତାଲିମ ଏବଂ ଡେମୋନଷ୍ଟ୍ରେସନ ପ୍ରଦାନ କରିପାରିବେ । ସିଡ୍ୟୁଲ୍ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ **"କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ"** ସପକ୍ଷରେ ଡ୍ର କରାଯାଇଥିବା ଏବଂ **ସମ୍ବଲପୁର**ରେ ପୈଠ ଦର୍ଶା ଯାଇଥିବା **ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ** ଆକାରରେ ଉପରଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର ଆକାଉଣ୍ଟ ନଂ.: ୫୦୧୪୦୯୮୦୧୮୮, IFSC Code: ALLA0212009** ମାଧ୍ୟମରେ **RTGS/NEFT** ଦ୍ୱାରା ଅମାନତ ରାଶି ପୈଠ କରିପାରିବେ।

୨) ଇ-ନିଲାମରେ ଅଂଶ ଗ୍ରହଣ କରିବାକୁ ଋହୁଁଥିବା ଅଂଶଗ୍ରହଣକାରୀମାନେ ସେବା ପ୍ରଦାନକାରୀଙ୍କ ଉପରୋକ୍ତ ୱେବ୍‌ସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ, ନିୟମ ଏବଂ ସର୍ତ୍ତାବଳୀ, ଇ-ନିଲାମ କାର୍ଯ୍ୟାକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ-ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟ ସେ ସମସ୍ତ ଉପଦର୍ଶିତ ଇ-ନିଲାମ ସେବା ପ୍ରଦାନକାରୀଙ୍କ ୱେବ୍‌ସାଇଟରୁ ଡାଉନଲୋଡ କରିପାରିବେ।

୩) **ଇଚ୍ଛୁକ ନିଲାମଧାରୀମାନେ ଇ-ନିଲାମ ସେବା ପ୍ରଦାନକାରୀଙ୍କ ୱେବ୍‌ସାଇଟ https://allahabadbank.auctiontiger.net ଦ୍ୱାରା ତା.୧୩.୦୯.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ଘଟିକାରେ ସମ୍ପନ୍ନ ହେବାକୁ ଥିବା ଇ-ନିଲାମରେ ଅଂଶଗ୍ରହଣ କରିପାରିବେ। ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା.୨୯.୦୮.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net** ଦେଖନ୍ତୁ।

**ଦ୍ରଷ୍ଟବ୍ୟ: ଉପର ଦର୍ଶିତ ଆକାଉଣ୍ଟର ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ।**
**(ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ - ତା.୧୧.୦୯.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ)**

**ସ୍ଥାନ: ସମ୍ବଲପୁର, ତାରିଖ: ୨୭.୦୮.୨୦୧୯** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**

ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ।

–ଶ୍ରୀଅରବିନ୍ଦ

# ଆମାଜନ: ବିଶ୍ୱ ବିପତ୍ତି

ବ୍ରାଜିଲର ଆମାଜନ ଜଙ୍ଗଲକୁ ନିଆଁ ଜଳେଇ ଚାଲିଛି। ଏକ ଅଧ୍ୟୟନ ଅନୁଯାୟୀ ବିଶ୍ୱ ଅମ୍ଳଜାନର ୨୦ ପ୍ରତିଶତ ଏହି ଜଙ୍ଗଲରୁ ଉତ୍ପନ୍ନ ହୋଇଥାଏ। କୁହାଯାଉଛି ଦେଶର ସେହି ଅଞ୍ଚଳରେ କୃଷି କ୍ଷେତ ସୃଷ୍ଟି ଲାଗି ଜଙ୍ଗଲକୁ କାଟିବା ପରେ ପୋଡ଼ି ଦିଆଯାଉଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ସ୍ପେସ୍ ରିସର୍ଚ୍ଚ (ଆଇଏନ୍‌ପିଇ) ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ପୂର୍ବବର୍ଷର ଏହି ସମୟ ତୁଳନାରେ ଏବର୍ଷ ୮୫ ପ୍ରତିଶତ ଅଧିକ ଜଙ୍ଗଲରେ ନିଆଁ ଲାଗିଛି। ଗବେଷକଙ୍କ ମତରେ ବ୍ରାଜିଲରେ ଚଳିତବର୍ଷ ୭୫,୦୦୦ ସ୍ଥାନରେ ନିଆଁ ଲାଗିଛି, ତନ୍ମଧ୍ୟରୁ ଅର୍ଦ୍ଧାଧିକ ଆମାଜନ ଜଙ୍ଗଲକୁ ଗ୍ରାସ କରିଛି। ଫଳରେ ପର୍ଯ୍ୟାପ୍ତ ଅଙ୍ଗାରକାମ୍ଳ ଶୋଷଣ କରୁଥିବା ବିଶ୍ୱର ଏହି ଜଙ୍ଗଲ ଏବେ ବିପଦରେ ପଡ଼ିଛି। ଅନ୍ତର୍ଜାତୀୟ ସ୍ତରରେ ଏ ନେଇ ଚିନ୍ତା ବ୍ୟକ୍ତ କରାଯାଉଥିବା ବେଳେ ଜଙ୍ଗଲ ଧ୍ୱଂସ କରି ତାହାକୁ ଚାଷୋପଯୋଗୀ ଜମି କରିବାକୁ କଠୋରପନ୍ଥୀ ନେତା ତଥା ବ୍ରାଜିଲ ରାଷ୍ଟ୍ରପତି ଜେର୍ ବୋଲ୍‌ସୋନାରୋ ପ୍ରୋତ୍ସାହନ ଦେଇଚାଲିବା ତାଙ୍କ ଏକଜିଦିଆ ଗୁଣକୁ ଦର୍ଶାଉଛି। ଏପରି କି ସେ ଗୋପାଳନ ଫାର୍ମର ମାଲିକ ଓ କାଠ କଟାଳିଙ୍କୁ ଜଙ୍ଗଲରେ ନିଜର ବ୍ୟବସାୟ ବିସ୍ତାର କରିବାକୁ ସୁଯୋଗ ଦେଉଛନ୍ତି।

ବୋଲ୍‌ସୋନାରୋଙ୍କ ବିରୋଧରେ ଆସୁଥିବା ଅଭିଯୋଗକୁ ସେ ନିଜେ ଖଣ୍ଡନ କରିଛନ୍ତି। ନିଆଁ ଲିଭାଇବା ପାଇଁ ସେ ତାଙ୍କ ଦେଶର ସାମରିକ ବଳକୁ ନିୟୋଜିତ କରିଛନ୍ତି। ହେଲେ ସବୁ ସରିଗଲା ପରେ ତତ୍ପରତା ଦେଖାଇବାର କୌଣସି ମାନେ ନାହିଁ ବୋଲି କୁହାଯାଇପାରେ। ଆମାଜନରେ ନିଆଁ ଲାଗିବା ପ୍ରସଙ୍ଗ ଅନ୍ତର୍ଜାତୀୟ ସ୍ତରର ଦୃଷ୍ଟି ଆକର୍ଷଣ କରୁ ବୋଲି ବୋଲ୍‌ସୋନାରୋ ଚାହାନ୍ତି ନାହିଁ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଜଙ୍ଗଲରେ ଲାଗିଥିବା ନିଆଁର ଧୂଆଁ ବ୍ରାଜିଲର ସାଓ ପାଉଲୋକୁ ବ୍ୟାପିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ ବାଇରିଜ୍‌ରେ ଅନୁଷ୍ଠିତ ଜି–୭ ଶିଖର ସମ୍ମିଳନୀ ଫ୍ରାନ୍ସ ଆୟୋଜନ କରିଥିବାରୁ ସେ ଉକ୍ତ ପ୍ରସଙ୍ଗକୁ ଆଲୋଚନା ପରିସରକୁ ଆଣିବାକୁ ଚାହିଁଥିଲେ। ହେଲେ ବୋଲ୍‌ସୋନାରୋ ଏହାକୁ ଦେଶର ଆଭ୍ୟନ୍ତରୀଣ ପ୍ରସଙ୍ଗ କହି ପାଲଟା ଜବାବ ଦେଇଛନ୍ତି। ଏଥିସହିତ ସେ ଜଳବାୟୁ ପରିବର୍ତ୍ତନରେ ବିଶ୍ୱାସ କରନ୍ତି ନାହିଁ ବୋଲି କହିଛନ୍ତି। ତାଙ୍କ ମତରେ ଆମାଜନ ଏକ ଜଙ୍ଗଲ ସମ୍ପଦଭରା ଅଞ୍ଚଳ ହୋଇଥିବାରୁ ତାହାକୁ କୃଷି, ଖଣି ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବ୍ୟବହାର କରାଯିବା ଉଚିତ। ତାଙ୍କ ଚିନ୍ତାଧାରାକୁ ବିରୋଧ କରୁଥିବା ତାଙ୍କ ଦେଶର ପରିବେଶ ସୁରକ୍ଷା ସଂସ୍ଥା 'ଇବାମା'ର ୨୭ ଅଧିକାରୀଙ୍କ ମଧ୍ୟରୁ ୨୧ ଜଣଙ୍କୁ ବିଦା କରିବା ଲାଗି ବୋଲ୍‌ସୋନାରୋ ପରିବେଶ ମନ୍ତ୍ରୀ ରିକାର୍ଡୋ ସାଲ୍‌ସେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ବ୍ରାଜିଲ ରାଷ୍ଟ୍ରପତି ସତେ ଯେମିତି ନିଜ ଦ୍ୱାରା ସୃଷ୍ଟ ଏକ ସ୍ୱର୍ଗରେ ବାସ କରୁଛନ୍ତି ବୋଲି ଭାବୁଛନ୍ତି। ତାଙ୍କର ଏଭଳି ଦୁଃସାହସିକତା ଯୋଗୁ ସମଗ୍ର ପୃଥିବୀକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ବୋଲ୍‌ସୋନାରୋଙ୍କ ଚିନ୍ତାଧାରା ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଛି। କିନ୍ତୁ ବିଶ୍ୱର ଅନେକ ନେତାଙ୍କ ମୁଣ୍ଡରେ ଏହି ଚିନ୍ତାଧାରା ଏବେ ଚେର ଧରିଥିବାର ଦେଖାଯାଉଛି। ବିଶେଷକରି ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଭୋଟ୍ ଲୋଭୀ ନେତାମାନେ ସାଧାରଣ ଗରିବ ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଦେଶର ସବୁ ସମ୍ପତ୍ତିକୁ ଛାରଖାର କରିଦେବାରେ ଆଗଭର ହେଉଛନ୍ତି। ଏହାର ଅର୍ଥ ହେଲା, ଯେତେ ଅଧିକ ଗରିବ ଓ ଅଶିକ୍ଷିତ ଭୋଟର ରହିବେ, ସେତେ ଅଧିକ ସହଜ ହେଉଛି ସେମାନଙ୍କୁ ଶାସନ କରିବାର। ବୋଲ୍‌ସୋନାରୋ ମଧ୍ୟ ତାଙ୍କ ଦେଶ ବ୍ରାଜିଲରେ ବିକାଶର ଗୀତ ଗାଉଛନ୍ତି। ତାଙ୍କ କହିବା ଅନୁଯାୟୀ, ପୃଥିବୀର ଅନ୍ୟସବୁ ଦେଶ ପର୍ଯ୍ୟାପ୍ତ ପରିମାଣର ଅଙ୍ଗାରକାମ୍ଳ ନିର୍ଗମନ (କାର୍ବନ ଇମିଶନ) କରୁଛନ୍ତି। ପୃଥିବୀର ବିକଶିତ ରାଷ୍ଟ୍ରଗୁଡ଼ିକ ନିଜର ଜଙ୍ଗଲ ଧ୍ୱଂସ କରିବା ସହିତ ପ୍ରତ୍ୟେକ ନାଗରିକର କାର୍ବନ୍ ଫୁଟ୍‌ପ୍ରିଣ୍ଟ ବୃଦ୍ଧି କରିବାରେ ଲାଗିଛନ୍ତି। ସେଭଳି ସ୍ଥଳେ ବାୟୁମଣ୍ଡଳକୁ ବଞ୍ଚାଇ ରଖିବା ପାଇଁ ଅନୁନ୍ନତ ଦେଶଗୁଡ଼ିକ ଉପରେ ଚାପ ପକାଇବା ଅନେକ ଦୃଷ୍ଟିରୁ ସ୍ପୃହଣୀୟ ନୁହେଁ। ଏକବିଂଶ ଶତାବ୍ଦୀରେ ସବୁ ମଣିଷଙ୍କ ଚାହିଦା ବୃଦ୍ଧି ପାଉଛି। ସେହି ବିପୁଳ ଲୋଭଠାରୁ ଅଳ୍ପ କେତେକ ଦେଶ ଦୂରେଇ ରହନ୍ତୁ ବୋଲି ଆଶା ରଖୁଥିବା ଲୋଭୀମାନେ ସମସ୍ତଙ୍କର କ୍ଷତି କରି ଚାଲିଛନ୍ତି।

## ଚିରନ୍ତନୀ

ତେସନ ଉଦୟ ହୋଇ ବିରାଟ ମାନବ–ପାରାବାରେ
ବୁଦ୍‌ବୁଦ୍ ସମାନ କାହିଁ ଯାଏ ସେ ମିଳାଇ ଅନ୍ଧକାରେ,
ଜୀବନର ସୂକ୍ଷ୍ମତମ ଏକ ଗୋଟି କଣା!
ନୂତନ ସତେଜ ସରଜନା।
ସବୁରି ପଛରେ ଆସି ଚଳିଯାଏ ସକଳର ଆଗେ,
ଅଧର ନ ହେଉଁ ତା'ର ବିରଚିତ ନବ ହାସ୍ୟରାଗେ,
ଆସିଥାଏ କ୍ରନ୍ଦନର ଭାଷା ଘେନି ଖାଲି
ଶେଷ କ୍ରନ୍ଦନରେ ଯାଏ ଚାଲି!

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | | | B | | | | | | | | C | | | |
| | | | | | | | | 3 | 9 | | | | | 1 |
| | 8 | | | 5 | C | 4 | | | 1 | 7 | | 2 | | |
| | 6 | 3 | A | | | B | | | | | 0 | 9 | 8 | |
| | | | | | | | 7 | 0 | | | | | | |
| 4 | A | | | | | | | | D | | 7 | E | 0 | |
| 6 | | 9 | 0 | B | | | | | | 1 | | | A | |
| | | | | 6 | | | | 2 | C | | E | D | | |
| | C | | 5 | | | | | 1 | 4 | | | B | | 6 |
| 5 | | E | 3 | 4 | | | | | | 6 | B | | 1 | |
| | | 5 | | | | | | | | | | A | D | |
| 1 | | | 8 | 0 | | | E | 6 | | 5 | 9 | | | 3 |
| E | | 2 | | | | | 3 | | | B | 1 | | | 5 |
| | 7 | | E | | | 8 | | | A | 3 | | | | 2 |
| | | A | | | | | D | | | 8 | | | 7 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | A | 7 | 5 | 0 | E | 4 | 2 | 6 | B | 8 | 3 | C | 9 | D |
| D | 6 | 0 | C | 7 | 4 | B | A | 8 | 9 | 1 | 5 | 2 | 3 | E |
| 8 | E | B | 9 | D | 1 | 0 | C | 3 | 2 | A | 4 | 6 | 7 | 5 |
| 2 | C | 9 | 3 | A | 8 | 1 | 5 | 7 | 6 | D | E | 4 | 0 | B |
| 5 | 4 | 3 | B | 6 | 2 | 9 | D | E | 0 | 7 | C | 1 | A | 8 |
| B | D | 4 | E | 3 | A | C | 6 | 1 | 7 | 5 | 9 | 0 | 8 | 2 |
| C | 2 | E | 4 | 9 | 7 | 5 | B | D | 8 | 0 | A | 3 | 6 | 1 |
| 7 | 8 | 6 | 1 | B | 5 | E | 4 | 0 | 3 | C | 2 | 9 | D | A |
| 9 | 0 | 5 | D | 8 | C | A | 3 | 2 | 1 | B | 6 | 7 | E | 4 |
| A | 3 | 1 | 0 | 2 | 6 | 7 | 8 | 9 | 4 | E | D | 5 | B | C |
| 0 | 9 | C | A | E | B | 6 | 1 | 5 | D | 4 | 7 | 8 | 2 | 3 |
| 4 | B | 2 | 8 | 5 | D | 3 | 7 | C | A | 9 | 0 | E | 1 | 6 |
| 3 | 7 | 8 | 2 | 4 | 0 | D | E | A | C | 6 | 1 | B | 5 | 9 |
| E | 1 | A | 6 | C | 9 | 2 | 0 | B | 5 | 3 | 8 | D | 4 | 7 |
| 6 | 5 | D | 7 | 1 | 3 | 8 | 9 | 4 | E | 2 | B | A | C | 0 |

ଗତକାଲିର ଉତ୍ତର



ତତ୍ତ୍ୱ ଓ ତର୍କ

# ହୀରାକୁଦ ଏବେ ବଡ଼ ବିପଦ

ବିମଳ ପ୍ରସାଦ ପାଣ୍ଡିଆ

ବନ୍ୟା ହିଁ ପୃଥିବୀରେ ସବୁଠାରୁ ଅଧିକ ବଧ୍ୱଂସୀ ବିପତ୍ତି ଆଣିଛି। ୧୯୩୧ ମସିହାରେ ଚାଇନାରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ୪୦ ଲକ୍ଷ ଲୋକ ମରିଥିବାର କୁହାଯାଇଛି। ପ୍ରଯୁକ୍ତିର ପ୍ରଗତି ସହ ବନ୍ୟାକୁ ବାନ୍ଧିବାର ଚେଷ୍ଟା ହୋଇଛି। କିନ୍ତୁ ଏପରି କିଛି ଚେଷ୍ଟା କେବଳ ବିଫଳ ହୋଇନାହିଁ, ବନ୍ୟାର ଅତିରିକ୍ତ ତାଣ୍ଡବ ଖେଳାଇଛି। ୨୦୦୪ ମସିହାରେ ଭାରତ ମହାସାଗରର ଅନେକ ଦେଶରେ ହୋଇଥିବା ସୁନାମିରେ ପ୍ରାୟ ୨.୨ ଲକ୍ଷ ଲୋକ ମୃତ୍ୟୁବରଣ କରିଥିବା ବେଳେ ତହିଁରୁ ଅଧିକ ଲୋକ ୧୯୭୬ ମସିହାରେ ମରିଥିଲେ ଚାଇନାରେ ଗୋଟିଏ ବେନକ୍ୟୁଓ ଡ୍ୟାମ୍ ଭୁଶୁଡିବା କାରଣରୁ। ବର୍ଷା ଋତୁ ଆସିଲେ ଓଡ଼ିଶାକୁ ବନ୍ୟା ଚିନ୍ତା ଘାରେ। ଓଡ଼ିଶାରେ ଚାଇନା ଭଳି ବିପତ୍ତି ଏଯାଏ ହୋଇନାହିଁ। କିନ୍ତୁ ସେଭଳି ବିପତ୍ତି ହେବାର କ୍ଷେତ୍ର ପ୍ରସ୍ତୁତ ହୋଇରହିଛି। ଗତ ବର୍ଷ ଓ ଚଳିତ ବର୍ଷର ଗୋଟିଏ ଗୋଟିଏ ଦିନର ବର୍ଷାର ଭୀତିପ୍ରଦ ଉଦାହରଣ ତଥା ହୀରାକୁଦ ବନ୍ଧର ଉପର ମୁଣ୍ଡରେ ବନ୍ଧା ଯାଇଥିବା ଅନେକ ନଦୀବନ୍ଧ କାରଣରୁ ଓଡ଼ିଶାର ବନ୍ୟାପ୍ରବଣତା ଖୁବ୍ ଜଟିଳ ହୋଇସାରିଛି।

କ୍ରମାଗତ ଭାବେ ଦୁଇବର୍ଷ ଧରି ଓଡ଼ିଶାରେ ଏମିତି ଗୋଟିଏ ଗୋଟିଏ ଦିନ ଆସିଛି ଯେଉଁ ଦିନ ବର୍ଷା ଅତର୍ଚ୍ଛା ବରଷିଛି। ୨୨।୦୭।୨୦୧୮ରେ ବୁର୍ଲାରେ ଗୋଟିଏ ଦିନରେ ୬୨୨ ମିଲିମିଟର ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ଅଗଷ୍ଟ ୧୪ ତାରିଖରେ ବଲାଙ୍ଗୀରରେ ୫୫୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି। ଓଡ଼ିଶାରେ ବର୍ଷକୁ ହାରାହାରି ୧୪୦୦ ମିଲିମିଟର ବର୍ଷା ହୋଇଥାଏ। ଏଥିରୁ ଅନୁମାନ କରାଯାଇପାରେ ଯେ ଗତବର୍ଷ ବୁର୍ଲା ଓ ଏ ବର୍ଷ ବଲାଙ୍ଗୀରରେ ହୋଇଥିବା ବର୍ଷା କେତେ ଭୟଙ୍କର ଥିଲା। କେବେ କେମିତି ଏମିତି ନିଶ୍ଚୟ ବରଷିବ, କିନ୍ତୁ ଚିନ୍ତାର ବିଷୟ ହେଲା ଯେ ଲାଗଲାଗ ଦୁଇବର୍ଷରେ ବର୍ଷାର ଏମିତି ପ୍ରାବଲ୍ୟ ଦେଖାଦେଇଛି। ଏମିତି ବର୍ଷା ଯଦି ପୁଣି ହୁଏ ଓ ଏକ ବଡ଼ ଅଞ୍ଚଳରେ ହୁଏ, ତେବେ ଅବସ୍ଥା ଅସମ୍ଭାଳ ହୋଇଯିବ। ବଲାଙ୍ଗୀର ଓ କଳାହାଣ୍ଡି ଜିଲାର ଏକ ଛୋଟ ଅଞ୍ଚଳରେ ହୋଇଥିବା ବର୍ଷାରେ କେବଳ ବଲାଙ୍ଗୀର ଭଳି ମାଳ ଅଞ୍ଚଳରେ ଥିବା ଏକ ସହର ଖାଲି ଉବୁଟୁବୁ ହୋଇ ନ ଥିଲା ମହାନଦୀର ପ୍ରମୁଖ ଉପନଦୀ ତେଲନଦୀରେ ପ୍ରାୟ ଗୋଟିଏ ଦିନଧରି ୯ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହୋଇଥିଲା।

ସାଧାରଣ ପାଠକଟିଏ ଜାଣିବାକୁ ଚାହିଁବ ଯେ, ଏତିକି କ୍ୟୁସେକ୍ କହିଲେ ତାହା କେତେ ଓ କାହିଁକି ଭୟାନକ। ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣ ଥିବାବେଳେ ବନ୍ଧରେ ଥିବା ସମସ୍ତ ଗେଟ୍ ଖୋଲିଦେଲେ ସର୍ବାଧିକ ୧୫ ଲକ୍ଷ କ୍ୟୁସେକ୍ ଜଳ ହିଁ ନିଷ୍କାସିତ ହୋଇପାରିବ। ୧୯୮୨ ମସିହାର ପ୍ରଳୟଙ୍କରୀ ବନ୍ୟାରେ କଟକର ଉପର ମୁଣ୍ଡରେ ଥିବା ନରାଜଠାରେ ସର୍ବାଧିକ ୧୫.୮ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହୋଇଥିଲା। ସେଠାରେ ୧୧ ଲକ୍ଷ କ୍ୟୁସେକ୍‌ରୁ ଅଧିକ ଜଳ ପ୍ରବାହିତ ହେଲେ ମହାନଦୀର ତ୍ରିକୋଣଭୂମି ଅଞ୍ଚଳରେ ବନ୍ୟା ପରିସ୍ଥିତି ସଙ୍ଗିନ ହୋଇଯାଏ। ଏଥିରୁ ୧୧ ଲକ୍ଷ କ୍ୟୁସେକ୍ କେତେ ଅଧିକ ବା କମ୍ ତାହାର ଅନୁମାନ କରିହେବ। ଚଳିତବର୍ଷ ତେଲନଦୀରେ ଏତେ ପାଣି ଆସି ମଧ୍ୟ ମହାନଦୀରେ ଅଧିକ ବିପଦ ଘଟିଲା ନାହିଁ କାରଣ ହୀରାକୁଦ ଖାଲିଥିଲା, ତଳମୁଣ୍ଡ ପ୍ରାୟତଃ ଶୁଖିଲା ଥିଲା ଓ ସମୁଦ୍ର ଶାନ୍ତ ଥିଲା। ଅନ୍ୟ ଭାବରେ କହିଲେ ଭାଗ୍ୟ ଭଲ ଥିଲା। ଚଳିତ ବର୍ଷ ଓ ଗତ ବର୍ଷର ସେହି ଗୋଟିଏ ଗୋଟିଏ ଦିନର ବର୍ଷା ଆମକୁ ହୀରାକୁଦ ନଦୀବନ୍ଧ ପ୍ରତି ଥିବା ବିପଦ ତଥା ମହାନଦୀରେ ଭୟଙ୍କର ବନ୍ୟା ଆଶଙ୍କାର ପୁନଃ–ଆକଳନ ପାଇଁ ବାଧ୍ୟ କରେ।

ତେଲନଦୀର ସମସ୍ତ ଅବବାହିକାରେ ବଲାଙ୍ଗୀର ଭଳି ବର୍ଷା ହୋଇ ନ ଥିଲା। କେବଳ ଅଳ୍ପ କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ହୋଇଥିଲା। ସେତିକି ବର୍ଷାରେ ତେଲ ନଦୀରେ ୯ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହୋଇଥିଲା। ସେଥିରୁ ଜଣେ ଅନୁମାନ କରିପାରିବ ଯଦି ଅଧିକ ଅଞ୍ଚଳରେ ସେମିତି ବର୍ଷା ହୋଇଥାନ୍ତା ବା ଆଉ ଟିକେ ଅଧିକ ବର୍ଷା ହୋଇଥାନ୍ତା ଅବସ୍ଥା କ'ଣ ହୋଇଥାନ୍ତା! ଯେତିକି ଅଞ୍ଚଳରେ ବର୍ଷା ହେଲେ ବର୍ଷାଜଳ ତେଲନଦୀରେ ପ୍ରବାହିତ ହୋଇଥାଏ ତାହାର ପାଖାପାଖି ୩.୬ ଗୁଣ ଅଞ୍ଚଳର ବର୍ଷାଜଳ ହୀରାକୁଦ ଦେଇ ମହାନଦୀରେ ପ୍ରବାହିତ ହୋଇଥାଏ। ଅନ୍ୟ ଭାବରେ କହିଲେ ତେଲନଦୀର ସମୁଦାୟ ଅବବାହିକା ଯେତେ ବଡ, ହୀରାକୁଦ ଯାଏ ଥିବା ମହାନଦୀର ଅବବାହିକା ତାହାର ପ୍ରାୟ ଚାରିଗୁଣ ଅଧିକ। ଏବେ ଦେଖିବା ହୀରାକୁଦର କ୍ଷମତା କେତେ। ବିଶାଳ ହୀରାକୁଦ ଜଳଭଣ୍ଡାରରେ ଏବେ କେବଳ ପ୍ରାୟ ୩୬ ଲକ୍ଷ ଏକର ଫୁଟ ପାଣି ହିଁ ରହି ପାରିବ ବୋଲି ଆକଳନ ହୋଇଛି। ଏହା କେତେ ଅଧିକ ବା କମ୍ ବୋଲି କିଛି ପାଠକଙ୍କ ମନରେ ଜିଜ୍ଞାସା ଜାତ ହେଉଥିବ। ଧରନ୍ତୁ ହୀରାକୁଦ ସମ୍ପୂର୍ଣ୍ଣ ଖାଲି ଅଛି ଓ ଏହାର ସବୁ ଗେଟ୍ ବନ୍ଦ ଅଛି। ଏମିତି ସ୍ଥିତିରେ ତେଲନଦୀରେ ଏଥର ଯେତିକି ଜଳ ପ୍ରବାହିତ ହେଉଥିଲା ସେତିକି ଜଳ ଏକ ସମ୍ପୂର୍ଣ୍ଣ ଖାଲି ହୀରାକୁଦକୁ ପ୍ରବେଶ କରିବା ଆରମ୍ଭ କଲେ ହୀରାକୁଦ ଜଳଭଣ୍ଡାରକୁ ତାହାର ସର୍ବୋଚ୍ଚ ଜଳସ୍ତରକୁ ପହଞ୍ଚି ଯିବାକୁ ମାତ୍ର ୪୮ଘଣ୍ଟା ହିଁ ଲାଗିବ। ହୀରାକୁଦ ଜଳଭଣ୍ଡାର କୌଣସି ସମୟରେ ପୂରା ଖାଲି ନ ଥାଏ। ଅଧା ମୌସୁମୀ ଋତୁ ବେଳକୁ ତ ଅନେକ ସମୟରେ ଜଳଭଣ୍ଡାର ଖୁବ୍ ଉଚ୍ଚ ସ୍ତରରେ ଥାଏ। ଏହା ଜଳଭଣ୍ଡାରର ବନ୍ୟା ସମ୍ଭାଳିବା କ୍ଷମତା ବାହାରେ।

ଇଞ୍ଜିନିୟର ଏ.ଏନ୍. ଖୋସ୍‌ଲା ପ୍ରସ୍ତୁତ କରିଥିବା ହୀରାକୁଦର ମୂଳ ଯୋଜନାରେ ଆକଳନ କରାଯାଇଥିଲା ଯେ ହୀରାକୁଦଠାରେ ସର୍ବାଧିକ ୯.୪୨ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେବ। ଏହାଠାରୁ ଯଥେଷ୍ଟ ଅଧିକ ବନ୍ୟାଜଳ ଅନେକଥର ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରିବାର ଭୀତିପ୍ରଦ ନଜିର ରହିଛି। ୨୦୧୫ ଜୁଲାଇରେ ହୀରାକୁଦକୁ ୧୧ଲକ୍ଷ କ୍ୟୁସେକ୍ ପାଣି ପ୍ରବେଶ କରୁଥିଲା। ସେତେବେଳେ ଛତିଶଗଡ଼ରେ ଥିବା ମିନିମାତାବାଙ୍ଗୋରୁ ହଠାତ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସନକୁ ଅନେକ ମାତ୍ରାରେ ଦାୟୀ କରାଯାଇଥିଲା। ଛତିଶଗଡ଼ରେ ଏବେ ଛୋଟବଡ଼ ଜଳଭଣ୍ଡାର ଭରିଗଲାଣି, ଆହୁରି ବି ହେବ। ସେସବୁ ଜଳଭଣ୍ଡାରର ପ୍ରମୁଖ ଲକ୍ଷ୍ୟ ହେଲା ଯେତେ ଶୀଘ୍ର ପୂର୍ଣ୍ଣ ହେବ, ବନ୍ୟା ପ୍ରଶମନ ଲକ୍ଷ୍ୟ ନୁହେଁ। ଜଳଭଣ୍ଡାର ସବୁ ପୂର୍ଣ୍ଣ ଥିବା ଅବସ୍ଥାରେ ଅଧିକ ବର୍ଷା ହେଲେ ସେସବୁ ବନ୍ଧକୁ ସୁରକ୍ଷିତ ରଖିବା ପାଇଁ ସେଠାରୁ ଅଧିକ ଜଳ ନିଷ୍କାସିତ ହେବ ଯାହା ହୀରାକୁଦ ସମେତ ତଳମୁଣ୍ଡରେ ଥିବା ବନ୍ଧଗୁଡ଼ିକ ପାଇଁ ଅତିରିକ୍ତ ବିପଦ ସୃଷ୍ଟି କରିବ।

ହୀରାକୁଦର ସର୍ବୋଚ୍ଚ ଜଳ ନିଷ୍କାସନ କ୍ଷମତା ହେଲା ମାତ୍ର ୧୫ଲକ୍ଷ କ୍ୟୁସେକ୍। ବର୍ଷାର ପରିବର୍ତ୍ତିତ ରୂପ ଓ ହୀରାକୁଦ ଉପରମୁଣ୍ଡରେ ନଦୀ ଓ ଅବବାହିକାର ପରିବର୍ତ୍ତିତ ଚରିତ୍ରକୁ ହିସାବକୁ ନେଇ ହୀରାକୁଦଠାରେ ସର୍ବାଧିକ ବନ୍ୟାଜଳ ପ୍ରବାହ ୨୪.୫୯ ଲକ୍ଷ କ୍ୟୁସେକ୍ ହେବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ ଅନୁମାନ କରିଛନ୍ତି। ଏହା ହୀରାକୁଦ ମୂଳ ଯୋଜନାର ଆକଳନଠାରୁ ୨.୬ଗୁଣ ଅଧିକ। ଦୈବାତ୍ ଏମିତି ପାଣି ଆସିଗଲେ ହୀରାକୁଦ ଓଡ଼ିଶାକୁ ଧ୍ୱଂସ କରିଦେବ, କାରଣ ଏତିକି ବନ୍ୟାଜଳ ନିଷ୍କାସନ କରିବା କ୍ଷମତା ତା'ର ନାହିଁ। ୨.୩ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ହୋଇଥିବା ବେନକ୍ୟୁଓ ଡ୍ୟାମ୍‌କୁ ମାତ୍ର ୭୪୬ ବର୍ଗକିଲୋମିଟର ଅଞ୍ଚଳରୁ ଜଳ ଆସୁଥିଲା। ସେତିକି ଅଞ୍ଚଳର ବର୍ଷା ସେହି ଡ୍ୟାମ୍‌କୁ ଉଜାଡି ଦେଇଥିଲା। ହୀରାକୁଦକୁ ତା'ର ୧୦୮ଗୁଣ ଅଧିକ ଅଞ୍ଚଳରୁ ପାଣି ଆସେ। ତେଣୁ ହୀରାକୁଦ ଯେ ଏବେ ଏକ ବଡ଼ ବିପଦ, ତାହା ଆମେ ହେଜିବା ଦରକାର।



# ଏଣିକି ରକେଟ୍ ଗତିରେ...

ତୁଷାରକାନ୍ତ

କୌଣସି ବ୍ୟକ୍ତି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ନ୍ୟାୟାଧୀଶ, ମୁଖ୍ୟ ଶାସନ ସଚିବ ବା ପୋଲିସ ମୁଖ୍ୟ ଇତ୍ୟାଦି ପଦବୀରେ ଅଧିଷ୍ଠିତ ହେବା ଦିନ ପ୍ରଥମେ କହିଥାନ୍ତି, 'ଏଥର ରାମରାଜ୍ୟ', ଯଦିଓ ସେମାନେ ନିଜର ପୂର୍ବ ପଦବୀରେ ଅନ୍ତତଃ ସେହି ପଦବୀ ଅଧୀନ କ୍ଷେତ୍ରରେ ରାମରାଜ୍ୟ ପ୍ରତିଷ୍ଠା କରିପାରି ନ ଥାନ୍ତି। ସେହି ଧାରାରେ ଆମର ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ସେହି ପଦବୀର ଦାୟିତ୍ୱ ନେବା ଦିନ କହିଛନ୍ତି, 'ଏଣିକି ରକେଟ୍ ଗତିରେ ଫାଇଲ କାମ ଚାଲିବ'। ପୂର୍ବରୁ ଏହିପରି ଅନେକ ବକ୍ତବ୍ୟର ଫଳ କ'ଣ ହୋଇଛି, ତାହା ଉପରେ ପର୍ଯ୍ୟବସିତ ଆଜିର ଲେଖାଟି।

୨୦୧୨ ମସିହାରେ ବିହାରର ମୁଖ୍ୟମନ୍ତ୍ରୀ ଥିଲେ ଏବର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ବିଭିନ୍ନ ସରକାରୀ ସେବା ପାଇବାରେ ସାଧାରଣ ଜନତା ଅସୁବିଧା ଭୋଗୁଥିବାରୁ, ସେ 'ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସରକାରୀ ସେବା ଉପଲବ୍ଧ ଅଧିକାର' ଶୀର୍ଷକ ବିଲ୍‌ଟିଏ ପାରିତ କରେଇଥିଲେ। ସେ ବାବଦରେ ଗୋଟିଏ ଇଂଲିଶ ଭାଷାର ଖବରକାଗଜରେ ଖବରଟିଏ ପ୍ରକାଶିତ ହୁଅନ୍ତେ, ସେହି ଲେଖାଟିକୁ କାଟି ଓ ତା' ଉପରେ 'If Nitishji could do, why not Naveenji' ଲେଖି ତାକୁ ଆମ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ଦେଇଥିଲି। ତା' ପରେ ବିଭିନ୍ନ ସଂଗଠନ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହି ପ୍ରଚେଷ୍ଟା ଫଳରେ ହେଉ ବା କାକତାଳୀୟ ନ୍ୟାୟରେ, Odisha Right to Public Service Delivery Act ତା୬।୧୨।୨୦୧୨ରୁ କାର୍ଯ୍ୟକାରୀ ହେଉଛି, ଯାହାଫଳରେ ୩୦୦ରୁ ଅଧିକ ସରକାରୀ ସେବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି।

ଏହି ତାଲିକାରେ କିଣାଯାଉଥିବା ଜମିର ମ୍ୟୁଟେଶନ ବା ପଟ୍ଟା ତିଆରି ପାଇଁ ସମୟସୀମା ରଖାଯାଇଛି ୯୦ ଦିନ। କଟକସ୍ଥିତ ରେଜିଷ୍ଟ୍ରେଶନ କାର୍ଯ୍ୟାଳୟର ଇନ୍‌ସପେକ୍ଟର ଜେନେରାଲଙ୍କ ତା୨୩।୦୨।୨୦୧୩ର ଚିଠି ଅନୁଯାୟୀ, ଜମି କିଣାହେବାର ୯୦ ଦିନ ଭିତରେ ମନକୁ ମନ ପଟ୍ଟା ତିଆରି ହୋଇ ଜମି କ୍ରେତାଙ୍କୁ ମିଳିବ। ତହସିଲ୍ କର୍ମଚାରୀ ଇଣ୍ଟରନେଟ୍‌ରୁ ତଥ୍ୟ ଡାଉନ୍‌ଲୋଡ କରି ପଟ୍ଟା ତିଆରି କରି ଜମିକ୍ରେତାଙ୍କୁ ଦେବେ।

ଆମ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କିପରି କାର୍ଯ୍ୟକାରୀ ହେଉଛି, ତାହାର ସରଜମିନ୍ ତଦନ୍ତ ପାଇଁ ନିଜ କ୍ୱାଇଁ କିଣିଥିବା ଖଣ୍ଡେ ଜମିର ପଟ୍ଟା ୯୦ ଦିନ ଭିତରେ ହୋଇଛି କି ନାହିଁ ତାହା ଜାଣିବାକୁ ସମ୍ପୃକ୍ତ ତହସିଲ୍ ଅଫିସ୍‌କୁ ତା୨୧।୦୬।୨୦୧୩ରେ ଯାଇଥିଲି। ସେଠାରେ ଥିବା ପେସ୍କାରବାବୁଙ୍କୁ କବଲାର ନକଲ ଦେଖାଇ 'ଆଜ୍ଞା ଏ ପଟ୍ଟା ହୋଇଯାଇଛି କି' ବୋଲି ପଚାରନ୍ତେ ସେ ଚିଡ଼ିଉଠି କହିଥିଲେ, ''କେବେ ଦରଖାସ୍ତ ଦେଇଥିଲେ ?'' ମୁଁ ତାଙ୍କୁ ଆଜ୍ଞା, ରାଜସ୍ୱ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ, କ୍ରେତାଙ୍କୁ ଆଉ ଦରଖାସ୍ତ ଦେବାକୁ ପଡ଼ିବ ନାହିଁ କହି ସେହି ନିର୍ଦ୍ଦେଶଟି ତାଙ୍କୁ ଦେଖାନ୍ତେ ସେ କହିଥିଲେ, ''ରାଜସ୍ୱ ସଚିବ କ'ଣ ବ୍ରହ୍ମା ଯେ ସେ ଯାହା କହିବେ, ତାହା ହେବ। ଏଠି ଆମ ସୁବିଧା ଅନୁସାରେ କାମ ହୁଏ। ଦରଖାସ୍ତ କରନ୍ତୁ, ଦେଖିବା।''

ସେଠାରୁ ଫେରିଆସିବା ବେଳେ ଜଣେ ମହିଳା ମୋତେ ସାନ୍ତ୍ୱନା ଦେଇ କହିଥିଲେ ''ଏ ରାଜ୍ୟରେ ନିୟମକାନୁନ୍ ଚାଲେ ନାହିଁ। ମୋତେ ୩ ହଜାର ଟଙ୍କା ଓ କାଗଜପତ୍ର ଦିଅନ୍ତୁ, କାମ ହୋଇଯିବ।'' ପେସ୍କାରଙ୍କ କଥାକୁ ଚିଠି ଆକାରରେ ଲେଖି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ତଥା ରାଜସ୍ୱ ସଚିବଙ୍କ ପାଖକୁ ପଠେଇଥିଲି। ତା' ସହ ରାଜସ୍ୱ ସଚିବଙ୍କ ସହ ଏ ବାବଦରେ ଆଲୋଚନା ପାଇଁ ସମୟ ମାଗିଥିଲି। କିନ୍ତୁ ଯେଉଁଠି ଚିଠିର ଉତ୍ତର ମିଳେ ନାହିଁ, ସେଠି ବ୍ୟକ୍ତିଗତ ସାକ୍ଷାତର ସୁଯୋଗ କେମିତି ବା ମିଳନ୍ତା!

ଏ ବାବଦରେ ବିଭିନ୍ନ ଖବରକାଗଜର 'ସମ୍ପାଦକଙ୍କୁ ପତ୍ର' ସ୍ତମ୍ଭ, ଟିଭି ଚ୍ୟାନେଲ୍ ଦ୍ୱାରା 'ଷ୍ଟିଙ୍ଗ୍ ଅପରେଶନ ଓ ଆଲୋଚନା କାର୍ଯ୍ୟକ୍ରମ'ର ବ୍ୟବସ୍ଥା କରାଇବା ସତ୍ତ୍ୱେ, ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସରକାରୀ ସେବା ପ୍ରଦାନ ନିୟମ ବି ଆପାତତଃ ଅକାମୀ ହୋଇଗଲାଣି। ଏହାର କାରଣ ଏଇଆ ହୋଇପାରେ ଯେ, ନିୟମ ଅନୁସାରେ ନିର୍ଦ୍ଧାରିତ ସମୟରେ କାମ ହେଲେ ଲୋକଙ୍କୁ ହଇରାଣ କରିବାଜନିତ ମଜା ମିଳିବ ନାହିଁ କି ହାତ ଚିକ୍କଣ ହେବ ନାହିଁ।

ଏକଦା ଚିତ୍ତରଞ୍ଜନ ଦାସ ତାଙ୍କର 'ସ୍ୱାଧୀନ ଭାରତର ତିନି ଦଶକ–ସାମାଜିକ ପରିବର୍ତ୍ତନ' ଶୀର୍ଷକ ଲେଖାରେ ଲେଖିଥିଲେ, ''ସରକାର ଦ୍ୱାରା ସାଧାରଣତଃ କୌଣସି ସାମାଜିକ ପରିବର୍ତ୍ତନ ଆସେ ନାହିଁ। ସରକାର ପ୍ରତିଷ୍ଠିତ ଗାଡ଼ଗୁଡ଼ିକୁ ସବୁଦିନ ଲାଗି ସେହିପରି ଗାଡ଼ କରି ରଖିବାକୁ ଇଚ୍ଛା କରୁଥାଏ। କାରଣ ସାମାଜିକ ପରିବର୍ତ୍ତନ ଦ୍ୱାରା ଯେଉଁ ନୂତନ ଭୂମିଟି ତିଆରି ହେବ, ସେଥିରେ ତା' ଲାଗି ହୁଏତ କୌଣସି ସ୍ଥାନ ରହିବ ନାହିଁ, ସବୁ ସରକାର ସାଧାରଣତଃ ଏହିପରି ଭୟ କରୁଥାନ୍ତି। ଅସଲ ସାମାଜିକ ପରିବର୍ତ୍ତନ ସରକାର ବାହାରେ ହୁଏ। ସାମନ୍ତମାନଙ୍କ ଦ୍ୱାରା ନୁହେଁ, ସୈନିକମାନଙ୍କ ଦ୍ୱାରା ହିଁ ହୁଏ। ଭୃତ୍ୟମାନେ ଆଦୌ କୌଣସି ପରିବର୍ତ୍ତନକାରୀ ପୁରୁଷାର୍ଥର ଭାଜନ ହୋଇପାରନ୍ତି ନାହିଁ; କ୍ଷମତାର ଭୃତ୍ୟମାନେ ଅନ୍ୟତ୍ର ଯେତେ ଗରାଖ ହୋଇଥାନ୍ତୁ ପଛକେ, ଏଣେ ପାଦ ପକାଇବାକୁ ସବୁବେଳେ ଡରିଥାନ୍ତି। ତେଣୁ କଂସକୁ ଟଳାଇବାକୁ ସର୍ବଦା କୃଷ୍ଣ ଦରକାର ହୁଏ। ଶବଗୁଡ଼ାକ ଚଳନକ୍ଷମ କରିବାକୁ ଶକ୍ତି ଦରକାର ହୁଏ, ଭୋଗବାଦୀ ସନ୍ତୁଷ୍ଟମାନଙ୍କର ସମ୍ମୁଖୀନ ହେବାକୁ ମଣିଷ ଲୋଡ଼ା ହୁଅନ୍ତି।''

ଚିତ୍ତଭାଇଙ୍କ ଆହ୍ୱାନ 'ଭୋଗବାଦୀ ସନ୍ତୁଷ୍ଟମାନଙ୍କ ସମ୍ମୁଖୀନ ହେବାକୁ ମଣିଷ ଲୋଡ଼ା ହୁଅନ୍ତି'ର ୪ ଦଶକ ପରେ ବି ମଣିଷମାନେ କାଳେ ଠିକ୍ ଶିକ୍ଷାଦୀକ୍ଷା ଯୋଗେ ସଜାଗ ହୋଇ ପ୍ରଶ୍ନ ପଚାରିବେ, ତେଣୁ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦିଆଯାଇ ଅମଣିଷମାନଙ୍କୁ ସୃଷ୍ଟି କରାଯାଉଛି, ଯେଉଁମାନେ ୩୦୦ରୁ ୫୦୦ ଟଙ୍କା ଖାଦ୍ୟ ଓ ପାନୀୟ ବଦଳରେ ରଡ଼ି ପକାଉଛନ୍ତି 'ଜିତିବରେ ଜିତିବ, ଅମୁକ ଭାଇ ଜିତିବ'। ଏ ପ୍ରକାର ବାସ୍ତବତାରେ ବ୍ୟସ୍ତ ହୋଇ ଯେଉଁଠି ଜଣେ ସାଂସଦ 'ଆଉ ଠିଆ ହେବି ନାହିଁ' ବୋଲି ଘୋଷଣା କରି ବସି ପଡୁଛନ୍ତି, ସେଠି ମୋ ଭଳି ଅଗାଡ଼ିକୁ ଚିଠିର ଉତ୍ତର ଓ ସାକ୍ଷାତର ସୁଯୋଗ ନ ମିଳିବା ସେମିତି କିଛି ବଡ଼କଥା ନୁହେଁ। ଲୋକେ ଯେତେବେଳେ ହାତ ମଳି, ଦାନ୍ତ ନିକୁଟି ଓ ପାଉଣା ଦେଇ କାମ କରିବାର କଳାଟିକୁ ସମ୍ପୂର୍ଣ୍ଣରୂପେ ନିଜର କରି ନେଇଛନ୍ତି ଓ ସେଥିରୁ ବାହାରିବାକୁ ପ୍ରସ୍ତୁତ ନୁହନ୍ତି, ସେଠି ନବନିଯୁକ୍ତ ମୁଖ୍ୟ ଶାସନ ସଚିବଙ୍କ ରକେଟ୍ ଗତିରେ କାମ ହେବା କଥା ପଛକୁ ଥାଉ, ଅନ୍ତତଃ ସରକାରଙ୍କ ନିର୍ଦ୍ଧାରିତ ସମୟ ସୀମା ଭିତରେ କାମ ହେଉ, ଏତିକି ଆଶା କରିବା ବୋଧହୁଏ ଧୃଷ୍ଟତା ହେବନାହିଁ।

tusar1950kanta@gmail.com

## ଏଇ ଭାରତରେ

ଆସାମର ଗୋଟିଏ ଗାଁରେ ମୁସଲମାନ ସମ୍ପ୍ରଦାୟର ଲୋକେ ଜଣେ ହିନ୍ଦୁ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରି ଉଦାହରଣ ସୃଷ୍ଟି କରିଛନ୍ତି। ଏହି ରାଜ୍ୟର କାମରୂପ ଜିଲାର ମୁସଲମାନ ଅଧ୍ୟୁଷିତ ଖାନ୍ଦିକର ଗାଁରେ ୬୫ବର୍ଷ ବୟସ୍କ ରାଜକୁମାର ଗୌର ୨୫ ବର୍ଷରୁ ଊର୍ଦ୍ଧ୍ୱ କାଳ ହେଲା ରହିଆସୁଥିଲେ। ସଦ୍ଦାମ ହୁସେନ ନାମକ ଜଣେ ବ୍ୟକ୍ତି ନିଜ ବାଡ଼ିରେ ରାଜକୁମାରଙ୍କ ପାଇଁ ଘର ତୋଳାଇ ଦେଇଥିଲେ। ଶନିବାର ରାଜକୁମାର ମୃତ୍ୟୁବରଣ କରିବା ପରେ ହୁସେନ ଓ ତାଙ୍କ ସାଙ୍ଗସାଥୀ ଟଙ୍କା ଚାନ୍ଦା କରିବା ସହିତ ହିନ୍ଦୁ ରୀତିନୀତି ଅନୁଯାୟୀ ତାଙ୍କର ସଂସ୍କାର କରିବାକୁ ଆବଶ୍ୟକ ସାମଗ୍ରୀ କିଣିଥିଲେ ଏବଂ ପୁରୋହିତଙ୍କୁ ଡାକିଥିଲେ। ମୁସଲମାନ ଭାଇମାନେ ରାଜକୁମାରଙ୍କ ମୃତଦେହକୁ ସଂସ୍କାରସ୍ଥଳକୁ ନେଇଥିଲେ। ପୁରୋହିତଙ୍କ ବୈଦିକ ମନ୍ତ୍ରୋଚ୍ଚାରଣ ସହିତ ରାଜକୁମାରଙ୍କ ଶବାଧାରରେ ଅଗ୍ନି ସଂଯୋଗ କରାଯାଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା। ହୁସେନଙ୍କ କହିବା ଅନୁଯାୟୀ, ଉତ୍ତରପ୍ରଦେଶର ବାସିନ୍ଦା ତଥା ରାଜକୁମାରଙ୍କ ପିତା ଆସାମରେ ରେଲୱେ ବିଭାଗରେ ଚାକିରି କରୁଥିଲେ। ପିତାଙ୍କ ମୃତ୍ୟୁ ପରେ ରାଜକୁମାରଙ୍କୁ ରେଲୱେ କ୍ୱାର୍ଟର ଛାଡ଼ିବାକୁ ପଡିଥିଲା। ସେ ବାସହୀନ ହୋଇପଡ଼ିବାରୁ ତାଙ୍କ ପାଇଁ ନିଜ ବାଡିରେ ସେ ବାସଘର ଖଣ୍ଡିଏ ତୋଳାଇ ଦେଇଥିଲେ। ସେହିଦିନଠାରୁ ସେ ପରିବାର ସହ ସେଠାରେ ରହିଆସୁଛନ୍ତି। ରାଜକୁମାର ହିନ୍ଦୁ ହୋଇଥିଲେ ହେଁ ମୁସଲମାନଙ୍କ ଧର୍ମୀୟ ଓ ସାମାଜିକ ଉତ୍ସବରେ ଅଂଶଗ୍ରହଣ ନିୟମିତ କରୁଥିଲେ। ରାଜକୁମାରଙ୍କ ଭଳି ଜଣେ ବେସାହାରା ହିନ୍ଦୁ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରି ମୁସଲମାନ ଭାଇମାନେ ଯେଉଁ ନିଆରା ଭାଇଚାରାର ଉଦାହରଣ ସୃଷ୍ଟି କରିଛନ୍ତି ତାହା ସମାଜରେ କେତେକ ବିରଳ ଘଟଣା ମଧ୍ୟରୁ ଅନ୍ୟତମ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅଗଷ୍ଟ ୧୯୯୪

- ବିଧାନସଭା ନିର୍ବାଚନ ହେବାକୁ ଥିବା ୬ଟି ରାଜ୍ୟରେ ନିର୍ଦ୍ଧାରିତ ସମୟରେ ଭୋଟରମାନଙ୍କୁ ଫଟୋପରିଚୟପତ୍ର ଦିଆ ନ ଗଲେ ସଂପୃକ୍ତ ରାଜ୍ୟର ରାଜ୍ୟପାଳଙ୍କୁ ନିର୍ବାଚନ କରାଇବା ପାଇଁ ପତ୍ର ନ ଲେଖି ସାମ୍ବିଧାନିକ ଅଚଳାବସ୍ଥା ସୃଷ୍ଟି କରିବେ ବୋଲି ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ଧମକ।
- ରାଜ୍ୟ ପୂର୍ତ୍ତ, ନଗର ଉନ୍ନୟନ ବିଭାଗ ରାଷ୍ଟ୍ରମନ୍ତ୍ରୀ କିରଣ ଚନ୍ଦ୍ର ସିଂହଦେଓଙ୍କ ଇସ୍ତଫା।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାରେ ଆନ୍ଧ୍ର ମାଛର ଚାହିଦା

ମହାଶୟ,

ଓଡ଼ିଶାରେ ମାଛର ଚାହିଦା ପୂରଣ ପାଇଁ ଆନ୍ଧ୍ରରୁ ବର୍ଷସାରା ମାଛ ଆମଦାନି କରିବାକୁ ପଡୁଛି ବୋଲି ଖବର ପ୍ରକାଶ ପାଇଛି। ମତ୍ସ୍ୟ ଓ ପଶୁସମ୍ପଦ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଅନୁଯାୟୀ, ୨୦୧୮–୧୯ରେ ରାଜ୍ୟରେ ୭,୫୮,୯୬୨ ମେଟ୍ରିକ୍ ଟନ୍ ମାଛ ଉତ୍ପାଦନ ହୋଇଥିଲେ ହେଁ ସେହିବର୍ଷ ୪୯,୬୦୭ ମେଟ୍ରିକ୍ ଟନ୍ ମାଛ ଆନ୍ଧ୍ରରୁ ଆମଦାନି ହୋଇଛି। ଏଥିରୁ ଅନୁମେୟ, ଓଡ଼ିଶାରେ ଆଶାନୁରୂପ ମଧୁରଜଳ ମାଛ ଚାଷ ହେଉନାହିଁ। ସରକାରୀ ପ୍ରୋତ୍ସାହନର ଅଭାବ ହେଉ କି ଆବଶ୍ୟକ ଭିତ୍ତିଭୂମି ଅଭାବରୁ ମତ୍ସ୍ୟଚାଷୀମାନେ ମାଛଚାଷ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। କିନ୍ତୁ ଆନ୍ଧ୍ରରୁ ବେପାରୀମାନେ ଆସି ଗୋପ, ନିମାପଡ଼ା, କାକଟପୁର ଅଞ୍ଚଳରେ ଜମି ପଟ୍ଟା ନେଇ ପୋଖରୀ ଖୋଳି ବିଗତ କିଛିବର୍ଷ ହେଲା ମାଛଚାଷ କରି ପୁରୀ, ଭୁବନେଶ୍ୱର ଓ କଟକ ଆଦି ଅଞ୍ଚଳକୁ ଯୋଗାଉଛନ୍ତି। ଆନ୍ଧ୍ର ମାଛ ତୁଳନାରେ ଏହାର କିଲୋ ପ୍ରତି ଦର ପଚାଶରୁ ଷାଠିଏ ଟଙ୍କା ଅଧିକ। କିନ୍ତୁ ହୋଟେଲ, ହଷ୍ଟେଲ, ମେସ୍ ଆଦି ଆନ୍ଧ୍ରର ଶସ୍ତା ମାଛ ନେଉଛନ୍ତି। ତେବେ ଆନ୍ଧ୍ରରେ କୁକୁଡ଼ା ଭାଡ଼ି ତଳେ ମାଛ ଚାଷ ହେଉଥିବା, କୁକୁଡ଼ାଙ୍କ ମଳ ମାଛଙ୍କ ଖାଦ୍ୟ ହେଉଥିବା ଏବଂ ନ ପଚିବା ପାଇଁ ସେଥିରେ ବିଷାକ୍ତ ରାସାୟନିକ ପ୍ରୟୋଗ ହେଉଥିବା ନେଇ ଅଭିଯୋଗ ରହିଆସିଛି। ଏହା ସ୍ୱାସ୍ଥ୍ୟ ପାଇଁ କେତେ ହିତକର, ତାହା ସରକାର ପରୀକ୍ଷା କରିବା ଉଚିତ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଅସୁରକ୍ଷିତ ନନ୍ଦନକାନନ

ଓଡ଼ିଶାର ନନ୍ଦନକାନନ ଏକ ବିଶିଷ୍ଟ ପ୍ରାଣୀଉଦ୍ୟାନ ଭାବେ ପ୍ରତିଷ୍ଠା ଲାଭ କରିଛି। ବହୁ ଜାତୀୟ ପଶୁପକ୍ଷୀଙ୍କୁ ଅଣାଯାଇ ଏଠାରେ ରଖିବା ଫଳରେ ଦର୍ଶକମାନେ ଆକୃଷ୍ଟ ହେଉଛନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ, କିଛିଦିନ ବ୍ୟବଧାନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା କିଛି ବିଶିଷ୍ଟ ଜାତୀୟ ଜୀବଙ୍କର ମୃତ୍ୟୁ ଘଟିବାରେ ଲାଗିଛି। କାରଣ ଯାହାହେଉନା କାହିଁକି, ନନ୍ଦନକାନନ ଆଜି ଶ୍ରୀହୀନ ହେବାକୁ ବସିଛି। ପୂର୍ବରୁ ଜେବ୍ରା, ସିଂହ ଓ ନୀଳଗାଈର ମୃତ୍ୟୁ ଘଟିଥିଲା। ନିକଟରେ ଏକ ପ୍ରଜାତିର ଅଣ୍ଡିରା ବିଲୁଆ ଓ ମାଈ ବିଲୁଆର ମୃତ୍ୟୁ ଘଟିଛି। ଏଥିସହ ଏକ ସୁନ୍ଦର କଳାହଂସର ମଧ୍ୟ ମୃତ୍ୟୁ ହୋଇଛି। କ୍ରମାଗତ ଭାବେ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିବା ଫଳରେ ଦର୍ଶକମାନଙ୍କ ମନରେ ଅଶାନ୍ତି ସୃଷ୍ଟି ହେଉଛି। ଏଣୁ ନନ୍ଦନକାନନ ପ୍ରାଣୀମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଥିବା ମନେହେଉଛି।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- 'ହାସ୍ୟବିଦୁ୍ୟଷୀ'
ପଙ୍କଜିନୀ ଦାଶଙ୍କ ସ୍ମୃତିତର୍ପଣ
ସ୍ଥାନ: କଲ୍ୟାଣ ମଣ୍ଡପ, ଗୁଡ଼ିଆନାଳୀ
ସମୟ: ଅପରାହ୍ନ ସାଢ଼େ ୫ଟା।

## ସଂକ୍ଷେପରେ

### ୫ ଫୁଟିଆ ନାଗ ଉଦ୍ଧାର



**ପରଜଙ୍ଗ, ୨୭।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ପଞ୍ଚାୟତ ସାଦନପଦା ସାହିର ମମତା ଦଳବେହେରାଙ୍କ ରୋଷେଇ ଘରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ୫ ଫୁଟିଆ ନାଗସାପ ଉଦ୍ଧାର କରାଯାଇଛି। ନିର୍ମାଣାଧୀନ ଘରେ କାର୍ଯ୍ୟରତ ଶ୍ରମିକମାନେ ସାପଟିକୁ ପ୍ରଥମେ ଦେଖିଥିଲେ। ଏହାପରେ ସ୍ନେକ୍ ହେଲ୍ପ ଲାଇନ୍‌କୁ ସୂଚନା ଦିଆଯାଇଥିଲା। ସଦସ୍ୟ ମନୋଜ ନାୟକ ଏବଂ ତାଙ୍କ ସହକର୍ମୀ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ବନ ବିଭାଗକୁ ଅବଗତ କରାଯିବା ପରେ ନାଗକୁ ନିକଟ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଛି।

### ପୋଡ଼ିହୋଇ ଗୁରୁତର ଛାତ୍ରୀ ମୃତ

**ଢେଙ୍କାନାଳ ଅଫିସ, ୨୭।୮:** ହିନ୍ଦୋଳ ବ୍ଲକ ଖଲିବୋରେଇ ପଞ୍ଚାୟତ ବିମ୍ଭୋରୀ ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ରୀ ମାଧୁରୀ ଦେହୁରୀ (୯) ଗତ ଜୁଲାଇ ୨୭ରେ ଡିବିରି ନିଆଁରେ ପୋଡ଼ିଯାଇ ଗୁରୁତର ହୋଇଥିଲେ। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ଦୀର୍ଘ ମାସେ ଧରି ତାଙ୍କର ଚିକିତ୍ସା ଚାଲିଥିବାବେଳେ ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ବୃଥା ଯାଇଛି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ମାଧୁରୀ ହେଉଛନ୍ତି ମାଧବ ଦେହୁରୀଙ୍କ ଝିଅ।

### ଶିକ୍ଷାନୁଷ୍ଠାନରେ ଚାରାରୋପଣ

**ଢେଙ୍କାନାଳ ଅଫିସ, ୨୭।୮:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶମଣିଙ୍କ ଦ୍ୱାଦଶ ପୁଣ୍ୟତିଥିକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ହରିପୁର ଶାଖା ଅନୁଷ୍ଠାନ ପକ୍ଷରୁ ବେଶାଳିଆ, ବିଦ୍ୟାବନ୍ଧ, କୋରେଇଗାଡ଼ିଆ, ହରିପୁର ଏବଂ ଗୁଣ୍ଡିଚାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କରାଯାଇଛି। ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ, କବି ବାହାଦୁର ପାଟସାହାଣି, ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ, ବ୍ରହ୍ମାକୁମାରୀ ରୀତା ପ୍ରମୁଖ ଯୋଗଦେଇଥିଲେ। ବ୍ରହ୍ମାକୁମର ବସନ୍ତ, ସଦାନନ୍ଦ, ଚକ୍ରଧରଙ୍କ ସମେତ ସମ୍ପୃକ୍ତ ସ୍କୁଲର କର୍ମଚାରୀମାନେ ସହଯୋଗ କରିଥିଲେ।

---

- ଛାତ୍ରୀନିବାସରେ ପାଣି, ବିଦୁ୍ୟତ୍ ସେବା ଠପ୍

# ଧାରଣାକୁ ଓହ୍ଲାଇଲେ ଅନ୍ତେବାସୀ

**ଢେଙ୍କାନାଳ ଅଫିସ, ୨୭।୮**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାସନା ଛାତ୍ରୀ ନିବାସରେ ରହୁଥିବା ଅନ୍ତେବାସୀ ପାଣି, ବିଦୁ୍ୟତ୍ ସମସ୍ୟାରେ ଧନ୍ଦି ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ସମାଧାନ ଦିଗରେ କଲେଜ କର୍ତ୍ତୃପକ୍ଷ ଆନ୍ତରିକତା ଦେଖାଉନାହାନ୍ତି। ମଙ୍ଗଳବାର ସମସ୍ୟା ସୀମା ଟପିବା ପରେ ଆନ୍ଦୋଳନକୁ ଓହ୍ଲାଇ ତୀବ୍ର ପ୍ରତିବାଦ କରିଛନ୍ତି ଛାତ୍ରୀ। ଏହାକୁ ନେଇ କଲେଜ ପରିସରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ନାମଲେଖା ସମୟରେ ହଷ୍ଟେଲ ଫି' ବାବଦକୁ ଜଣକ ପିଛା ୯୫୦୦ ଟଙ୍କା ଦାଖଲ କରାଯାଇଛି। ମାସିକ ରୁମ୍ ବାବଦକୁ ୫୫୦ ଟଙ୍କା ନିଆଯାଉଛି। ଏହାସତ୍ତ୍ୱେ ହଷ୍ଟେଲ ସମସ୍ୟାର ସମାଧାନ କରାଯାଉନାହିଁ। ଦୀର୍ଘଦିନ ହେଲା ପ୍ରକୋଷ୍ଠଗୁଡ଼ିକ ମରାମତି ହୋଇନାହିଁ। ପାଣି ସମସ୍ୟାର ସ୍ଥାୟୀ ପ୍ରତିକାର କରାଯାଉନାହିଁ। ବିଦୁ୍ୟତ୍ ସେବା ଠପ୍ ହୋଇପଡ଼ିଛି। ଠିକ୍ ଭାବେ ବଲ୍‌ବ ଜଳୁନାହିଁ। ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରାଯାଉଛି। ଅପରିଷ୍କାର ପରିବେଶରେ ବିଷଧର ସରୀସୃପ ବିଚରଣ କରୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ କଲେଜ ଏବଂ ହଷ୍ଟେଲ କର୍ତ୍ତୃପକ୍ଷ ଏସବୁର ସମାଧାନ କରୁ ନ ଥିବାରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହୋଇଥିବା ସେମାନେ କହିଛନ୍ତି।

ଛାତ୍ରୀମାନେ ସକାଳ ୭ଟାରୁ ଅଧକ୍ଷାଙ୍କ ପ୍ରକୋଷ୍ଠ ଆଗରେ ଧାରଣାରେ ବସିରହିଥିଲେ। ଦୀର୍ଘ ସମୟ ଧରି କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ପୂର୍ବାହ୍ନ ୧୧ଟା ୧୫ରେ କଲେଜ ମୁଖ୍ୟ ଫାଟକ ଏବଂ ପ୍ରବେଶ ଦ୍ୱାରକୁ ତାଲା ପକାଇ ବାଲ୍‌ଟି, ମଗ୍ ଧରି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା।

ସୂଚନା ପାଇ ଟାଉନ ଥାନାଧିକାରୀ ଅଭିନବ ଡାଲୁଆ ସଦଳବଳ ପହଞ୍ଚି ଧାରଣାରେ ବସିଥିବା ଛାତ୍ରୀଙ୍କୁ ବୁଝାଶୁଝା କରି କଲେଜ ପରିସରକୁ ଆଣିଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। କଲେଜ ଅଧକ୍ଷା ଏକ ବୈଠକରେ ଯୋଗ ଦେବା ପାଇଁ ଯାଇଥିବାବେଳେ ଥାନାଧିକାରୀ ଅନ୍ତେବାସୀଙ୍କ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ରଣଜିତ୍ କୁମାର ପ୍ରଧାନ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ନମିତା ଦାସଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଏ ସଂକ୍ରାନ୍ତରେ କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ର କୁହନ୍ତି, ହଷ୍ଟେଲରେ ପାଣି ସମସ୍ୟା ରହିଛି। ପାଇପ୍ ଲିକ୍ ହେଉଥିବାରୁ କମ୍ ମାତ୍ରାରେ ଆସୁଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯିବାପରେ ସହକାରୀ ନିର୍ବାହୀଯନ୍ତ୍ରୀ ଅନୁଧ୍ୟାନ କରିଛନ୍ତି। ସମସ୍ୟା ସମାଧାନ ନ ହେବା ଯାଏ ଟ୍ୟାଙ୍କର ଦ୍ୱାରା ୨୪ ଘଣ୍ଟିଆ ଜଳଯୋଗାଣ ବ୍ୟବସ୍ଥା କରାଯିବ। ଅଚଳ ହୋଇପଡ଼ିଥିବା ଲାଇଟ୍, ଫ୍ୟାନ୍‌ଗୁଡ଼ିକର ମରାମତି କାର୍ଯ୍ୟ ଚାଲିଛି। ୨ଟି ଆକ୍ୱାଗାର୍ଡ ଲଗାଯାଇଛି ବୋଲି ଅଧକ୍ଷା ସୂଚନା ଦେଇଛନ୍ତି।



ହଷ୍ଟେଲ ଅନ୍ତେବାସୀମାନେ ଧାରଣାରେ ବସିଛନ୍ତି।

**ଉପାସନା ହଷ୍ଟେଲରେ ବ୍ୟାପକ ଅବ୍ୟବସ୍ଥା**

- ମରାମତି ହେଉନାହିଁ ପ୍ରକୋଷ୍ଠ
- ବିଚରଣ କରୁଛନ୍ତି ବିଷଧର ସରୀସୃପ
- ଜଳୁନି ଲାଇଟ୍, ସୁରକ୍ଷାକୁ ଅଣଦେଖା
- ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ: ଅଧକ୍ଷା

---





ଗିରଫ ଅଭିଯୁକ୍ତଙ୍କ ସହ ଜବତ ବାଇକ୍, ଟଙ୍କା ଓ ବ୍ରାଉନସୁଗାର।

- ପୁଣି ଧରାହେଲା ବ୍ରାଉନସୁଗାର

# ଅଭିଯୁକ୍ତ ଗିରଫ, ବାଇକ୍ ଜବତ

**ଢେଙ୍କାନାଳ ଅଫିସ, ୨୭।୮**

ଢେଙ୍କାନାଳ ସହରରେ ବ୍ରାଉନସୁଗାର କାରବାର ଚେର ଗହୀରକୁ ଲମ୍ବିଛି। ଏ ସମ୍ପର୍କରେ ଜଣାପଡ଼ିବାପରେ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଘନଘନ ଚଢ଼ାଉ ଜାରି ରହିଛି। ମଙ୍ଗଳବାର ରାମେଶ୍ୱରପୁର ଅଞ୍ଚଳରୁ ୧୦ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ କାରିଗରସାହି ଅଞ୍ଚଳର ବାବୁନା ବେହେରାଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୩୪୧୦ ଟଙ୍କା ଏବଂ ଏକ ବାଇକ୍ (ନଂ. ଓଡି ୦୬-ଇ-୮୯୦୨) ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିପୂର୍ବରୁ ଗତ ଅଗଷ୍ଟ ୧୭ରେ ସମ୍ପୃକ୍ତ ଅଞ୍ଚଳରୁ ୨୨ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିଲା। ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି।

ରାମେଶ୍ୱରପୁର ଅଞ୍ଚଳରେ ଧଳାଜହର କାରବାର ଚାଲିଥିବା ଗୋଇନ୍ଦା ସୂଚନା ମିଳିବା ପରେ କଟକସ୍ଥିତ ଏକ୍ସାଇଜ୍ କମିଶନରଙ୍କ ନିର୍ଦ୍ଦେଶକ୍ରମେ ସଦର ଅବକାରୀ ବିଭାଗ ଇନ୍ସପେକ୍ଟର ସମୀର ମହାନ୍ତି, ଟାଉନ ଥାନାଧିକାରୀ ଅଭିନବ ଡାଲୁଆଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

## ଆସୁଛନ୍ତି ଗଣନାଥ



ସେପ୍ଟେମ୍ବର ୨ରେ ବିଦ୍ୟାଦାତା ଗଜାନନଙ୍କ ପୂଜା। ଏହି ଅବସରରେ ଢେଙ୍କାନାଳ ଗଣେଶ ବଜାର ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଜୋର୍ ଧରିଛି। ଶିଳ୍ପୀ ସତ୍ୟବ୍ରତ ବେହେରା ଗଜାନନଙ୍କ ମୃଣ୍ମୟୀ ମୂର୍ତ୍ତିକୁ ସଜାଉଛନ୍ତି। (ଫଟୋ-ରତନ)

---

- ବିଶ୍ୱ ସଂସ୍କୃତ ଦିବସ ପାଳିତ

# 'ସଂସ୍କୃତ ହେଉଛି ଶୁଦ୍ଧ ଭାଷା'



ସଂସ୍କୃତ ଦିବସରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୭।୮**

ଦେବଭାଷା ସଂସ୍କୃତ ହେଉଛି ସବୁଠାରୁ ବିଶୁଦ୍ଧ। ସାରା ପୃଥିବୀରେ ଶୃଙ୍ଖଳିତ ଭାଷା ଭାବେ ପରିଚିତ। ସଂସ୍କୃତରୁ କାବ୍ୟ, କବିତା, ନାଟକ ଏବଂ ଅଳଙ୍କାର ସୃଷ୍ଟି ହୋଇଛି ବୋଲି କହିଛନ୍ତି ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର। ଇ-ଟେକ୍ ଆବାସିକ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱ ସଂସ୍କୃତି ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ।

କଲେଜ ଅଧକ୍ଷ ଡ. ସୁରେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରମୋଦ କୁମାର ନାୟକ ଯୋଗଦେଇ କହିଲେ, ଆର୍ଯ୍ୟଭାଷା ସଂସ୍କୃତ ସହ ଇଂଲିଶ ଭାଷାର ଅନେକ ଶବ୍ଦ ସାମ୍ୟ ରହିଛି। ଢେଙ୍କାନାଳ ମହିଳା କଲେଜ ସଂସ୍କୃତ ଅଧ୍ୟାପକ ଡ. ସୌମ୍ୟରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପ୍ରାଚୀନ ବୈଦିକ ଏବଂ ବିଜ୍ଞାନ ସମ୍ବଳିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂସ୍କୃତ ଭାଷାରେ ଉପଲବ୍ଧ। ଏହାକୁ ଉପଯୋଗ କରି ଅଦ୍ୟାବଧି ବୈଜ୍ଞାନିକ ଆବିଷ୍କାର କରାଯାଉଛି। ଏହାକୁ ଯୁବପିଢ଼ି ହେୟଜ୍ଞାନ କରିବା ଅନୁଚିତ ବୋଲି ସେ ମାର୍ଗଦର୍ଶନ କରାଇଥିଲେ। ଅଧ୍ୟାପକ ବିରଞ୍ଚି ନାରାୟଣ ବଳସାମନ୍ତ କହିଲେ, ଛାତ୍ରୀଛାତ୍ରମାନେ ସଂସ୍କୃତ ଭାଷାକୁ ସ୍ୱୀକାର କଲେ ଜୀବନ ଶୃଙ୍ଖଳିତ ହେବ। ଏହି ଅବସରରେ ଅନୁଷ୍ଠାନର ପିଲାମାନେ ଶ୍ରୀମଦ୍ ଭଗବତ ଗୀତା, ଶ୍ରୀଗୀତଗୋବିନ୍ଦ, ମଥୁରାଷ୍ଟକମ୍ ଆବୃତ୍ତି କରିଥିଲେ। ଅଧ୍ୟାପକ ଡ. ପ୍ରମୋଦ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

---

# ଘରଭାଙ୍ଗିଲା ଦନ୍ତା



ହାତୀ ଘର ଭାଙ୍ଗିଦେଇଛି।

**ପରଜଙ୍ଗ, ୨୭।୮(ଡି.ଏନ.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀପଲ ଉପଦ୍ରବ କମୁନାହିଁ। ପାଳସାହି ଗ୍ରାମରେ ସୋମବାର ରାତିରେ ପୁଣିଥରେ ନରହନ୍ତା ଦନ୍ତା ବ୍ୟାପକ କ୍ଷୟକ୍ଷତି କରିଛି। ଏଥିରେ ଗୋଲେଖ ବିଶ୍ୱାଳଙ୍କ ୩ ବଖରା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହାତୀ ଘର ଭାଙ୍ଗୁଥିବା ଜାଣିବା ପରେ ପରିବାର ଲୋକେ ଜୀବନ ବିକଳରେ ଦୌଡ଼ି ପଳାଇ ଆସିଥିଲେ। ପୂର୍ବରୁ ମଧ୍ୟ ଗୋଲେଖଙ୍କ ଘର ହାତୀପଲ ଭାଙ୍ଗି ଦେଇଥିଲେ। ପରଜଙ୍ଗ ଅଞ୍ଚଳରେ ହାତୀ ଉତ୍ପାତ ବୃଦ୍ଧି ପାଉଥିବାବେଳେ ଏହାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ହାତୀପଲକୁ ଅନ୍ୟତ୍ର ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONSBP2019032, ତା.22.08.2019ରିଖ

**କାର୍ଯ୍ୟର ନାମ:** "ତାଳଚେର-ସମ୍ବଲପୁର ଦୋହରୀକରଣ, ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ୍ ତଥା ତାଳଚେର-ବିମଳାଗଡ଼ ନୂଆ B.G. ଲାଇନ୍ ସମ୍ବନ୍ଧରେ ଏକ ବର୍ଷ ସମୟାବଧି ନିମନ୍ତେ କାର୍ଯ୍ୟ ନିରୀକ୍ଷଣ ଉଦ୍ଦେଶ୍ୟରେ ପୂର୍ବ ତଟ ରେଳପଥର ନିର୍ମାଣ ସଂଗଠନ, ଅନଗୁଳଙ୍କ କ୍ଷେତ୍ରୀୟ ଅଧିକାରୀ (Field Officers)ମାନଙ୍କ ବ୍ୟବହାର ନିମନ୍ତେ 14 ଗୋଟି ଗାଡ଼ି (08 ଗୋଟି ନନ୍ ଏସି ଟାଟା ସୁମୋ/ବୋଲେରୋ କିମ୍ବା ଅନୁରୂପ ଏବଂ 06 ଗୋଟି 05ସିଟ୍ ବିଶିଷ୍ଟ ପିକ୍-ଅପ୍ ଭ୍ୟାନ୍) ଭଡ଼ା ସୂତ୍ରରେ ନେବା (ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/I/ଅନଗୁଳ ୟୁନିଟ୍ ନିମନ୍ତେ 06 ଗୋଟି, ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/II/ଅନଗୁଳ ୟୁନିଟ୍ ନିମନ୍ତେ 04 ଗୋଟି, ଉପ ମୁଖ୍ୟ ବିଦୁ୍ୟତ୍ ଯନ୍ତ୍ରୀ/ନିର୍ମାଣ/ଅନଗୁଳ ୟୁନିଟ୍ ନିମନ୍ତେ 03 ଗୋଟି ଏବଂ ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର ୟୁନିଟ୍ ନିମନ୍ତେ 01 ଗୋଟି)।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 74.09 ଲକ୍ଷ, EMD (ଟଙ୍କାରେ): 1,48,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, କାର୍ଯ୍ୟ ଶେଷ ହେବା ଅବଧି: 12(ବାର)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.13.09.2019 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-38/CC/19-20

INDIAN RAILWAYS

**ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି**


ଉତ୍ତର ରେଳପଥର ତୁଗଲକାବାଦ-ପଲୱଲ ସେକ୍ସନରେ ସଂରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ/ଗତିପଥ ପରିବର୍ତ୍ତନ।

**ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ :**

| କ୍ର.ସଂ. | ଟ୍ରେନ୍ ନଂ. | ଠାରୁ | ପର୍ଯ୍ୟନ୍ତ | ଯାତ୍ରା ପ୍ରାରମ୍ଭ ହେବା ଷ୍ଟେସନ ଠାରୁ ତାରିଖ |
|---|---|---|---|---|
| 1 | 18507 | ବିଶାଖାପାଟଣା | ଅମୃତସର | ତା.05.09.2019 ରିଖ ଏବଂ ତା.06.09.2019 ରିଖ |
| 2 | 18508 | ଅମୃତସର | ବିଶାଖାପାଟଣା | ତା.08.09.2019 ରିଖ ଏବଂ ତା.11.09.2019 ରିଖ |
| 3 | 12807 | ବିଶାଖାପାଟଣା | ହଜରତ ନିଜାମୁଦ୍ଦିନ | ତା.04.09.2019 ରିଖ ଏବଂ ତା.05.09.2019 ରିଖ |
| 4 | 12808 | ହଜରତ ନିଜାମୁଦ୍ଦିନ | ବିଶାଖାପାଟଣା | ତା.06.09.2019 ରିଖ ଏବଂ ତା.07.09.2019 ରିଖ |
| 5 | 02409 SPL | ସମ୍ବଲପୁର | ରାୟଗଡ଼ | ତା.07.09.2019 ରିଖ |
| 6 | 02410 SPL | ରାୟଗଡ | ସମ୍ବଲପୁର | ତା.08.09.2019 ରିଖ |

**ମଥୁରା ଓ ହଜରତ ନିଜାମୁଦ୍ଦିନ ମାର୍ଗ ପରିବର୍ତ୍ତେ ଟ୍ରେନ୍‌ଗୁଡ଼ିକର ଗତିପଥ ପରିବର୍ତ୍ତନ**

| କ୍ର.ସଂ. | ଟ୍ରେନ୍ ନଂ. | ଠାରୁ | ପର୍ଯ୍ୟନ୍ତ | ଯାତ୍ରା ପ୍ରାରମ୍ଭ ହେବା ଷ୍ଟେସନ ଠାରୁ ତାରିଖ | ପରିବର୍ତ୍ତିତ ମାର୍ଗ |
|---|---|---|---|---|---|
| 1 | 18477 | ପୁରୀ | ହରିଦ୍ୱାର | ତା.01.09.2019ରିଖ, ତା.03.09.2019ରିଖ ତା.04.09.2019ରିଖ, ତା.05.09.2019ରିଖ ଏବଂ ତା.06.09.2019ରିଖ | ଉଭୟ ଦିଗରୁ ଆଗ୍ରା କ୍ୟାଣ୍ଟ-ମିତାୱଲ-ଖୁର୍ଜା-ମିରଟ ସିଟି-ଟପରୀ ପଥ ଦେଇ ଯାତ୍ରା କରିବ |
| 2 | 18478 | ହରିଦ୍ୱାର | ପୁରୀ | ତା.06.09.2019ରିଖ, ତା.07.09.2019ରିଖ ଏବଂ ତା.08.09.2019ରିଖ | |



**ପୂର୍ବ ତଟ ରେଳପଥ**

PR-323/K/19-20

ODISHA SUB-ORDINATE STAFF SELECTION COMMISSION

**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**

ବ୍ଲକ ନଂ.3 ଏବଂ 5, ୟୁନିଟ-1, ଭୁବନେଶ୍ୱର-751009, ଦୂରଭାଷ- 0674-2597149, 2597152 (ଅଫିସ୍)
ଫାକ୍ସ- 0674-2597155, ୱେବ୍‌ସାଇଟ୍ : www.osssc.gov.in

**ସଂଶୋଧନ ବିଜ୍ଞାପନ**

ସଂଖ୍ୟା.IIE-69/2018-319 (C)/OSSSC ତାରିଖ-24.08.2019

**ଅବକାରୀ କନଷ୍ଟେବଲ ପଦବୀରେ ପ୍ରାର୍ଥୀ/ପ୍ରାର୍ଥିନୀ ଚୟନ ନିମନ୍ତେ ଲିଖିତ ପରୀକ୍ଷା**

No.53-T :- ଅବକାରୀ କନଷ୍ଟେବଲ ପଦବୀରେ ପ୍ରାର୍ଥୀ/ପ୍ରାର୍ଥିନୀ ଚୟନ ନିମନ୍ତେ ପୂର୍ବ ବିଜ୍ଞାପନ ସଂଖ୍ୟା.IIE-69/2017-268 (C)/OSSSC ତା 07.08.2019 ସଂଶୋଧନ ପୂର୍ବକ ଆସନ୍ତା ତା 08.09.2019 ରବିବାର ଦିନ ପୂର୍ବାହ୍ନ 10.00ଘଟିକାରେ ହେବାକୁଥିବା ଲିଖିତ ପରୀକ୍ଷା ତାରିଖ ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଅନୁରୋଧକୁ ବିଚାରକୁ ନେଇ ଆଂଶିକ ପରିବର୍ତ୍ତନ କରାଯାଇଛି। ଏହି ପରୀକ୍ଷା ଆସନ୍ତା ତା 15.09.2019 ରବିବାର ଦିନ ପୂର୍ବାହ୍ନ 10.00 ଘଟିକାରେ ବିଭିନ୍ନ ଅନୁମୋଦିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ।

ତେଣୁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆୟୋଗଙ୍କ ୱେବ୍‌ସାଇଟ୍ www.osssc.gov.in କୁ ଯାଇ ନିଜର ପଞ୍ଜୀକୃତ ID ଏବଂ Password ବ୍ୟବହାରକରି ପ୍ରବେଶପତ୍ର ଆସନ୍ତା 01.09.2019 ତାରିଖଠାରୁ ଡାଉନ୍‌ଲୋଡ୍ କରି ଅନୁମୋଦିତ କେନ୍ଦ୍ରରେ ପରୀକ୍ଷା ଦେଇପାରିବେ। ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ଆୟୋଗଙ୍କ ଆଦେଶମତେ
09007/11/0002/1920 ସ୍ୱା./- ସଚିବ

**ODISHA PUBLIC SERVICE COMMISSION**

WEBSITE – http://opsconline.gov.in

No. 99-D: *ADVERTISEMENT NO. 07 OF 2019-20*

**RECRUITMENT TO THE POST OF ASSISTANT LAW OFFICER IN GROUP-B SERVICE UNDER LAW DEPARTMENT.**

The last date for filling up of online application for the post **of Assistant Law Officer in Group-B Service is 19.10.2019 till 11.59 P.M.**

The last date of payment of Examination fee at any branch of State Bank of India (SBI) is **24.10.2019.**

2. **VACANCY POSITION:** As per requisition filed by the Law Department, Government of Odisha, **the vacancy position for the post of Assistant Law Officer is 05(1-W).**

3. **EDUCATIONAL QUALIFICATION:**

A candidate must have completed Graduation in Law from a recognized University along with practice in Bar as an Advocate at least for a period of three years by the closing date of submission of online application.

OR

have completed Graduation in Law from a recognized University along with experience of at least 12 years of service in any Group-C post in any Departments of Government, other than the employees of Common cadres and must not be of more than 45 years old on the closing date of submission of online application.

4. **HOW TO APPLY:**

(a) Candidates must go through details regarding vacancy position, Educational Qualification, experience, age, application fee, plan of examination and all conditions in the Long Advertisement available in the Website of the OPSC before filling up the online application form.

(b) Candidates must apply online through the website of OPSC http://opsconline.gov.in. Applications received through any other mode would not be accepted and summarily be rejected.

(c) At present, only the online applications are invited from candidates for admission to the post of Assistant Law Officer, Group-B Written Examination. Candidates who will qualify in the Written Examination are required to submit the hard copy of online application form along with Challan (OPSC copy) showing payment of examination fee and specified documents/ certificates etc. as provided under Para-9 of the Long Advertisement, at the time of verification of original documents. A notice in this regard will be issued by the Commission later, failing which, their candidature for the recruitment shall be cancelled.

CUTTACK
DATED 27.08.19

SECRETARY,
ODISHA PUBLIC SERVICE COMMISSION,
CUTTACK

12002/11/0053/1920

GOVERNMENT OF ODISHA

**PLANNING AND CONVERGENCE DEPARTMENT**

No. 18-X:

**AWARDS AND PROJECTS FOR INNOVATION**

To encourage and promote the culture of finding new ideas for solving various socio-economic problems, or facilitating linkage of technology with product development for setting up new enterprises, Planning & Convergence Department Government of Odishainvites applications in prescribed format from the willing Students / Researchers /Scientists / Educational institutes / Entrepreneurs and Citizens for:

i. Awards for Innovative Ideas
ii. Awards for Successful Innovative Proven Concepts / Projects / Prototypes
iii. Financial Assistance for Innovative R & D Projects
iv. Implementation of Innovative Projects

The application may be submitted as per the guidelines given in the Website: pc.odisha.gov.in/Schemes_of_Inovation.html

The applicants, who have applied for a project of a particular subject matter earlier, need not apply for the same.

**For detail advertisement, log on to pc.odisha.gov.in**

For any query, please contact:
Joint Secretary to Govt. (Innovation),
P & C Department, Bhubaneswar – 751001
E-Mail: rudraprasanna60@gmail.com

21001/11/0004/1920

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ଜଣେ ଗିରଫ

ଜଗନ୍ନାଥପ୍ରସାଦ, ୨୭।୮ (ଡି.ଏନ.ଏ.)- ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଜଣେ ନାବାଳିକା(୧୫)ଙ୍କୁ ଅପହରଣ ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୨୯/୧୯ରେ ଏକ ମାମଲା ରୁଜୁ କରି ଭଞ୍ଜନଗରର ଚିତ୍ତରଞ୍ଜନ ପ୍ରଧାନଙ୍କୁ ଗିରଫପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ନାବାଳିକାଙ୍କ ବାପା ୧୫ ତାରିଖରେ ତାଙ୍କ ଝିଅ ଘରକୁ ଫେରି ନ ଥିବା ଜଗନ୍ନାଥପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ପରେ କିଛିଦିନ ଧରି ଗ୍ରାମରେ ରହି ଗାଡ଼ି ଚଳାଉଥିବା ଚିତ୍ତରଞ୍ଜନଙ୍କ ଉପରେ ସନ୍ଦେହ ହୋଇଥିଲା। ତାଙ୍କୁ ଧରିବା ପାଇଁ ପୋଲିସ ଚେଷ୍ଟା ଚଳାଇଥିଲା। ଚିତ୍ତରଞ୍ଜନ ନାବାଳିକାଙ୍କୁ ଧରି ତାଙ୍କ ଗ୍ରାମକୁ ଆସୁଥିବା ଖବର ପାଇ ପୋଲିସ ସେ ଦୁହିଁଙ୍କୁ ଧରିଥିଲା। ସୋମବାର ଉଭୟଙ୍କର ବ୍ରହ୍ମପୁର ମେଡିକାଲରେ ଡାକ୍ତରୀମାଇନା ପରେ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରି ପୋକ୍ସୋ ଆକ୍ଟ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ମାଜିଷ୍ଟ୍ରେଟଙ୍କ ପାଖରେ ଧାରା ୧୬୪ରେ ନାବାଳିକାଙ୍କ ବୟାନ ରେକର୍ଡ ପରେ ବ୍ରହ୍ମପୁରସ୍ଥିତ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଏସ୍ଆଇ ଅମ୍ବିକା ବେଣିଆ ସୂଚନା ଦେଇଛନ୍ତି।

### କୋରାପୁଟ ବିଧାୟକଙ୍କ ପଦ ରଦ୍ଦ ପାଇଁ ହାଇକୋର୍ଟରେ ମାମଲା

କଟକ ଅଫିସ,୨୭।୮ - ଗତ ସାଧାରଣ ନିର୍ବାଚନରେ କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିବା ବିଜେଡି ପ୍ରାର୍ଥୀ ରଘୁରାମ ପଡ଼ାଲଙ୍କ ପଦ ରଦ୍ଦ କରିବା ଲାଗି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ନିର୍ବାଚନ ବେଳେ ବିଧାୟକ ନିଜ ସତ୍ୟପାଠରେ ଯେଉଁ ଜନ୍ମତାରିଖ ଦେଇଥିଲେ ସେଥିରେ ଅସାମଞ୍ଜସ୍ୟ ରହିଛି। ଉକ୍ତ ତଥ୍ୟକୁ ନେଇ କୋରାପୁଟର ଆଇନଜୀବୀ କୃଷ୍ଣଚନ୍ଦ୍ର ସଁ ଚ୍ୟାଲେଞ୍ଜ କରିବା ସହ ରଘୁରାମଙ୍କ ପଦକୁ ଅସିଦ୍ଧ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି। ଆବେଦନକାରୀ ଏହି ମାମଲାରେ ବିଧାୟକ ରଘୁରାମଙ୍କ ସହ କୋରାପୁଟ ଜିଲାପାଳ, ରାଜ୍ୟ ନିର୍ବାଚନ କମିଶନଙ୍କୁ ପକ୍ଷଭୁକ୍ତ କରିଛନ୍ତି।

ଆଇନଜୀବୀ ଆବେଦନପତ୍ରରେ ଦର୍ଶାଇଛନ୍ତି, ବିଧାୟକ ଗତ ନିର୍ବାଚନ ଏବଂ ଚଳିତବର୍ଷ ନିର୍ବାଚନବେଳେ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେଥିରେ ଅସାମଞ୍ଜସ୍ୟ ରହିଛି। ଦୁଇଟି ସତ୍ୟପାଠରେ ଦିଆଯାଇଥିବା ଜନ୍ମ ତାରିଖରେ ପ୍ରାୟ ୨ବର୍ଷ ଅନ୍ତର ରହିଛି। ଫଳରେ ତାଙ୍କର ପ୍ରକୃତ ଜନ୍ମତାରିଖ ଜଣା ପଡୁ ନ ଥିବାରୁ ତାଙ୍କ ସତ୍ୟପାଠରେ ମିଥ୍ୟା ତଥ୍ୟ ଦିଆଯାଇଛି। ଏଣୁ ହାଇକୋର୍ଟ ଉକ୍ତ ମାମଲାର ତଦନ୍ତ କରି ତାଙ୍କ ପଦ ରଦ୍ଦ ପାଇଁ ଆଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି।

### ବନ୍ୟାର ୧୫ଦିନ ବିତିଲା ଧୋଇଯାଇଥିବା ରାସ୍ତା ମରାମତି ହୋଇନି

ଡୁଙ୍ଗୁରିପାଲି,୨୭।୮(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଗତ ୧୨ତାରିଖରୁ ଦୁଇ ଦିନଧରି ଲଗାଣ ବର୍ଷା ଲାଗି ରହିବାରେ ପରିସ୍ଥିତି ସଙ୍ଗୀନ ହୋଇଥିଲା । ଜୋର, ନାଳ ପାଣି ଉଛୁଳି ରାସ୍ତା ଉପରେ ପ୍ରବାହିତ ହୋଇଥିଲା। ଏଥିଯୋଗୁ ବହୁ ସ୍ଥାନରେ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଡୁଙ୍ଗୁରିପାଲି-ରାମପୁର ରାସ୍ତା ମଝିରେ ଥିବା ସାଲେପାଲି ନାଳ ପୋଲ ଉପରେ ୩ ଫୁଟ ଓ ବେହେରାମାଲ ଓ କୁଡାଡେରା ଜୋରନାଳ ଉପରେ ଚାରି ଫୁଟପାଣି ପ୍ରବାହିତ ହୋଇଥିଲା । ଫଳରେ ରାସ୍ତା ଧୋଇ ହୋଇଯାଇଛି । ଇତିମଧ୍ୟରେ ବନ୍ୟାର ୧୫ଦିନ ବିତିଗଲାଣି। ହେଲେ ଏହି ସବୁ ରାସ୍ତା ମରାମତି ହେଉନି। ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଭାଙ୍ଗିଯାଇଥିବା ରାସ୍ତାରେ ବିଭାଗ ପକ୍ଷରୁ ବାଡା ବା ସଙ୍କେତ ଦିଆଯାଇ ନ ଥିବାରୁ ପଥଚାରୀ ଧୋଇଯାଇଥିବା ରାସ୍ତାରେ ପଡି ଯିବାର ଆଶଙ୍କା ଦେଖାଦେଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସରକାରୀ ଚକ୍ରବ୍ୟୂହରେ ଫସିଛି ୧୪୦ ଗ୍ରାମାଞ୍ଚଳ ଆବାସିକ ପ୍ରକଳ୍ପ

ଭୁବନେଶ୍ୱର,୨୭।୮ (ବ୍ୟୁରୋ)

ନିଜର ଘର ଖଣ୍ଡେ ହେବ। ଜୀବନର ଶେଷ ଯାଏ ସେହି ଘରେ ଆନନ୍ଦରେ କଟିବ। ଏମିତି ଆଶା ରଖି ଲୋକମାନେ ଜୀବନର ସମସ୍ତ ରୋଜଗାର ଘର କିମ୍ବା ଜାଗା କିଣାରେ ଲଗାଇଥାନ୍ତି। ଅନେକ ସମୟରେ ନିଜର ଅଜ୍ଞତା କିମ୍ବା ସରକାରୀ କଟକଣା ଯୋଗୁ ଘର କିଣୁଥିବା ବ୍ୟକ୍ତିମାନେ ଫସିଯାଉଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଦେଇ ଘର କିଣିଥିଲେ ମଧ୍ୟ ନିଜ ନାମରେ ରେକର୍ଡ ପତ୍ର କରିପାରୁ ନାହାନ୍ତି। ଗ୍ରାମାଞ୍ଚଳରେ ଆବାସିକ ଗୃହ ନିର୍ମାଣ କରିଥିବା ବିଲ୍ଡରମାନଙ୍କୁ ସେମାନଙ୍କ ପ୍ରକଳ୍ପ ପାଇଁ ଏବଂ ଆପାର୍ଟମେଣ୍ଟ କିଣିଥିବା ବ୍ୟକ୍ତିମାନେ ଅକୁପାନ୍ସି ସାର୍ଟିଫିକେଟ ନ ପାଇବାରୁ ନିଜ ନାମରେ ଘର ପଞ୍ଜୀକରଣ କରାଯାଇପାରିବ ନାହିଁ। କେବଳ ଘର କିଣୁଥିବା ବ୍ୟକ୍ତି ନୁହନ୍ତି କୋଟି କୋଟି ଟଙ୍କା ଖଟାଇଥିବା ବିଲଡରମାନେ ମଧ୍ୟ ସରକାରୀ ଆଇନକାନୁନ ଚକ୍ରବ୍ୟୂହରେ ଫସିଯାଉଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସମେତ ରାଜ୍ୟର ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳ ବାହାରେ ଅର୍ଥାତ୍ ଗ୍ରାମାଞ୍ଚଳରେ ନିର୍ମାଣ ହୋଇଥିବା ୩୦ ହଜାର କୋଟିର ୧୪୦ଟି ଆବାସିକ ପ୍ରକଳ୍ପ ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି (ଓରେରା)ରେ ପଞ୍ଜୀକୃତ ହୋଇ ପାରୁନାହିଁ। ଏ ନେଇ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଏସବୁ ଗୃହକୁ ପଞ୍ଜୀକରଣ ପାଇଁ ଅନୁମୋଦନ ମିଳିବ କି ନାହିଁ ସେ ନେଇ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଉଭୟ ଘର ମାଲିକ ଓ ବିଲଡର ଅଡୁଆରେ ପଡି ଯାଇଛନ୍ତି।



■ ବିଲ୍ଡର, ଘର ମାଲିକ ହନ୍ତସନ୍ତ

■ ଚିଠିର ଉତ୍ତର ଦେଉନାହାନ୍ତି ପଞ୍ଚାୟତିରାଜ, ନଗର ଉନ୍ନୟନ ବିଭାଗ

ଲୋକମାନଙ୍କୁ ଘରଦେବା ନାମରେ ଠକୁଥିବା ବିଲ୍ଡର ସଂସ୍ଥା ଉପରେ ଅଙ୍କୁଶ ଲଗାଇବାକୁ କେନ୍ଦ୍ର ସରକାର ରିୟଲ ଇଷ୍ଟେଟ୍ (ରେଗୁଲେଶନ ଆଣ୍ଡ ଡେଭେଲପମେଣ୍ଟ) ଆଇନ-୨୦୧୬ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ରାଜ୍ୟରେ ୨୦୧୭ ମେ ପହିଲାରୁ ଓରେରା ଗଠନ ହେବା ସହ କାର୍ଯ୍ୟକ୍ଷମ ହେଉଛି। ସେବେଠାରୁ ରାଜ୍ୟର ସମସ୍ତ ଆବାସିକ ଏବଂ ବ୍ୟବସାୟିକ ଗୃହ ପ୍ରକଳ୍ପ ଓରେରାରେ ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଓରେରାରେ ପଞ୍ଜୀକୃତ ନ ହେଲେ ବିଲଡରମାନେ ଆପାର୍ଟମେଣ୍ଟକୁ କୌଣସି ବ୍ୟକ୍ତିଙ୍କୁ ବିକ୍ରି କରି ପାରିବେନାହିଁ। ପ୍ରକଳ୍ପ ପଞ୍ଜୀକରଣ ପାଇଁ ଅକୁପାନ୍ସି ସାର୍ଟିଫିକେଟ୍ ଦେବା ବାଧ୍ୟତାମୂଳକ କରାଯାଇଛି। ୨୦୧୧ରୁ ପଞ୍ଚାୟତିରାଜ ବିଭାଗ ଗୃହ ନିର୍ମାଣ ପ୍ରକଳ୍ପକୁ ଅନୁମତି ଦେବା କ୍ଷମତା ବିଡିଓ ଏବଂ ସରପଞ୍ଚଙ୍କ ହାତରୁ କାଢି ନେଇଛି। ସହର ହେଉ କିମ୍ବା ଗ୍ରାମ ସବୁଠି ସମ୍ପୃକ୍ତ ଅଞ୍ଚଳର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ପ୍ରକଳ୍ପର ପ୍ଲାନ ଅନୁମୋଦନ ଅପରିହାର୍ଯ୍ୟ। ତେବେ ରିୟଲ ଇଷ୍ଟେଟ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ରାଜ୍ୟର ବିଭିନ୍ନ ଭାଗରେ ପଞ୍ଚାୟତ ଓ ବ୍ଲକରୁ ଅନୁମତି ନେଇ ୨୦୧୬ ପର୍ଯ୍ୟନ୍ତ ଅନେକ ଆପାର୍ଟମେଣ୍ଟ ନିର୍ମାଣ କରାଯାଇଛି। ତେବେ ଗତ ଦୁଇ ବର୍ଷ ହେବ ଗ୍ରାମାଞ୍ଚଳରେ ଥିବା ଆପାର୍ଟମେଣ୍ଟଗୁଡ଼ିକ ବିକ୍ରି ହୋଇପାରୁ ନାହିଁ । ଅକୁପାନ୍ସି ସାର୍ଟିଫିକେଟ୍ ମିଳୁ ନ ଥିବାରୁ ୧୪୦ଟି ଆବାସିକ ପ୍ରକଳ୍ପର ପ୍ରାୟ ୧୦ ହଜାର ଘର ପଞ୍ଜୀକୃତ ହୋଇପାରୁନାହିଁ। ଅନ୍ୟପକ୍ଷରେ ଅକୁପାନ୍ସି ବିନା ପ୍ରକଳ୍ପକୁ ପଞ୍ଜୀକୃତ କରିବାକୁ ଓରେରା ରୋକଠୋକ ମନା କରି ଦେଉଛି। ଦୀର୍ଘ ୨ ବର୍ଷ ହେବ ଓରେରା ଅନୁମୋଦନ ପାଇଁ ପ୍ରକଳ୍ପଗୁଡ଼ିକ ପଡ଼ି ରହିଛି। ଏହି ଅସୁବିଧା ଦୂର କରିବାକୁ ଓରେରାର ଅଧ୍ୟକ୍ଷ ଅମୀୟ ମହାପାତ୍ର ୨୦୧୮ ଅଗଷ୍ଟ ୧୬ ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବଙ୍କୁ ଚିଠି ଲେଖି ବିଡିଓ କିମ୍ବା ସରପଞ୍ଚ ଅନୁମତି ଦେଇଥିବା ପ୍ରକଳ୍ପକୁ ପଞ୍ଜୀକରଣ କରିବାକୁ ଗାଇଡ ଲାଇନ ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲେ । ସେହିପରି ଗ୍ରାମାଞ୍ଚଳ ଏବଂ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ଗଢି ଉଠିଥିବା ଆପାର୍ଟମେଣ୍ଟ, ବ୍ୟବସାୟିକ ଗୃହ ପାଇଁ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରିବାକୁ ନଗର ଉନ୍ନୟନ ବିଭାଗକୁ ମଧ୍ୟ ୨୦୧୯ ଫେବୃୟାରୀ ୧୩ ତାରିଖରେ ଓରେରା ଅଧ୍ୟକ୍ଷ ଚିଠି ଲେଖି ଅନୁରୋଧ କରିଥିଲେ। ଅକୁପାନ୍ସି ସାର୍ଟିଫିକେଟ କିଏ ଦେବେ ସେ ନେଇ ଉଭୟ ବିଭାଗ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରୁ ନାହାନ୍ତି। ଫଳରେ ଗ୍ରାମାଞ୍ଚଳରେ ଗଢି ଉଠିଥିବା ୧୪୦ଟି ପ୍ରକଳ୍ପରେ ନିର୍ମିତ ୩୦ହଜାର କୋଟି ଟଙ୍କାର ୧୦ ହଜାର ଆବାସିକ ଗୃହର ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ପ୍ରକଳ୍ପ ମାଲିକମାନେ କୋଟି କୋଟି ଟଙ୍କା ପୁଞ୍ଜି ନିବେଶ କରିଥିଲେ ମଧ୍ୟ ସେଗୁଡ଼ିକୁ ବିକ୍ରି କରିପାରୁନାହାନ୍ତି। ଅନ୍ୟପକ୍ଷରେ ଯେଉଁମାନେ ଘର କିଣିଛନ୍ତି ସେମାନେ ମାଲିକାନା ସ୍ୱତ୍ୱ ପାଇବାରୁ ବଞ୍ଚିତ ହୋଇଛନ୍ତି। ଓରେରାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପଞ୍ଜୀକରଣ ଅପେକ୍ଷାରେ ଥିବା ୧୪୦ ପ୍ରକଳ୍ପ ପାଇଁ ସରକାର ଗାଇଡ ଲାଇନ ପ୍ରସ୍ତୁତ ନ କଲେ ପ୍ରକଳ୍ପଗୁଡ଼ିକୁ ପଞ୍ଜୀକୃତ କରାଯାଇ ପାରିବ ନାହିଁ। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକିଏ କଥାରେ ରୁଷୁ**
**ଖଟ ତଳେ ଯାଇ ବସୁ**
**ଟିକିଏ ଆଦର କରିଲେ**
**କେତେ ମୁରୁକି ମୁରୁକି ହସୁ ।**

ଭାରି ଅଭିମାନୀ। କଡ଼ା କଥା ସହ୍ୟ କରିପାରେନି। କେତେକ ଟାଣ କରି କଥା କହିଲେ ମୁହଁ ଶୁଖାଇ ବସିଯାନ୍ତି, ରୁଷିଯାନ୍ତି। ଏପରିସ୍ଥଳେ ତାଙ୍କୁ ଟିକେ ଆଦର କରି ଦି'ପଦ ମିଠାକଥା ଶୁଣାଇଦେଲେ ପୂର୍ବରାଗ, ରୁଷା, ମାନ ଅଭିମାନ ଭୁଲି ନିଜର ବା ଆପଣାର ଭାବ ଦେଖାଇ ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାପରା ଯେବେ କରିବସିବ**
**ପାଖରେ ଥିବ ଶାଳୀ**
**ନ ଦେବ ଯେବେ ଗାଳି ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥାଏ। ଶାଳୀ ହିଁ ଭିଣୋଇର ଥଟ୍ଟା ପରିହାସର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

### ବାଇକ୍ ଦୁର୍ଘଟଣା:ଜଣେ ମୃତ

ଟିଟିଲାଗଡ଼,୨୭।୮(ଡି.ଏନ.ଏ.):ବଲାଙ୍ଗୀର ଜିଲା ଟିଟିଲାଗଡ଼ ଶଗଡ଼ଘାଟ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିଟିଲାଗଡ଼ ଟିଟିଡୁଙ୍ଗୁରୀପଡ଼ାର ସନ୍ତୋଷ ବାରିକ(୩୦)। ସୂଚନା ମୁତାବକ, ସନ୍ତୋଷ ଏକ ବାଇକ୍ ଯୋଗେ କୌଣସି କାମରେ ଧରପଗଡ଼ ଗାଁକୁ ଯାଇଥିଲେ । ସେଠାରୁ ସେ ଫେରୁଥିବା ବେଳେ ଶଗଡ଼ଘାଟ ଶିଶୁମନ୍ଦିର ସମ୍ମୁଖରେ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ


CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
Regd. ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୧୨ ଘଣ୍ଟାରେ । ୧% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ଠକ ମାନଙ୍କୁ ସାବଧାନ
ଥରେ ନିଶ୍ଚୟ ସଂମ୍ପର୍କ କରନ୍ତୁ
8278077123
8607378206

!!ଋଣ ଋଣ ଋଣ!!
୧ରୁ ୩୦ ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, ପଶୁପାଳନ, ମାଛ ଚାଷ, ଆଧାର କାର୍ଡ, ରାଶନ କାର୍ଡ, ସମସ୍ତ ପ୍ରକାର ଋଣ ୨୪ ଘଣ୍ଟାରେ ଘରେ ବସି ଉପଲବ୍ଧ।
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ୫୦% ରିହାତି, ୧% ସୁଧ ୫୦% ରିହାତି।
!! PRAYAS FINANCE !!
Email : prayasfinance6@gmail.com
9938314547
Tribhuban Tower-16, 14/46, Sabji Mundi Road, Near SBI
Corporate Office : Rajhat, Gujurat - 360001

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

!! ଋଣ ଋଣ ଋଣ!!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ଗୃହ ଋଣ ବ୍ୟବସାୟ ଗ୍ରୁପ ଋଣ ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠିକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି ।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

EDUCATION

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବାଇକ୍‌ରୁ ଖସି ମହିଳାଙ୍କ ମୃତ୍ୟୁ

**ଭଞ୍ଜନଗର,୨୭।୮(ଡି.ଏନ.ଏ.):** ତାରସିଂ ଥାନା ଗାଲେରୀ ଫାଣ୍ଡି ବଦାଙ୍ଗି ନିକଟରେ ମଙ୍ଗଳବାର ସକାଳେ ଜଣେ ମହିଳା ବାଇକ୍‌ରୁ ଖସି ମୃତ୍ୟୁବରଣ କରିଛନ୍ତି। ସେହେଲେ ବୌଦ୍ଧ ଜିଲା ଚାରିଛକର ସୁମତି ନାଗ (୪୨)। ଗାଲେରୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସପିଟାଲକୁ ପଠାଇଛି। ଏନେଇ ନଂ.୧୨୧/୧୯ରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୁମତି ବାପଘର ହରିଗଡ଼କୁ ୩ଦିନ ପୂର୍ବେ ଆସିଥିଲେ। ମଙ୍ଗଳବାର ସକାଳେ ସୁମତି ଓ ତାଙ୍କ ଜ୍ୱାଇଁ ଅଶୋକ ବାଘା ମିଶି ଏକ ବାଇକ୍‌ରେ ଚାରିଛକ ଅଭିମୁଖେ ଯାଉଥିଲେ। ଅନ୍ୟ ଏକ ବାଇକ୍‌ରେ ପୁଅ ଓ ଅନ୍ୟ ଜଣେ ଯାଉଥିଲେ। ବଦାଙ୍ଗି ନିକଟରେ ସୁମତି ବାଇକ୍‌ରୁ ଖସିପଡିଥିଲେ। ତାଙ୍କୁ ଭଞ୍ଜନଗର ହସ୍‌ପିଟାଲକୁ ଅଣାଯାଇଥିଲା। ସେଠାରେ ଡ଼ାକ୍ତର ସୁମତିଙ୍କୁ ମୃତ ଘୋଷଣା କରିଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

**ତୁମୁଡିବନ୍ଧ,୨୭।୮(ଡି.ଏନ୍.ଏ.):** ତୁମୁଡିବନ୍ଧ ଥାନାରେ ମଙ୍ଗଳବାର ଯୌତୁକ ନିର୍ଯାତନା ନେଇ ଏକ ଅଭିଯୋଗ ହୋଇଛି। ପୋଲିସ ନଂ.୫୯/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଦାରିଙ୍ଗବାହି ଥାନା କୃପାବାଡି ଗ୍ରାମର ଯିଶା ଦାସନାୟକ। ପ୍ରକାଶ ଯେ, ତୁମୁଡିବନ୍ଧ ଥାନା ମୁଣ୍ଡିଗଡ ଗ୍ରାମର ସୂର୍ଯ୍ୟମଣି ବାରିକ ୨ ବର୍ଷ ତଳେ ଯିଶାଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକେ ତାଙ୍କୁ ଅଧିକ ଯୌତୁକ ଦାବିରେ ଶାରିରୀକ ଓ ମାନସିକ ନିର୍ଯାତନା ଆରମ୍ଭ କରିଦେଇଥିଲେ। ସ୍ୱାମୀ ମଧ ଏଥିରେ ସାମିଲ ଥିଲେ। ମେ'୨୦ରେ ସୂର୍ଯ୍ୟମଣୀଙ୍କୁ ଶାଶୁଘର ଲୋକେ ମାରଧର କରିଥିଲେ। ଏଥିରେ ତାଙ୍କ ଗୋଡ ଭାଙ୍ଗି ଯାଇଥିଲା। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଘରକୁ ଫେରିଥିଲେ। ଏନେଇ ଆପୋଷ ସମାଧାନ ପାଇଁ ଉଭୟ ପରିବାର ମଧରେ ଚେଷ୍ଟା କରାଯାଇଥିଲେ ମଧ କୌଣସି ସମାଧାନ ହୋଇ ନ ପାରିବାରୁ ଶେଷରେ ସୂର୍ଯ୍ୟମଣି ମଙ୍ଗଳବାର ତୁମୁଡିବନ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଯଶିଙ୍କୁ ଦାରିଙ୍ଗବାଡିରୁ ଯାଇ ଗିରଫ କରିଥିବା ତଦନ୍ତ ଅଧିକାରୀ ଏଏସ୍‌ଆଇ ଯୁଗଳ କିଶୋର ନାୟକ କହିଛନ୍ତି।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ଜଗନ୍ନାଥପ୍ରସାଦ, ୨୭।୮ (ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ବ୍ଲକ ଆଞ୍ଚଳିକ ଡିଗ୍ରୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସନାତନ ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ନବାଗତ ଛାତ୍ରୀଛାତ୍ର ପରିଚୟ ପ୍ରଦାନ କରିଥିଲେ। ଇତିହାସ ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ଚୌଧୁରୀ ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ ନିର୍ଦ୍ଦେଶାବଳି ଏବଂ କଲେଜର ଶୈକ୍ଷିକ ବାତାବରଣ କିପରି ଉନ୍ନତ ହୋଇପାରିବ ସେ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କଲେଜର ପ୍ରାକ୍ତନ ଛାତ୍ର ସୂର୍ଯ୍ୟ ନାରାୟଣ ପଣ୍ଡା କଲେଜ ଜୀବନର ଅନୁଭୂତି ବଖାଣିଥିଲେ। ଅର୍ଥନୀତି ବିଭାଗୀୟ ମୁଖ୍ୟ ଡ. ବିନୋଦ କୁମାର ଦାସ, ଓଡିଆ ବିଭାଗୀୟ ମୁଖ୍ୟ ନିରଞ୍ଜନ ଶତପଥୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧାପକ ବିରଞ୍ଚି ନାରାୟଣ ପ୍ରଧାନ ଓ ଅଧାପିକା ସୁଚରିତା କର ଓ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗ୍ରନ୍ଥାଗାରିକ ରଘୁନାଥ ପାଣି ଓ କମ୍ପ୍ୟୁଟର ପରିଚାଳକ ସରୋଜ କୁମାର ନାୟକ ସହଯୋଗ କରିଥିଲେ।

### ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନ ନାମ ପରିବର୍ତ୍ତନ ପ୍ରସ୍ତାବ

# ଜିଲାପାଳଙ୍କ ମତାମତ ଲୋଡ଼ିଲା ପରିବହନ ବିଭାଗ




- ଯାଜପୁର ଷ୍ଟେଶନ ନାମରେ ନାମିତ କରିବାକୁ ଦାବି
- ରେଳ ମନ୍ତ୍ରଣାଳୟ ପରେ ଏବେ ରାଜ୍ୟ ସରକାରଙ୍କ କୋର୍ଟରେ ବଲ୍

**ଯାଜପୁର ଅଫିସ,୨୭।୮**

ଓଡ଼ିଶା ଦେଇ ଯାଇଥିବା ହାୱାଡ଼ା-ଚେନ୍ନାଇ ମୁଖ୍ୟ ରେଳଲାଇନର ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନର ନାମକୁ ଯାଜପୁର ରେଳଷ୍ଟେଶନ ନାମରେ ନାମିତ କରିବାକୁ ଆଗତ ଆବେଦନକୁ ରାଜ୍ୟ ସରକାର ଗୁରୁତର ସହ ନେଇଛନ୍ତି। ଏହି କ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ସଚିବ ପ୍ରେମାନନ୍ଦ ଖୁଣ୍ଟିଆ ମଙ୍ଗଳବାର ପତ୍ର ସଂଖ୍ୟା ୫୬୮୦/୨୭।୮।୨୦୧୯ରେ ଯାଜପୁର ଜିଲାପାଳଙ୍କ ମତାମତ ଲୋଡ଼ିଛନ୍ତି। ଏପରି କି ଜିଲାପାଳ ଏନେଇ ବିଭିନ୍ନ ଦିଗକୁ ବିଚାରବିମର୍ଶ କରି ଯଥାଶୀଘ୍ର ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଏହା ଫଳରେ ଯାଜପୁର-କେନ୍ଦୁଝର ରୋଡ ରେଳ ଷ୍ଟେଶନର ନାମ ପରିବର୍ତ୍ତନ କରିବାକୁ ଦୀର୍ଘ ଦିନରୁ ହେଉଥିବା ଦାବି ଖୁବ୍ ଶୀଘ୍ର ପୂରଣ ହେବାର ଆଶା ଉଜ୍ଜିବିତ ହୋଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରରେ ଥିବା ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନର ନାମ ପରିବର୍ତ୍ତନ କରି ଯାଜପୁର ରେଳ ଷ୍ଟେଶନ କରିବାକୁ ୨୦୧୮ ଅକ୍ଟୋବର ୩୦ରେ ତତ୍କାଳୀନ ରେଳମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଦିଲ୍ଲୀର ବାରଡପୁରରେ ରହୁଥିବା ହରିଶ୍ଚନ୍ଦ୍ର ସାହୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ଏପରି କି ସେହିବର୍ଷ ନଭେମ୍ବର ୩୦ରେ ଏନେଇ ପୁଣିଥରେ ରେଳ ମନ୍ତ୍ରଣାଳୟକୁ ଅବଗତ କରିଥିଲେ। ତେବେ ଉକ୍ତ ଆବେଦନ ଉପରେ ବିଚାର କରାଯାଇ ରେଳ ଷ୍ଟେଶନର ନାମ ପରିବର୍ତ୍ତନ ସଂକ୍ରାନ୍ତୀୟ ନିଷ୍ପତ୍ତି ରାଜ୍ୟ ସରକାର ନେଇ ପାରିବେ। ତେଣୁ ଏନେଇ ରାଜ୍ୟ ସରକାରଙ୍କ ନିକଟରେ ଆବେଦନ କରିବାକୁ ରେଳମନ୍ତ୍ରଣାଳୟ ପକ୍ଷରୁ ୧୯।୩।୨୦୧୯ରେ ଇଷ୍ଟକୋଷ୍ଟ ରେଳୱେର ଚିଫ କର୍ମସିଆଲ ମ୍ୟାନେଜର (ପିଏସ୍ ଆଣ୍ଡ ପିଏଲ୍‌ଜି) ଜେ.ଏଲ. ଲେଙ୍କା ଆବେଦନକାରୀ ହରିଶ୍ଚନ୍ଦ୍ରଙ୍କୁ ଜଣାଇଥିଲେ। ପରେ ଗତ ଜୁଲାଇ ୨୨ତାରିଖରେ ହରିଶ୍ଚନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଦାବିପତ୍ରରେ ସେ ଦର୍ଶାଇଥିଲେ ଯେ, ଇଷ୍ଟକୋଷ୍ଟ ରେଲୱେର ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲାର ଯାଜପୁର-କେନ୍ଦୁଝରରୋଡ ରେଳ ଷ୍ଟେଶନର ନାମ ପରିବର୍ତ୍ତନ କରିବାର ଆବଶ୍ୟକ ରହିଛି। ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନର ନାମ ସମ୍ପୂର୍ଣ୍ଣ ଭୁଲ। କେନ୍ଦୁଝର ଜିଲାକୁ ପୂର୍ବରୁ ରେଲଲାଇନ ଯାଇଛି ଓ ଏହାର ନାମ କେନ୍ଦୁଝର ରେଳ ଷ୍ଟେଶନ ରହିଛି। ଦୀର୍ଘ ଦଶନ୍ଧି ତଳେ ଯାଜପୁର ଏକ ସ୍ୱତନ୍ତ୍ର ଜିଲା ହୋଇ ନ ଥିବାରୁ ଏହାର ନାମ ଏପରି କରାଯାଇଥିଲା। ଏବେ ଯାଜପୁର ଓ କେନ୍ଦୁଝର ଜିଲା ସମ୍ପୂର୍ଣ୍ଣ ଅଲଗା। ଯାଜପୁର ରୋଡ ସମ୍ପୂର୍ଣ୍ଣ ଯାଜପୁର ଜିଲାରେ ଅବସ୍ଥିତ। ତେଣୁ ଏଠାରେ ଥିବା ରେଳ ଷ୍ଟେଶନର ନାମ ଯାଜପୁର-କେନ୍ଦୁଝରରୋଡ ନାମ ହେବା ଫଳରେ ଏହା ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ଗୋଟିଏ ଷ୍ଟେଶନର ନାମରେ ଦୁଇଟି ଜିଲାର ନାମ ରହିବା ଆଦୌ ଯୁକ୍ତିଯୁକ୍ତ ନୁହେଁ । ତେଣୁ ଜିଲା ଅନୁସାରେ ଏହି ଷ୍ଟେଶନର ନାମ ଯାଜପୁର ନାମରେ ନାମିତ କରିବାକୁ ହରିଶ୍ଚନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ । ଏହି ଦାବି ଉପରେ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସବିଶେଷ ଭାବେ ପରୀକ୍ଷାନିରୀକ୍ଷା କରାଯାଇଛି । କିନ୍ତୁ ରେଲୱେ ବୋର୍ଡର କର୍ମସିଆଲ ସର୍କୁଲାର-୧୨ ନମ୍ବର/୧୭।୪।୧୯୯ ଅନୁସାରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ବିଭାଗ ଏକାକି ନାମ ପରିବର୍ତ୍ତନ କରିବାକୁ ମଞ୍ଜୁର ଦେଇ ପାରିବେ। ପ୍ରଥମେ ପ୍ରସ୍ତାବଟି ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇ ଗୃହ ମନ୍ତ୍ରଣାଳୟକୁ ଅନୁମୋଦନ ପାଇଁ ଯିବା ଉଚିତ ବୋଲି ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସୂଚନା ଦିଆଯାଇଥିବାରୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପଦକ୍ଷେପ ନେବା ଆରମ୍ଭ କରିଛି ।

# ଜେଲ୍ ଗଲେ ସ୍ତ୍ରୀ ହତ୍ୟାକାରୀ ଗଣେଶ

କାକଟପୁର, ୨୭।୮(ଡି.ଏନ୍.ଏ.)-ଚରିତ୍ର ଉପରେ ସନ୍ଦେହ କରି ସ୍ତ୍ରୀଙ୍କୁ ନୃଶଂସ ଭାବେ ପିଟିପିଟି ହତ୍ୟା କରି ମୁଣ୍ଡରୁ ଗଣ୍ଡି ଅଲଗା କରି କଟାମୁଣ୍ଡକୁ ଧରି ଥାନାରେ ଆତ୍ମସମର୍ପଣ କରିଥିବା ଅସ୍ତରଙ୍ଗ ବ୍ଲକ ରାଇବେରୁଆଁ ଗ୍ରାମର ଗଣେଶ ବେହୁରାଙ୍କୁ ଜେଲ୍ ଯିବାକୁ ପଡ଼ିଛି। ମଙ୍ଗଳବାର ଗଣେଶଙ୍କୁ ଅସ୍ତରଙ୍ଗ ଥାନା ପୋଲିସ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ନିମାପଡ଼ା କୋର୍ଟକୁ ଚାଲାଣ କରିଥିଲା। କୋର୍ଟରେ ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏନେଇ ଅସ୍ତରଙ୍ଗ ଥାନାରେ ଦଫା ୪୯୮(ଏ), ୩୦୪(ବି), ୩୦୨, ୩୪ ଆଇପିସିରେ ୮୨/୧୯ ନମ୍ବରରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଅସ୍ତରଙ୍ଗ ଆଇଆଇସି ଶରତ କୁମାର ନାୟକ କହିଛନ୍ତି।

ସୂଚନା ଥାଉ କି, ଗଣେଶ ଚେନ୍ନାଇର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କିଛିଦିନ ହେଲା ଗାଁକୁ ଆସିଥିବାବେଳେ ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରିଥିଲେ। ଏନେଇ ରବିବାର ରାତିରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ହଠାତ୍ ଗଣେଶ ଉତ୍କ୍ଷିପ୍ତ ହୋଇ ଏକ ଶାବଳରେ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ପିଟି ପିଟି ମାରି ଦେଇଥିଲେ। କିନ୍ତୁ ସେତିକିରେ ବି ତାଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଏକ କଟୁରିରେ ତାଙ୍କ ମୁଣ୍ଡକୁ ଗଣ୍ଡିରୁ ଅଲଗା କରି ଦେଇଥିଲେ।



ଜାପାନ ରାଷ୍ଟ୍ରଦୂତ ଏଚ.ଇ କେନଜି ହୀରାମାତସୁଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

### ଧର୍ମେନ୍ଦ୍ର ଓ ଜାପାନ ରାଷ୍ଟ୍ରଦୂତ ଏଚ୍.ଇ କେନଜି ହୀରାମାତସୁଙ୍କ ଆଲୋଚନା

## ଦୁଇ ଦେଶର ସମ୍ପର୍କକୁ ମଜବୁତ କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଜାପାନ ରାଷ୍ଟ୍ରଦୂତ ଏଚ.ଇ କେନଜି ହୀରାମାତସୁଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ଉଭୟ ଇସ୍ପାତ ଉତ୍ପାଦନ, ପାରମ୍ପରିକ ଏବଂ ଅଣ-ପାରମ୍ପରିକ ଓ ନବୀକରଣ ଉର୍ଜା ସମ୍ବଳ କ୍ଷେତ୍ରରେ ଭାରତ ଓ ଜାପାନର ସମ୍ପର୍କକୁ ମଜବୁତ କରିବା ପାଇଁ ଆଲୋଚନା କରିଛନ୍ତି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ସହ ଜରିମାନା

**ନାବାଳିକାଙ୍କୁ ବଳାତ୍କାର**

**ବ୍ରହ୍ମପୁର ଅଫିସ,୨୭।୮**

ନାବାଳିକାଙ୍କୁ ବଳାତ୍କାର ମାମଲାର ମଙ୍ଗଳବାର ଶୁଣାଣି କରି ଅତିରିକ୍ତ ଜିଲା ଦୌରା ଜଜ -୨ ତଥା ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଜଗଦୀଶ ପ୍ରସାଦ ମହାନ୍ତି ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୭ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବାକୁ ମଧ ନିର୍ଦ୍ଦେଶ ରହିଛି।

ପ୍ରକାଶ ଯେ, ୨୦୧୮ ଜାନୁୟାରୀ ୧୨ ଅପରାହ୍ନ ପ୍ରାୟ ୫ଟାରେ ଜଣେ ୩ୟ ଶ୍ରେଣୀ ଛାତ୍ରୀ ସ୍କୁଲରୁ ଘରକୁ ଫେରିଥିଲେ। ତାଙ୍କ ମା' ବାରିପଟେ ବାସନ ସଫା କରୁଥିବା ବେଳେ ନାବାଳିକା ଘରେ ଟିଭି ଦେଖୁଥିଲେ। ଏହି ସମୟରେ ଜଣେ ଯୁବକ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀ ଜଣଙ୍କ ଚିତ୍କାର କରିଥିଲେ। ଝିଅ ପାଟି ଶୁଣି ବାରିପଟେ ଥିବା ପୀଡିତାଙ୍କ ମା' ଘରକୁ ଆସିଯିବାରୁ ଯୁବକ ଜଣଙ୍କ ଦୌଡ଼ି ପଳାଇଥିଲେ। ଗୁରୁତର ଥିବା ଝିଅଙ୍କୁ ତାଙ୍କ ମା' ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫/୧୮ରେ ମାମଲା ରୁଜୁକରି ଅଭିଯୁକ୍ତ ଗୋଇଲୁଣ୍ଡିର ପ୍ରଭାତ ନାୟକ ଓରଫ ରିଙ୍କୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ସବିତା ପାଣିଗ୍ରାହୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଅଭିଯୁକ୍ତ ରିଙ୍କୁ ଘଟଣା ପରଠାରୁ ଜେଲରେ ଥିବା ବେଳେ ମଙ୍ଗଳବାର ଏହି ମାମଲାର ବିଚାର ବେଳେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଅଭିଯୁକ୍ତ ପ୍ରଭାତଙ୍କୁ ଉପରୋକ୍ତ ଦଣ୍ଡାଦେଶର ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍‌ସୋ ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

### ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ମାମଲା

## ଶ୍ରୀକାନ୍ତ ମୋହତାଙ୍କ ଚିକିତ୍ସା ପାଇଁ ନିର୍ଦ୍ଦେଶ

**କଟକ ଅଫିସ, ୨୭।୮**

ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲ୍‌ରେ ଥିବା ବଙ୍ଗଳା ଫିଲ୍ମ ପ୍ରଯୋଜକ ଶ୍ରୀକାନ୍ତ ମୋହତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସା କରାଇବା ଲାଗି ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବା ନେଇ ଡାକ୍ତରୀ ଦଳ ରିପୋର୍ଟ ଦେବା ପରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୧ରେ ଅନୁଷ୍ଠିତ ଶୁଣାଣିରେ ମୋହତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ନେଇ ତାଙ୍କ ଓକିଲ ଅଦାଲତରେ ସତ୍ୟପାଠ ଦାଖଲ କରିଥିଲେ। ମୋହତାଙ୍କୁ ଚିକିତ୍ସା କରିବା ସହ ହାଇକୋର୍ଟରେ ରିପୋର୍ଟ ଦାଖଲ କରିବାକୁ ଏମ୍‌ସ କର୍ତ୍ତୃପକ୍ଷଙ୍କୁ ମଧ ଆଦେଶ ଦିଆଯାଇଛି। ମାମଲାର ବିବରଣୀରୁ ପ୍ରକାଶ, ରୋଜଭ୍ୟାଲି ଚିଟ୍‌ଫଣ୍ଡର ମୁଖ୍ୟ ଗୌତମ କୁଣ୍ଡୁ ହୋଇଥିବାବେଳେ ମୋହତା ହେଉଛନ୍ତି ବଙ୍ଗଳା ଫିଲ୍ମର ପ୍ରଯୋଜକ। ମୋହତାଙ୍କ ଶ୍ରୀ ଭେଙ୍କଟେସ୍ ନାମରେ ଏକ ଫିଲ୍ମ ପ୍ରଯୋଜନା ସଂସ୍ଥା ରହିଛି। ରୋଜଭ୍ୟାଲି ଟିଭି ଚ୍ୟାନେଲ ଓ ମୋହତାଙ୍କ ସିନେମା ସଂସ୍ଥା ମଧ୍ୟରେ ୨୦୧୦ରେ ବ୍ୟବସାୟିକ ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ଭେଙ୍କଟେସ୍ ପ୍ରଯୋଜନା ସଂସ୍ଥା ଉକ୍ତ ଟିଭି ସଂସ୍ଥାକୁ ୭୦ଟି ଫିଲ୍ମ ଦେବ। ଏ ବାବଦରେ ରୋଜ୍‌ଭ୍ୟାଲି ଉକ୍ତ ଫିଲ୍ମ ପ୍ରଯୋଜନା ସଂସ୍ଥାକୁ ୨୫ କୋଟି ଟଙ୍କା ପ୍ରଦାନ କରିଥିଲା। କିନ୍ତୁ ୭୦ଟି ପରିବର୍ତ୍ତେ ଉକ୍ତ ପ୍ରଯୋଜନା ସଂସ୍ଥା ମାତ୍ର ୩୦ଟି ଫିଲ୍ମ ଦେଇଥିଲା ବୋଲି ରୋଜ୍‌ଭ୍ୟାଲି ପକ୍ଷରୁ ଅଭିଯୋଗ ହୋଇଥିଲା।

### ଗ୍ରାମୀଣ ଆବାସ ଯୋଜନା ହିତାଧିକାରୀଙ୍କ ସମ୍ମିଳନୀ

**ଶେରଗଡ,୨୭।୮(ଡି.ଏନ.ଏ.):** ଶେରଗଡ ବ୍ଲକ ସଭାଗୃହରେ ମଙ୍ଗଳବାର ଗ୍ରାମୀଣ ଆବାସ ଯୋଜନା ହିତାଧୀକାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା ସାରସ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଗତ ୩ବର୍ଷ ମଧରେ କରାଯାଇଥିବା ଗ୍ରାମୀଣ ଆବାସ ଯୋଜନାରେ ଉପକୃତ ହିତାଧିକାରୀଙ୍କ ମନ୍ତବ୍ୟ ଲୋଡା ଯାଇଥିଲା। ଗୃହ କରିବା ସମୟରେ ଅସୁବିଧା ସମ୍ପର୍କରେ ହିତାଧିକାରୀ ମତ ରଖିଥିଲେ।

## ଗଞ୍ଜେଇ ଜବତ, ୨ ଗିରଫ

ଫିରିଙ୍ଗିଆ, ୨୭।୮: ଫିରିଙ୍ଗିଆ ଥାନା ପୋଲିସ ଚଢାଉ କରି ଏକ କାରରୁ ୩୫ କିଲୋ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କଟକ ଜିଲା ଆଠଗଡ ଥାନା ଅଞ୍ଚଳର ଚିତ୍ତରଞ୍ଜନ ମହାରଣା(୪୨) ଓ ତିଗିରିଆ ଥାନା ଅଞ୍ଚଳର ସୁଶାନ୍ତ ନାୟକ(୩୫) । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ମାଝିପଡା ଘାଟିରେ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ କାର ନଂ.ଓଆର ୦୨ବିଏଫ ୪୪୦୦ରୁ ଗଞ୍ଜେଇ ମିଳିଥିଲା । ଏ ନେଇ ଥାନାରେ ନଂ.୭୪ /୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ଦ୍ୱାରା ଅନୁସୂଚିତ ଜନଜାତିଙ୍କ ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ବିକାଶମୂଳକ କାର୍ଯ୍ୟର ବିବରଣୀ**

**୧) ସ୍ୱତନ୍ତ୍ର କେନ୍ଦ୍ରୀୟ ଯୋଜନା:- ନିର୍ଦ୍ଦିଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା** (FADP) **ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଆଦିବାସୀ ଉପଯୋଜନା:-**
- ୨୪ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ପାୱାର ଟିଲର କୃଷି ବିଭାଗ ଓ ଆଇଟିଡିଏ, କେନ୍ଦୁଝର ଆନୁକୂଲ୍ୟରେ ପ୍ରଦାନ କରାଯାଇଅଛି।
- ୭୧ ଗୋଟି ପମ୍ପସେଟ, ୭୧ ଜଣ ଆଦିବାସୀ ଚାଷଙ୍କୁ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ (OAIC) କେନ୍ଦୁଝରଙ୍କ ଜରିଆରେ ପ୍ରଦାନ କରାଯାଇଅଛି।
- ୧୫ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇ ସେଥିରେ ଧାନ କଳ (Paddy huller) ଓ Seasonal business କରାଯାଇଅଛି।
- ୩୦୦ ଏକର ଆଦିବାସୀ ଜମିରେ ପନିପରିବା ଚାଷ ଯଥା:- ବିଲାତି, ବାଇଗଣ, ଝୁଡଙ୍ଗ, ହଳଦୀ, ଚିନାବାଦାମ, ମକା, ମିଠାମକା, ମୂଳା, ଭେଣ୍ଡି, ଲଙ୍କା ଓ କଲରା ଇତ୍ୟାଦି ଚାଷ କରାଯାଉଅଛି।
- ୧୨୦ ଜଣ ଆଦିବାସୀ ମହିଳାଙ୍କୁ ବାଡ଼ି ଅଗଣାରେ କୁକୁଡ଼ା ଚାଷ କରିବା ପାଇଁ (Backyard Poultry) CDVO ଙ୍କ ଜରିଆରେ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଅଛି।
- ୧୮୨ ଜଣ ଆଦିବାସୀ ମହିଳାଙ୍କୁ Keonjhar Milk Union Ltd, Salapada (OMFED) ଜରିଆରେ ହରିଚନ୍ଦନପୁର, କେନ୍ଦୁଝର ଓ ପାଟଣା ବ୍ଲକରେ ସଙ୍କର ଜାତୀୟ ଗାଈ ପ୍ରଦାନ କରାଯାଇଅଛି। ଏହା ସହିତ ସେମାନଙ୍କର ଉତ୍ପାଦିତ ଦୁଗ୍ଧ OMFED ଜରିଆରେ ବିକ୍ରୟ କରିବାର ବ୍ୟବସ୍ଥା କରାଯାଇଅଛି।
- ୦୧ ଗୋଟି ଖଲି ସିଲାଇ କେନ୍ଦ୍ର (Khali leaf Stitching Unit) DFO, Keonjhar ଙ୍କ ଜରିଆରେ ଘଟଗାଁ ବ୍ଲକ ଅନ୍ତର୍ଗତ ଦେଓବନ୍ଧଠାରେ କରାଯାଇଅଛି।
- ୫୦ ଏକର ପରିମିତ ଆଦିମ ଜନଜାତି (ଜୁଆଙ୍ଗ) ଜମିରେ ତେଲକୋଇ ବ୍ଲକର ବାଂଶପାଳ ଗ୍ରାମରେ MGNREGA ଓ ITDA ତରଫରୁ ଆମ୍ବଚାରା ରୋପଣ କରାଯାଇଅଛି।
- ୫୦ ଏକର ପରିମିତ ଆଦିବାସୀ ଜମିରେ (OTELP Plus) ଜରିଆରେ ହରିଚନ୍ଦନପୁର ଓ ବାଂଶପାଳ ବ୍ଲକରେ ଆମ୍ବ ଚାରା ରୋପଣ କରାଯାଇଅଛି।
- ୩୭ ଜଣ ଆଦିବାସୀ ପରିବାରକୁ (ବ୍ୟକ୍ତିଗତ କୁକୁଡ଼ା ଫାର୍ମ) Individual broiler farming MGNREGA ଓ ITDA ତରଫରୁ ଗ୍ରହଣ କରାଯାଇଅଛି ଏବଂ ଉତ୍ପାଦିତ କୁକୁଡ଼ା ବୈତରଣୀ ମହିଳା ବିକାଶ ସମବାୟ ସମିତି, ତୁରୁମୁଙ୍ଗା ଜରିଆରେ ବିକ୍ରି କରିବାର ବ୍ୟବସ୍ଥା କରାଯାଇଅଛି।
- OAIC ଓ ITDA ଆନୁକୂଲ୍ୟରେ ୧୦ ଗୋଟି Micro River Lift Project, Jalanidhi-II ଜରିଆରେ କରାଯାଇଅଛି। ଏଥିରେ ୪୦ ଜଣ ଚାଷୀ ଉପକୃତ ହୋଇଛନ୍ତି।

**ଦକ୍ଷତା ବିକାଶ ଓ ନିୟୋଜନ ଭିତ୍ତିକ ତାଲିମ ପ୍ରଦାନ:-** ୨୦୧୮-୧୯ ଆର୍ଥିକ ବର୍ଷରେ ୩୦୬ ଜଣ ଜନଜାତି ଯୁବକ/ ଯୁବତୀଙ୍କୁ ଦକ୍ଷତା ବିକାଶ ଓ ନିୟୋଜନ ଭିତ୍ତିକ ତାଲିମ ଯଥା:- Plastic Processing, Hospitality Assistant, Beauty Care, Sewing Machine Operator, Domestic Electrician, Healthcare & multipurpose worker and Driver-cum-Mechanic ଇତ୍ୟାଦି ଉପରେ ତାଲିମ ପ୍ରଦାନ କରାଯାଇ ସେଥିମଧ୍ୟରୁ ୮୫ ଜଣ ଯୁବକ/ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରାଯାଇଅଛି।

**୨) ଜଙ୍ଗଲ ଅଧିକାର ଆଇନ (Forest Rights Act):-** ବର୍ତ୍ତମାନ ସୁଦ୍ଧା ୫୮୪୩୯ ଜଣଙ୍କୁ Individual Forest Rights (IFR) ରେ Title ଦିଆଯାଇଛି। ସେଥିମଧ୍ୟରୁ ୪୯୮ ଜଣ ଜୁଆଙ୍ଗ ପରିବାର ଅନ୍ତର୍ଭୁକ୍ତ। ସେହିଭଳି ଭାବେ Community Forest Rights (CFR) ରେ ୩୩୧ ଜଣଙ୍କୁ ପଟ୍ଟା ଦିଆସରିଛି। ସେଥିମଧ୍ୟରୁ ୨୦ ଜଣ ଜୁଆଙ୍ଗ ପରିବାର ଅନ୍ତର୍ଭୁକ୍ତ।

**୩) ଧାରା-୨୭୫ (କ):-** ଏହି ଯୋଜନାରେ ୧୩୬ ଗୋଟି ପ୍ରକଳ୍ପ ମଧ୍ୟରୁ ୬୩ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଅଛି ଓ ବଳକା ଚାଲୁ ରହିଅଛି। ସେଗୁଡ଼ିକ ହେଲା ଯଥା:- ପ୍ରାଥମିକ ଛାତ୍ରାବାସ ନିର୍ମାଣ ଓ ମରାମତି, ଅତିରିକ୍ତ ଶ୍ରେଣୀ ଗୃହ, ରୋଷେଇ ଗୃହ, ଶୌଚଗୃହ ନିର୍ମାଣ, ଗଭୀର କୂପ ଖନନ ସହିତ ପାନୀୟ ଜଳ ଯୋଗାଣ।

**୪) ରାଜ୍ୟ ଯୋଜନା:-** ଏହି ଯୋଜନାରେ ୧୧୧ ଗୋଟି ପ୍ରକଳ୍ପ ମଧ୍ୟରୁ ୭୨ ଗୋଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି ଏବଂ ବଳକା କାର୍ଯ୍ୟ ଚାଲୁ ରହିଅଛି ସେଗୁଡ଼ିକ ହେଲା ଯଥା:- ବିଦ୍ୟାଳୟ ଓ ଛାତ୍ରାବାସର ବିଦ୍ୟୁତକରଣ, ପାନୀୟ ଜଳ ଯୋଗାଣ, ବିଦ୍ୟାଳୟ ଗୃହର ଉନ୍ନତୀକରଣ, ପାଚେରି ନିର୍ମାଣ, ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ।

**୫) ଅଣଯୋଜନା:-** ଏହି ଯୋଜନାରେ ୬୬ ଗୋଟି ପ୍ରକଳ୍ପରୁ ୩୯ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଅଛି ଓ ବଳକା କାର୍ଯ୍ୟ ଚାଲୁ ରହିଅଛି। ସେଗୁଡ଼ିକ ହେଲା ଯଥା:- ଛାତ୍ରାବାସ ମରାମତି, ଗଭୀର ନଳକୂପ ଖନନ, ଶୌଚ ଗୃହ ନିର୍ମାଣ।

**୬) କେନ୍ଦ୍ରୀୟ ଯୋଜନା:** ଏହି ଯୋଜନାରେ ଗୋନାସିକା ଓ ଉପର କୁସୁମିତାର ଏଜୁକେସନାଲ କମ୍ପ୍ଲେକ୍ସର up-gradation ପାଇଁ ପ୍ରକଳ୍ପ କାର୍ଯ୍ୟ ଯଥା- ଛାତ୍ରାବାସ ଗୃହ ନିର୍ମାଣ, କର୍ମଚାରୀଙ୍କ ବାସସ୍ଥାନ ଓ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ବ୍ୟବସ୍ଥା ହୋଇଥିଲା। ୬ ଗୋଟି ପ୍ରକଳ୍ପରୁ ୦୩ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଅଛି।

ସ୍ୱା:- ଶ୍ରୀଯୁକ୍ତ ନାରାୟଣ ମୁର୍ମୁ, ଓ.ପ୍ର.ସେ. (ବ)
ପ୍ରକଳ୍ପ ପ୍ରଶାସକ
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର

ସ୍ୱା:- ଶ୍ରୀଯୁକ୍ତ ଆଶିଷ୍ ଠାକରେ ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧକ୍ଷ
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର

**ODISHA PVTG EMPOWERMENT AND LIVELIHOODS IMPROVEMENT PROGRAMME**
**(ST & SC Development Department)**
**SOURA DEVELOPMENT AGENCY: CHANDRAGIRI**
**Letter No.448** **TENDER CALL NOTICE** **Date: 19.08.2019**
Sealed tenders are invited from authorized suppliers for supply of office appliance meant for OPELIP, SDA, Chandragiri, Gajapati. The eligible Suppliers may visit the set of terms and condition of contract and other necessary documents in the website www.opelip.org and www.gajapati.nic.in. **1.** Name of the works : Supply of office appliance meant for OPELIP, SDA, Chandragiri, Gajapati Total cost : Rs. 740000/-( Seven Lakhs Forty Thousand) only., **2.** Nature of work :- Supply of office appliance, **3.** Date and time of availability of BID : 20.08.2019 to 03.09.2019 (During office hour), **4.** Last date & time for receipt of BIDs : On or before 05.09.2019 at 4.00 PM at SDA, Chandragiri., **5.** BIDs received shall be opened on : 11.00 AM 06.09.2019 in the office of Project Administrator, ITDA, Paralakhemundi., **6.** Name and address of the officer : Special Officer, OPELIP, SDA, Chandragiri., **7.** Bidders are strictly instructed to submit their bid through i.e hard copy by registered post/speed post only. Sealed bid must be delivered on or before 05.09.2019 at 4.00 PM at office of the Special Officer, OPELIP, SDA, Chandragiri. The Special Officer reserves the right to accept or reject any or all bid without assigning any reason thereof.
**Sd./- Special Officer, OPELIP, SDA, Chandragiri**

**JDCA**
JD Centre of Art
**Corrigendum**
**Notice Inviting Tender of Civil Work of Block A, JD Centre of Art, Bhubaneswar, Odisha**

With reference to the earlier NIT published in Dharitri on 09.08.2019. Last date of tender submission extended from 28.08.2019 to **04.09.2019, 17:00 hrs.** Date of tender opening extended from 29.08.2019 to **05.09.2019, 16:00 hrs.** All terms and conditions remain unchanged.

For queries & tender documents: spaces@jdcentreofart.org
A20 VIP Colony, Nayapalli, Bhubaneswar 751015
T: 0674 2554195, 2555077, +91 9310322133

**INVITATION FOR BID**
**No.-1785/SUDA, Date:26.08.2019/Bhubaneswar**
No.CAD-331 :- Sealed Proposals are invited by the State Urban Development Agency (SUDA), Housing and Urban Development Department from amongst consultancy firms/agencies for Establishment and Operationalization of Project Implementation Unit(PIU) under Swachh Bharat Mission(U). Details are available in the website i.e. www.sudaodisha.org & www.urbanodisha.gov.in
**Additional Director**
**SUDA**
**13036/11/0002/1920**

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଆସିକା**
**ପତ୍ର ସଂଖ୍ୟା.1070** **ବିଜ୍ଞାପନ** **ତା: 26.08.19**

ପରିଷଦର ବିଜ୍ଞାପନ ସଂଖ୍ୟା.୯୯୦ ତା୦୩।୦୮।୨୦୧୯ରିଖ ଅନୁଯାୟୀ ପରିଷଦ କାର୍ଯ୍ୟାଳୟ ପଛପଟେ ନିର୍ମାଣ ହେଉଥିବା ଦୋକାନ ତଳମହଲାରେ ୧୦ ଗୋଟି ଦୋକାନ ସହ ଏକ ଉପର ମହଲାରେ ୧୩ ଗୋଟି ଦୋକାନ ଗୃହ ଭଡା ସୂତ୍ରରେ ଦିଆଯିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା, ସେହି ବିଜ୍ଞାପନ ସରକାର ଗୃହ ଓ ପୌର ଉନ୍ନୟନର ପତ୍ର ସଂଖ୍ୟା.୭୭୧୮ ତା୨୩।୦୩।୨୦୧୮ରିଖ ଅନୁଯାୟୀ ହୋଇ ନ ଥିବାରୁ ସେହି ବିଜ୍ଞାପନକୁ ରଦ୍ଦ କରାଗଲା। ଯେଉଁ ବ୍ୟକ୍ତିମାନେ ଆବେଦନ କରିଥିଲେ ସେହି ବ୍ୟକ୍ତିମାନେ ପୁନଃବାର ବିନା ମୂଲ୍ୟରେ ନିଲାମ ଫର୍ମ କାର୍ଯ୍ୟାଳୟରୁ ଆସନ୍ତା ତା ୨୭।୦୮।୨୦୧୯ ଠାରୁ ୦୫।୦୯।୨୦୧୯ ମଧ୍ୟରେ ଫର୍ମ ସଂଗ୍ରହ କରି ପୁନଃବାର ଦରଖାସ୍ତ କରିପାରିବେ।

ନୂତନ ଭାବେ ଦରଖାସ୍ତ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ନିଲାମ ଫର୍ମ ଦେୟ କରି ଉପରୋକ୍ତ ଦିବସଗୁଡିକରେ କ୍ରୟ କରିପାରିବେ।

ଯେଉଁ ଦରଖାସ୍ତ ବ୍ୟକ୍ତିମାନେ ପରିଷଦ ତରଫରୁ ଦିଆଯାଇଥିବା ଅମାନତ ତଳ ମହଲା ଦୋକାନ ୧ ଗୋଟି ପାଇଁ ଅଗ୍ରୀମ ଅମାନତ ୧,୫୦,୦୦୦/- ଏବଂ ଉପର ମହଲା ନିମନ୍ତେ ଅମାନତ ୧୦୦୦୦୦/-ଟଙ୍କା ଠାରୁ ଅଧିକ ଦରରେ ନେବା ପାଇଁ ଇଚ୍ଛୁକ ଥିବା ଦରଖାସ୍ତକାରୀଙ୍କ ସର୍ବୋଚ୍ଚ ମୂଲ୍ୟର କ୍ରମାନ୍ୱୟରେ ଦୋକାନ ଗୃହ ଆବଣ୍ଟନ କରାଯିବ।
ଦରଖାସ୍ତ ଫର୍ମ ସହ ନିୟମାବଳୀ ଦିଆଯିବ।

**ସ୍ୱା./- ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା**

**GOVERNMENT OF ODISHA**
**"e"-PROCUREMENT NOTICE**
**WORKS DEPARTMENT**
No.127-B **E-mail : ceroads.bbsr@gmail.com**
**Bid Identification No. CE-DPI & R-09/2019-20**

| | | | |
|---|---|---|---|
| 1. | The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/ Bridge works as mentioned below : | | |
| 2. | Nature of work | : | Road works |
| 3. | No. of work | : | 05 Nos. |
| 4. | Tender Paper cost | : | Rs.10,000.00 |
| 5. | Class of Contractor | : | 'A' Class/ Special Class/ Super Class as noted against each work |
| 6. | Available of bid document in the website | : | From 10.00 A.M. of 04.09.2019 to 5.00 PM of 24.09.2019 |
| 7. | Date of opening of Bid | : | Dt.25.09.2019 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in.** Any addendum / corrigendum / cancellation of tender can also be seen in the said website. | | |

**Sd./- Chief Engineer**
**(DPI & Roads), Odisha**
**34117/11/0019/1920**

**DISTRICT RURAL DEVELOPMENT AGENCY, SAMBALPUR**
**Notice No. 1679 / DRDA/Estt/V-72-12/Dt. 27.08.2019**
To
Sri Lalit Mohan Pujari, ex-cashier, Jamankira Block,
At/Po: Maneswar, Dist: Sambalpur
Sub: Notice to appear before the Inquiring Officer & Project Director, DRDA for enquire into Departmental Proceeding No. 2566/Dt. 13.09.2002.

It is to inform you through this Newspaper that, you have not appeared before the Inquiring Officer & Project Director, DRDA after issue of several notices since 2015 for which the enquiry has not been completed. Hence, you are informed through this notice to appear before the Inquiring Officer & Project Director, DRDA on any working day with prior intimation within seven days from the publication of this notice failing which the case will be decided ex-parte.
**Sd./- Project Director, DRDA, Sambalpur**

## ସଂକ୍ଷେପରେ

### ଗ୍ରାମ ସଂଯୋଜକ ଚୟନ ଉପରେ ରହିତାଦେଶ

**କପ୍ତିପଦା, ୨୭।୮(ଡି.ଏନ.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକରେ ଚାଲିଥିବା ନୂତନ ଗ୍ରାମ ସଂଯୋଜକ (ମେଟ୍) ଚୟନ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ସରକାରୀ ନିୟମକୁ ଉଲ୍ଲଂଘନ କରି ଏହି ଚୟନ କରାଯାଉଥିବାରୁ ଏହାକୁ ନେଇ ପୂର୍ବତନ ଗ୍ରାମ ସଂଯୋଜକମାନେ ହାଇକୋର୍ଟର ଆଶ୍ରୟ ନେଇଥିଲେ। ସେମାନଙ୍କ ଅଭିଯୋଗକୁ ବିଚାରକୁ ନେଇ ହାଇକୋର୍ଟ ଗ୍ରାମ ସଂଯୋଜକ ଚୟନକୁ ସ୍ଥଗିତ ରଖିବା ପାଇଁ ଡବ୍ଲୁପି(ସି) ନଂ.-୧୪୩୧୮/୨୦୧୯ ଓ.ଆଇ.ଏ. ନଂ.-୧୧୨୪୪/୨୦୧୯ରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାକୁ ଭିତ୍ତିକରି ମୟୂରଭଞ୍ଜ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଚିଠି ନଂ. ୬୪୦୭/୨୬-୮-୧୯ରେ କପ୍ତିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କୋର୍ଟଙ୍କ ଅଦେଶ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଗ୍ରାମ ସଂଯୋଜକ ଚୟନ ବାତିଲ୍ ହେବ ବୋଲି ସ୍ପଷ୍ଟ ହୋଇଛି।

### ୧୦ କେଜି ଗଞ୍ଜେଇ ଜବତ, ୨ ଗିରଫ

**ବାଲେଶ୍ୱର ଅଫିସ,୨୭।୮:** ବାଲେଶ୍ୱର ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ମଙ୍ଗଳବାର ପୂର୍ବାହ୍ନରେ ନୀଳଗିରି ଥାନା ଅଞ୍ଚଳରେ ଚଢ଼ାଉ କରି ୧୦କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ସଂଗ୍ରାମପୁର ଗ୍ରାମର ଜିତେନ୍ଦ୍ର ମହାପାତ୍ର (୨୭) ଓ ରାଧାକିଶୋରପୁର ଗ୍ରାମର ନିରଞ୍ଜନ ବେହେରା (୬୨) ଗିରଫ ହୋଇଛନ୍ତି। ଜିତେନ୍ଦ୍ରଙ୍କ ଘରୁ ୧କେଜି ୨୫୦ଗ୍ରାମ୍ ଏବଂ ନିରଞ୍ଜନଙ୍କ ଘରୁ ୮କେଜି ୫ଶହ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ପୃଥକ୍ ଭାବେ ଦୁଇଟି ମାମଲା (ନଂ. ୯୫ ଓ ୯୬/୧୯-୨୦) ରୁଜୁ କରାଯାଇଛି। ୨ ଅଭିଯୁକ୍ତ କୋର୍ଟଚାଲାଣ ହୋଇଛନ୍ତି। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭତ୍ରାଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ଥାନାଧିକାରୀ ଉଦେଲାଲ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଚଢାଉରେ ସାମିଲ ହୋଇଥିଲେ।

### ଏଟିଏମ୍ ଲୁଟେରା ଗିରଫ

**ଚାନ୍ଦବାଲି,୨୭।୮(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ପୋଲିସ୍ ଜଣେ ଏଟିଏମ୍ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ବାଂଶଡା ଥାନା ଜଳେଶ୍ୱରପୁର ଗାଁର ଉଦୟକାନ୍ତ ବାରିକ(୨୪)। ଅଭିଯୁକ୍ତ ବ୍ୟବହାର କରୁଥିବା ବାଇକ୍‌କୁ ପୋଲିସ ଜବତ କରିଛି। ଶାଶୁଭୁଆସୁଣି ଗ୍ରାମର ଆରତୀଲତା ନାୟକ ଗତ ଏପ୍ରିଲ ୧୨ରେ ନୂଆ ଏଟିଏମ୍ କାର୍ଡ ପିନ୍ ନମ୍ବର ଜେନେରେଟ କରିବାକୁ ଚାନ୍ଦବାଲି କାଳୀ ମନ୍ଦିର ନିକଟରେ ଥିବା ଏଟିଏମକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଉଦୟ ଏହି କାମରେ ଆରତିଙ୍କୁ ସହଯୋଗ କରିଥିଲେ। ଏହି ସମୟରେ ଉଦୟ ଚଞ୍ଚକତା କରି ଆରତୀଙ୍କ ବ୍ୟାଙ୍କ ଖାତାରୁ ୨୦ ହଜାର ଟଙ୍କା ଉଠାଣ କରି ବାଇକ ଯୋଗେ ଫେରାର ହୋଇ ଯାଇଥିଲେ। ଆରତୀ ଜମାଖାତା ଯାଞ୍ଚ ବେଳେ ଟଙ୍କା ଉଠାଣ ହେବା କଥା ଜାଣି ଥାନାରେ ଅଭିଯୋଗ କରିଥିଲେ।

# ଦୁର୍ଗନ୍ଧରେ ଫାଟୁଛି ଦଣ୍ଡା ରୋଡ୍



ଡ୍ରେନେଜ୍ ସମସ୍ୟା ସମାଧାନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ୱାର୍ଡବାସୀ।

- ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ହୋଇପାରୁନି ନର୍ଦ୍ଦମା ଜଳ ନିଷ୍କାସନ
- ତୀବ୍ର ହେଉଛି ଅସନ୍ତୋଷ

**ଢେଙ୍କାନାଳ ଅଫିସ, ୨୭।୮**

ଢେଙ୍କାନାଳ ପୌରାଞ୍ଚଳ ୧୩ନଂ. ୱାର୍ଡ ଅଧୀନ ଦଣ୍ଡାରୋଡ୍‌ରେ ଡ୍ରେନେଜ୍ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଅଣ ଓସାରିଆ ପୁରାତନ ପଥର ଡ୍ରେନ୍‌ରେ ନର୍ଦ୍ଦମା ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ପୂତିଗନ୍ଧମୟ ପରିବେଶରେ ନାକଫାଟୁଛି। ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ପୌର କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହାର ସ୍ଥାୟୀ ସମାଧାନ କରିବାକୁ ୱାର୍ଡବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ଲଗାଣ ବର୍ଷାରେ ୩ନଂ, ୪ନଂ, ୧୧ନଂ ଏବଂ ୧୨ନଂ. ୱାର୍ଡରୁ ପାଣି ସ୍ରୋତ ପ୍ରବାହିତ ହୋଇ ଦଣ୍ଡାରୋଡ୍ ଡ୍ରେନ୍‌ରେ ମିଶି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି। ଡ୍ରେନ୍ ପାଣି ସହିତ ବିଷଧର ସାପ, କୀଟ ଘରେ ପଶୁଛନ୍ତି। ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ରୋଗୀ, ଛାତ୍ରୀଛାତ୍ର ଯାତାୟାତରେ କଷ୍ଟ ଭୋଗୁଛନ୍ତି। ବ୍ୟବସାୟୀ, କର୍ମଜୀବୀ କାର୍ଯ୍ୟକ୍ଷେତ୍ରକୁ ଯିବାରେ ନାହିଁ ନ ଥିବା ଦୁର୍ଦ୍ଦଶା ହେଉଛନ୍ତି। ସେହିପରି ଦଣ୍ଡା ସାହି ରାସ୍ତାର ଉତ୍ତର ଦିଗରେ ଥିବା ବସ୍ତିର ଡ୍ରେନ୍ ଅଧାପନ୍ତରିଆ ଅବସ୍ଥାରେ ରହିଛି। ସେଠାରେ ମଧ୍ୟ ବର୍ଷାଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ଜଳାଶୟ ସୃଷ୍ଟି ହୋଇଛି। ଏହି ଦୂଷିତ ଜଳ ଖୋଲା କୂଅରେ ପଶି ପାନୀୟ ଜଳକୁ ପ୍ରଦୂଷିତ କରୁଛି। ପାଇଖାନା ଟାଙ୍କିରେ ପାଣି ପଶୁଥିବାରୁ ସମସ୍ୟା ଅଧିକ ଜଟିଳ ହୋଇପଡୁଛି। ପୁରୁଣା ଘରଗୁଡ଼ିକ ଦବିଯାଉଛି। ହଜାର ହଜାର ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଡ୍ରେନେଜ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଗିରୀଶ ଚନ୍ଦ୍ର ନାଥ, ମୁରଲୀଧର ପଟ୍ଟନାୟକ, ଭରତ ହାତୀ, ପଙ୍କଜ ନାୟକ, ରୁଦ୍ରାନ୍ତ କୁମାର ଦଳେଇ, ଉପେନ୍ଦ୍ରନାଥ ସ୍ୱାଇଁ, ସୁନାକର ଲେଙ୍କା, ଜିତେନ୍ଦ୍ର ବରାଳ, ଦୀପୁନା ଜେନା, ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଏମ୍‌ପି, ବିଧାୟକ, ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ଦିଆଯାଇଛି। ଯୁଦ୍ଧକାଳୀନଭିତ୍ତିରେ ଡ୍ରେନ୍ ସମ୍ପ୍ରସାରଣ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଏସ୍‌ଏଚ୍‌ଜିଙ୍କୁ ମତ୍ସ୍ୟଚାଷ ପ୍ରଶିକ୍ଷଣ



ଶିବିରରେ ଅତିଥିମାନେ।

**କାମାକ୍ଷାନଗର, ୨୭।୮(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଉପଖଣ୍ଡରେ କାର୍ଯ୍ୟରତ ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ନେଇ ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମତ୍ସ୍ୟ ଅଧିକାରୀ ଦୀପ୍ତି କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଯୋଗଦେଇ କହିଲେ, ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏସବୁ ଯୋଜନାଗୁଡ଼ିକୁ ସୁଚିନ୍ତିତ ଭାବେ କାର୍ଯ୍ୟକାରୀ କରାଗଲେ ଆର୍ଥିକ ବିକାଶ ହୋଇପାରିବ। ଏହା ରାଜ୍ୟ ଓ ଦେଶର ପ୍ରଗତିରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। 'ୱାର୍ଲ୍ଡ ଫିଶ୍'ର ଜୋନାଲ ମ୍ୟାନେଜର ରେଶମା ନାୟକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି, ମିଶନ ଶକ୍ତି ବ୍ଲକ ସଂଯୋଜିକା ମୋସୁମୀ ସ୍ୱାଇଁ, କଙ୍କଡ଼ାହାଡ଼ ବ୍ଲକ ମତ୍ସ୍ୟ ଅଧିକାରୀ ଅନ୍ତର୍ଯ୍ୟାମୀ ବେହେରା ମହୁରାଳି ମାଛଚାଷ, ଏଥିଲାଗି ପ୍ରଦାନ କରାଯାଉଥିବା ସହାୟତା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ବ୍ଲକ ମତ୍ସ୍ୟ ଅଧିକାରୀ ଶେଷଦେବ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାମାକ୍ଷାନଗର, କଙ୍କଡ଼ାହାଡ଼, ପରଜଙ୍ଗ ବ୍ଲକର ଶତାଧିକ ଏସ୍‌ଏଚ୍‌ଜି ସଦସ୍ୟ, ପ୍ରାଣୀ ମିତ୍ର ଉପସ୍ଥିତ ଥିଲେ।

### ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

# 'ଅଧିକାର କ୍ଷୁଣ୍ଣ ହେଲେ ମିଳିବ ସହାୟତା'





ସଚେତନତା ଶିବିରରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୭।୮**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ମଳୟ ରଞ୍ଜନ ଦାସଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ ଆଲୋଚନାରେ ଭାଗନେଇ କହିଲେ, ଜନସାଧାରଣ ଯେପରି ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ସେଥିଲାଗି ପ୍ରାଧିକରଣ କାର୍ଯ୍ୟକରୁଛି। ଅଧିକାର କ୍ଷୁଣ୍ଣ ହେଲେ ସମସ୍ତ ଆଇନ ସହାୟତା ଯୋଗାଇ ଦିଆଯିବ। ପୀଡ଼ିତ ବ୍ୟକ୍ତି ଏ ନେଇ ପ୍ରାଧିକରଣର ଦୃଷ୍ଟି ଆକର୍ଷଣ କଲେ ସମସ୍ୟା ସମାଧାନ କରିବା ସହଜ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଯୋଗଦେଇ ସରକାରୀ ଯୋଜନାରେ ସାମିଲ ହୋଇ ବିକାଶକୁ ଆଗେଇ ନେବାକୁ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ। ଯୋଗ୍ୟ ହିତାଧିକାରୀମାନେ କିପରି ଆବାସ ଯୋଜନାରେ ବାସଗୃହ ପାଇପାରିବେ ଏବଂ ଏଥିପାଇଁ ଆବଶ୍ୟକ ମାନଦଣ୍ଡ ସମ୍ପର୍କରେ ଉପଜିଲାପାଳ ଆଲୋଚନା କରିଥିଲେ। ଏଥିସହ ଆଧାର ପରିଚୟପତ୍ର, ରାଶନ କାର୍ଡ, ଭୋଟର ପରିଚୟପତ୍ର ପାଇବା ସମ୍ପର୍କିତ ନୀତିନିୟମ ବିଷୟରେ ବୁଝାଇଥିଲେ।

ଓଡ଼ାପଡା ତହସିଲଦାର ବାଣୀନିବେଦିତା ସ୍ୱାଇଁ, ଜିଲା ରେଶମ ଚାଷ ବିଭାଗ ଉପନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା, ଜିଲା ଶ୍ରମ ଅଧିକାରୀ ମାନଭଞ୍ଜନ ପ୍ରଧାନ, ଏବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ନାୟକ ପ୍ରମୁଖ ଉପସ୍ଥିତ ରହି ଶିଶୁଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ପଠାଇବା, ବାଧ୍ୟତାମୂଳକ ଶିକ୍ଷା, ଲାଭଦାୟକ ଚାଷ, ଚାଷୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ଏବଂ ପ୍ରୋତ୍ସାହନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରମ ବିଭାଗ ପକ୍ଷରୁ ଅଞ୍ଚଳର ୨୦୦ ଶ୍ରମିକଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା।

ମୋଟଙ୍ଗା ଥାନାଧିକାରୀ ନମିତା ନାୟକ, ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ଅକ୍ଷୟ କୁମାର ଦାସ, ବାଙ୍ଗୁରସିଂହ ସରପଞ୍ଚ ଜଗବନ୍ଧୁ ଦଳେଇ, ପାରାଲିଗାଲ ସ୍ୱେଚ୍ଛାସେବୀ ପ୍ରମୋଦ କୁମାର ସ୍ୱାଇଁ, ବ୍ରହ୍ମାନନ୍ଦ ସାହୁ, ମନୋରଞ୍ଜନ ସ୍ୱାଇଁ, ବଶିଷ୍ଟ ବରାଳ, ଅଭିରାମ ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ପିଲାଙ୍କୁ ସମୟାନୁବର୍ତ୍ତୀ କରିବାକୁ ପରାମର୍ଶ

**ପରଜଙ୍ଗ, ୨୭।୮(ଡି.ଏନ୍.ଏ.)**

ପରଜଙ୍ଗ କଲେଜ ଓଡ଼ିଆ ବିଭାଗରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନେଇ ସୋମବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରସନ୍ନ କୁମାର ସାହୁ, ଇଂଲିଶ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଫେସର ପ୍ରବୋଧ କୁମାର ରଥ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ପ୍ରଫେସର କ୍ଷୀତୀଶ ଚନ୍ଦ୍ର ଜେନାମଣି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତୀ କରିବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। କଲେଜର ଓଡ଼ିଆ ବିଭାଗ ଛାତ୍ରୀଛାତ୍ରମାନେ ବିଗତ ଦିନରେ ବିଶ୍ୱବିଦ୍ୟାଳୟସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଭଲପାଠ ପଢ଼ି କଲେଜର ଗୌରବ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଅମରେନ୍ଦ୍ର ସାହୁ, ଅଞ୍ଜନ ମହାରଣା, ସଚ୍ଚିଦାନନ୍ଦ ପ୍ରଧାନ, ଅଧ୍ୟାପିକା ପ୍ରାଚୀପ୍ରଭା ସାଏନ୍ତ, ଦେବୀକୃପା ଦଳବେହେରାଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



### ସଙ୍କୁଚିତ ହେଉଛି ପୁରୁଣାକଟକ-ସମ୍ବଲପୁର ରାସ୍ତା

# ବଢୁଛି ଦୁର୍ଘଟଣା



ଡ୍ରେନ୍ ପୋତି ହୋଇଯାଇଥିବାରୁ ରାସ୍ତା ପାର୍ଶ୍ୱରେ ପାଣି ଜମିଛି।


**ଭାପୁର, ୨୭।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲାର ଅନ୍ୟତମ ବ୍ୟସ୍ତବହୁଳ ପୁରୁଣା କଟକ-ସମ୍ବଲପୁର ରାସ୍ତା ଦିନକୁ ଦିନ ସଙ୍କୁଚିତ ହୋଇପଡୁଛି। ରାସ୍ତାର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି।

ସଦର ବ୍ଲକ ଏବଂ ଓଡ଼ାପଡ଼ା ବ୍ଲକ ଅଧୀନ ଛଦେଶ ଅଞ୍ଚଳ ଦେଇ ଏହି ରାସ୍ତା ଯାଇଛି। ମଙ୍ଗୁଳିଠାରୁ ରାସ୍ତା ଦୋହରୀକରଣ କାର୍ଯ୍ୟ ଆରମ୍ଭ ହେବାପରଠାରୁ ଦୈନିକ ହଜାର ହଜାର ଯାନବାହନ ଚଳାଚଳ କରୁଛି। ରାସ୍ତାଟି ଗ୍ରାମାଞ୍ଚଳ ଦେଇ ଯାଇଥିବାରୁ ଉଭୟ ପାର୍ଶ୍ୱରେ ଜବରଦଖଲ ବୃଦ୍ଧି ପାଇଛି। କେତେକ ସ୍ଥାନରେ ଅନାବନା ଗଛ ରାସ୍ତା ଉପରକୁ ମାଡ଼ି ଆସିଛି। ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଅଧାରାସ୍ତା ବର୍ଷାପାଣିରେ ବୁଡ଼ି ରହୁଛି। ଭାପୁର ମେଡିକାଲ ଛକ, ଗାନ୍ଧୀ ଛକରେ ଏହି ସମସ୍ୟା ଏବେ ଜଟିଳ ରୂପ ଧାରଣ କରିଛି। ଅପରପକ୍ଷେ ଲୋକମାନେ ସଚେତନତା ଅଭାବରୁ ଘର ନିର୍ମାଣ ସାମଗ୍ରୀ ଗଦାକରି ରଖୁଛନ୍ତି। ଏହାକୁ ନେଇ ଯାତାୟାତରେ ସମସ୍ୟା ସୃଷ୍ଟି ହେବାରୁ ଗତ ଫେବୃୟାରୀରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏଯାଏ ଏହାର କୌଣସି ସମାଧାନ କରାଯାଇନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏ ନେଇ ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ କୁହନ୍ତି, ବର୍ଷା ଛାଡ଼ିବା ପରେ ଆର୍‌ଆଇଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯିବ। ଜବରଦଖଲକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ଡ୍ରେନ୍ ପୋତି ହୋଇଯାଇଥିବାରୁ ରାସ୍ତା ପାର୍ଶ୍ୱରେ ପାଣି ଜମୁଛି। ଜବରଦଖଲ ଯୋଗୁ ସମସ୍ୟା ଉପୁଜୁଛି। ତୁରନ୍ତ ବର୍ଷାଜଳ ନିଷ୍କାସନ ସହ ରାସ୍ତାପାର୍ଶ୍ୱ ବୁଦା ସଫା କରାଯିବ। ସ୍ଥାନୀୟ ଲୋକେ ସହଯୋଗ କଲେ ସମସ୍ୟାର ସମାଧାନ ହୋଇପାରିବ।

# ପୋଲିସ ଶିଖାଇଲା ଆତ୍ମରକ୍ଷା କୌଶଳ



ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

**କାମାକ୍ଷାନଗର, ୨୭।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପୋଲିସ ଏବଂ କାମାକ୍ଷାନଗର ଥାନା ସହାୟତାରେ ମଙ୍ଗଳବାର କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଛି। ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କହିଲେ, ଛାତ୍ରୀଛାତ୍ରମାନେ ଆତ୍ମରକ୍ଷା କୌଶଳ ଶିଖିଲେ ଆବଶ୍ୟକ ସମୟରେ କାମରେ ଆସିବ। ଏହାକୁ ସେମାନେ ଅନ୍ୟମାନଙ୍କୁ ମଧ୍ୟ ଶିଖାଇପାରିବେ। ଏପରି ମହତ୍ ଉଦ୍ଦେଶ୍ୟ ରଖି ଏସ୍‌ପି ଅନୁପମା ଜେମ୍‌ସଙ୍କ ନିର୍ଦ୍ଦେଶରେ ସ୍କୁଲସ୍ତରରେ ଏପରି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସେ ସୂଚନା ଦେଇଥିଲେ।

ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥାନାଧିକାରୀ ନିରଞ୍ଜନ ସେଠୀ, ଏସ୍‌ଆଇ ନିବେଦିତା ପ୍ରିୟଦର୍ଶିନୀ, ପୂର୍ବତନ ପ୍ରଧାନ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ନିରଞ୍ଜନ ସାହୁ, ଜୁନିୟର ରେଡ୍‌କ୍ରସ୍ କାଉନସିଲର ସୁରେଶ ବିଶ୍ୱାଳ, ଏନ୍‌ସିସି ଅଧିକାରୀ ଧ୍ରୁବଚରଣ ସୁନ୍ଦରାୟ, ସ୍କାଉଟ୍ସ ମାଷ୍ଟର ବାନାର୍ଜୀ ମହାନ୍ତି, ଗାଇଡ୍ସ କ୍ୟାପଟେନ୍ ସୁମିତ୍ରା ଜେନା, ଶିକ୍ଷକ ଡ. ଚନ୍ଦ୍ରମଣି ଲେଙ୍କା, ପ୍ରହ୍ଲାଦ ସାହୁ, ସମରେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଅପରାହ୍ନରେ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଜନପ୍ରତିନିଧି-ପ୍ରଶାସନିକ ଅଧିକାରୀ ମୁହାଁମୁହିଁ

# ବିଡିଓଙ୍କ ନାମରେ ସମିତିସଭ୍ୟାଙ୍କ ଏତଲା

**ହିନ୍ଦୋଳ ବ୍ଲକରେ ଚର୍ଚ୍ଚା**

- ବିଡିଓ ପ୍ରକୋଷ୍ଠରୁ ବାହାର କରିଦେଲେ: ସମିତିସଭ୍ୟା
- ସମିତିସଭ୍ୟାଙ୍କ ଅଭିଯୋଗ ଅଭ୍ୟାସଗତ: ବିଡିଓ
- ଅଭିଯୋଗ ମିଥ୍ୟା ପ୍ରମାଣିତ ହୋଇଛି: ଥାନାଧିକାରୀ
- ଲିଖିତ ଆକାରରେ ଦେଲେ ଆଲୋଚନା କରାଯିବ: ବ୍ଲକ ଅଧ୍ୟକ୍ଷ

**ଢେଙ୍କାନାଳ ଅଫିସ, ୨୭।୮**

ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ବିଲ୍‌କୁ ନେଇ ଢେଙ୍କାନାଳ ଜିଲା ହିନ୍ଦୋଳ ବିଡିଓ ହେମନ୍ତ କୁମାର ମହନ୍ତ ଏବଂ ହାତୁରା ସମିତିସଭ୍ୟା ପଦ୍ମାବତୀ ରାଉତଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ସମିତିସଭ୍ୟା ହିନ୍ଦୋଳ ଥାନାରେ ବିଡିଓଙ୍କ ନାମରେ ଏତଲା ଦେଇଛନ୍ତି। ଏଥିସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି। ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଏହି ବିବାଦ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ସମିତିସଭ୍ୟାଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ଇନ୍ଦିରା ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ବିଲ୍ ହେଉନାହିଁ। ଅଗଷ୍ଟ ୨୨ ମଧ୍ୟାହ୍ନ ୧୨ଟାରେ ସେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ଏଥିରେ ବିଡିଓ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ପ୍ରକୋଷ୍ଠରୁ ବାହାର କରିଦେଇଥିଲେ ବୋଲି ସେ ଜିଲାପାଳଙ୍କ ନିକଟରେ କରିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ ସୂଚନା ଦେଇଛନ୍ତି।

ଆସିଥିବା ଅଭିଯୋଗର ପ୍ରତିକ୍ରିୟାରେ ବିଡିଓ କୁହନ୍ତି, ସମିତିସଭ୍ୟାଙ୍କ ଏପରି ଅଭିଯୋଗ ଅଭ୍ୟାସଗତ। ଏଥିପୂର୍ବରୁ ମଧ୍ୟ ସେ ଜଣେ ଏବିଡିଓଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଥିଲେ। ପ୍ରକୋଷ୍ଠକୁ ଆସି ପାଟିତୁଣ୍ଡ କରିଥିଲେ। ଆଗରୁ ମଧ୍ୟ ଅନେକ ଥର ସେ ଏପରି ଆଚରଣ ପ୍ରଦର୍ଶନ କରିଥିବା ବିଡିଓ ସ୍ୱଷ୍ଟୀକରଣ ରଖିଛନ୍ତି। ସେହିପରି ଥାନାଅଧିକାରୀ ଅନାଦି ଚରଣ ପଟ୍ଟାୟତ କୁହନ୍ତି, ଘଟଣାର ତଦନ୍ତ କରାଯାଇଥିଲା। ବିଡିଓଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜଣାପଡ଼ିଛି। ତେବେ ଥାନାଧିକାରୀଙ୍କ ମତକୁ ନେଇ ସମିତିସଭ୍ୟା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ପୋଲିସ ପ୍ରଶାସନିକ ଅଧିକାରୀଙ୍କୁ ସମର୍ଥନ କରୁଛି। ଅଭିଯୋଗ ପରେ ମାମଲା ରୁଜୁ କରାଯାଉନାହିଁ। ସମସ୍ତ ଘଟଣାବଳୀ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତଙ୍କ ମତାମତ ଲୋଡ଼ାଯାଇଥିଲା। ସେ କୁହନ୍ତି, ଘଟଣା ସମ୍ପର୍କରେ ସୂଚନା ପାଇଛନ୍ତି। ସମିତିସଭ୍ୟା ଲିଖିତ ଆକାରରେ ଦେଲେ ଆଲୋଚନା କରାଯିବ।

## ସଂକ୍ଷେପରେ

### ସଂଗ୍ରହାଳୟ ପାଇଁ ଏମ୍‌ପିଙ୍କୁ ଦାବିପତ୍ର

**ଅନୁଗୋଳ ଅଫିସ, ୨୭।୮:** ଅନୁଗୋଳ ପୌରାଞ୍ଚଳ ୧୨ ନମ୍ବର ୱାର୍ଡରେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ସ୍ମୃତିରେ ଏକ ଉଦ୍ୟାନ ସହ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ସାମାଜିକ ଅନୁଷ୍ଠାନ ଯୁବଶକ୍ତି ଆହ୍ୱାନ ପକ୍ଷରୁ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ୱାର୍ଡରେ ମାଳତୀ ଦେବୀଙ୍କ ଏକ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ବେଳେ ସେଠାରେ ୫ ଗୁଣ୍ଠ ସରକାରୀ ଜାଗା ରହିଛି। ତାହାକୁ ଧୀରେ ଧୀରେ ଜବରଦଖଲ କରାଯିବା ସହ ସେଠାରେ ଅସାମାଜିକ କାର୍ଯ୍ୟକଳାପ ବଢୁଛି। ତେଣୁ ପ୍ରତିମୂର୍ତ୍ତି ଥିବା ଉକ୍ତ ପବିତ୍ର ସ୍ଥାନରେ ଉଦ୍ୟାନ ସହ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଦାବି କରାଯାଇଛି।

### ଉଠା ଜଳସେଚନ ପମ୍ପ ଚୋରି

**କଣିହାଁ, ୨୭।୮ (ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ବ୍ରାହ୍ମଣୀ ନଦୀ ପଠାରେ କୁଲେଇ ଗ୍ରାମର ଚାଷ ଜମିକୁ ପାଣି ଯୋଗାଣ ଲାଗି ରହିଥିବା ଉଠା ଜଳସେଚନ ପମ୍ପ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଗ୍ରାମ ସଭାପତି ବିଦେଶୀ ମହାନ୍ତି ଅଭିଯୋଗ କରିବା ପରେ ପୋଲିସ ନଂ. ୧୧୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବସ୍‌ଷ୍ଟାଣ୍ଡ ପାଇଁ ବଢ଼ିଲା ଅଡୁଆ
### ଷ୍ଟେ ଅର୍ଡର ଆଣିଲେ ୩ ବ୍ୟବସାୟୀ

**ଅନୁଗୋଳ ଅଫିସ, ୨୭।୮:** ଅନୁଗୋଳରେ ନିର୍ମାଣାଧୀନ ଅତ୍ୟାଧୁନିକ ସରକାରୀ ବସ୍‌ଷ୍ଟାଣ୍ଡ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସେଠାରେ ଥିବା ୧୮ଟି ଦୋକାନ ଘର ମଧ୍ୟରୁ ୧୫ଟିକୁ ଉଚ୍ଛେଦ କରାଯାଇଥିବା ବେଳେ ଅନ୍ୟ ୩ଟି ଦୋକାନ ଦେଇଥିବା ବ୍ୟବସାୟୀ ଓଡ଼ିଶା ଉଚ୍ଚ ନ୍ୟାୟାଳୟରୁ ଷ୍ଟେ ଅର୍ଡର ଆଣି ଓଏସ୍‌ଆର୍‌ଟିସି ସିଏମ୍‌ଡି, ଜିଏମ୍, ଅନୁଗୋଳ ୟୁନିଟ୍ ଇନ୍‌ଚାର୍ଜଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି। ଫଳରେ ପ୍ରଶାସନ ପକ୍ଷରୁ ହେବାକୁ ଥିବା ଉଚ୍ଛେଦ ବର୍ତ୍ତମାନ ବାତିଲ କରାଯାଇଛି। ଏ ସମ୍ପର୍କରେ ଓଏସ୍‌ଆର୍‌ଟିସି ୟୁନିଟ୍ ଇନ୍‌ଚାର୍ଜ ମାଗୁଣି ମହାନ୍ତି କହିଛନ୍ତି, ପ୍ରଥମେ ୩ ଜଣ ବ୍ୟବସାୟୀଙ୍କୁ ଆଲୋଚନା ପାଇଁ ଡକାଯିବ। ସେମାନେ ନ ଆସିଲେ କିମ୍ବା ଅଧିକାରୀଙ୍କ ସହ ଆଲୋଚନା ବିଫଳ ହେଲେ ପରବର୍ତ୍ତୀ ପନ୍ଥା ଅବଲମ୍ବନ କରାଯିବ। ଆବଶ୍ୟକ ପଡ଼ିଲେ ଉଚ୍ଚ ନ୍ୟାୟାଳୟରୁ ବ୍ୟବସାୟୀମାନେ ଆଣିଥିବା ଷ୍ଟେ ଅର୍ଡର ରଦ୍ଦ କରିବାକୁ ଓଏସ୍‌ଆର୍‌ଟିସି ସିଏମ୍‌ଡି କୋର୍ଟରେ ଆଶ୍ରୟ ନେବେ ବୋଲି ୟୁନିଟ୍ ଇନ୍‌ଚାର୍ଜ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ ଯେ, ୧ ଏକର ୧୪ ଡିସିମିଲ ଜାଗାରେ ନିର୍ମାଣ ହେଉଥିବା ଅନୁଗୋଳର ଏହି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ପାଇଁ ରାଜ୍ୟ ସରକାର ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

■ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ରାଜପଥ ମରାମତି ଅବହେଳା ନେଇ ଅସନ୍ତୋଷ

**ଅନୁଗୋଳ ଅଫିସ, ୨୭।୮**



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ ସହ ମୃତ୍ୟୁ ସଂଖ୍ୟା ହ୍ରାସ ଏବଂ ଆହତମାନଙ୍କୁ ତୁରନ୍ତ ଚିକିତ୍ସା ସେବା କିପରି ଯୋଗାଇ ଦିଆଯିବ ସେ ସମ୍ପର୍କରେ ଗଠିତ ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ ମଙ୍ଗଳବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପସ୍ଥିତ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି ୨୦୧୮ ବର୍ଷରେ ମୋଟ୍ ୪୬୦ ଦୁର୍ଘଟଣାରେ ୨୧୫ ଜଣଙ୍କ ମୃତ୍ୟୁ ହୋଇଥିବା ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଚଳିତ ବର୍ଷ ଜୁଲାଇ ୩୧ ମଧ୍ୟରେ ୨୩୨ଟି ଦୁର୍ଘଟଣାରେ ୧୧୬ ଜଣଙ୍କ ମୃତ୍ୟୁ ଓ ୧୮୨ ଜଣ ଆହତ ହୋଇଥିବା ସୂଚନା ଦେଇଥିଲେ।

୫୫ ନମ୍ବର ଜାତୀୟ ରାଜପଥର ରନ୍ତଲେଇ ଠାରୁ ବଅଁରପାଳ ମଧ୍ୟରେ ଅଧିକାଂଶ ଦୁର୍ଘଟଣା ଘଟୁଛି। ଗତ ବୈଠକର ନିଷ୍ପତ୍ତି ଅନୁଯାୟୀ ଜାତୀୟ ରାଜପଥ ପ୍ରାଧିକରଣ ଓ ଗାୟତ୍ରୀ କନଷ୍ଟ୍ରକଶନ ରାଜପଥ ପାର୍ଶ୍ୱ ମରାମତି ନ କରିବାରୁ ଦୁର୍ଘଟଣା ବଢୁଛି। ଏହାଛଡ଼ା ହୁଲୁରୁସିଂହା ଛକରେ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡ଼ିକୁ ମରାମତି କରାଯାଇ ନ ଥିବାରୁ ଜିଲାପାଳ ବୈଠକରେ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜପଥର ଉଭୟ ପାର୍ଶ୍ୱରେ ଦେଢ଼ ମିଟର ଯାଏ ମୋରମ ପକାଇ ସମତଳ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ରାଜପଥ ଓ ଏହାର ଶାଖା ରାସ୍ତା ଗୁଡ଼ିକରେ ହମ୍ପସ୍ ବଦଳରେ ରମ୍ବଲର୍ସ ସହ ସାଙ୍କେତିକ ଚିହ୍ନ ଏବଂ ରାସ୍ତା ମଝିରେ ଧଳା ଟ୍ରାକ୍ କରାଯାଇ ନ ଥିବାରୁ ଜିଲାପାଳ ନିର୍ମାଣକାରୀ ସଂସ୍ଥା ଓ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ। ଏହାଛଡ଼ା ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଚାଳକମାନଙ୍କ ଲାଇସେନ୍ସ ରଦ୍ଦ ସହ ନିୟମିତ ଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନୁଗୋଳରୁ ସମ୍ବଲପୁର ମଧ୍ୟରେ ୯ଟି ବ୍ଲାକ୍ ସ୍ପଟ୍ ଓ ଅନୁଗୋଳରୁ ଢେଙ୍କାନାଳ ମଧ୍ୟରେ ୧୦ଟି ବ୍ଲକ ସ୍ପଟ୍ ଚିହ୍ନଟ କରାଯାଇ ସାଂକେତିକ ଚିହ୍ନ, ରମ୍ବଲର୍ସ କରାଯାଇଥିବା ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଟ୍ରକ୍ ଟର୍ମିନାଲ ପାଇଁ ଶାବଳଭଙ୍ଗା, ଫିଟ୍‌ନେସ୍ ସେଣ୍ଟର ପ୍ରତିଷ୍ଠା ପାଇଁ ରନ୍ତଲେଇ ଓ ହେଭି ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ଶରଧାପୁର ଠାରେ କରିବା ପାଇଁ ଆବଶ୍ୟକ ଜାଗା ଚିହ୍ନଟ କରିବାକୁ ତହସିଲଦାରଙ୍କୁ ପରାମର୍ଶ ଦିଆଯାଇଥିଲା। ତେବେ ରାସ୍ତା ମରାମତିରେ ଖିଲାପ ଯୋଗୁ ଦୁର୍ଘଟଣା ଘଟିଥିଲେ ସମ୍ପୃକ୍ତ ବିଭାଗ ଓ ସଂସ୍ଥା ବିରୋଧରେ ଫୌଜଦାରୀ ମାମଲା କରାଯିବ ବୋଲି ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବସନ୍ତ କୁମାର ପ୍ରଧାନ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ସମରେନ୍ଦ୍ର ପଟ୍ଟନାୟକ, ଜିଲା ଓ ରାଜ୍ୟ ଟ୍ରକ୍ ମାଲିକ ସଂଘ ସଭାପତି ବିଭୂତି ଭୂଷଣ ଦାସ, ସଂଗ୍ରାମ ରଞ୍ଜନ ଦାଶ, ସମ୍ବଲପୁର ଜାତୀୟ ରାଜପଥ ପ୍ରାଧିକରଣର ଜିଏମ୍ ଆର୍ ଭେଙ୍କଟେଶ୍ୱର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣର ଜିଏମ୍ ପି.କେ. ଭାରତୀ, ସାମାଜିକ କର୍ମୀ କଲ୍ୟାଣ କିଶୋର ମହାନ୍ତି, ଗାୟତ୍ରୀ କନ୍‌ଷ୍ଟ୍ରକଶନ୍‌ର ସୁରେଶ ପ୍ରସାଦ ପାଢ଼ୀ, ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

> ■ଢେଙ୍କାନାଳ-ସମ୍ବଲପୁର ମଧ୍ୟରେ ୧୯ ବ୍ଲାକ୍ ସ୍ପଟ୍
> ■ଜୁଲାଇ ୩୧ ମଧ୍ୟରେ ୨୩୨ ଦୁର୍ଘଟଣା, ୧୧୬ ମୃତ୍ୟୁ
> ■ଟ୍ରାଫିକ ନିୟମ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

# ଗ୍ରାମୀଣ ଆବାସ କାର୍ଯ୍ୟାଦେଶ ବର୍ଣ୍ଟନ

**ଛେଣ୍ଡିପଦା, ୨୭।୮ (ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଭାଗୃହ ଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଆବାସ ଓ ନିର୍ମାଣ ଶ୍ରମିକ ଆବାସ ଯୋଜନାର କାର୍ଯ୍ୟାଦେଶ ବର୍ଣ୍ଟନ କରାଯାଇଛି। ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ସାହୁ, ଏମ୍‌ପିଙ୍କ ପ୍ରତିନିଧି ମହନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ହିତାଧିକାରୀମାନେ ଘର ସମ୍ପୂର୍ଣ୍ଣ କରି ବୋନସର ସୁବିଧା ପାଇପାରିବେ ବୋଲି ପ୍ରକାଶ କରିଥିଲେ। ଅତିଥିମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନତଡା, ଓଗୀ, ପରା, ବାଲିପଟା, ଜେରେଙ୍ଗ ଦେହୁରୀସାହି, ମାଛକୁଟା, ବ୍ରାହ୍ମଣବିଲ, କୋଶଳା, ନିଶା, ଟାଙ୍ଗିର ଆଦି ପଞ୍ଚାୟତର ୫୭ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବର୍ଣ୍ଟନ କରିଥିଲେ। ସେହିପରି ନିର୍ମାଣ ଶ୍ରମିକ ଯୋଜନାରେ ପରା, ବାହାଲସାହି, କୁଶକିଳା, ଡୁକୁଡା, କତଡା, ବାଲିପଟା, ଜେରେଙ୍ଗ ଦେହୁରୀ ସାହି, ଟାଙ୍ଗିର, ଦୁର୍ଗାପୁର ଓ ଓଗୀ ପଞ୍ଚାୟତର ୨୦ ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ ବର୍ଣ୍ଟନ କରିଥିଲେ। ଗ୍ରାମାଞ୍ଚଳରେ ଥିବା ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ପର୍ଯ୍ୟାୟ କ୍ରମେ ଗ୍ରାମୀଣ ଅବାସ ଯୋଜନାରେ କାର୍ଯ୍ୟାଦେଶ ବର୍ଣ୍ଟନ କରାଯିବ ବୋଲି ବ୍ଲକ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି। କମ୍ପ୍ୟୁଟର ପ୍ରୋଗ୍ରାମର ବାବୁଲି ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସାହୁ, ଚିରୋଲିମା ପ୍ରିୟଦର୍ଶିନୀ, ବିଭିନ୍ନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।




ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

## ରାଜପଥ ମରାମତି ପାଇଁ ଜିଲାପାଳଙ୍କୁ ଅଭିଯୋଗ



**ବଇଣ୍ଡା, ୨୭।୮ (ଡି.ଏନ.ଏ.)**

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର କିଶୋରନଗର ବ୍ଲକ ଜାମୁନାଳୀଠାରୁ ଭାଙ୍ଗମୁଣ୍ଡା ଯାଏ ୪୦ କିମି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହାକୁ ମରାମତି କରାଯାଉ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ତୁରନ୍ତ ରାଜପଥ ମରାମତି ନିମନ୍ତେ ବଇଣ୍ଡା ଗ୍ରାମବାସୀ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ୫୫ନଂ. ରାଜପଥ ୪ ଲେନ କରାଯାଉଛି। ଏହି କାମ ଗାୟତ୍ରୀ ଠିକାସଂସ୍ଥା ପକ୍ଷରୁ କରାଯାଉଥିବାବେଳେ ବହୁ ବିଳମ୍ବ ଯୋଗୁ ୩୦ ପ୍ରତିଶତ କାମ ହୋଇପାରି ନାହିଁ। ମେ ୨୦୧୮ରେ ଉଚ୍ଛେଦ ପ୍ରକ୍ରିୟା ହୋଇଥିବାବେଳେ ୧୫ ମାସ ବିତିଯାଇଥିଲେ ମଧ୍ୟ ୫୦ ପ୍ରତିଶତ ରାସ୍ତା ନିର୍ମାଣ ହୋଇ ପାରି ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭାରିଯାନ ଯାଉଥିବାବେଳେ ରାସ୍ତାରୁ ପିଚୁ ଉଠି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ଏହାକୁ ମରାମତି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ବରିଷ୍ଠ ନାଗରିକ ଭଗବାନ ଘିଓ୍ୱାଲା, ସରପଞ୍ଚ ଜଳଧର ସାହୁ, ରମାକାନ୍ତ ବେହେରା, ଆଇନଜୀବୀ ପ୍ରତାପ ପ୍ରଧାନ, ମାଧବ ସାହୁ, ଘନଶ୍ୟାମ ବେହେରା ଚେତାବନୀ ଦେଇଛନ୍ତି।

## ଏସ୍‌ପିଙ୍କୁ ଭେଟିଲେ କୁରାଳ ସମାଜ ସଂଘ କର୍ମକର୍ତ୍ତା

**ଅନୁଗୋଳ ଅଫିସ, ୨୭।୮**

ଅନୁଗୋଳ ଜିଲା କୁରାଳ (କୁମ୍ଭାର) ଜନମଙ୍ଗଳ ସମାଜ ସଂଘର ଏକ ପ୍ରତିନିଧି ଦଳ ମଙ୍ଗଳବାର ନୂତନ ଏସ୍‌ପି ଜଗମୋହନ ମୀନାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସଂଘ ପକ୍ଷରୁ ହେଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟରେ ସହଯୋଗ କରିବାକୁ ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ସଂଘ ସମ୍ପାଦକ ପ୍ରମୋଦ ଚନ୍ଦ୍ର ରାଉଳଙ୍କ ନେତୃତ୍ୱରେ ସଭାପତି ନୀଳକଣ୍ଠ ମୁଦୁଲି, ଉପସଭାପତି ନାରାୟଣ ମୁଦୁଲି, ସଦସ୍ୟ ଶୁକଦେବ ବେହେରା, ରବିନ୍ଦ୍ର ବେହେରା, ପବିତ୍ର କୁମାର ମୁଦୁଲି, ଶତ୍ରୁଘ୍ନ ରାଉଳ, ଭ୍ରମରବର ବେହେରା, ରାମଚନ୍ଦ୍ର ରାଉଳ, ଶୁକ୍ରୁ ରାଉଳ, ଦୁଆରି ବେହେରା, ଉଆଲି ମୁଦୁଲି, ମହେଶ୍ୱର ବେହେରା, ଦୁଃଖବନ୍ଧୁ ରାଉଳ ପ୍ରମୁଖ ସାକ୍ଷାତ କରିଛନ୍ତି।

## ହାତୀ ଘଉଡ଼ାଇବାରେ ସମିତିର ସହଯୋଗ ନିଆଯିବ



**ଛେଣ୍ଡିପଦା, ୨୭।୮ (ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ଜରପଡା ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ଆମ ଜଙ୍ଗଲ ଯୋଜନା ଅଗ୍ରଗତି ସାଙ୍ଗକୁ ଜଙ୍ଗଲ ଅଭିବୃଦ୍ଧି ଏବଂ ସୁରକ୍ଷା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଶେଷକରି ଏହି ବନାଞ୍ଚଳ ଅଧୀନରେ ଥିବା ସମସ୍ତ ବନ ସୁରକ୍ଷା ସମିତି ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଆମ ଜଙ୍ଗଲ ଯୋଜନା ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଜଙ୍ଗଲ ଅଭିବୃଦ୍ଧି ସାଙ୍ଗକୁ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ବନସୁରକ୍ଷା ସମିତି ଗୁଡିକ ଉଲ୍ଲେଖନୀୟ ଭୂମିକା ତୁଲାଇ ଆସୁଥିବା ଯୋଗୁ ବିଭାଗ ପକ୍ଷରୁ ସନ୍ତୋଷ ପ୍ରକାଶ ପାଇଥିଲା। ଏହାସହ ହାତୀ ଉପଦ୍ରବ ରୋକିବା ପାଇଁ ଉଭୟ ଜଙ୍ଗଲ ବିଭାଗ ଏବଂ ବନ ସୁରକ୍ଷା ସମିତି ମିଳିତ ଭାବେ ଉଦ୍ୟମ କରିବା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସରକାରୀସ୍ତରରେ ଏହି କାର୍ଯ୍ୟ କରିବା ପାଇଁ ବନ ସୁରକ୍ଷା ସମିତି ଗୁଡିକୁ ସାମିଲ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ସଭ୍ୟମାନେ ମତପ୍ରକାଶ କରିଥିଲେ। ହାତୀ ଉପଦ୍ରବ ସମ୍ପୂର୍ଣ୍ଣ ରୋକିବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତିଗୁଡିକୁ ସାମିଲ କରାଯାଇ ଦାୟିତ୍ୱ ପ୍ରଦାନ କରାଯିବ। ଏହି ଅବସରରେ ଗଜବନ୍ଧୁ ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଆଗାମୀ ଦିନରେ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ବନାଞ୍ଚଳ ଅଧିକାରୀ ମତ ପ୍ରକାଶ କରିଥିଲେ। ଫରେଷ୍ଟର ଲୋକନାଥ ପ୍ରଧାନ, ବିକାଶ ବେହେରା, ଗାର୍ଡ ଟିକେଶ୍ୱର ନାୟକ, ଦୀନବନ୍ଧୁ ନାୟକ, ବିଜୟ ନାଏକଙ୍କ ସମେତ ବନ ସୁରକ୍ଷା ସମିତି ସଭାପତି, ଆନିମେଟର, ସଦସ୍ୟ ତଥା ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ସଚେତନ ହେଲେ ରୋଗମୁକ୍ତ ହେବେ



**ବନ୍ତଲା, ୨୭।୮ (ଡି.ଏନ.ଏ.)**

ଅନୁଗୋଳ ଜିଲା ପୋକତୁଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନାତନ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ବଣାମୀର ସ୍ୱାସ୍ଥ୍ୟକେନ୍ଦ୍ରର ହୋମିଓପ୍ୟାଥିକ ଡାକ୍ତର ଜ୍ୟୋତିପ୍ରଭା ମିଶ୍ର, ବନ୍ତଲା ଗୋଷ୍ଠୀକେନ୍ଦ୍ର ମ୍ୟାଲେରିଆ ସୁପରଭାଇଜର ବିଶ୍ୱଜିତ କର, ହାଇସ୍କୁଲ ଶିକ୍ଷା କମିଟି ସଭାପତି ଦିନେଶ ଦେହୁରୀ, ବିଜ୍ଞାନ ଶିକ୍ଷକ ମହେଶ୍ୱର ଦେହୁରୀ, ଆଶା କର୍ମୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇଥିଲେ। ସାଧାରଣତଃ ବର୍ଷା ସମୟରେ ଲୋକମାନେ ଡେଙ୍ଗୁ, ମ୍ୟାଲେରିଆ, ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥାନ୍ତି। ଏପରି କ୍ଷେତ୍ରରେ ଜନସାଧାରଣ ସଚେତନ ହେଲେ ଏସବୁ ରୋଗରୁ ମୁକୁଳି ପାରିବେ ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କମିଟି ସଦସ୍ୟା କଲ୍ୟାଣୀ ବେହେରା, ତପସ୍ୱିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

■ମା' ହିଙ୍ଗୁଳା ମନ୍ଦିର, ମୂର୍ତ୍ତି ନିର୍ମାଣ ପାଇଁ ବୈଠକ

# ଲୋଡ୍ ପିଛା ଅର୍ଥ ଦେବେ ସମସ୍ତ ଟ୍ରକ୍ ମାଲିକ

**ତାଳଚେର, ୨୭।୮ (ନି.ପ୍ର.)**



ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ସେଥିରେ ଲାଗିବାକୁ ଥିବା ମୂର୍ତ୍ତି ନିର୍ମାଣ ପାଇଁ ଏକ ବୈଠକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳ ତଥା ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ପରେଶ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ବୈଠକରେ ଯୋଗଦେଇ ହିଙ୍ଗୁଳା ସେକ୍ଟରର ନୂତନ ଓ ପୁରାତନ ଟ୍ରକ୍ ମାଲିକ ସଂଘ ପରି ଅନ୍ୟ ଟ୍ରକ୍ ମାଲିକ ସଂଘ ଆର୍ଥିକ ସହଯୋଗ କଲେ ନିର୍ମାଣ କାର୍ଯ୍ୟ ଆହୁରି କ୍ଷିପ୍ର ଗତିରେ ଆଗେଇ ଯିବ ବୋଲି ଆଶା ପ୍ରକାଶ କରିଥିଲେ। ତାଳଚେରସ୍ଥିତ ସମସ୍ତ ଟ୍ରକ୍ ମାଲିକ ସଂଘ ମା'ଙ୍କ ମନ୍ଦିର ନିର୍ମାଣ ପାଇଁ ପ୍ରତି ଲୋଡ ପିଛା (ଟ୍ରକ୍) ୩୦ ଟଙ୍କା ଦେବାକୁ ସ୍ୱୀକୃତି ପ୍ରଦାନ କରିଥିଲେ। ସେହିପରି ବିପଦ ଆପଦ ଓ ସାମାଜିକ ଦାୟିତ୍ୱବୋଧକୁ ଦୃଷ୍ଟିରେ ରଖି ବିଧାୟକ ପ୍ରଧାନ ମା' ହିଙ୍ଗୁଳା ସାମାଜିକ ଉନ୍ନୟନ କମିଟି ନାମରେ ଏକ ନୂତନ କମିଟି ପାଇଁ ଦେଇଥିବା ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରତ୍ୟେକ ଲୋଡିଂ ପିଛା (ଟ୍ରକ୍) ୧୦ ଟଙ୍କା ଆଦାୟ କରାଯାଇ ଏକ ସ୍ୱତନ୍ତ୍ର ଯୁଗ୍ମ ଖାତାରେ ଜମା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ମୟୂରଭଞ୍ଜ ଜିଲା ଖିଚିଙ୍ଗରୁ ଆସିଥିବା ପଥର ମୂର୍ତ୍ତି କାରିଗରମାନଙ୍କ ସହ ଟ୍ରଷ୍ଟବୋର୍ଡ ସଦସ୍ୟମାନେ ଆଲୋଚନା କରିଥିଲେ। ଏହି ବୈଠକରେ ତାଳଚେର ଉପଖଣ୍ଡ ଆରକ୍ଷୀ ଅଧିକାରୀ ହେମନ୍ତ କୁମାର ପଣ୍ଡା, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ପି.ବି. ରେଡ୍ଡୀ, ଟ୍ରକ୍ ମାଲିକ ସଂଘ ପ୍ରତିନିଧି ପ୍ରସନ୍ନ ମିଶ୍ର, ଅନନ୍ତ ସାହୁ, ଅଶୋକ ସାହୁ, ବିଜୟ ସାହୁ, ନିରୋଦ ପ୍ରଧାନ, ସୁରେଶ ଚନ୍ଦ୍ର ସାହୁ, ହୃଦୟ ଚନ୍ଦ୍ର ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମା' ଙ୍କ ମନ୍ଦିର ନିର୍ମାଣ ପାଇଁ ଯୁବରାଜ ହାଇସ୍କୁଲର ପୁରାତନ ଛାତ୍ର ଡ.ଧରଣୀଧର ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ସୌଦାମିନୀ ପାଣିଗ୍ରାହୀ ଏକ ଲକ୍ଷ ଦଶ ହଜାର ଏକ ଟଙ୍କା ଦାନ କରିଥିବାରୁ ତାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ଅପରାହ୍ଣରେ ଜିଲାରେ ନୂଆକରି ଯୋଗ ଦେଇଥିବା ଏସ୍‌ପି ଜଗମୋହନ ମୀନା ମା'ଙ୍କ ଦର୍ଶନ କରିଥିଲେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଭିସୁଟ ର୍ୟାଗିଂ ଘଟଣାକୁ ନେଇ ଓଏଚଆର୍‌ସିରେ ପିଟିଶନ
୨ ସପ୍ତାହରେ ତଦନ୍ତ ରିପୋର୍ଟ ଦେବାକୁ ଆବେଦନ

**ଭୁବନେଶ୍ୱର, ୨୭।୮(ବ୍ୟୁରୋ):** ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ନବାଗତ ଛାତ୍ରମାନଙ୍କୁ ର୍ୟାଗିଂ ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ ନିକଟରେ ମଙ୍ଗଳବାର ପିଟିଶନ ହୋଇଛି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଏହି ଜରୁରିକାଳୀନ ପିଟିଶନ ଦାଖଲ କରିଛନ୍ତି। ଉତ୍ତରାଞ୍ଚଳ ଆର୍‌ଡିସି, ସମ୍ବଲପୁର ଏସ୍‌ପି ଏବଂ ଉଚ୍ଚଶିକ୍ଷା ସଚିବ ଉକ୍ତ ଘଟଣାର ତଦନ୍ତ କରି ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ପିଟିଶନରେ ଉଲ୍ଲେଖ କରାଯାଇଛି। ପ୍ରଦୀପ୍ତ କହିଛନ୍ତି, ଗତ ୨୧ ତାରିଖରେ ଭିସୁଟରେ ର୍ୟାଗିଂ ହେଉଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସମ୍ପୃକ୍ତ ୬୨ଜଣ ସିନିୟର ଛାତ୍ରମାନଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଗୋଟିଏ ବର୍ଷ ପରୀକ୍ଷାରୁ ବାସନ୍ଦ ଓ ୫୨ଜଣଙ୍କୁ ୨ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ମାତ୍ର ଉକ୍ତ ଘଟଣାରେ ସରକାର ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ସମାନ ଭାବେ ଦୋଷୀ। ଅବହେଳାରୁ ବ୍ରିଟିଶ ଅମଳର ଏହି ର୍ୟାଗିଂ ପରମ୍ପରା ନାଁରେ କ୍ୟାମ୍ପସରେ କଳିଙ୍କି ପରି ମାଡ଼ି ଚାଲିଛି। ଶିକ୍ଷାବର୍ଷ ଆରମ୍ଭରୁ ଅଭିଭାବକ ଓ ନବାଗତ ଛାତ୍ରୀଛାତ୍ରଙ୍କୁ ର୍ୟାଗିଂ ସଂକ୍ରାନ୍ତରେ କୌଣସି ପ୍ରକାର କାଉନ୍‌ସେଲିଂ କରୁ ନ ଥିବା ଦେଖିବାକୁ ମିଳୁଛି। ଫଳରେ ବହୁ ନିରୀହ ମେଧାବୀ ଛାତ୍ରୀଛାତ୍ର ଭବିଷ୍ୟତ ପ୍ରଭାବିତ ହେଉଥିବାବେଳେ ଅନେକେ ଆତ୍ମହତ୍ୟା ପରି ପନ୍ଥା ଆପଣାଇବାକୁ ବାଧ ହେଉଛନ୍ତି। ତେଣୁ ତୁରନ୍ତ ତଦନ୍ତ ସହ ସବୁଦିଗରୁ ତର୍ଜମା କରାଯାଇ ଦୃଢ଼ ପଦକ୍ଷେପ ପାଇଁ ଆଦେଶ ଦେବାକୁ ସେ ନିବେଦନ କରିଛନ୍ତି।

### ସଦାଚାର ଗୃହ କମିଟିର ପ୍ରଥମ ବୈଠକ

**ଭୁବନେଶ୍ୱର,୨୭।୮(ବ୍ୟୁରୋ):** ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ସଦାଚାର ଗୃହ କମିଟିର ପ୍ରଥମ ବୈଠକ ବିଧାନସଭାର ୫୩ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷ ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ କମିଟିର ଭବିଷ୍ୟତ କାର୍ଯ୍ୟପନ୍ଥା ଓ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିର ସଭ୍ୟାସଭ୍ୟଥିବା ବିଧାୟକ ପ୍ରଦୀପ କୁମାର ଅମାତ, ପ୍ରଫୁଲ୍ଲ କୁମାର ସାମଲ, ସ୍ନେହାଙ୍ଗିନୀ ଛୁରିଆ, ପ୍ରଶାନ୍ତ କୁମାର ମୁଦୁଲି, ଅଶ୍ୱିନୀ କୁମାର ପାତ୍ର, ଶଙ୍କର ଓରାମ୍, ଦାଶରଥୀ ଗମାଙ୍ଗ, ପ୍ରୀତମ ପାଢ଼ୀ, ସାବିତ୍ରୀ ଅଗ୍ରୱାଲା, ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ବିଧାନସଭା ସଚିବ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ।

# ଆଡ୍‌ମିନିଷ୍ଟ୍ରେଟିଭ ବ୍ଲକ୍, କ୍ୱାର୍ଟର୍ସ ନିର୍ମାଣରେ ଦୁର୍ନୀତି ଗନ୍ଧ

**ଅସମାପିକା ସାହୁ**
**ଭୁବନେଶ୍ୱର, ୨୭।୮**

**ନନ୍ଦନକାନନ**
- କାର୍ଯ୍ୟ ନ ହୋଇ ୩.୧୧କୋଟିରୁ ଊର୍ଦ୍ଧ୍ୱ ଆଗୁଆ ବିଲ୍
- ଜେନେରାଲ୍ ବଡ଼ିକୁ ଲୁଚା ଯାଉଛି ତଥ୍ୟ




ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଲାଗିଛି ଦୁର୍ନୀତିର ଛିଟା। ଆଡ୍‌ମିନିଷ୍ଟ୍ରେଟିଭ ବ୍ଲକ୍ ଓ କ୍ୱାର୍ଟର୍ସ ନିର୍ମାଣକୁ ନେଇ ବ୍ୟାପକ ଅନିୟମିତା ହୋଇଥିବା ପଦାକୁ ଆସିଛି। ଖୋଲା ଟେଣ୍ଡର ନ କରି ବିଏସ୍‌ଏନ୍‌ଏଲ୍ ସିଭିଲ ୱିଙ୍ଗ୍‌କୁ ମନଇଚ୍ଛା ଠିକା ଦେବା ସହ କାମ କରିବା ପୂର୍ବରୁ ଆଗୁଆ ବିଲ୍ ପ୍ରଦାନ କରାଯାଇଛି। ସେହିଭଳି ଇପିଏଫ୍ ସଂକ୍ରାନ୍ତ ମାମଲାରେ ମଧ୍ୟ ନନ୍ଦନକାନନର ଲକ୍ଷ ଲକ୍ଷ ଟଙ୍କା ଅର୍ଥ ଅଯଥା ଖର୍ଚ୍ଚ ହେଉଥିବା ଜଣାପଡିଛି। ନନ୍ଦନକାନନ ବୈଠକର ପ୍ରୋସିଡିଂ, ବିଏସ୍‌ଏନ୍‌ଏଲ୍ ୱେବ୍‌ସାଇଟ୍ ଓ ହସ୍ତଗତ କିଛି ତଥ୍ୟକୁ ତର୍ଜମା କଲେ ନନ୍ଦନକାନନରେ ବହୁ କୋଟି ବରବାଦ ହୋଇଥିବା ଜଣାପଡୁଛି।

ଗତ ମେ' ୧ରେ ନନ୍ଦନକାନନ ସୋସାଇଟିର ୨୬ତମ ଜେନେରାଲ ବଡି ମିଟିଂ ଅନୁଷ୍ଠିତ ହୋଇଥିଲା। ଏହାର ପ୍ରୋସିଡିଂ ଅନୁସାରେ ନନ୍ଦନକାନନର ଆଡମିନିଷ୍ଟ୍ରେଟିଭ ବ୍ଲକ ଏବଂ ୧୬ ଷ୍ଟାଫ କ୍ୱାର୍ଟର୍ସ ପାଇଁ ବିଏସ୍‌ଏନ୍‌ଏଲ୍‌କୁ ୩ କୋଟିରୁ ଅଧିକ ଟଙ୍କା ଦିଆଯାଇଛି। ତେବେ ୨୫ତମ ଜେନେରାଲ ବଡି ମିଟିଂରେ ଅନୁମୋଦନ ଲାଭ କରିଥିବା ପ୍ରକଳ୍ପର ଆକ୍ସନ ଟେକେନ ରିପୋର୍ଟ(ଏଟିଆର୍)ରେ ପୃଷ୍ଠା-୧ର ୪ ନମ୍ବର ପଏଣ୍ଟରେ ଉଲ୍ଲେଖ ରହିଛି ଯେ, ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କ ଆବାସିକ ଗୃହ (ଜି+୨) ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିର୍ମାଣ ଚାଲିଛି। ସେହିପରି ପୃଷ୍ଠା ୭ ଓ ୮ରେ ଆଡମିନିଷ୍ଟ୍ରେଟିଭ ବ୍ଲକ ନିର୍ମାଣ ପାଇଁ ନନ୍ଦନକାନନ ସୋସାଇଟି ଫଣ୍ଡରୁ ୮କୋଟି ୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ ହୋଇଥିବାବେଳେ ୨୦୧୭-୧୮ରେ ବିଏସ୍‌ଏନ୍‌ଏଲ୍‌କୁ ୨କୋଟି ଟଙ୍କା ଦିଆଯାଇଥିବା ଦର୍ଶାଯାଇଛି। ଅନ୍ୟପକ୍ଷରେ ୨୦୧୯-୨୦୨୦ ବାର୍ଷିକ ବଜେଟରେ ବିଛ ଆଇଟମ୍‌ରେ ୧୬ ଷ୍ଟାଫ୍ କ୍ୱାର୍ଟର୍ସ (୪ ରେଞ୍ଜ ଅଫିସର, ୪ ଫରେଷ୍ଟର ଓ ୮ ଫରେଷ୍ଟ ଗାର୍ଡ) ନିର୍ମାଣ ପାଇଁ ବିଏସ୍‌ଏନ୍‌ଏଲ୍‌କୁ ୧ କୋଟି ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦିଆଯାଇଥିବା ଦର୍ଶାଯାଇଛି। ଅର୍ଥାତ୍ ଆଡମିନିଷ୍ଟ୍ରେଟିଭ ବ୍ଲକ ଓ ୧୬ ଷ୍ଟାଫ୍ କ୍ୱାର୍ଟର୍ସ କାମ ବାବଦକୁ ୨୦୧୯ ମେ' ୧ ସୁଦ୍ଧା ବିଏସ୍‌ଏନ୍‌ଏଲ୍‌କୁ ୩ କୋଟିରୁ ଅଧିକ ଟଙ୍କା ଦିଆଯାଇଛି। କିନ୍ତୁ ବିଏସ୍‌ଏନ୍‌ଏଲ୍ ୱେବ୍‌ସାଇଟରୁ ଭିନ୍ନ ତଥ୍ୟ ଦେଖିବାକୁ ମିଳିଛି। ନନ୍ଦନକାନନ ଆଡମିନିଷ୍ଟ୍ରେଟିଭ୍ ବ୍ଲକ୍ ନିର୍ମାଣ ପାଇଁ ବିଏସ୍‌ଏନ୍‌ଏଲ୍ ଗତ ଏପ୍ରିଲ ୧୧ରେ ମୃତ୍ତିକା ପରୀକ୍ଷା ନିମନ୍ତେ ୧୧ ଲକ୍ଷ ୯ ହଜାର ୨୫୦ ଟଙ୍କାର ଟେଣ୍ଡର ଡାକିଛି। ଅର୍ଥାତ୍ କିଛି କାମ ନ ହୋଇ ମଧ୍ୟ ବିଏସ୍‌ଏନ୍‌ଏଲ୍‌କୁ ବର୍ଷେ ତଳୁ ୨ କୋଟି ଟଙ୍କା ଦିଆଯାଇଛି। ସେହିପରି ଗତ ଫେବୃୟାରୀ ୧୪ରେ ୬ ରେଞ୍ଜ ଅଫିସର୍ସ କ୍ୱାର୍ଟର୍ସ ଓ ମାର୍ଚ୍ଚ ୫ରେ ୮ ଫରେଷ୍ଟର ଓ ୧୨ ଗାର୍ଡ କ୍ୱାର୍ଟର୍ସ ନିର୍ମାଣ ପାଇଁ ବିଏସ୍‌ଏନ୍‌ଏଲ ଟେଣ୍ଡର ଆହ୍ୱାନ କରିଛି। ଅର୍ଥାତ୍ ଉକ୍ତ କାମ ଆରମ୍ଭ ନ ହେବା ପୂର୍ବରୁ ବିଏସ୍‌ଏନ୍‌ଏଲ୍‌କୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦିଆସରିଛି। ଆହୁରି ପୁଣି ୱେବ୍‌ସାଇଟରୁ ୩ ପର୍ଯ୍ୟାୟରେ ମୋଟ ୨୪ ଷ୍ଟାଫ୍ କ୍ୱାର୍ଟର୍ସ (୬ ରେଞ୍ଜର, ୬ ଫରେଷ୍ଟର, ୧୨ ଗାର୍ଡ) ପାଇଁ ଟେଣ୍ଡର ଡକାଯାଇଥିବା ତଥ୍ୟ ମିଳୁଛି। କିନ୍ତୁ ନନ୍ଦନକାନନ କର୍ତ୍ତୃପକ୍ଷ ଗତ ମେ' ଜେନେରାଲ ବଡି ମିଟିଂରେ ୨୪ଟି ବଦଳରେ ୧୬ କ୍ୱାର୍ଟର୍ସ କଥା ଉଲ୍ଲେଖ କରିବା ବଡ଼ ଅନିୟମିତତାର ସୂଚନା ଦେଉଛି।

ଆହୁରି ଆଶ୍ଚର୍ଯ୍ୟର କଥା ହେଲା ୨୦୧୮ ଏପ୍ରିଲ ୨୩ରେ ଜେନେରାଲ ବଡି ମିଟିଂ ପ୍ରୋସିଡିଂ ଅନୁସାରେ, ୧୬ଟି ଷ୍ଟାଫ୍ କ୍ୱାର୍ଟର୍ସ ଜି+୧ ଫ୍ଲାଟ୍ ଭାବେ ଅନୁମତି ମିଳିଥିଲା। କିନ୍ତୁ ୨୦୧୯ ମେ' ୧ରେ ତାହାକୁ ଜି+୨ ଉଲ୍ଲେଖ କରାଗଲା। ଅର୍ଥାତ୍ ଆଉ ଗୋଟିଏ ମହଲା ବଢ଼ାଇ ଦିଆଗଲା। ପୁଣି ଜେନେରାଲ ବଡ଼ି ଆଗରେ କୁହାଯାଇଛି ଯେ, ନନ୍ଦନକାନନର ସମସ୍ତ କର୍ମଚାରୀ ଚିଡ଼ିଆଖାନା ପରିଚାଳନାରେ ବ୍ୟସ୍ତ ରହୁଥିବାରୁ ବିଏସ୍‌ଏନ୍‌ଏଲ୍‌କୁ ଏହି କାମ ଦିଆଯାଇଛି ଓ ଏଥିପାଇଁ ସମସ୍ତେ ସମ୍ମତି ଦେଇଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ମୁଖ୍ୟମନ୍ତ୍ରୀଙ୍କ ୫-ଟିକୁ ବିରୁଦ୍ଧାଚରଣ କରୁଛି। ନିୟମ ଅନୁସାରେ ନନ୍ଦନକାନନ ଖୋଲା ଟେଣ୍ଡର ଆହ୍ୱାନ କରିଥାନ୍ତା। ଯଦି ବିଏସ୍‌ଏନ୍‌ଏଲ୍ ସବୁଠାରୁ କମ୍ ଟଙ୍କାର ଟେଣ୍ଡର ପକାଇଥାନ୍ତା ତେବେ ଠିକା କାମ ପାଇଥାନ୍ତା। ଏଥିରେ ନନ୍ଦନକାନନକୁ ଲାଭ ମିଳିଥାନ୍ତା। ନଚେତ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ସଂସ୍ଥା ଯଥା ଇଡ୍‌କୋ କିମ୍ବା ପୋଲିସ ହାଉସିଂ କର୍ପୋରେଶନ ରହିଛି। ଏସବୁ ସଂସ୍ଥାକୁ ଟେଣ୍ଡର ନ ଦେଇ ବିଏସ୍‌ଏନ୍‌ଏଲ୍‌କୁ କେଉଁ ସ୍ୱାର୍ଥରେ ପୁଣି ଆଗକୁ ବହୁ କୋଟି ଟଙ୍କା ଦିଆଗଲା ତାହାକୁ ନେଇ ନାନା ପ୍ରଶ୍ନ ଉଠୁଛି।

ନନ୍ଦନକାନନ ଅର୍ଥର କିପରି ଦୁରୁପଯୋଗ କରାଯାଉଛି ତାହାର ଆଉ ଏକ ଉଦାହରଣ ରହିଛି। ୧୦ବର୍ଷ ଧରି କାମ କରୁଥିବା କାଜୁଆଲ ଲେବରମାନଙ୍କୁ ଇପିଏଫ ସୁବିଧା ଦିଆଯାଇ ନ ଥିବାରୁ ଇପିଏଫ୍ ଓଡ଼ିଶାଙ୍କ ତରଫରୁ ନନ୍ଦନକାନନ ବ୍ୟାଙ୍କ ଆକାଉଣ୍ଟରୁ ୨୮ ଲକ୍ଷ ୬୬ ହଜାର ଟଙ୍କା ଆଟାଚ୍‌ମେଣ୍ଟ କରାଯାଇଛି। ଆଗକୁ ମଧ୍ୟ ଆହୁରି ଆଟାଚ୍‌ମେଣ୍ଟ ହେବାରୁ ଆଶଙ୍କା ରହିଛି। କିନ୍ତୁ ନିୟମ ଅନୁଯାୟୀ ଯେଉଁ ଅଧିକାରୀଙ୍କ ଅବହେଳା ପାଇଁ ଏପରି ହେଲା ସେମାନଙ୍କଠାରୁ ହିଁ ଟଙ୍କା ଭରଣା ହେବା କଥା। ହେଲେ ନନ୍ଦନକାନନ କର୍ତ୍ତୃପକ୍ଷ ଇପିଏଫ୍ ସଂଗଠନ ବିରୋଧରେ ହାଇକୋର୍ଟରେ ଅପିଲ କରି ମକଦ୍ଦମା ପରିଚାଳନା ବାବଦକୁ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏପରିସ୍ଥଳେ କ୍ରାଇମବ୍ରାଞ୍ଚ ତଦନ୍ତ ସହ ନନ୍ଦନକାନନ ସୋସାଇଟି ପାଣ୍ଠିରୁ ଅଡିଟ୍ ଏଜି ଓଡ଼ିଶା କିମ୍ବା ଓଡିଶା ସରକାରଙ୍କ ଅଡିଟରଙ୍କ ଦ୍ୱାରା କରାଗଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସଂକ୍ରାନ୍ତରେ ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ ଦାସଙ୍କୁ ତାଙ୍କ ମୋବାଇଲ ଫୋନ୍ ନଂ.୯୪୩୮୯୧୮୫୭୦କୁ ମଙ୍ଗଳବାର ଅପରାହ୍ନ ୨ଟା ୨୮ରେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ୍ ଉଠାଇ ନ ଥିଲେ। ନନ୍ଦନକାନନ ନିର୍ଦ୍ଦେଶକ ଶଶି ପଲ୍ କୁହନ୍ତି, ଏହା ମୋ ଦାୟିତ୍ୱ ନେବାର ପୂର୍ବର ଘଟଣା। ଅନିୟମିତତା କ'ଣ ହୋଇଛି ଦେଖୁଛି ବୋଲି ସେ କହିଛନ୍ତି।

## ୫ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**ନୟାଗଡ଼ ଅଫିସ,୨୭।୮**

ନୟାଗଡ଼ ଜିଲା ରଣପୁର ପୋଲିସ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାନ୍ଦପୁର ଥାନା କେରେଣ୍ଡାଟାଙ୍ଗୀ ଗ୍ରାମର ବସନ୍ତ କୁମାର ପ୍ରଧାନ ଓ ହେମନ୍ତ କୁମାର ପ୍ରଧାନ। ଏମାନଙ୍କ ମଧ୍ୟରୁ ଜଣେ ଆଇନଜୀବୀ ହୋଇଥିଲେ ମଧ୍ୟ ପୋଲିସ ଏଥିନେଇ କିଛି କହିନାହିଁ। ଗିରଫ ମଧ୍ୟରୁ କିଏ ଆଇନଜୀବୀ ସେ ନେଇ ତଦନ୍ତ କରାଯାଉଥିବା ଏସ୍‌ପି ଶଶିଭୂଷଣ ଶତପଥୀ ମଙ୍ଗଳବାର ଏକ ଖବରତାଦା ସମ୍ମିଳନୀ କରି କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ ଉକ୍ତ ଦୁଇଜଣ ବ୍ୟକ୍ତି ସୋମବାର ରଣପୁର ମଣିନାଗ ମନ୍ଦିର ନିକଟରେ ବ୍ରାଉନସୁଗାର ବିକ୍ରି ପାଇଁ ଅପେକ୍ଷା କରିଥିବା ବେଳେ ପୋଲିସ ଗିରଫ କରିଥିଲା। ସେମାନେ ସମ୍ପର୍କୀୟ ଭାଇ ହେବେ ଓ ଦୁହେଁ ଅଭ୍ୟାସଗତ ନିଶାଡି। ଉଭୟ ଚାନ୍ଦପୁର ଓ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ସ୍ଥାନରୁ ବ୍ରାଉନ ସୁଗାର ଗୋଟିଏ ଗ୍ରାମକୁ ୧୦ ହଜାର ୫୦୦ ଟଙ୍କାରେ କିଣନ୍ତି। ଏହା ପରେ ସେମାନେ ଏହାକୁ ଛୋଟ ପ୍ୟାକେଟ କରି ୬୦୦ ଟଙ୍କାରେ ବିକ୍ରି କରନ୍ତି। ପୋଲିସ ଏମାନଙ୍କଠାରୁ ୫ ଗ୍ରାମ ୪୪୦ ମିଲିଗ୍ରାମ ବ୍ରାଉନସୁଗାର ସହ ଦୁଇଟି ମୋବାଇଲ, ୧୫୦୦ ଟଙ୍କା ଓ ଗୋଟିଏ ବାଇକ୍ (ଓଆର୦୨ଏଆର ୩୫୪୬) ଜବତ କରିଛି। ରଣପୁର ଥାନାରେ ଏ ନେଇ ୧୭୭/୧୯ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇଥିବା ଏସ୍‌ପି ଶତପଥୀ ସୂଚନା ଦେଇଛନ୍ତି। ଏମାନେ କାହାଠାରୁ ବ୍ରାଉନସୁଗାର କିଣିଥିଲେ ଓ ଆଉ କିଏ ଏଥିରେ ସମ୍ପୃକ୍ତ ତାହାର ତଦନ୍ତ କରାଯାଉଥିବା ସେ କହିଥିଲେ। ସୂଚନାଯୋଗ୍ୟ ଚାନ୍ଦପୁର ଥାନା ଅଧୀନ ମୟୂରଝାଲିଆ ହରିପୁରଠାରୁ ବ୍ରାଉନସୁଗାର ଜବତ ହୋଇଥିବା ବେଳେ ଖବରଦାତା ସମ୍ମିଳନୀରେ ମଣିନାଗ ମନ୍ଦିର ନିକଟରୁ ଜବତ ହେବା ସୂଚନା ଦିଆଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ନାନା ଚର୍ଚ୍ଚା ହେଉଛି। ଖବରଦାତା ସମ୍ମିଳନୀରେ ଶରଣକୁଳ ଏସ୍‌ଡିପିଓ ସେଲେଭେସ ଟୋପ୍ପୋ, ରଣପୁର ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଗିରଫ ୨ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଆଇନଜୀବୀ ଥିବାରୁ ଏ ନେଇ ରଣପୁର ଓକିଲମାନଙ୍କ ପକ୍ଷରୁ ମଙ୍ଗଳବାର ଏକ ବୈଠକ କରାଯାଇ ଏହି ଘଟଣାକୁ ନିନ୍ଦା କରାଯାଇଛି। ପୂର୍ବରୁ ଗତ ୫ ତାରିଖରେ ରଣପୁର ପୋଲିସ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୫.୯ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା।


ଗିରଫ ୨ ଅଭିଯୁକ୍ତ।

### ବାହୁଦା ଡ୍ୟାମ୍‌ରେ ବୁଡି ଯୁବକଙ୍କ ମୃତ୍ୟୁ

**ଚିକିଟି,୨୭।୮(ଡି.ଏନ.ଏ.)**

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା କଳିଙ୍ଗଦଳା ଗ୍ରାମ ନିକଟସ୍ଥ ବାହୁଦା ଡ୍ୟାମ୍‌ରେ ମଙ୍ଗଳବାର ମଧ୍ୟାହ୍ନରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସେ ହେଲେ ଓଡିଶା ଓ ଆନ୍ଧ୍ର ସୀମାନ୍ତ ମୁଣ୍ଡୁଳା ଅଞ୍ଚଳର ବାଇଲଡୁ ନାଇକ। ବାଇଲଡୁ ଦିଗପହଣ୍ଡି ବ୍ଲକ ଧାନ୍ୟରାଶି ଗ୍ରାମରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ । ମଙ୍ଗଳବାର ମଧ୍ୟାହ୍ନରେ ସେ ସାଙ୍ଗଙ୍କ ସହିତ ବାହୁଦା ଡ୍ୟାମ୍‌ରେ ଗାଧୋଉଥିବା ବେଳେ ହଠାତ୍ ଗୋଡ ଖସି ଡ୍ୟାମ୍ ଭିତରକୁ ପଶି ଯାଇଥିଲେ । ତାଙ୍କ ଚିତ୍କାର ଶୁଣି ନିକଟରେ ଥିବା ଲୋକମାନେ ପହଞ୍ଚି ବାଇଲଡୁଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। କେ.ନୂଆଗାଁ ଏଏସ୍‌ଆଇ ଦଣ୍ଡପାଣି ଦୋରା ମୃତଦେହ ଜବତ କରି ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିବା ମେଡିକାଲ ସୂତ୍ରରୁ ଜଣାପଡିଛି। ଏନେଇ କେ.ନୂଆଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି।


ଶ୍ରୀମନ୍ଦିରରେ ମଙ୍ଗଳବାର ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତି କଲ୍ଲେଶ ସତ୍ୟେନ୍ଦ୍ର ଝାବେରି।

## ପ୍ରଳମ୍ବାସୁରକୁ ବଧ କଲେ ବଡ଼ଠାକୁର

**ପୁରୀ ଅଫିସ,୨୭।୮**

**ଶ୍ରୀମନ୍ଦିରରେ ନୀତି ସମ୍ପନ୍ନ**


ଦୋଳମଣ୍ଡପ ସାହିରୁ ବାହାରିଥିବା କୃଷ୍ଣ, ବଳରାମ ଓ ପ୍ରଳମ୍ବାସୁର ବେଶଧାରୀ।

ଦ୍ୱାପର ଯୁଗର କଥା। ଭଗବାନ ଶ୍ରୀକୃଷ୍ଣ ବ୍ରଜ ମଣ୍ଡଳରେ ଲୀଳା କରିବା ସମୟରେ କଂସ ତାଙ୍କୁ ମାରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ବକାସୁର, ଅର୍ଘାସୁର, ଧେନୁକାସୁରଙ୍କୁ କୃଷ୍ଣ ଓ ବଳରାମ ବଧ କରିଥିଲେ। ତେଣୁ କୃଷ୍ଣ ଓ ବଳରାମଙ୍କୁ ମାରିବା ନିମନ୍ତେ କଂସ ମହାରାଜ ମାୟାବୀ ପ୍ରଳମ୍ବାସୁରକୁ ପଠାଇଥିଲେ। ପ୍ରଳମ୍ବ ଅସୁର ଗୋପାଳ ବାଳକ ବେଶରେ ଗୋପପୁରକୁ ଆସି ବାଳୁତ ଶ୍ରୀକୃଷ୍ଣ ଓ ବଳରାମଙ୍କ ସହିତ କ୍ରୀଡ଼ା କରିଥିଲେ। କ୍ରୀଡ଼ାରେ ସର୍ତ୍ତ ରହିଥିଲା, ଯିଏ ହାରିବ ସିଏ ବିଜେତାଙ୍କୁ ତା' କାନ୍ଧରେ ବସାଇ ଗାଁ ଶେଷରେ ଥିବା ଭାଣ୍ଡିରବଟ (ବରଗଛ) ପର୍ଯ୍ୟନ୍ତ ବୁଲାଇବ। ଆରମ୍ଭ ହେଲା ବଳରାମ ଓ ବାଳକ ପ୍ରଳମ୍ବଙ୍କ ମଧ୍ୟରେ ବଳ କଷାକଷି। କିନ୍ତୁ ମାୟାବୀ ପ୍ରଳମ୍ବ ଜାଣିଶୁଣି ବଳରାମଙ୍କଠାରୁ ହାରିଯାଇଥିଲା। ସର୍ତ୍ତ ଅନୁଯାୟୀ, ବିଜେତା ବଳରାମ ପ୍ରଳମ୍ବର କାନ୍ଧରେ ବସି ଗାଁ ବୁଲିଥିଲେ। ଏହି ସମୟରେ ପ୍ରଳମ୍ବ ବାଳକ ବେଶ ପରିତ୍ୟାଗ କରି ଅସୁର ବେଶରେ ଆକାଶ ମାର୍ଗକୁ ଗତି କରିଥିଲା। ବଳରାମ ପ୍ରଳମ୍ବର ମାୟା ଜାଣିପାରି ମୁଷ୍ଟି ପ୍ରହାର କରି ଆକାଶ ମାର୍ଗରୁ ପ୍ରଳମ୍ବକୁ ଖସାଇ ଦେଇଥିଲେ। ଭୂଇଁରେ ପଡ଼ି ପ୍ରଳମ୍ବର ମୃତ୍ୟୁ ହୋଇଥିଲା। ଏହି ସ୍ମୃତିକୁ ବହନ କରି ଷୋଡ଼ଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ପ୍ରଳମ୍ବାସୁର ବଧ ଏବଂ ରତ୍ନବେଦିରେ ବିଜେ ଠାକୁରଙ୍କ ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହେଉଛି ବୋଲି ମତ ଦେଇଛନ୍ତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ। ମଙ୍ଗଳବାର ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଏହି ନୀତି ଅନୁଷ୍ଠିତ ହୋଇଛି। ପ୍ରଳମ୍ବାସୁର ବଧ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତ ଙ୍କ ଭିଡ଼ ଜମିଥିଲା।

ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ବଡବାଡ଼ରେ ପ୍ରଳମ୍ବାସୁର ବଧ ବେଶ ହୋଇଥିଲା। ପ୍ରଳମ୍ବାସୁର କାନ୍ଧରେ ଶ୍ରୀବଳଭଦ୍ର ଦୁଇଗୋଡ଼ ସ୍ଥାପନ କରି ବସିଥିଲେ। ଗୋଟିଏ ଭୁଜ ପ୍ରଳମ୍ବ କାନ୍ଧ ଉପରେ ଓ ଅନ୍ୟଟି ବାହୁ ଉପରେ ରହିଥିଲା। ବାମ ହସ୍ତରେ ବଡଠାକୁର ଶୋଲରେ ନିର୍ମିତ ପଦ୍ମ ଏବଂ ଦକ୍ଷିଣ ହସ୍ତରେ ଅମୃତ ଲଡୁ ଧାରଣ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦଣ୍ଡାୟମାନ ଅବସ୍ଥାରେ ରହିଥାନ୍ତି। ତାଙ୍କ ବାମହାତରେ ଅମୃତ ଲଡୁ ଏବଂ ଦକ୍ଷିଣ ହସ୍ତରେ ସୁବର୍ଣ୍ଣ ପଦ୍ମ ଧାରଣ କରିଥିଲେ। ସନ୍ଧ୍ୟା ଧୂପ ପରେ ରାମକୃଷ୍ଣ ଦକ୍ଷିଣଘରୁ ରତ୍ନବେଦିକୁ ବିଜେ ହୋଇଥିଲେ। ପୂର୍ବରୁ ଠାକୁରଙ୍କୁ ଲାଗି ହୋଇଥିବା ଆଜ୍ଞାମାଳ ଚଳନ୍ତି ପ୍ରତିମା ରାମକୃଷ୍ଣଙ୍କୁ ଲାଗି କରାଇ ଜଗମୋହନରେ ପଡିଥିବା ଖଟ ଉପରେ ବିଜେ କରାଯାଇଥିଲା। ପରମ୍ପରା ଅନୁଯାୟୀ, ଦୋଳମଣ୍ଡପ ସାହିରୁ ବାହାରିଥିବା ପ୍ରଳମ୍ବାସୁର ଜଗମୋହନକୁ ଯାଇଥିଲେ। ସେଠାରେ ସାଥିରେ ଆସିଥିବା ରାମକୃଷ୍ଣ ବେଶଧାରୀ ଦୁଇ ବାଳକ ପ୍ରଳମ୍ବାସୁର ସହିତ ଯୁଦ୍ଧ କରିଥିଲେ। ଏହାପରେ ପ୍ରଳମ୍ବାସୁର ବଧ ଲୀଳା ସମ୍ପନ୍ନ ହୋଇଥିଲା।

## କୃଷି ପାଇଁ ପ୍ରସ୍ତାବିତ ଫିଡର କାର୍ଯ୍ୟ ଅସମ୍ପୂର୍ଣ୍ଣ

**ସରିଛି ୬୦, ଆହୁରି ବାକି ୫୭**

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

କୃଷି ପାଇଁ ଜଳସେଚନ ପରି ବିଦ୍ୟୁତ ଏକ ପ୍ରମୁଖ ଆବଶ୍ୟକତା। ରାଜ୍ୟରେ କୃଷକମାନଙ୍କୁ ବିଦ୍ୟୁତ ସୁବିଧା ଯୋଗାଇବା ପାଇଁ ୧୧୭ଟି ସ୍ୱତନ୍ତ୍ର ୧୧ କେ.ଭି. ଫିଡର ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ତନ୍ମଧ୍ୟରୁ କେବଳ ୬୦ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି, ଅବଶିଷ୍ଟ ୫୭ଟି ଫିଡର କାର୍ଯ୍ୟ ଚାଲୁ ରହିଛି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା(ଡିଡିୟୁଜିଜେୱାଇ) ଅଧୀନରେ ସେସୁ ୧୯ଟି ଫିଡର ମଧ୍ୟରୁ ମାତ୍ର ୭ଟିର କାର୍ଯ୍ୟ ଶେଷ କରିଛି। ସେହିପରି ନେସ୍କୋ ୪୮ରୁ ୪୪, ସାଉଥକୋ ୨୫ରୁ ମାତ୍ର ୨ ଏବଂ ୱେସ୍କୋ ୬ଟିରୁ କୌଣସି ଫିଡର କାର୍ଯ୍ୟ ଶେଷ କରିନାହିଁ। ସେସୁ ୧୨, ନେସ୍କୋ ୪, ସାଉଥକୋ ୨୩ ଏବଂ ୱେସ୍କୋ ୬ଟି ଫିଡର କାର୍ଯ୍ୟ ଚାଲୁ ରଖିଛି। ଏହିପରି ଭାବେ ଡିଡିୟୁଜିଜେୱାଇରେ ପ୍ରସ୍ତାବିତ ୯୮ଟି ଫିଡରୁ ୪୫ ଫିଡର କାର୍ଯ୍ୟ ସରିନାହିଁ। ସେହିପରି ଓଡିଏଏଫ୍‌ଏଫ୍ ଅଧୀନରେ ସେସୁ ଦ୍ୱାରା ୧୦ରୁ ମାତ୍ର ୩, ନେସ୍କୋ ୮ରୁ ୩ ଫିଡର କାର୍ଯ୍ୟ ଚାଲୁ ରଖିଛି। ଏହିପରି ଭାବେ ମୋଟ ୧୯ଟି ଫିଡରରୁ ୭ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୨ଟିର କାର୍ଯ୍ୟ ଚାଲୁ ରହିଛି।

କୃଷି କ୍ଷେତ୍ରକୁ ବିଦ୍ୟୁତ ଯୋଗାଣର ଜାତୀୟ ହାର ୮ % ରହିଥିବାବେଳେ ରାଜ୍ୟରେ ଏହା ମାତ୍ର ୩ % ରହିଛି। ପଡ଼ୋଶୀ ଆନ୍ଧ୍ରପ୍ରଦେଶର ୨୪.୧୨ % ଏବଂ ଛତିଶଗଡରେ ୧୩.୯୧ % ବିଦ୍ୟୁତ ଚାଷ ପାଇଁ ବ୍ୟବହୃତ ହେଉଛି। ସେହି ତୁଳନାରେ ଦେଖିଲେ ଓଡ଼ିଶାର ହାର ନଗଣ୍ୟ । ପଞ୍ଜାବ, ହରିୟାଣା ପ୍ରଭୃତି ରାଜ୍ୟରେ କୃଷିକୁ ବହୁଳ ଭାବେ ପ୍ରୋତ୍ସାହନ ଦେବା ପାଇଁ ବିଦ୍ୟୁତ କର ଛାଡ କରାଯିବାର ଉଦାହରଣ ରହିଛି। ହେଲେ ଆମ ରାଜ୍ୟରେ କୃଷି ଉପଭୋକ୍ତାଙ୍କଠାରୁ ୟୁନିଟ୍ ପିଛା ୧.୫୦ ଟଙ୍କା ଦର ଆଦାୟ କରାଯାଉଛି। ସଦ୍ୟ ସମାପ୍ତ ହୋଇଥିବା ବିଧାନସଭା ଅଧିବେଶନରୁ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଦେଇଥିବା ତଥ୍ୟରୁ ଏହା ଜଣାପଡିଛି। ସେହିପରି କୃଷି ପାଇଁ ସ୍ୱତନ୍ତ୍ର ଫିଡର ଗଲିବ ଚାଷୀଙ୍କ ଆର୍ଥିକ ବୋଝ ହ୍ରାସ କରିବନି ବୋଲି ଆଶଙ୍କା ପ୍ରକାଶ ପାଇଛି।

### ସ୍ୱାସ୍ଥ୍ୟ ନୀତି ଡ୍ରାଫ୍ଟ ପଲିସି ତର୍ଜମା ନେଇ ବୈଠକ

## ୧୫ ଦିନ ଭିତରେ ମତ ଦେବାକୁ ପରାମର୍ଶ

**ଭୁବନେଶ୍ୱର, ୨୭।୮(ବ୍ୟୁରୋ)**

ରାଜ୍ୟ ସ୍ୱାସ୍ଥ୍ୟ ନୀତିର ଡ୍ରାଫ୍ଟ ପଲିସି ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା ଲାଗି ଗଠିତ କମିଟିର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟିର ନେତୃତ୍ୱ ନେଉଥିବା ତଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡା. କେ. ଶ୍ରୀନାଥ ରେଡ୍ଡୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଶେଷକରି ସ୍ୱାସ୍ଥ୍ୟ ନୀତିରେ ଦୁଇ ପ୍ରକାର ଯୋଜନା ଉପରେ ତର୍ଜମା କରାଯାଇଥିଲା। ବର୍ଷିକିଆ ଓ ୫ବର୍ଷିଆ ନୀତି ପ୍ରସ୍ତୁତି ଲାଗି ବିଶେଷଜ୍ଞମାନେ ମତ ଦେଇଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯନ୍ତ୍ରପାତି, ମାନବ ସମ୍ବଳ ଓ ଭିତ୍ତିଭୂମି ଆଦିର ସର୍ବାଧିକ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହାବ୍ୟତୀତ କେଉଁ ଅଞ୍ଚଳରେ କି ପ୍ରକାର ସ୍ୱାସ୍ଥ୍ୟସେବାର ଆବଶ୍ୟକତା ରହିଛି ତାହା ସ୍ୱାସ୍ଥ୍ୟ ନୀତିରେ ସ୍ଥାନ ପାଇବା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରଖିବା, ମେଡିକାଲ କଲେଜର ବିଭାଗଗୁଡ଼ିକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା, କ୍ୟାପିଟାଲ ହସ୍ପିଟାଲର ଉନ୍ନତୀକରଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା 'ମୋ ସରକାର' ଯୋଜନାରେ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବା ସହ ରୋଗୀଙ୍କଠାରୁ ମତ ସଂଗ୍ରହ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ମେଡିକାଲ କଲେଜ ପର୍ଯ୍ୟନ୍ତ ବିଶେଷକରି ଆଦିବାସୀ ବହୁଳ ଜିଲାଗୁଡ଼ିକରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ନୀତି ପ୍ରସ୍ତୁତ ସମୟରେ ଗୁରୁତ୍ୱ ଦିଆଯାଉଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଅଧିକ ସୁଦୃଢ଼ କରାଯିବା ସହ ଜିଲା ସ୍ୱାସ୍ଥ୍ୟ ବ୍ୟବସ୍ଥା ପରିଚାଳନାରେ ପରିବର୍ତ୍ତନ ଆଣି ଆବଶ୍ୟକ ମୁତାବକ ମାନବ ସମ୍ବଳ ବ୍ୟବସ୍ଥା, ରୋଗୀଙ୍କ ଖର୍ଚ୍ଚ ହ୍ରାସ, ଡାକ୍ତର, ପାରା ମେଡିକ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଆସନ୍ତା ୧୫ଦିନ ମଧ୍ୟରେ ଡ୍ରାଫ୍ଟ ପଲିସି ଉପରେ ଚୂଡ଼ାନ୍ତ ମତାମତ ଦେବା ପାଇଁ ବିଶେଷଜ୍ଞମାନଙ୍କୁ କୁହାଯାଇଛି। ପରବର୍ତ୍ତୀ ସମୟରେ ଏହା ଉପରେ ଅଧିକ ତର୍ଜମା ସହିତ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଚୂଡ଼ାନ୍ତ ସ୍ୱାସ୍ଥ୍ୟ ନୀତି ପ୍ରସ୍ତୁତ ହୋଇ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଡା. ରେଡ୍ଡୀ କହିଛନ୍ତି।

ପ୍ରାରମ୍ଭରେ ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ ମେହେର୍ଦ୍ଦା ସ୍ୱାସ୍ଥ୍ୟ ନୀତି ପ୍ରଣୟନର ଆବଶ୍ୟକତା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ପରାମର୍ଶଦାତା ପ୍ରସନ୍ନ କୁମାର ପ୍ରଧାନ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମର ଏମ୍‌ଡି ୟାମିନୀ ଷଡ଼ଙ୍ଗୀ, ବିଭାଗୀୟ ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ସ୍ୱତନ୍ତ୍ର ସଚିବ, ନିର୍ଦ୍ଦେଶକ, ପ୍ରଫେସର ଡା. ସୁବ୍ରତ ଆଚାର୍ଯ୍ୟ, ଡା. ଅଶୋକ କୁମାର ମହାପାତ୍ର, ମେଡିକାଲ କଲେଜଗୁଡ଼ିକର ବିଭାଗୀୟ ମୁଖ୍ୟ, ଓମ୍‌ସା ଓ ଓମ୍‌ଟା ସଭାପତିଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ପରାମର୍ଶଦାତା ଡା. ରେଡ୍ଡୀ, ପ୍ରସନ୍ନ କୁମାର ପ୍ରଧାନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କୁ ସାକ୍ଷାତ କରି ଏନେଇ ଆଲୋଚନା କରିଥିଲେ।


ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ସହ ଅଧିକାରୀମାନେ।

## ସଂକ୍ଷେପରେ

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଅନୁଗୋଳ ଅଫିସ, ୨୭।୮ - ଅନୁଗୋଳ କାଙ୍ଗୁଲା ଅଞ୍ଚଳର ନିରୁପମା ନାହାକଙ୍କ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ୧ ଲକ୍ଷ ୨୦ ହଜାର ଟଙ୍କା ସହ ଏକ ସୁନା ହାର, ଦୁଇଟି ଚେନ ଓ ଦୁଇ ହଳ କାନଫୁଲ ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ନଂ. ୬୫୭/୧୯ରେ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ନିରୁପମା ଭୋର ସମୟରେ ଉଠିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

### ଅସୁସ୍ଥ ମହିଳାଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୨୭।୮ - ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ମହାଲୁଣ୍ଡା ଗାଁର କାମିନୀ ସାହୁ(୫୦)ଙ୍କୁ ଅନୁଗୋଳ ମେଡିକାଲ ଅଣାଯାଉଥିବା ବେଳେ ମୃତ୍ୟୁ ହୋଇଛି। ସେ ଘରେ ଖାଇବା ପରେ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଗାଡ଼ି ଚୋରି ଅଭିଯୋଗରେ ନିସ୍ତୁକ ମାଡ଼

ଅନୁଗୋଳ ଅଫିସ, ୨୭।୮ - ଅନୁଗୋଳ ପଞ୍ଚମହଲା ଠାରେ ଗାଡ଼ି ଚୋର ଭାବି ଜଣେ କବାଡ଼ିଆ ଗୌରୀ ଲାଲା ଗୁପ୍ତାଙ୍କୁ ନିସ୍ତୁକ ମାଡ଼ ମରାଯାଇଛି। ପୋଲିସ ତାଙ୍କୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇ ଥାନାକୁ ନେଇଥିଲେ ମଧ ଖବର ଲେଖାହେବା ବେଳକୁ ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଏକ ଗ୍ୟାରେଜରୁ ଦୁଇଟି ଟ୍ରକ୍ କବାଡ଼ିଆ ନେଇଥିଲେ। ଏହାପରେ କଟରରେ ତାହାକୁ କାଟିଦେଇଥିଲେ। ତେବେ ଗାଡ଼ି ମାଲିକ ଗ୍ୟାରେଜରେ ପହଞ୍ଚିବା ପରେ କବାଡ଼ିଆ ଗୌରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ।

### ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ



ତାଳଚେର, ୨୭।୮(ନି.ପ୍ର.)- ତାଳଚେର ଟାଉନ ନୋଡାଲ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ଅପରାହ୍ନରେ ପୋଷାକ ବଣ୍ଟନ କରାଯାଇଛି। ଆୟୋଜିତ ଉତ୍ସବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ସାହୁ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକମାନଙ୍କ ଦ୍ୱାରା ୫୬ଜଣ ଛାତ୍ରୀଛାତ୍ରଙ୍କୁ ୨ ହଳ ଲେଖାଏ ପୋଷାକ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଚାରୁଲତା ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

■ରୋଗୀ କଲ୍ୟାଣ ସମିତି ବୈଠକ

# ବଢ଼ିବ ଶଯ୍ୟା ସଂଖ୍ୟା

■ନିର୍ମାଣ ହେବ ୬ ମହଲା ଅଟ୍ଟାଳିକା

■ଜବରଦଖଲ ଉଚ୍ଛେଦ କରାଯିବ

■ପରିମଳ ବ୍ୟବସ୍ଥାରେ ଅଣାଯିବ ସୁଧାର

**ଅନୁଗୋଳ ଅଫିସ, ୨୭।୮**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏନ୍ଏଚ୍ଏମ୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମେଡିକାଲର ବିଭିନ୍ନ ସମସ୍ୟା ଓ ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମେଡିକାଲ ପରିସରରେ ଏକ ୬ ମହଲା ଅଟ୍ଟାଳିକା ନିର୍ମାଣ ସହ ଡ୍ରେନ ବ୍ୟବସ୍ଥାରେ ସୁଧାର ପାଇଁ ଏଥିରେ ପ୍ରସ୍ତାବ ରଖାଯାଇଥିଲା। ସେହିପରି ଡାକ୍ତରଙ୍କ ଅଭାବ ସହ ରୋଗୀ ସଂଖ୍ୟା ତୁଳନାରେ ବେଡ ଉପଲବ୍ଧ ନ ଥିବାରୁ ଏହା ପୂରଣ ପାଇଁ ସରକାରଙ୍କୁ ଚିଠି ଲେଖାଯିବ ବୋଲି ସିଡିଏମ୍ଓ ପ୍ରତାପ କୁମାର ବେହେରା ସୂଚନା ଦେଇଛନ୍ତି।

ଏହି ବୈଠକରେ ଢେଙ୍କାନାଳ ଏମ୍ପି ତଥା ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ମହେଶ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲାପରିଷଦ ସଭାପତି ବାସନ୍ତୀ କିଷାନ, ଜିଲାପାଳ ମନୋଜ କୁମାର ମହାନ୍ତି, ସିଡିଏମ୍ଓ ପ୍ରତାପ କୁମାର ବେହେରାଙ୍କ ସମେତ ସମିତିର ସଦସ୍ୟ ତଥା ବିଧାୟକଙ୍କ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଦୀର୍ଘ ଦିନ ପରେ ଅନୁଷ୍ଠିତ ଏହି ବୈଠକରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଜିଲାରେ ୧୯୭ ଜଣ ଡାକ୍ତର ଆବଶ୍ୟକ ପଡୁଥିବାବେଳେ ବର୍ତ୍ତମାନ ମାତ୍ର ୯୭ ଜଣ ଅଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୬୦ ଜଣଙ୍କ ସ୍ଥାନରେ ୩୭ ଜଣ କାର୍ଯ୍ୟ କରୁଛନ୍ତି। ରୋଗୀଙ୍କ ପାଇଁ ମୋଟ୍ ୧୯୨ଟି ବେଡ ରହିଛି। ଏହାକୁ ୨୯୨କୁ ବୃଦ୍ଧି, ଏକ ୬ ମହଲାର ଅଟ୍ଟାଳିକା ନିର୍ମାଣ ଓ ଚତୁଃପାର୍ଶ୍ୱରେ ଥିବା ଦୋକାନ ଗୃହ ଉଚ୍ଛେଦ ନିମନ୍ତେ ସରକାରଙ୍କୁ ଚିଠି ଲେଖାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ମେଡିକାଲରେ ବିଭିନ୍ନ ସମୟରେ ରୋଗୀଙ୍କୁ ଶୋଷଣ ଓ ଚିକିତ୍ସା ଅବହେଳା କରାଯାଉଥିବା ନେଇ ସମିତିର ଅଧ୍ୟକ୍ଷ, କୋ-ଚେୟାରମ୍ୟାନ କର୍ତ୍ତୃପକ୍ଷଙ୍କ ଉପରେ ଖପ୍ପା ହୋଇଥିଲେ। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ମେଡିକାଲ କର୍ତ୍ତୃପକ୍ଷ ଦେଇଥିବା ପ୍ରସ୍ତାବ ଉପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ମିଳିଥିବା ସିଡିଏମ୍ଓ ବେହେରା ସୂଚନା ଦେଇଛନ୍ତି।

## ଧରାପଡ଼ିଲେ ୪ ଲୁଟେରା: ୪ ବାଇକ୍ ଜବତ

**ବସ୍ତା, ୨୭।୮(ସ୍ୱ.ପ୍ର.):**

ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ ଲୋକଙ୍କ ନିଦ ହଜାଇ ଦେଇଥିଲା। ଶେଷରେ ପୋଲିସ ୪ ବାଇକ୍ ଲୁଟେରାଙ୍କୁ କାବୁ କରିବାରେ ସକ୍ଷମ ହୋଇଛି। ସେମାନଙ୍କଠାରୁ ୪ଟି ବାଇକ୍ ଜବତ ହୋଇଥିବା ବସ୍ତା ପୋଲିସ ଆଇଆଇସି ଧନେଶ୍ୱର ସାହୁ ସୂଚନା ଦେଇଛନ୍ତି।

ବସ୍ତା ଅଞ୍ଚଳରେ କ୍ରମାଗତ ଭାବେ ବାଇକ ଲୁଟ୍ ହୋଇଚାଲିଥିଲା। ବସ୍ତା ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖି ତଦନ୍ତ ଆରମ୍ଭ କରିଥିଲା। ୪ ଲୁଟେରା ହେଲେ ବସ୍ତା ଥାନା ବାସିଚକୁରାଇ ଗ୍ରାମର ଗଙ୍ଗାଧର ନନ୍ଦ, ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଆଶିଷ ମହାନ୍ତି, ସିଂଲା ଥାନା ଗମ୍ଭାଲୁଣ୍ଡି ଗ୍ରାମର ସାଗର କୁମାର ଦାସ ଏବଂ ବସ୍ତା ଥାନା ବେଗୁନିଆ ଅଞ୍ଚଳର ଚନ୍ଦନ କୁମାର ପରିଡ଼ା। ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ମ୍ୟାଲେରିଆ ଚିହ୍ନଟ ରକ୍ତ ପରୀକ୍ଷା



ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ।

**ଢେଙ୍କାନାଳ ଅଫିସ, ୨୭।୮**

ଢେଙ୍କାନାଳ ଜିଲା ଓଡାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲକ୍ଷ୍ମୀକାନ୍ତପୁର ଗ୍ରାମରେ ମଙ୍ଗଳବାର ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଗ୍ରାମବାସୀଙ୍କ ରକ୍ତ ପରୀକ୍ଷା କରିଥିଲେ। ମ୍ୟାଲେରିଆ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କୁ ଔଷଧ ବିତରଣ କରାଯାଇଛି। ବିପିଏମ୍ ଦୀପକ ସାହୁ, ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ବିଭାଗ କର୍ମଚାରୀ ସୁଶାନ୍ତ ସାହୁଙ୍କ ସମେତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

## ସିନର୍ଜିରେ ନବାଗତଙ୍କୁ ସ୍ୱାଗତ




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୭।୮**

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜରେ ମଙ୍ଗଳବାର ପ୍ରଥମ ଓ ଦ୍ୱିତୀୟ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷା ଡ. ଇତିଶ୍ରୀ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସହ ଅଧ୍ୟକ୍ଷ ପ୍ରଫେସର ଶକ୍ତିଶଙ୍କର ପତି, ଡ. ପ୍ରଶାନ୍ତ କୁମାର ନାୟକ, ସିନର୍ଜି ବୈଷୟିକ ସ୍କୁଲ ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ନାୟକ, ବରିଷ୍ଠ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବୈଷୟିକ ଶିକ୍ଷାର ମହତ୍ତ୍ୱ, ସମ୍ପ୍ରତି ଏହାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ଆକାଂକ୍ଷା, ଶାଶ୍ୱତ ସଚିନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପିକାଅଧ୍ୟାପକ, ନୂତନ ଛାତ୍ରୀଛାତ୍ର ଏବଂ କର୍ମଚାରୀ ଯୋଗଦେଇଥିଲେ।

## ଲିଟିଲ ହାର୍ଟ୍ସରେ ନନ୍ଦ ଉତ୍ସବ



**ଅନୁଗୋଳ ଅଫିସ, ୨୭।୮**

ଅନୁଗୋଳ ଶିମିଳିପଡ଼ାସ୍ଥିତ ଲିଟିଲ ହାର୍ଟ୍ସ ଟଡଲର୍ସ ଏକାଡେମୀରେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ନନ୍ଦ, ଯଶୋଦା, କୃଷ୍ଣ, ସୁଦାମା ବେଶ ଧାରଣ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କୁ ନନ୍ଦ ଉତ୍ସବର ମହତ୍ତ୍ୱ ବୁଝାଇଥିଲେ। ସ୍କୁଲ ଅଧ୍ୟକ୍ଷା ଜ୍ୟୋତି ଗୋହିଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

■ସରିଲାଣି ୯୮ ପ୍ରତିଶତ ଚାଷ

## ଜିଲାରେ ମହଜୁଦ ନାହିଁ ପର୍ଯ୍ୟାପ୍ତ ସାର

**ଅନୁଗୋଳ ଅଫିସ, ୨୭।୮**

ଅନୁଗୋଳ ଜିଲାରେ ବର୍ଷା ହେବା ପରେ ଚାଷୀମାନେ ଚାଷ କାର୍ଯ୍ୟ ଜୋରଦାର କରିଛନ୍ତି। ଏପରି କି ଜିଲାରେ ୯୮ ପ୍ରତିଶତ ଚାଷ ସରିଥିବା ଜିଲା କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ରେକର୍ଡ କହୁଛି। ଆଉ ସପ୍ତାହେ ମଧ୍ୟରେ ଜିଲାରେ ଚାଷ କାର୍ଯ୍ୟ ଶେଷ ହେବ। ତେବେ ବେଉଷଣ ସରିଥିବା ଧାନ ଗଛ ପାଇଁ ଜିଲାରେ ଆବଶ୍ୟକ ସାର ମହଜୁଦ ନ ଥିବା ସୂଚନା ମିଳିଛି।

ଜିଲାରେ ପାଖାପାଖି ୫ ହଜାର ଟନ୍ ୟୁରିଆ ସାରର ଆବଶ୍ୟକତା ରହିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ୨୩ ଶହ ୫୦ ଟନ୍ ମହଜୁଦ ରହିଛି। ଏହି ସାର ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ପ୍ରଦାନ କରାଯିବ। ଏପରି କି ସାରର କଳାବଜାର ରୋକିବାକୁ ଜିଲା କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସାର କଳାବଜାର ଧରାପଡ଼ିଲେ ଉକ୍ତ ସମବାୟକୁ କଳା ତାଲିକାଭୁକ୍ତ କରିବା ସହ ଲାଇସେନ୍ସ ମଧ ରଦ୍ଦ କରାଯିବ ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। କିନ୍ତୁ ଜିଲାରେ ସାର ସଙ୍କଟକୁ ଏଡ଼େଇ ଦେଇ ହେବ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ କୃଷି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଚାଷୀମାନଙ୍କୁ ସାର ଯୋଗାଇ ଦିଆଯିବାର କୌଣସି ସମସ୍ୟା ରହିବ ନାହିଁ। ଜିଲାରେ ୨୩ଶହ ୫୦ ଟନ୍ ସାର ରହିଛି। ଆବଶ୍ୟକ ୨୫ଶହ ଟନ୍ ପାଇଁ ସରକାରଙ୍କୁ କୁହାଯାଇଛି।

## ଧରାହେଲେଣି ୨୦ ହଜାର ଅଯୋଗ୍ୟ

**ଅନୁଗୋଳରେ ଚାଲିଛି କାଳିଆ ଯାଞ୍ଚ**

**ଅନୁଗୋଳ ଅଫିସ, ୨୭।୮**

ଅନୁଗୋଳ ଜିଲାରେ କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ଲମ୍ବୁଛି। ଜିଲା କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ତନତନ କରି ଫର୍ମ ଯାଞ୍ଚ ବେଳେ ଗୋଟିଏ ପରେ ଗୋଟିଏ ଅଯୋଗ୍ୟଙ୍କ ନାମ ପଦାକୁ ଆସୁଥିବା ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ପାଖାପାଖି ୨୦ ହଜାର ଅଯୋଗ୍ୟ ହିତାଧିକାରୀ ଧରାପଡ଼ିଥିବା କୃଷି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଯାଞ୍ଚ ପାଖାପାଖି ୯୦ ପ୍ରତିଶତ ସରିଛି ବୋଲି କୁହାଯାଇଛି।

ଅନୁଗୋଳରେ କାଳିଆ ଯୋଜନାରେ ଗୋଟିଏ ପରିବାରର ଏକାଧିକ ଲୋକଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି। ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୭୮ ହଜାର ୬୬୯ ଜଣଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ତେବେ ଯାଞ୍ଚ ସମୟରେ ଗୋଟିଏ ପରିବାରର ଏକାଧିକ ଲୋକଙ୍କ ନିକଟକୁ ଟଙ୍କା ଯାଇଥିବା ଧରାପଡ଼ିଛି। କିନ୍ତୁ ଏହି ଟଙ୍କା ଲୋକଙ୍କ ନିକଟରୁ ଫେରସ୍ତ ଆସିବ କି ନାହିଁ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ସେହିପରି ଏହି ଅଯୋଗ୍ୟ ହିତାଧିକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ମଧ କୁହାଯାଇ ନ ଥିବା ଜିଲା କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୪୦ ହଜାର ଚାଷୀ କାଳିଆ ଟଙ୍କା ପାଇଁ ଆବେଦନ କରିଥିଲେ। ଆବେଦନ କରିଥିବା ଚାଷୀଙ୍କ ଆକାଉଣ୍ଟ ଅପଡେଟ ସହ ଯାଞ୍ଚ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୯୦ ପ୍ରତିଶତ ଚାଷୀଙ୍କ ଯାଞ୍ଚ ସରିଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଆଉ ଦୁଇ ତିନି ଦିନ ମଧ୍ୟରେ ଜିଲାର ତାଲିକା ସ୍ପଷ୍ଟ ଜଣାପଡ଼ିବ ବୋଲି ସୂଚନା ମିଳିଛି।

## ସାଧାରଣ ଜ୍ଞାନ ବୃଦ୍ଧି ପ୍ରତିଯୋଗିତାର ଉଦ୍ଦେଶ୍ୟ



**ତାଳଚେର, ୨୭।୮(ନି.ପ୍ର.)**

ଏନ୍ଟିପିସି କଣିହାଁ ପକ୍ଷରୁ ବାର୍ଷିକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଇଷ୍ଟର୍ନ ରିଜିଅନ ୧ ଓ ୨ର ଚାରୋଟି ବର୍ଗ ଜୁନିୟର ଗ୍ରୁପ, ମିଡିଲ ଗ୍ରୁପ, ସିନିୟର ଗ୍ରୁପ, କର୍ମଚାରୀ ଏବଂ ପରିବାରବର୍ଗ ଏଥିରେ ଭାଗ ନେଇଥିଲେ। ଏହି ଅବସରରେ ଏନ୍ଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ ବାବୁ ଭି. ଯୋଗ ଦେଇ ଷ୍ଟେଶନସ୍ତରୀୟ ରାଉଣ୍ଡରେ ଉତୀର୍ଣ୍ଣ ହୋଇ ରିଜିଓନାଲ ରାଉଣ୍ଡରେ ପ୍ରବେଶ କରିଥିବା ସମସ୍ତ ପ୍ରତିଭାଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶିଖିବାର ଅଭ୍ୟାସ, ଜିଜ୍ଞାସା ବୃଦ୍ଧି ସହ ସାଧାରଣ ଜ୍ଞାନ ବଢ଼ାଇବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତା ଶେଷରେ ଫାରକା ଟିମ୍, କୋଲ ମାଇନିଂ ଗ୍ରୁପ, ରାଞ୍ଚି ଟିମ୍, ତାଳଚେର ଥର୍ମାଲ ଟିମ୍ ଏବଂ ବାରାଣସୀ ଟିମ୍ ଯଥାକ୍ରମେ ଜୁନିୟର, ମିଡିଲ, ସିନିୟର ଏବଂ ଏମ୍ପ୍ଲୋୟୀ ଗ୍ରୁପରେ ବିଜୟୀ ଘୋଷିତ ହୋଇଥିଲେ। ରିଜିଓନାଲ ରାଉଣ୍ଡରେ ବିଜୟୀ ହୋଇଥିବା ଟିମ୍‌ଗୁଡ଼ିକ ଜାତୀୟସ୍ତରୀୟ ମେଧା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ଲାଗିଲା ୧ ହଜାର ଚାରା



କ୍ଲବ ସଦସ୍ୟମାନେ ଚାରା ରୋପଣ କରୁଛନ୍ତି।

**କଣିହାଁ, ୨୭।୮(ଡି.ଏନ.ଏ.)**

କଣିହାଁ ବ୍ଲକ ବଜ୍ରକୋଟ ଗ୍ରାମ ଉତ୍କଳମଣି ଗୋପବନ୍ଧୁ କ୍ଲବର ସଦସ୍ୟମାନେ ମଙ୍ଗଳବାର ଗ୍ରାମ ସଂରକ୍ଷିତ ଘୁଡୁଘଡିଆ ଏରିଆରେ ବିଭିନ୍ନ ପ୍ରଜାତିର ୧ ହଜାର ଚାରା ରୋପଣ କରିଛନ୍ତି। କ୍ଲବ ସଭାପତି ବୀରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାମାଜିକ କର୍ମୀ ନୃସିଂହ ବରାଳ, ବିଭୂତି କବି, ଜନ୍ମେଜୟ ମହାନ୍ତି, ଗୋପାଳ ସାମଲ ଯୋଗଦେଇ ଚାରା ରୋପଣ କରିଥିଲେ। ଆଗାମୀ ଦିନରେ ବନ ବିଭାଗ ପକ୍ଷରୁ ଅଧିକ ଚାରା ଯୋଗାଇ ଦିଆଯିବ ବୋଲି କ୍ଲବ ସଦସ୍ୟ, ସହଯୋଗୀ ହରି ସାମଲ, ବାବୁଲି ମହାନ୍ତି, ରଞ୍ଜନ ବରାଳ, ବାବୁଲି ମହାନ୍ତି, ପପୁନ ମହାନ୍ତି, ଲିପୁ ମହାନ୍ତି ପ୍ରମୁଖ ସୂଚନା ଦେଇଛନ୍ତି।

## ଟିକାକରଣ, କୃମି ନିବାରଣ ଶିବିର

**ଛେଣ୍ଡିପଦା, ୨୭।୮(ସ୍ୱ.ପ୍ର.)**

ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ମାରୁଢିପ ଠାରେ ଗୃହପାଳିତ ପ୍ରାଣୀଧନଙ୍କ ସମୂହ ଟିକାକରଣ ଓ କୃମି ନିବାରଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାଣୀଧନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଲିକଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଛେଣ୍ଡିପଦା ପ୍ରାଣୀଧନ ଚିକିତ୍ସାଧିକାରୀ ବିକାଶ ରଞ୍ଜନ ବେହେରା, ଡାକ୍ତର ପଲ୍ଲବୀ ପ୍ରିୟଦର୍ଶିନୀ ଦାଶ, ପ୍ରାଣୀଧନ ନିରୀକ୍ଷକ ରାଜକିଶୋର ଦେହୁରୀଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ। ପ୍ରଥମ ଦିବସରେ ମାରୁଢିପ ଗ୍ରାମରେ ୪୮୩ ଗୋରୁଙ୍କୁ ଫାଟୁଆ ପ୍ରତିଷେଧକ ଟିକା ଓ ଦ୍ୱିତୀୟ ଦିବସରେ ୩୮୮ଟି ଗୋରୁ ଓ ୧୩୮ ଛେଳି ମେଣ୍ଢାଙ୍କୁ କୃମିନାଶକ ଔଷଧ ଦିଆଯାଇଥିଲା। ଆଗାମୀ ଦିନରେ ଛେଣ୍ଡିପଦା ବନାଞ୍ଚଳର ବିଭିନ୍ନ ସ୍ଥାନରେ ଏହି ଶିବିର କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ ସୂଚନା ଦେଇଛନ୍ତି।

## ଶୋଭାଯାତ୍ରାରେ ପରିବେଶ ସଚେତନତା ବାର୍ତ୍ତା



ସାଇକେଲ ଶୋଭାଯାତ୍ରାରେ ଏନ୍ସିସି କ୍ୟାଡେଟ୍‌ମାନେ।

**ଭାପୁର, ୨୭।୮(ଡି.ଏନ.ଏ.)**

ଢେଙ୍କାନାଳ ସଦର ବ୍ଲକ ଭାପୁରସ୍ଥିତ ଦେବେନ୍ଦ୍ର ଶତପଥୀ ସ୍ମାରକୀ ମହାବିଦ୍ୟାଳୟ ଏନ୍ସିସି କ୍ୟାଡେଟ୍ଙ୍କ ପକ୍ଷରୁ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ସୋମବାର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୫୦ରୁ ଊର୍ଦ୍ଧ୍ୱ କ୍ୟାଡେଟ୍ ପରିବେଶ ସଚେତନତା ସମ୍ପର୍କିତ ସ୍ଲୋଗାନ୍ ଦେଇ କଲେଜରୁ ବାହାରି କୋଇଲିପାଙ୍ଗ, ମହୁଲବେରେଣୀ, ବଣିଆଁସାହି, ଭାପୁର ବଜାର ଦେଇ ମେଡିକାଲ ଯାଏ ପରିକ୍ରମା କରିଥିଲେ।

ଏହି ଅବସରରେ ପ୍ରାରମ୍ଭରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦ୍ରଶେଖର ପଣ୍ଡା ଯୋଗଦେଇ ପରିବେଶ ସନ୍ତୁଳନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ପ୍ରୋଗ୍ରାମ ଅଫିସର ମାନସ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନିଯୁକ୍ତି ଦାବିରେ ବିକ୍ଷୋଭ

ତାଳଚେର,୨୭।୮ (ନି.ପ୍ର.)- ମୃତ କର୍ମଚାରୀଙ୍କ ପରିବାରକୁ ନିଯୁକ୍ତି ପ୍ରଦାନ ଦାବିରେ ମଙ୍ଗଳବାର ସମଲ ବ୍ୟାରେଜ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ରେଙ୍ଗାଳି ଜଳସେଚନ ବିଭାଗରେ କାମ କରୁଥିବା ପ୍ରମୋଦ ଗୋସ୍ୱାମୀ, ବିଧାନଚନ୍ଦ୍ର ଗଡନାୟକ, ରାମଚନ୍ଦ୍ର ଗଡନାୟକ, ଭାଗୀରଥି ବେହେରାଙ୍କ ୪ବର୍ଷ ତଳୁ ମୃତ୍ୟୁ ହୋଇଯାଇଥିଲେ ବି ସେମାନଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ଦେବା ଦିଗରେ ଅଧିକାରୀମାନେ ଏଯାଏ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ତେଣୁ ଉକ୍ତ ଦାବି ନେଇ ମୃତ କର୍ମଚାରୀଙ୍କ ପରିବାର ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଭାଗୀୟ ଅଧିକାରୀ ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଜେଟଲୀଙ୍କୁ ତାଳଚେର ଭାଜପାର ଶ୍ରଦ୍ଧାଞ୍ଜଳି

ତାଳଚେର,୨୭।୮ (ନି.ପ୍ର.)- ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ବିୟୋଗରେ ତାଳଚେର ଭାଜପା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜେଟ୍ଲୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦୀ ସାମଲ, ପୌରମଣ୍ଡଳ ସଭାପତି ଧନେଶ୍ୱର ଦାସ, ପ୍ରକାଶ ମହାରଣା, ପର୍ଶୁରାମ ବାରିକ, ଜିତେନ୍ଦ୍ର ଦାସ, ରେଳମଣ୍ଡଳ ସଭାପତି ବସନ୍ତ ସାହୁ, ଖଗେଶ ପ୍ରଧାନ, ଯୁବମୋର୍ଚ୍ଚା ଜିଲା ସଭାପତି ପ୍ରଶାନ୍ତ ନନ୍ଦ, ସୁଫଳା ପୃଷ୍ଟି, ମଣ୍ଡଳ ସଂଯୋଜକ ଛାକେନ୍ଦ୍ରୀୟ ସେଠୀ, ସୁରେନ୍ଦ୍ର ଶର୍ମା, ଶଙ୍କର ବେହେରା ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଖୋଲିଲା 'ସଖୀ' ୱାନଷ୍ଟପ୍ ସେଣ୍ଟର

# ଗୋଟିଏ ସ୍ଥାନରେ ମିଳିବ ଚିକିତ୍ସା, ଆଇନ ସୁବିଧା

ଅନୁଗୋଳ ଅଫିସ, ୨୭।୮

ନିର୍ଯାତିତା ମହିଳା ଓ ବାଳିକାମାନଙ୍କୁ ସମନ୍ୱିତ ସୁବିଧା, ସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ 'ସଖୀ'ର ୱାନଷ୍ଟପ୍ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ଜିଲାପାଳ ମନୋଜ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ।



ସଖୀ ସେଣ୍ଟରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ପୀଡ଼ିତାଙ୍କୁ ଗୋଟିଏ ସ୍ଥାନରେ ପୋଲିସ, ଡାକ୍ତର, ଆଇନଗତ ସହାୟତା ଯୋଗାଇ ଦେବା ଏବଂ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ସହ ଆଶ୍ରୟ ଦିଆଯିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏପରି ପୀଡ଼ିତା ନଂ. ୦୬୭୮ ୨୭୬୭୫୦୦ରେ ଯୋଗାଯୋଗ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଜଣାଇ ଦିଆଯାଇଛି। ଏହି କେନ୍ଦ୍ରରେ ବଳାତ୍କାର, ଅପହରଣ, ନିଖୋଜ, ପାରିବାରିକ ହିଂସା, ଏସିଡ୍ ଆକ୍ରମଣ, ଯୌନ ଉତ୍ପୀଡ଼ନ ଓ ଶୋଷଣ, ମହିଳା ଚାଲାଣ, ଶିଶୁ ଯୌନ ନିର୍ଯାତନା, ବାଲ୍ୟ ବିବାହ, ସାଇବର କ୍ରାଇମ୍, ଯୌତୁକ ନିର୍ଯାତନା ଆଦି ଘଟଣାରେ ପୀଡ଼ିତାଙ୍କୁ ସମସ୍ତ ସୁବିଧା ମିଳପାରିବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରତାପ କୁମାର ବେହେରା, ଏଡିଏମ୍‌ଓ (ମେଡିକାଲ) ଡାକ୍ତର ଲକ୍ଷ୍ମୀନାରାୟଣ ବିଶୋଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ଡିପିଏମ୍ ଏନ୍‌ଏଚ୍‌ଏମ୍ ବିଶ୍ୱରଞ୍ଜନ ରଥଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମେଡିକାଲରେ ପହଞ୍ଚିଲା ଫ୍ରିଜର

ଅନୁଗୋଳ ଅଫିସ, ୨୭।୮

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ମୃତଦେହ ସଂରକ୍ଷିତ ରଖିବା ପାଇଁ ନୂଆ ଫ୍ରିଜର ପହଞ୍ଚିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଫ୍ରିଜର ମଙ୍ଗଳବାର ଅନୁଗୋଳରେ ପହଞ୍ଚିଥିବା ସିଡିଏମ୍‌ଓ ପ୍ରତାପ କୁମାର ବେହେରା କହିଛନ୍ତି। ଫ୍ରିଜର ଆସିଯାଇଥିବାରୁ ପ୍ରକୋଷ୍ଠ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି। ଉକ୍ତ ଫ୍ରିଜରରେ ଦୁଇଟି ମୃତଦେହ ରଖିବା ପାଇଁ ବ୍ୟବସ୍ଥା ରହିଛି। ଆଉ ଗୋଟିଏ ଫ୍ରିଜର ଆସିବାର ଯୋଜନା ରହିଛି। ସୂଚନାଯୋଗ୍ୟ ଯେ, ପୁରୁଣା ଶବଗୃହରେ ମୃତଦେହ ରଖାଯାଉଥିଲେ ବି ବିଭିନ୍ନ ସମୟରେ ତାହା କ୍ଷତ ବିକ୍ଷତ ହେଉଥିବା ଅଭିଯୋଗ ହେଉଥିଲା। ଏହାପରେ ମେଡିକାଲ କର୍ତ୍ତୃପକ୍ଷ ୬ ମାସ ତଳୁ ଉଦ୍‌ଘାଟନ ହୋଇ ପଡ଼ି ରହିଥିବା ନୂତନ ଶବଗୃହକୁ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତ୍ତି ନେଇଥିଲେ। ଫ୍ରିଜର କିଣିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ।

## ମେଡିକାଲରେ ଦମ୍ପତିଙ୍କୁ ଠକେଇ ଅଭିଯୋଗ

# ସରକାରୀ ସହାୟତା ମିଳିବ କହି ନେଇଗଲେ ୭ଶହ

ଅନୁଗୋଳ ଅଫିସ, ୨୭।୮

ସରକାରୀ ସହାୟତା ଯୋଗାଇ ଦେବାକୁ କହି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁଣି ଏକ ଦମ୍ପତିଙ୍କଠାରୁ ଅର୍ଥ ଠକେଇ କରାଯାଇଛି। ପୂର୍ବରୁ ଏଭଳି ୩ଟି ଘଟଣା ଘଟିଥିଲେ ବି ମେଡିକାଲରେ ଯେ ଦଲାଲମାନେ ସକ୍ରିୟ ଅଛନ୍ତି ତାହା ମଙ୍ଗଳବାର ଅପରାହ୍ନର ଏହି ଠକେଇ ଘଟଣାରୁ ସ୍ପଷ୍ଟ ହୋଇଯାଇଛି। ଜଣେ ହେଲମେଟ ପିନ୍ଧା ଦଲାଲ ସେମାନଙ୍କଠାରୁ ୭ଶହ ଟଙ୍କା ନେଇ ଫେରାର ହୋଇଯାଇଥିବା ସମ୍ପୃକ୍ତ ଦମ୍ପତି ଅଭିଯୋଗ କରିଛନ୍ତି।



ଠକେଇର ଶିକାର ହୋଇଥିବା ଦମ୍ପତି।

ଠକେଇର ଶିକାର ହୋଇଥିବା ବୃଦ୍ଧାବୃଦ୍ଧ ହେଲେ ଜରପଡ଼ା କଡ଼ୁଆ ଗାଁର ଯଶୋଦା ଦେହୁରୀ ଓ ପ୍ରସନ୍ନ ଦେହୁରୀ। ବହିର୍ବିଭାଗରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଔଷଧ ନେବା ପାଇଁ ସେମାନେ ମେଡିକାଲ ପରିସରରେ ଛିଡ଼ା ହୋଇଥିଲେ। ଏହି ସମୟରେ ହେଲମେଟ ପିନ୍ଧା ଜଣେ ଦଲାଲ ତାଙ୍କ ନିକଟରେ ପହଞ୍ଚି ସମ୍ପର୍କୀୟ ବୋଲି ପରିଚୟ ଦେଇଥିଲେ। ଏହାପରେ ଡାକ୍ତରଖାନା ପକ୍ଷରୁ ଚିକିତ୍ସା ପାଇଁ ଟଙ୍କା ମିଳିବ କହି ତାଙ୍କଠାରୁ ୭ଶହ ଟଙ୍କା ନେଇଥିଲେ। ଯଶୋଦାଙ୍କୁ ଏକ ଗଛ ତଳେ ବସାଇ ଦଲାଲ ଜଣକ ପ୍ରସନ୍ନଙ୍କୁ ସ୍ତ୍ରୀ ଓ ପ୍ରସୂତି ବିଭାଗ କୋଠାକୁ ନେଇଯାଇଥିଲେ। ସେଠାରେ ଟଙ୍କା ମିଳୁଥିବା କହି ପ୍ରସନ୍ନଙ୍କୁ ଧାଡ଼ିରେ ଛିଡ଼ା କରି ପଳାଇ ଯାଇଥିଲେ। ପରେ ସେଠାରେ ଟଙ୍କା ମିଳୁ ନ ଥିବା ଓ ସେ ଠକେଇର ଶିକାର ହୋଇଥିବା ପ୍ରସନ୍ନ ଜାଣିବାକୁ ପାଇଥିଲେ। ବିଭାଗୀୟ କର୍ମଚାରୀ ହେଲମେଟ ପିନ୍ଧା ଦଲାଲଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ସମ୍ପୃକ୍ତ ଦମ୍ପତିଙ୍କୁ ନିରାମୟରେ ମିଳୁଥିବା ଔଷଧ ପ୍ରଦାନ କରାଯାଇଥିଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତାପ କୁମାର ବେହେରା କହିଛନ୍ତି, ଅନେକ ଲୋକ ଏପରି ଠକାମିର ଶିକାର ହେଉଥିବା ଖବର ପାଉଛୁ। ଅଭିଯୋଗ ହେଉ ନ ଥିଲେ ବି ସଚେତନତା ପାଇଁ ମେଡିକାଲ ପରିସରରେ ପୋଷ୍ଟରମାନ ମରାଯାଇଛି। ତେବେ ଦମ୍ପତିଙ୍କୁ କିଏ ଠକିଛି ବୁଧବାର ସିସିଟିଭି ଫୁଟେଜ ଦେଖି ଖୋଳତାଡ଼ କରାଯିବ ବୋଲି ବେହେରା ସୂଚନା ଦେଇଛନ୍ତି।





@ ରିକି



@ ସାଇଜ୍ୟୋତି



@ ହରିବନ୍ଧୁ

## ଦରଦି ଚେହେରା ଜଗନ୍ନାଥ ବେହେରା

# ଅନ୍ୟ ପାଇଁ ଲେଖୁଛନ୍ତି ଅଭିଯୋଗପତ୍ର



ଫଳ ଦୋକାନରେ ବସି ଅଭିଯୋଗପତ୍ର ଲେଖୁଛନ୍ତି ଜଗନ୍ନାଥ।

(ଉପେନ୍ଦ୍ର ରାଉତ)
ବଅଁରପାଳ, ୨୭।୮

- ୨୦ ବର୍ଷ ହେଲା କରୁଛନ୍ତି ସହାୟତା
- ଲେଖିଲେଣି ପ୍ରାୟ ୧୫ ହଜାର ଦରଖାସ୍ତ
- ଦଶମ ପର୍ଯ୍ୟନ୍ତ ପଢ଼ିଛନ୍ତି ପାଠ

ପେଶାରେ ବ୍ୟବସାୟୀ ହେଲେ ବି ଗରିବ, ଅସହାୟ ମଣିଷଙ୍କ ପ୍ରତି ତାଙ୍କ ମଧ୍ୟରେ ଅଛି ଦରଦି ଭାବ। ଥାନା, କୋର୍ଟ, ବ୍ଲକ, ତହସିଲ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସୁଥିବା ଏପରି ମଣିଷଙ୍କ ପାଇଁ ସେ ଲେଖିଦେଉଛନ୍ତି ଅଭିଯୋଗପତ୍ର। ଏଥିପାଇଁ କାହା ନିକଟରୁ ସେ ଅର୍ଥ ନିଅନ୍ତି ନାହିଁ। ଅସହାୟଙ୍କୁ ସହାୟତା କରି ସେ ଆତ୍ମସନ୍ତୋଷ ପାଉଥିବା କହିଛନ୍ତି ବଅଁରପାଳ ବ୍ଲକ ନୂଆହାଟ ଗ୍ରାମର ଜଗନ୍ନାଥ ବେହେରା ଓରଫ ବାଜି। ବ୍ଲକ କାର୍ଯ୍ୟାଳୟ ନିକଟରେ ବାଜିଙ୍କ ଏକ ଫଳ ଦୋକାନ ରହିଛି। ସକାଳୁ ରାତି ଯାଏ ଦୋକାନରେ ବ୍ୟବସାୟ କରୁଥିଲେ ମଧ୍ୟ ତାଙ୍କ ନଜର ରହିଥାଏ ଅଭିଯୋଗପତ୍ର ଲେଖିପାରୁ ନ ଥିବା ମଣିଷମାନଙ୍କ ଉପରେ। ଚିହ୍ନା ପରିଚୟ ନ ଥାଇ ବି ସେ ଆପେ ଆପେ ପହଞ୍ଚିଯାଆନ୍ତି ସେମାନଙ୍କ ନିକଟରେ। କେବଳ ବ୍ଲକ କାର୍ଯ୍ୟାଳୟ ନୁହେଁ, ତହସିଲ କିମ୍ବା ଥାନାକୁ କେହି ଅଭିଯୋଗ କରିବାକୁ ଆସିଥିବା ଖବର ପାଇବା ମାତ୍ରେ ସେ ସେଠାରେ ପହଞ୍ଚି ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ସହାୟତା କରିବାକୁ ପ୍ରସ୍ତାବ ଦେଇଥାନ୍ତି। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ହୋଇଥିଲେ ବି ଅତି ସୁନ୍ଦର ଅକ୍ଷରରେ ସେ ନିର୍ଭୁଲ ଭାବେ ଦରଖାସ୍ତ ଲେଖି ବଢ଼ାଇ ଦେଇଥାନ୍ତି। ଦୀର୍ଘ ୨୦ ବର୍ଷ ମଧ୍ୟରେ ସେ ଏପରି ପ୍ରାୟ ୧୫ ହଜାର ଅଭିଯୋଗପତ୍ର ଲେଖି ସାରିଲେଣି। ସେଥିମଧ୍ୟରୁ ଅଧିକାଂଶ ହେଉଛି ସରକାରୀ ଯୋଜନାରୁ ବଞ୍ଚିତ ଗରିବଙ୍କ ଆବେଦନପତ୍ର। ବିଶେଷକରି ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ କାଳିଆ ଯୋଜନାରେ ସାମିଲ ହେବାକୁ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଗରିବ ଲୋକଙ୍କ ପାଇଁ ସେ ଅଭିଯୋଗପତ୍ର ଲେଖିଛନ୍ତି। କେବଳ ଏତିକିରେ ସେ ଅଟକିଯାଆନ୍ତିନି ବରଂ ଆବେଦନକାରୀ କିପରି ନ୍ୟାୟ ପାଇପାରିବେ ସେଥିପାଇଁ ମଧ୍ୟ ସେ ଉଦ୍ୟମ କରିଥାନ୍ତି। ଅସହାୟ ଲୋକଙ୍କ ପାଇଁ ଏକ ଦରଦି ଚେହେରା ପାଲଟିଥିବାରୁ ବାଜିଙ୍କ ଅଞ୍ଚଳବାସୀଙ୍କ ପକ୍ଷରୁ ଅଜସ୍ର ପ୍ରଶଂସା ମିଳୁଛି। ଫଳ ଦୋକାନରୁ ଯାହା ରୋଜଗାର ହେଉଛି ସେଥିରେ ସ୍ତ୍ରୀ ଓ ଦୁଇ ଝିଅ ପୁଅଙ୍କୁ ଚଳାଇବାରେ କିଛି ଅସୁବିଧା ହେଉନି ବୋଲି ବାଜି କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time / Full Time)
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ସାଉଥ୍ ଆଫ୍ରିକାରେ ଚାକିରି
ଇଲେକ୍ଟ୍ରିକରେ କନଷ୍ଟ୍ରକ୍ସନ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୫୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଭିଜିଟ୍ ମ୍ୟାନେଜମେଣ୍ଟ)
କମଲ ଫ୍ଲେସମେଣ୍ଟ, ୪୧୭, ରଞ୍ଜିତା ପାର୍କ, ଦିଲ୍ଲୀ, ସୁରତ, ଗୁଜରାଟ
M : 9157312448, 9157012447

OFFICE STAFF ଆବଶ୍ୟକ
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact : 9938414918

କାର ଡ୍ରାଇଭର ଆବଶ୍ୟକ ଜଗତପୁର ଅଫିସ ପାଇଁ।
ଯୋଗାଯୋଗ ପାଇଁ : MOB :
9437021279
7381075901

REQUIRED
Advocate/Sr. Advocate for a Law Firm at Mumbai, Practicing in court, handle the matter independently. Accommodation Available.
Cont : 9561812182

JOB Vacancy at BBSR DIRECT JOIN
•CUSTOMER CARE
•RECEPTIONIST
•SECURITY GUARD
Salary : 8000-16000
Mob : 7735596171

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୫୦୦୦ - ୨୦୦୦୦। ଅଫିସ୍ ଆସିଷ୍ଟାଣ୍ଟ। ସର୍ଦ୍ଦାର ଆସିଷ୍ଟାଣ୍ଟ। କେୟାରଟେକର୍। ପିଅନ / କୁକ୍। ହାଉସକିପିଂ ବୟ। ଯୋଗାଯୋଗ: ଅନୁଗୋଳ, ଏଫ୍‌ଏଫ୍ ଲିଃ
9884761210

ନିଶ୍ଚିତ ଭର୍ତ୍ତି OMIରେ ପୁଅ/ ଝିଅ ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ରହିବା Permanent Job. (Age 18-28) ଦ୍ୱାରା + ରହିବା (Free) ଆୟ - 6500-8500 ସହିତ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

SHRILEKHA ENTERPRISES
ଏକ ଖାତା ତିଆରି କମ୍ପାନୀରେ Worker ଏବଂ Marketing Executive ଆବଶ୍ୟକ।
Walk in 01.09.2019 (Sunday), Reporting Time: 9.30AM - 12.15 PM
Address: L-113, GGP Colony, Rasulgarh, BBSR, Mob: 7609044994

M/s JAIMATADI TELESERVICES
Urgent Required Airtel Dth Channel Partner, DSE / FOS / Technician / Tele caller / MIS / Account Executive / Computer Operator / Office Boy. For DSE / FOS & Technician Service Location Balkati / Balianta / Balipatana & Other all Post in Bhubaneswar.
Office ADD: Flat No:402, 4th Floor, Srikrishna Heights, Chintamaniswar Area, BBSR
Contact Number :0674-2974470/9238317466/8079788888 from 10 AM to 6.00 PM

କେରଳରେ ଏକ Furniture Factory ରେ WOOD POLISHING ପାଇଁ Worker ଆବଶ୍ୟକ
STAYING + FOODING FACILITIES AVAILABLE
CONTACT 9938210691 9388169004

URGENTLY REQUIRED
We are a professionally managed construction company for over 5 years of experience in housing projects (150 Nos. of Flats & 100 Nos. Duplex/Simplex Construction is in full swing) in and around Bhubaneswar required following personnel:
PROJECT HEAD
B.Tech. (Civil) with at least 5 years experience in Apartment/Duplex Project.
SITE ENGINEER
B.Tech./ Diploma (Civil) with at least 5 years experience in Apartment/Duplex Project
GENERAL MANAGER (Sales)
MBA with Min. 7 years of experience in Housing Projects.
ASST. GENERAL MANAGER (Sales)
Graduate with Min. 5 years of experience in Housing Projects.
BUSINESS MANAGER
Graduate with Min. 3 years of experience in Housing Projects.
SALES MANAGER
Graduate with Min. 2 years experience in Housing Project
DRIVER : 5 years experience in LMV License.
Applicants can mail CV on ethicsassets@gmail.com or may come for an interview on 28th August to 5th September 2019 between 11.00 A.M. to 5 P.M. with Complete CV at :
ETHICS ASSETS (P) LIMITED
Plot no 109, District Center, Chandrasekharpur, Bhubaneswar
Contact: 7788001106,9090445566

WANTED
A Lady Office Assistant. Good Career. Send Biodata with photograph in own hand writing.
Phulnakhara, Cuttack. Free Accomodation with 10,000+ other Bonus.
7809525452
8249851363

ଏକ ଅଗ୍ରଣୀ ଅଟୋ ଯନ୍ତ୍ରାଂଶ ନିର୍ମାତା କମ୍ପାନୀ ଓଡ଼ିଶା ପାଇଁ ମାର୍କେଟିଂ ଏକ୍ଜିକ୍ୟୁଟିଭ୍ ଆବଶ୍ୟକ କରୁଛି, ଯେଉଁମାନଙ୍କର ଭାରି ବ୍ୟବସାୟିକ ଯାନବାହନ ଆଫ୍ଟରମାର୍କେଟ ଯନ୍ତ୍ରାଂଶ ବ୍ୟବସାୟରେ ଅନ୍ୟୁନ ୨-୩ ବର୍ଷର ଅଭିଜ୍ଞତା ରହିଥିବ।
ଇମେଲ- nitin_rk@hotmail.com
(ମୋ.) 7009665804

ନୋଟିସ: ନିଯୁକ୍ତି ଓ କାରିଅର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟତାକୁ ଅନୁଧ୍ୟାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଏଥିରେ ଦିଆଯାଇଥିବା ତଥ୍ୟ ଆଧାରରେ ଆବେଦନ କରିବା ପୂର୍ବରୁ ପାଠକମାନେ ନିଜେ ଯାଞ୍ଚ କରି ନିଅନ୍ତୁ। ଏଥିପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

WANTED
ଧରିତ୍ରୀ Oriya daily
is looking for
HR EXECUTIVE
- MBA Graduates having 2-3 years+ experience in HR & Administration.
- Responsibilities will include:
  - Recruitment, screening, compiling & conducting joining formalities.
  - Well versed with sourcing & job posting on popular job portals & social networking sites.
  - Coordinating/ scheduling interviews & following upon the process status.
  - Administrative duties such as updating employee records and other official registers / documents.
  - Should have excellent verbal / written communication & interpersonal skills.
  - Should be flexible for working hours based on the need.
  - Good analytical skills with grasp on MS Office (Word, Excel, PPT) is a must.
Apply immediately to :
recruitment@dharitri.com
Attractive salary commensurate with experience

# ପପୁ ପମ୍‌ପମ୍‌ଙ୍କ ନାଁରେ ଥାନାରେ ଅଭିଯୋଗ

## ରାନୁଙ୍କୁ ନକଲ କରିବା ପ୍ରସଙ୍ଗ

### ■ ଫିଲ୍ମ ଇଣ୍ଡଷ୍ଟ୍ରିରୁ ବାସନ୍ଦ ଦାବିକଲା ସିନେକ୍ରିଟିକ୍ ଆସୋସିଏଶନ

ଭୁବନେଶ୍ୱର, ୨୭।୮ (ବ୍ୟୁରୋ) / ନିଶ୍ଚିନ୍ତକୋଇଲି (ସ୍ୱ.ପ୍ର.)

ଆକର୍ଷଣୀୟ କଣ୍ଠ ପାଇଁ ଦୁଃସ୍ଥିତିରୁ ରାତାରାତି ଷ୍ଟାର୍ ପାଲଟିଥିବା ରାନୁ ମଣ୍ଡଳଙ୍କୁ ନେଇ ଏବେ ସାରାଦେଶରେ ଚର୍ଚ୍ଚା ଚାଲିଛି। ତାଙ୍କ ପାଇଁ ଚାରିଆଡୁ ସହାୟତା ଓ ଶୁଭେଚ୍ଛାର ସୁଅ ଛୁଟୁଛି। ହେଲେ ତାଙ୍କୁ କମେଡିରେ ନକଲ କରି ବିବାଦରେ ଫସିଛନ୍ତି ଓଲିଉଡ୍ ହାସ୍ୟ ଅଭିନେତା ତତ୍ତ୍ୱପ୍ରକାଶ ଶତପଥୀ ଓରଫ ପପୁ ପମ୍‌ପମ୍। ଏନେଇ ପପୁଙ୍କ ବିରୋଧରେ ମଙ୍ଗଳବାର କଟକ ଜିଲା ନିଶ୍ଚିନ୍ତକୋଇଲି ଥାନାରେ ସ୍ଥାନୀୟ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଶୁଭାଶିଷ ବସନ୍ତରାୟଙ୍କ ନେତୃତ୍ୱରେ ମଞ୍ଚର ବହୁ ସଦସ୍ୟ ଶୋଭାଯାତ୍ରାରେ ଆସି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେଥିରେ ଦର୍ଶାଯାଇଛି, ଅସହାୟ ମହିଳା ରାନୁ ରେଳ ଷ୍ଟେଶନରେ ଗୀତ ଗାଇ ସୋସିଆଲ ମିଡିଆରେ ଚର୍ଚ୍ଚାକୁ ଆସିଥିଲେ। ଏହାପରେ ଦେଶର ନାମୀ କଳାକାର ତାଙ୍କୁ ଗୀତ ଗାଇବାର ସୁଯୋଗ ଦେଇଛନ୍ତି। କିନ୍ତୁ ପପୁ କମେଡି ମାଧ୍ୟମରେ ରାନୁଙ୍କ ସଂଘର୍ଷମୟ ଜୀବନ ପ୍ରତି ଉପହାସ କରିଛନ୍ତି। ସେ ରାନୁଙ୍କ ପରି ଶାଢ଼ୀ ପିନ୍ଧି ଚୁଟି ଲଗାଇ ଗୀତ ଗାଉଛନ୍ତି। ଏହା ରାନୁଙ୍କ ପାଇଁ ଅପମାନଠାରୁ କିଛି କମ୍ ନୁହେଁ। ତେଣୁ ପପୁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ତେବେ ଏନେଇ ଏକ ଷ୍ଟେଶନ ଡାଏରି କରାଯାଇଥିବା ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡ଼ା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ରେଳ ଷ୍ଟେଶନରୁ ବଲିଉଡ୍‌ରେ ପହଞ୍ଚିଥିବା ରାନୁ ମଣ୍ଡଳଙ୍କ ପ୍ରତି ପପୁ ପମ୍‌ପମ୍‌ଙ୍କ ଏଭଳି କାର୍ଯ୍ୟଧାରାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛି ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ। ରାନୁ ମଣ୍ଡଳଙ୍କ ଚରିତ୍ରରେ ନିଜକୁ ସଜେଇ ପପୁ କେବଳ ଜଣେ କଳାକାରଙ୍କୁ ଅପମାନ କରିନାହାନ୍ତି ବରଂ ସମଗ୍ର ଓଡ଼ିଶାବାସୀଙ୍କୁ ନିନ୍ଦିତ କରିଛନ୍ତି। ସଭ୍ୟ ଓ ଶିକ୍ଷିତ ସମାଜରେ ଏହା କେବେ ବି ଗ୍ରହଣୀୟ ନୁହେଁ। ରାନୁଙ୍କ ସ୍ୱର ସାଧନାରେ ଯେଉଁ ଯାଦୁ ରହିଛି, ତାହାକୁ ସମ୍ମାନ ଓ ସହାନୁଭୂତି ଦେବା ପରିବର୍ତ୍ତେ ତାଚ୍ଛଲ୍ୟ କରି କହିବା ନିନ୍ଦନୀୟ। ଏହା ଏକ ଜଘନ୍ୟ ଅପରାଧ ମଧ୍ୟ। ସିନେ




ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀରୁ ପପୁଙ୍କୁ ବାସନ୍ଦ କରିବାକୁ ଆସୋସିଏଶନ ଦାବି କରୁଛି ବୋଲି ଏହାର ସମ୍ପାଦକ ଦିଲୀପ ହାଲି କହିଛନ୍ତି। ପୂର୍ବରୁ ଭାଇରାଲ ହୋଇଥିବା ଏକ ଫିଲ୍ମ ପୋଷ୍ଟରକୁ ନେଇ ପପୁ ବିବାଦକୁ ଆସିଥିଲେ। ଉକ୍ତ ପୋଷ୍ଟରରେ ପପୁ କେତେଜଣ ଯୁବତୀଙ୍କ ବେକରେ ଦଉଡି ଲଗାଇ ଘୋଡ଼ାର ଲଗାମ ପରି ଧରିବା ସହ ନିଜେ ଚକ୍ର ବୁଲାଉଥିବା ଦୃଶ୍ୟ ରହିଥିଲା। ଏହାକୁ ନେଇ ତୀବ୍ର ବିରୋଧ ହେବାରୁ ସେ କ୍ଷମା ମାଗିଥିଲେ। ଏବେ ପୁଣି ଏଭଳି ଏକ ବିରାଟ ଭୁଲ୍ କରିଛନ୍ତି। ବାରମ୍ବାର ଭୁଲ୍ କରି କ୍ଷମା ମାଗିବା ତାଙ୍କର ଏକ ଚରିତ୍ରଗତ ଅଭ୍ୟାସରେ ପରିଣତ ହେଲାଣି। ତେଣୁ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ଏଭଳି ଜଣେ କଳାକାରଙ୍କୁ ବାସନ୍ଦ କରାଯିବା ଦରକାର ବୋଲି ହାଲି କହିଛନ୍ତି।

### ■ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍

# 'ହକିଠାରୁ ଆହୁରି ଭଲ ଆୟୋଜନ କରିବୁ'

ଭୁବନେଶ୍ୱର, ୨୭।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଫିଫା ୧୭ବର୍ଷରୁକମ୍‌ମହିଳାବିଶ୍ୱକପ୍‌ର୭ମସଂସ୍କରଣଆୟୋଜନପାଇଁଭୁବନେଶ୍ୱରକୁ ପ୍ରଥମ ସହର ଭାବେ ପ୍ରୋଭିଜନାଲ କ୍ଲିୟରାନ୍ସ ମିଳିବା ପରେ କ୍ରୀଡ଼ା ଓ ଯୁବସେବା ବ୍ୟାପାର ସଚିବ ବିଶାଲ କୁମାର ଦେବ ଖୁସି ଜାହିର କରିଛନ୍ତି। 'ଫିଫା ବିଶ୍ୱକପ୍ ସହ ଜଡ଼ିତ ହେବାକୁ ଯାଉଥିବାରୁ ଏହା ଆମ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ। ଏଥିସହ ଫିଫା ବିଶ୍ୱକପ୍ ଆୟୋଜନ କରିଥିବା ବିଶ୍ୱର ଶ୍ରେଷ୍ଠ ସହର ତାଲିକାରେ ଭୁବନେଶ୍ୱର ଯୋଡ଼ି ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସ ଯୋଗୁ ଭୁବନେଶ୍ୱର ଆଜି ଦେଶର ପ୍ରମୁଖ କ୍ରୀଡ଼ା ସହର ଭାବେ ପରିଚିତି ଲାଭ କରିଛି। ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ ପାଇଁ ଫିଫା ଏଲ୍‌ଓସି କର୍ତ୍ତୃପକ୍ଷ ପୂର୍ବରୁ ବହୁବାର ଷ୍ଟାଡିୟମ ପରିଭ୍ରମଣରେ ଆସିବା ସହ ଭିତ୍ତିଭୂମି ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ଆମେ ଫିଫା ନିୟମ ଅନୁଯାୟୀ ଉପଲବ୍ଧ ଭିତ୍ତିଭୂମିଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ କରୁଛୁ। ଏଥିସହ ଆମେ ନିଶ୍ଚିତ ଅଛୁ ଯେ, ଏହି ସମ୍ମାନଜନକ ଇଭେଣ୍ଟ ଆୟୋଜନ ପାଇଁ ଫାଇନାଲ କ୍ଲିୟରାନ୍ସ ମିଳିବ। ଏସିଆନ୍ ଆଥ୍‌ଲେଟିକ ଚାମ୍ପିୟନଶିପ୍ ଓ ହକି ବିଶ୍ୱକପ୍ ଭଳି ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌କୁ ଆହୁରି ଭଲ ଭାବରେ ଆୟୋଜନ କରିବୁ' ବୋଲି ବିଶାଲ ଦେବ ଏହି ଖବରଦାତା ସମ୍ମିଳନୀରେ କହିଛନ୍ତି।

### କଳିଙ୍ଗରେ ହେବ ୩ରୁ ୬ ମ୍ୟାଚ୍

ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ୨୦୨୦ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ୍ ୧୬ଟି ଦେଶ ଭାଗ ନେବାକୁ ଥିବାବେଳେ ଆୟୋଜକ ଦେଶ ଭାବେ ଭାରତ ପ୍ରଥମ ଦଳ ଭାବେ ସ୍ଥାନ ପକ୍କା କରିଛି। ବଳକା ୧୫ଟି ଦଳ ୬ଟି ମହାଦେଶୀୟ ପ୍ରତିଯୋଗିତାରୁ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଭୁବନେଶ୍ୱରକୁ ପ୍ରଥମ ସହର ଭାବେ ପ୍ରୋଭିଜନାଲ କ୍ଲିୟରାନ୍ସ ମିଳିବା ପରେ ଆଉ ୩ଟି ଆୟୋଜକ ସହର ଭାବେ କୋଲକାତା, ନଭି ମୁମ୍ବାଇ ଓ ଗୋଆ ଦୌଡ଼ରେ ରହିଥିବା ଜଣାପଡ଼ିଛି। ମୋଟ୍ ୪ଟି ଭେନ୍ୟୁରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଫଳରେ ଫିଫା ନିୟମ ଅନୁଯାୟୀ ପ୍ରତ୍ୟେକ ଭେନ୍ୟୁରେ ୩ରୁ ୬ଟି ମ୍ୟାଚ୍ ଆୟୋଜିତ ହେବା ସମ୍ଭାବନା ରହିଛି। ଏହିକ୍ରମରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅତିକମ୍‌ରେ ବିଶ୍ୱକପ୍‌ର ୩ ମ୍ୟାଚ୍ ଖେଳାଯିବା ଏକପ୍ରକାର ନିଶ୍ଚିତ ହୋଇଛି।

### ପୋଲିସ ବାଟାଲିୟନ ଓ କ୍ୟାପିଟାଲ ହାଇସ୍କୁଲରେ ପ୍ରାକ୍ଟିସ ଭେନ୍ୟୁ

ଫିଫା ବିଶ୍ୱକପ୍ ନିୟମ ଅନୁଯାୟୀ ଆୟୋଜନ ଅଧିକାର ପାଇଥିବା ସହରରେ ଗୋଟିଏ ମୁଖ୍ୟ ଭେନ୍ୟୁ ସମେତ ଅଭ୍ୟାସ ପାଇଁ ଆଉ ୪ଟି ଭେନ୍ୟୁ ବ୍ୟବସ୍ଥା ରହିବା ଆବଶ୍ୟକ। ଏହି କ୍ରମରେ ୪ଟି ଅଭ୍ୟାସ ଭେନ୍ୟୁ ମଧ୍ୟରୁ କଳିଙ୍ଗ ଷ୍ଟାଡିୟମ ପରିସରରେ ଗୋଟିଏ ରହିଥିବାବେଳେ ଆଉ ୩ଟି ବାହାରେ ବନ୍ଦୋବସ୍ତ କରାଯାଇଛି। ପୋଲିସ ବାଟାଲିୟନ ପରିସରରେ ୨ଟି ଏବଂ କ୍ୟାପିଟାଲ ହାଇସ୍କୁଲରେ ଆଉ ଏକ ପ୍ରାକ୍ଟିସ ଭେନ୍ୟୁ ପାଇଁ ଫିଫା ନିୟମ ଅନୁଯାୟୀ ଭିତ୍ତିଭୂମି କାମ ଆଗେଇଥିବା କ୍ରୀଡ଼ା ସଚିବ ବିଶାଲ କୁମାର ଦେବ କହିଛନ୍ତି।

**OFFICE OF THE PRINCIPAL**
**FAKIR MOHAN AUTONOMOUS COLLEGE, BALASORE**
P.O./DIST.- BALASORE - 756 001 (ODISHA) INDIA
PH. NO.: 06782-262018, FAX: 06782-278279
e-mail: fmcollegebalasore@yahoo.com
Website: www.fmcollege.nic.in

No. 3056 Date: 27.08.2019

**ADMISSION NOTICE FOR B. VOC AND DTHM (2019-20)**
**EXTENSION OF LAST DATE OF ADMISSION**

The last date of Admission for both three years' Degree Programme in UGC sponsored B.Voc. (Tourism & Hospitality Management) and Diploma in Tourism and Hospitality Management (DTHM) is extended upto 11.09.2019. For details visit College website: **www.fmcollege.nic.in.**

As per official Gazette of India dated 19th January, 2013, the B. Voc. is recognised at par with the other Bachelor Level degrees for competitive exams conducted by Union/State Public Service Commission, Staff Selection Commission or any such bodies where the eligibility is "Bachelor Degree in any discipline".

Sd./- Principal
F.M. Autonomous College, Balasore

# ଆଜିଠୁ ଖଡଗପୁର–କେନ୍ଦୁଝର ରୋଡରେ ନୂଆ ମେମୁ ଟ୍ରେନ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)–ଖଡଗପୁର–ଯାଜପୁର କେନ୍ଦୁଝର ରୋଡରେ ଖଡଗପୁର ପାସେଞ୍ଜର ପରିବର୍ତ୍ତେ ନୂଆ ମେମୁ ଟ୍ରେନ ଗଡିବ। ଏନେଇ ମଙ୍ଗଳବାର ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ବୁଧବାରଠାରୁଏହିଟ୍ରେନଚଳାଚଳଆରମ୍ଭକରିବ। ଖଡଗପୁର–ଯାଜପୁର କେନ୍ଦୁଝର ରୋଡ–ଖଡଗପୁର ମେମୁ (୬୮୧୦୯–୬୮୧୧୦) ଟ୍ରେନ ପରିବର୍ତ୍ତିତ ସମୟ ସାରଣୀ ଅନୁସାରେ ଚଳାଚଳ କରିବ। ଏହି ମେମୁ ଟ୍ରେନ କେନ୍ଦୁଝର ରୋଡରୁ ସକାଳ ୫ଟା ୪୦ରେ ଛାଡି ଖଡଗପୁରରେ ପୂର୍ବାହ୍ନ ୧୦ଟା ୫୫ରେ ପହଞ୍ଚିବ। ଖଡଗପୁରଠାରୁ ଅପରାହ୍ନ ୪ଟା ୫୦ରେ ଛାଡି କେନ୍ଦୁଝର ରୋଡରେ ରାତି ୧୦ଟା ୧୫ରେ ପହଞ୍ଚିବ।

# ସେପ୍ଟେମ୍ବରରେ ଉତ୍ତର ରେଳପଥରେ ୪ଟ୍ରେନ ବାତିଲ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)–ଉତ୍ତର ରେଳପଥରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁ ୪ଟି ଏକ୍ସପ୍ରେସକୁ ବାତିଲ କରାଯାଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ବିଶାଖାପାଟଣା–ଅମୃତସର–ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ(୧୮୫୦୭–୧୮୫୦୮) ବିଶାଖାପାଟଣାରୁ ସେପ୍ଟେମ୍ବର ୫ ଓ ୬ ଏବଂ ଅମୃତସରଠାରୁ ସେପ୍ଟେମ୍ବର ୮ ଓ ୧୧ରେ ବାତିଲ ରହିବ। ବିଶାଖାପାଟଣା–ହଜରତ ନିଜାମୁଦ୍ଦିନ–ବିଶାଖାପାଟଣା ସମତା ଏକ୍ସପ୍ରେସ(୧୨୮୦୭–୧୨୮୦୮) ବିଶାଖାପାଟଣାରୁ ସେପ୍ଟେମ୍ବର ୪ ଓ ୫ ଏବଂ ନିଜାମୁଦ୍ଦିନରୁ ସେପ୍ଟେମ୍ବର ୬ ଓ ୭ରେ ବାତିଲ ରହିବ। ସମ୍ବଲପୁର–ରାଇଗଡ–ସମ୍ବଲପୁର ସ୍ୱତନ୍ତ୍ର ଲିଙ୍କ ଟ୍ରେନ ସମ୍ବଲପୁରରୁ ସେପ୍ଟେମ୍ବର ୭ ଓ ରାଇଗଡରୁ ୮ରେ ବାତିଲ ରହିବ। ସେହିଭଳି ବିଶାଖାପାଟଣା–ନୂଆଦିଲ୍ଲୀ–ବିଶାଖାପାଟଣା ଏପି ଏକ୍ସପ୍ରେସ (୨୨୪୧୫–୨୨୪୧୬) ବିଶାଖାପାଟଣାରୁ ସେପ୍ଟେମ୍ବର ୬ ଓ ନୂଆଦିଲ୍ଲୀରୁ ୮ରେ ବାତିଲ ରହିବ। ଏହା ସହ ପୁରୀ–ହରିଦ୍ୱାର–ପୁରୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସ(୧୮୪୭୭–୧୮୪୭୮) ର ମାର୍ଗ ପରିବର୍ତ୍ତନ କରାଯାଇଛି।

# ୫ ଦିନର ଶିଶୁ କନ୍ୟାକୁ ଦାନ କଲା ମା'

ସଜନାଗଡ଼, ୨୭।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପିଠାହଟା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଦାରିଦ୍ର୍ୟର ତାଡନା ସହି ନ ପାରି ଜଣେ ମହିଳା ତାଙ୍କର ୫ଦିନର ଶିଶୁକନ୍ୟାକୁ ଲାଳନପାଳନ କରିବାରେ ଅସମର୍ଥ ହୋଇ ଶେଷରେ ଦାନ କରିଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପିଠାହଟା ଅଞ୍ଚଳର ଜଣେ ଯୁବକ ଗଡ଼ହିଁ ଅଞ୍ଚଳର ଜଣେ ଯୁବତୀଙ୍କୁ ୪ର୍ଥ ବିବାହ କରିଥିଲେ। ତାଙ୍କର ପୁଅଟିଏ ହୋଇଥିଲା। ପ୍ରଥମ ପୁଅକୁ ବର୍ଷେ ହୋଇଥିବା ବେଳେ ଏହାର କିଛି ମାସ ବ୍ୟବଧାନରେ ମହିଳାଜଣକ ପୁଣି ଗର୍ଭବତୀ ହେବାରୁ ତାଙ୍କ ସ୍ୱାମୀ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। ଫଳରେ ସମ୍ପୃକ୍ତ ମହିଳା ନିରୁପାୟ ହୋଇ ବାପଘରକୁ ପଳାଇ ଯାଇ ରହୁଥିଲେ।

## ଜିଲ୍ଲାପାଳ ତଥା ନିର୍ଦ୍ଦେଶକ, ରାଜସ୍ୱ ନିରୀକ୍ଷଣ ପ୍ରଶିକ୍ଷଣ କେନ୍ଦ୍ର, ଲରପଙ୍କ, ସମ୍ବଲପୁର

ସମ୍ବଲପୁର, ତା:୨୨।୦୮।୨୦୧୯

**ବିଜ୍ଞାପନ**

ସମ୍ବଲପୁର ଜିଲ୍ଲାର ରାଜସ୍ୱ ନିରୀକ୍ଷଣ ପ୍ରଶିକ୍ଷଣ କେନ୍ଦ୍ର, ଲରପଙ୍କ, ସମ୍ବଲପୁର କାର୍ଯ୍ୟାଳୟ ପାଇଁ ତଳେ ଦର୍ଶାଯାଇଥିବା ଖାଲିଥିବା ଚତୁର୍ଥ ଶ୍ରେଣୀ ପଦବୀ ଚୁକ୍ତିଭିତ୍ତିକ (Contractual)ରେ ପୂରଣ କରିବା ପାଇଁ ନିର୍ଦ୍ଧାରିତ ଫର୍ମରେ କେବଳ ସମ୍ବଲପୁର ଜିଲ୍ଲାର ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ପଦବୀ ଗୁଡ଼ିକର ମାସିକ ପାରିଶ୍ରମିକ ଟ.୮,୦୭୦ଙ୍କା (ଆଠ ହଜାର ସତୁରି) ଅଟେ। (ମହଙ୍ଗାଭତ୍ତା, ଘରଭଡ଼ା, ଚିକିତ୍ସା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଭତ୍ତା ଦିଆଯିବ ନାହିଁ)।

| କ୍ରମିକ ସଂଖ୍ୟା | ପଦର ନାମ | ଖାଲିଥିବା ସଂଖ୍ୟା | ଶ୍ରେଣୀ (ବା) ବର୍ଗ |
|---|---|---|---|
| ୦୧ | ପିଅନ | ୦୧ | ସାଧାରଣ ବର୍ଗ |
| ୦୨ | ପ୍ରକୋଷ୍ଠ ପରିଚାରକ | ୦୧ | ସାଧାରଣ ବର୍ଗ |

ନିଯୁକ୍ତି ସମ୍ପର୍କରେ ଜିଲ୍ଲାପାଳ ତଥା ନିର୍ଦ୍ଦେଶକ ଯେଉଁ ନିଷ୍ପତ୍ତି ନେବେ ତାହା ଚୂଡ଼ାନ୍ତ ଓ ଏହା ଉପରେ କୌଣସି ପ୍ରକାର ଦାବି ଗ୍ରହଣୀୟ ହେବ ନାହିଁ।

ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ:– **15.09.2019**

ଧାର୍ଯ୍ୟ ତାରିଖ ପରେ ହସ୍ତଗତ ହୋଇଥିବା କୌଣସି ଦରଖାସ୍ତ ଗ୍ରହଣକୁ ନିଆଯିବ ନାହିଁ।

ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ବିବରଣୀ ତଥା ଆବେଦନ ପତ୍ର ପାଇଁ ଜିଲ୍ଲା ୱେବ୍‌ସାଇଟ୍ **sambalpur.nic.in** ରେ ଅନୁସନ୍ଧାନ କରନ୍ତୁ।

ସ୍ୱା./– ଜିଲ୍ଲାପାଳ ତଥା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ
ଉପନିର୍ଦ୍ଦେଶକ ଭା.ପ୍ରା.
ରାଜସ୍ୱ ନିରୀକ୍ଷଣ ପ୍ରଶିକ୍ଷଣ କେନ୍ଦ୍ର,ଲରପଙ୍କ, ସମ୍ବଲପୁର

**OFFICE OF THE MUNICIPALITY, PATTAMUNDAI**

Letter No. 3682 dt. 27.08.19

**QUOTATION CALL NOTICE**

Sealed quotations are invited from Registered/ Experienced/ Reputed Architecture firms who are already involved in preparation of plan, designs/ detailed estimate, rate analysis and supervision of works may apply to the undersigned within the working hour on or before 05.09.2019 for engagement as a consultant for various building and other projects of Pattamundai Municipality. The consultant should have past experience and must have completed similar nature of works of any U.L.B./ Development Authority. Preference shall be given to those consultant who have rendered similar type of service to various urban bodies of the State. The quotation shall be submitted on or before 05.09.2019 at 1.00 PM and it will be opened on the same day at 4.00 PM in the presence of the quotationers or their authorized representatives. The undersigned reserves all right to reject any or all quotation without assigning any reason thereof.

Sd./- Executive Officer,
Pattamundai Municipality

**COUNCIL OF HIGHER SECONDARY EDUCATION, ODISHA**
PRAJNAPITHA, SAMANTAPUR, BHUBANESWAR-13
No.DE-I-07/2018/5356/CHSE/Dt.26.08.2019

No. 37-N:- **NOTIFICATION**

**RE-ADMISSION INTO +2 CORRESPONDENCE COURSE UNDER CHSE. (O) FOR THE ACADEMIC SESSION, 2019-20 THROUGH ON-LINE MODE**

This is for information of all correspondence students admitted in the year 2018-19 through on-line mode (SAMS) that their re-admission for the session 2019-20 shall be held through on-line as per following schedule & procedure.

The students have to deposit the re-admission fee Rs.2000/-(Two thousand) only through " S. B. Collect" and take a print out of the copy after final payment for reference. No documents are to be submitted. Only fees to be paid for re-admission.

| DATE OF SUBMISSION OF FEES | FEES TO BE DEPOSITED |
|---|---|
| 30.08.2019 to 15.09.19 | Rs. 2000/- |

**PROCEDURE FOR PAYMENT OF 2ND YEAR RE-ADMISSION**

The re-admission fee is to be paid through S B Collect by on-line. Please read the instructions & process carefully before remitting fees.

a) Visit on-line banking web-site of SBI by typing https://www.onlinesbi.com in the address bar of the browser viz. Internet explorer. Once the home page appears click on "S B Collect" tab//) on the screen click on I have read and accepted the terms and conditions stated above.
b) Accept the disclaimer clause and click on "Proceed".
c) Select the State of Corporate/Institution as "Odisha".
d) Then select Type of Corporate/Institution as "Educational Institutions" and then click on "go"
e) Now select Educational Institution Name as "Council of Higher Secondary Education, Odisha" and click on "submit".
f) Then select payment category as "Correspondence Course Readmission 2019-20".
g) Enter the Bar Code Number & click on "Submit". (Note- Bar Code No. is the same as the student has received at the time of on-line submission of CAF(Common Application Form) & reflected in intimation letter also.)
h) Then on the screen Admission No., Name of the student, Category, name of the college will automatically be displayed. The students are advised to verify this and enter his name, date of birth & mobile no etc. as per requirement on the screen.
i) Now the system will guide to chose the payment mode & start payment through the payment process. Once payment is completed successfully one e-receipt is generated containing a "reference number" in PDF format. Take a print out. You may also save this for future reference.

*By order of the Chairman*
***Dy. Secretary***

11003/11/0004/1920

**OFFICE OF THE MUNICIPAL COUNCIL, SUNDARGARH**

No.4265 Date : 26.08.2019

**QUOTATION CALL NOTICE**

1. The Executive Officer, Sundargarh Municipality, Sundargarh invites sealed quotations from the reputed Manufacturers/ Authorized Dealers/Suppliers having up to date dealership/ GST/IT Clearance/PAN Card for purchase of Hydraulic Auto Tipper with dumper indicated below.

| Sl. No. | Specification of the Vehicle | Qnty | Paper Cost | EMD Cost |
|---|---|---|---|---|
| 1 | Hydraulic Auto Tipper with Dumper 2 Cum 750kg | 4 No. | 5000.00 | Rs.10,000.00 |

2. DTCN along with specification, terms & conditions can be obtained in the Office of the Municipal Council, Sundargarh in between Dt:26.08.19 to Dt.04.09.19 during office hour on payment of paper cost mentioned in column 4 (non refundable).
3. The paper cost shall be paid mentioned in column 4 above in the shape of DD/bankers cheque drawn on any Nationalized Bank in favour of Executive Officer, Sundargarh Municipality payable at Sundargarh.
4. In addition bid must be accompanied by EMD amount mentioned in column 5 in shape of DD/Bankers cheque drawn on any Nationalized Bank in favour of Executive Officer, Sundargarh Municipality payable at Sundargarh
5. DTCN may also be downloaded from district website www. sundargarh.nic.in.
6. Paper cost shall be paid as per the same method noted above for DTCN downloaded online. Quotation without payment of paper cost shall not be accepted in any case and will be rejected summarily.
7. Duly filled DTCN along with paper cost and EMD should reach the undersigned office by on or before . dt:.04.09.19 at.1 P.M. Quotation received after the said date and time will be rejected outright.
8. The quotation will be opened in the chamber of the undersigned on dt:04.09.19 at.4 P.M in presence of the bidders or their authorized representatives.
9. The authority reserves the right to accept or cancel any or all quotations without assigning any reason thereof.

Sd./- Executive Officer
Sundargarh Municipality

**OFFICE OF THE CHIEF DISTRICT MEDICAL OFFICER, BARGARH**

Letter No. 7274 Dt.27.08.2019

**TENDER CALL NOTICE**

Sealed tenders are hereby invited from authorized agencies/ firms/suppliers for supply & commissioning of Gas Pipeline and Manifold System for Bargarh district. Bid documents should be submitted through Regd. Post/Speed Post/Courier. For date, time & terms and conditions regarding tender call, please log on to the district website: **www.bargarh.nic.in**.

Sd./- Chief District Medical & Public Health Officer, Bargarh

**ନିରୁଦ୍ଦିଷ୍ଟଙ୍କ ସମ୍ବନ୍ଧରେ** No. 98-D:

ସୂଚନା: ଏୟାରପୋର୍ଟ ଥାନା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ କ୍ରମିକ ସଂଖ୍ୟା ୧୪ ତା ୨୧.୦୬.୨୦୧୯

**ବିଜ୍ଞାପନ**

ଏତଦ୍ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉ ଅଛି କି ଗତ ତା ୧୯ .୦୬ .୨୦୧୯ ରିଖ ରେ ଚୈତନ୍ୟ ରଥ (୩୧ ବର୍ଷ) ପି. ରମେଶ ରଥ ,ସା-ମହାଦେଇପୁଟ, ଜି-କୋରାପୁଟ, ହା/ସା-ଟାଇପ – ୩/୪,NCSCDA କ୍ୟାମ୍ପସ , ଥାନା-ଏୟାରପୋର୍ଟ, ଭୁବନେଶ୍ବର (ନିରୁଦ୍ଦିଷ୍ଟଙ୍କ ର ବିସ୍ତୃତ ପରିଚୟ ବିବରଣୀ ନିମ୍ନରେ ଦିଆଗଲା) ଅଞ୍ଚଳ ରୁ ନିଖୋଜ ହୋଇ ଯାଇଛନ୍ତି | ଏ ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳି ପାରୁନାହିଁ | ଯଦି କୌଣସି ସହୃଦୟ ବ୍ୟକ୍ତି ନିଖୋଜ ପିଲାର ସନ୍ଧାନ ପାଆନ୍ତି ତେବେ ନିମ୍ନ ଲିଖିତ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ | ନିରୁଦ୍ଦିଷ୍ଟଙ୍କ ସମ୍ବନ୍ଧରେ ସଠିକ ସୂଚନା ପ୍ରଦାନକାରୀଙ୍କୁ ୨ହଜାର ଟଙ୍କା ପୁରସ୍କାର ରାଶି ଉପଆୟୁକ୍ତ (ଡି.ସି.ପି) ଭୁବନେଶ୍ବରଙ୍କ ତରଫରୁ ପ୍ରଦାନ କରାଯିବ।

**ନିରୁଦ୍ଦିଷ୍ଟ ବ୍ୟକ୍ତିର ସବିଶେଷ ବିବରଣୀ**



ନାମ- ଚୈତନ୍ୟ ରଥ
ବୟସ- ୩୧ ବର୍ଷ
ବର୍ଣ୍ଣ – କଳା
ଉଚ୍ଚତା- ୫ ଫୁଟ
ଭାଷା –ଓଡିଆ
ପିନ୍ଧିଥିବା ପୋଷାକ- କଳା ରଙ୍ଗ ଜୀନ୍ସ ପାଣ୍ଟ , ମେରୁନ ରଙ୍ଗର ଶର୍ଟ

ଡି.ସି.ପି. ଭୁବନେଶ୍ୱର ଙ୍କ ଫୋନ ନମ୍ବର- ୦୬୭୪-୨୫୪୦୫୫୫
ଏୟାରପୋର୍ଟ ଥାନା ଅଧିକାରୀ ଫୋନ ନମ୍ବର – ୯୪୩୭୨୨୦୦୯୪

12015/11/0008/1920

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. CIRCLE, NAYABAZAR, CUTTACK-753004**
Ph.-0671-2440841, Fax- 0671-2440841, E-mail : sephctc@gmail.com

No. 145-C:

**NATIONAL COMPETITIVE BIDDING THROUGH e-Procurement**

Invitation For Bids (IFB) No.SEPHCTC-02/2019-20 Dtd.26.08.2019

| Sl. No. | Name of the work | Estimated cost (Approx) |
|---|---|---|
| 1. | House service connection at Jajpur Municipality for universal coverage water supply. | ₹ 129.60 lakh |
| 2. | House service connection at Jajpur Road Municipality for universal coverage water supply. | ₹ 106.53 lakh |
| 3. | House service connection at Jagatsinghpur Municipality for universal coverage water supply. | ₹ 135.46 lakh |
| 4. | House service connection at Choudwar Municipality for universal coverage water supply. | ₹ 198.04 lakh |
| 5. | House Hold water supply service connection for universal coverage of water supply in Talcher Municipality. | ₹ 205.49 lakh |
| 6. | House Hold water supply service connection for universal coverage of water supply in Angul Municipality. | ₹ 236.14 lakh |
| 7. | House Hold water supply service connection for universal coverage of water supply in Dhenkanal Municipality. | ₹ 352.08 lakh |

1. Date & time of availability of bid document in the portal :- 11.00 hours of dt.05.09.2019 to 17.00 hours of dt.20.09.2019.
2. Last date / time of receipt of bids in the portal :- 20.09.2019 upto 05.00 P.M.
3. Date & time of opening of bids :- 21.09.2019 at 12.30 P.M.
4. Name and address of the Officer Inviting Bid :- The Superintending Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com

Further details can be seen from the web site www.tendersorissa.gov.in

13029/11/0002/1920 Superintending Engineer, Public Health Circle, Cuttack

## ସୁନାବେଡ଼ା ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା

ସଂଖ୍ୟା: ୫୩୯୮ ତା. ୨୬।୦୮।୧୯

**ନୋଟିସ**

ଏତଦ୍ଦ୍ୱାରା ସୁନାବେଡ଼ା ପୌର ପରିଷଦ ଅଧୀନସ୍ଥ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସରକାରଙ୍କ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା–୧୪୮୬୫ ତା. ୧୯।୦୮।୨୦୧୯ ମୁତାବକ ଜନସାଧାରଣଙ୍କ ସୁବିଧା ନିମନ୍ତେ ନିମ୍ନମତେ ୱାର୍ଡ ଅଫିସରମାନ ୨୫ ଗୋଟି ୱାର୍ଡରେ ନିଯୁକ୍ତି ଦିଆଯାଇଅଛି।
ଏଣୁ ସମ୍ପୃକ୍ତ ୱାର୍ଡର ଜନସାଧାରଣଙ୍କୁ ଅନୁରୋଧ ସେଠାକୁ ଯାଇ ନିଜର ଆପତ୍ତି ଅଭିଯୋଗ ଦାଖଲ କରିବା ସହିତ ସରକାରଙ୍କର ବିଭିନ୍ନ ସୁବିଧା ସୁଯୋଗକୁ ହାସଲ କରିବେ। ୱାର୍ଡ ଅଫିସଗୁଡ଼ିକ ପ୍ରତ୍ୟେକ ସରକାରୀ କାର୍ଯ୍ୟଦିବସ ଦିନ ପୂର୍ବାହ୍ନ ୧୦.୦୦ ଘଟିକାଠାରୁ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟକାରୀ ରହିବ।

| କ୍ରମିକ ନଂ | ୱାର୍ଡ ନଂ | ୱାର୍ଡ ଅଫିସ ଠିକଣା | ୱାର୍ଡ ଅଫିସରଙ୍କ ନାମ | ମୋବାଇଲ ନଂ |
|---|---|---|---|---|
| ୦୧ | ୦୧ | ବାପୁଜୀ କଲୋନୀ ଗୋଷ୍ଠୀ କେନ୍ଦ୍ର | ସୁଜାତା ମାଳି | ୯୮୬୧୧୪୦୧୫୮ |
| ୦୨ | ୦୨ | ମାଳିଗୁଡ଼ା ଗୋଷ୍ଠୀ କେନ୍ଦ୍ର | ସ୍ନିଗ୍ଧା ସାମଲ | ୯୯୩୭୬୭୭୮୮୭ |
| ୦୩ | ୦୩ | ଜଡ଼ାଗୁଡ଼ା ଗୋଷ୍ଠୀ କେନ୍ଦ୍ର | ପ୍ରଶାନ୍ତି ସାମଲ | ୯୪୩୮୪୪୬୪୯୦ |
| ୦୪ | ୦୪ | ଡି.ପି କ୍ୟାମ୍ପ ଗୋଷ୍ଠୀ କେନ୍ଦ୍ର | ଅଶ୍ୱନୀ କୁମାର ପଟ୍ଟନାୟକ | ୯୪୩୮୪୭୫୭୧୧ |
| ୦୫ | ୦୫ | ଗଞ୍ଜାମ କଲୋନୀ ଗୋଷ୍ଠୀ କେନ୍ଦ୍ର | ସନ୍ତୋଷ କୁମାର ମହାନ୍ତି | ୯୪୩୯୮୧୧୩୬୨ |
| ୦୬ | ୦୬ | ଏ.ଇ.ଏଫ୍. ମାର୍କେଟ ଗୋଷ୍ଠୀ କେନ୍ଦ୍ର | ପ୍ରକାଶ ଚନ୍ଦ୍ର ଖଟୁଆ | ୯୯୩୭୯୫୨୬୩୮ |
| ୦୭ | ୦୭ | ରାଜୀବ କଲୋନୀ ଗୋଷ୍ଠୀ କେନ୍ଦ୍ର | ଗୋପୀନାଥ ମହାନ୍ତି | ୯୯୩୭୭୧୪୨୩୬ |
| ୦୮ | ୦୮ | ଡ୍ରାଇଭର କଲୋନୀ ଗୋଷ୍ଠୀ କେନ୍ଦ୍ର | ଅକ୍ଷୟ କୁମାର ମହାନ୍ତି | ୯୪୩୭୮୩୪୨୭୬ |
| ୦୯ | ୦୯ | ଚିକାପାର ଗୋଷ୍ଠୀ କେନ୍ଦ୍ର | ଦେବେନ୍ଦ୍ର ବେନିଆ | ୮୪୫୫୮୩୦୦୭୦ |
| ୧୦ | ୧୦ ଠାରୁ ୧୭ | ମାମଙ୍ଗଲା ଗୋଷ୍ଠୀ କେନ୍ଦ୍ର<br>ଏଚ୍.ଏ.ଏଲ୍., ସୁନାବେଡ଼ା–୦୨ | ଶମ୍ଭୁନାଥ ଜେନା<br>ଦୁର୍ଯ୍ୟୋଧନ ମହାନ୍ତି | ୯୪୩୮୦୦୩୧୦୧<br>୯୪୩୮୩୭୫୦୬୩ |
| ୧୧ | ୧୮ | ଗୋପବନ୍ଧୁନଗର ଗୋଷ୍ଠୀ କେନ୍ଦ୍ର | କିଶୋର ଚନ୍ଦ୍ର ନାୟକ | ୯୪୩୭୫୫୭୪୧୦ |
| ୧୨ | ୧୯ | କୋଡ଼ିଗା ଗୋଷ୍ଠୀ କେନ୍ଦ୍ର | ତ୍ରିନାଥ ଚୌଧୁରୀ | ୯୪୩୭୭୮୩୫୩୮ |
| ୧୩ | ୨୦ | ଜାନିଗୁଡ଼ା ଗୋଷ୍ଠୀ କେନ୍ଦ୍ର | କୃଷ୍ଣ ଚନ୍ଦ୍ର ନାୟକ | ୯୪୩୭୨୮୪୪୮ |
| ୧୪ | ୨୧ | ପେଟକଣା ଗୋଷ୍ଠୀ କେନ୍ଦ୍ର | ଗୁଣ୍ଡା ଜାନ୍ତ୍ରି | ୮୮୯୫୮୬୫୫୪୦ |
| ୧୫ | ୨୨ | ତଲଗଦବାସାହି ଗୋଷ୍ଠୀ କେନ୍ଦ୍ର | ତ୍ରିନାଥ ପରିଡ଼ା | ୯୭୭୭୭୪୯୧୮୫ |
| ୧୬ | ୨୩ | ଉପରସାହି ଗୋଷ୍ଠୀ କେନ୍ଦ୍ର | ସୁଧାକର ବିଶ୍ୱାଳ | ୯୯୩୭୬୬୭୦୪୯ |
| ୧୭ | ୨୪ | ଗାନ୍ଧିନଗର ଗୋଷ୍ଠୀ କେନ୍ଦ୍ର | ସୁବାସ ଚନ୍ଦ୍ର ପ୍ରଧାନ | ୯୪୩୮୬୬୦୪୦୧ |
| ୧୮ | ୨୫ | କୋଡ଼ିଗା ଗୋଷ୍ଠୀ କେନ୍ଦ୍ର | ଜୟଦେବ ସାହୁ | ୭୦୦୮୧୫୯୨୩୪ |

ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁନାବେଡ଼ା



## ପ୍ରାକ୍ ରବି ଡାଲି ଫସଲ

ଢିପ ଜମି ବା ଢିପାଳିଆ ମଧ୍ୟମ କିସମ ଜମିରେ ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଫସଲ ଚାଷ କରନ୍ତୁ। ପଶ୍ଚିମ ଓଡ଼ିଶାରେ ତଥା କେନ୍ଦୁଝର, କୋରାପୁଟ ଓ ଫୁଲବାଣୀ ଜିଲାରେ ଖାଲି ପଡିଥିବା ନିଗିଡା ମଧ୍ୟମ କିସମ ଜମିରୁ ଛୁଇଁ, ମଟର ପାଇଁ ଉପଯୁକ୍ତ ଗ୍ରୀନ୍ ମଟର କିସମ ଲଗାନ୍ତୁ। ବୁଣିବାର ୭ ଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ ଏବଂ ବୁଣିବା ଦିନ ବୀଜାଣୁ କଲ୍ଚରରେ ଉପଚାର କରି ବୁଣନ୍ତୁ। ବୁଣିବାର ଦିନକ ପରେ ଘାସମରା ଔଷଧ ପେଣ୍ଡି ମେଥାଲିନ୍ ଏକର ପ୍ରତି ୦.୩୦ କିଗ୍ରା କ୍ରିୟାଶୀଳ ଉପାଦାନ ହିସାବରେ ସିଞ୍ଚନ କରନ୍ତୁ।

## ଧାନରେ ଲେଡାପୋକ ଦମନ

ବନ୍ୟା ପ୍ରଭାବିତ ଅଞ୍ଚଳରେ ଧାନ ଫସଲରେ ଲେଡା ପୋକ ଲାଗିବାର ଆଶଙ୍କା ରହିଛି। ଏହି ପୋକ ଧାନ ଫସଲରେ ଦଳ ଦଳ ହୋଇ ଦେଖାଯାଏ। ଶୁଖିଲା ପାଗ ପରେ ଥଣ୍ଡା ପାଗ ଅନୁଭୂତ ହେଲେ ଏହି ପୋକ ଅଧିକ ଦେଖାଯାଆନ୍ତି। ଅଳ୍ପ ବୟସରେ ପୋକ କଅଁଳ ପତ୍ର ଖାଇବା ବେଳେ ଶେଷ ଅବସ୍ଥାର ଶୂକ ସମ୍ପୂର୍ଣ୍ଣ ଗଛ ଖାଇଯାଆନ୍ତି। ସାଧାରଣତଃ ଅଧିକ ବର୍ଷା ବା ବନ୍ୟା ପରେ ଏହି ଶୂକ ଦେଖାଯାଆନ୍ତି।

–ଏହାର ପ୍ରତିକାର ଲାଗି ଖେତ ଚାରିପାଖେ ହିଡରେ ଶତକଡା କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଏକର ପ୍ରତି ୧୦ ରୁ ୧୨ କିଗ୍ରା ପ୍ରୟୋଗ କରନ୍ତୁ। ସନ୍ଧ୍ୟା ସମୟରେ ଏକର ପ୍ରତି ୧୦ ରୁ ୧୨ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ(ଶତକଡା ୧.୫ ଭାଗ) ପ୍ରୟୋଗ କରନ୍ତୁ। ନଚେତ୍ ଏକର ପ୍ରତି ୨୦୦ ମିଲି ଡିଡିଭିପି କିମ୍ବା ୪୦୦ ମିଲି ଟାଏଜୋଫସ୍ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ୍ ବିଳମ୍ବିତ ଅପରାହ୍ନ ସମୟରେ ସିଞ୍ଚନ କରନ୍ତୁ।



# ଆଖୁ ଚାଷର ସହଜ ଉପାୟ



ଡ. ପରେଶ କୁମାର ପଣ୍ଡା

ଅର୍ଥକରୀ ଫସଲ ଭାବେ ଆଖୁକୁ ପ୍ରାଧାନ୍ୟ ଦିଆଯାଏ। ଆଖୁର ବିଭିନ୍ନ ବ୍ୟବହାର ମଧ୍ୟରେ ଗୁଡ଼, ଚିନି, ଖଣ୍ଡସାରୀ ବ୍ୟତୀତ ଆଲ୍‌କୋହଲ୍ ଓ ସାଇଟ୍ରିକ୍ ଏସିଡ୍ ଅମ୍ଳ ପ୍ରସ୍ତୁତ ହୋଇଥାଏ, ଏଥିସହ ଆଖୁଛେଦା କାଗଜ ତିଆରିରେ ମଧ୍ୟ ଲାଗିଥାଏ।

**କିସମ:** ଏହା ଏକ ଗ୍ରୀଷ୍ମମଣ୍ଡଳୀୟ ଫସଲ ହୋଇଥିବାରୁ ଆଖୁ ବଢ଼ିବା ଅବସ୍ଥାରେ ଯଥେଷ୍ଟ ଆଲୋକ, ଉତ୍ତାପ ଓ ବର୍ଷା ଆବଶ୍ୟକ କରିଥାଏ। ବାଲିଆ ଦୋରସାଠାରୁ ମଟାଳ ଦୋରସା ମୃତ୍ତିକାରେ ଏହାର ଚାଷ ହୋଇଥାଏ। କିନ୍ତୁ, ମାଟି ନିରପେକ୍ଷ ଅମ୍ଳଯୁକ୍ତ ହେଲେ ଭଲ।

ଓଡ଼ିଶା ପାଇଁ ଅନୁମୋଦିତ ୧୦ ମାସ ବେଳକୁ ଅମଳ ହେଉଥିବା ଉନ୍ନତ, ସଅଳ କିସମଗୁଡ଼ିକ ମଧ୍ୟରେ ସିଓ ୬୭୧, ସିଓ ୬୯୦୭, ସିଓ ୭୫୦୮, ସିଓସି ୮୫୦୩୬, ସିଓ ୮୭୨୩୬ (ସର୍ଜ୍ୟୁ), ସିଓଏ ୮୯୦୮୫, ସିଓ ୯୦୦୧୭, ସିଓ୮୭୦୦୨, ସିଓ୭୭୦୪, ସିଓ୬୨୧୭୫, ସବିତା, ନୀଳମାଧବ ଓ ନୀଳଚକ୍ର। ସେହିପରି ୧୨ ମାସ ବେଳକୁ ଅମଳ ହେଉଥିବା ମଧ୍ୟମ/ବିଳମ୍ବ ଉନ୍ନତ ଆଖୁ କିସମ ମଧ୍ୟରେ ସିଓ ୭୨୧୯, ସିଓ ୮୭୦୪୪ (ଉତ୍ତରା), ସିଓ ୮୬୨୪୯ (ଭବାନୀ), ସିଓ ୮୦୨୧, ସିଓ ୯୭୫, ସିଓ ୭୭୦୬, ସିଓ ୮୪୦୨, ରଘୁନାଥ ଓ ଚର୍ଚ୍ଚିକା।

**ଖତସାର:** ସାଧାରଣ ଧାଡ଼ି ପ୍ରଣାଳୀ ସହିତ ମନ୍ଦା ପ୍ରଣାଳୀରେ ମଧ୍ୟ ଆଖୁ ଚାଷ କରାଯାଏ। ଉଚ୍ଚ, ନିଗିଡ଼ା ଜମିରେ ସଅଳ କିସମ ଓ ମଝିଆଳୀ ଜମିରେ ମଧ୍ୟମ କିସମର ଆଖୁ ଲଗାଯାଏ। ଏଥିଲାଗି ୬–୭ ମାସର ରୋଗପୋକ ମୁକ୍ତ ଓ ଉପଯୁକ୍ତ ବିହନ ବାଛିବା ଆବଶ୍ୟକ। ଅଗପଟୁ ଏକ ତୃତୀୟାଂଶ ବିହନ ପାଇଁ ରଖାଯାଏ ଏବଂ ଆଖୁ ବିହନ ଖଣ୍ଡରେ ୨–୩ଟି ଆଖି ରହିଥିବା ଦରକାର। ଏକର ପ୍ରତି ୩୦ (ମଧ୍ୟମ/ବିଳମ୍ବ ଅମଳ)ରୁ ୪୦ (ସଅଳ କିସମ) କୁଇଣ୍ଟାଲର ବିହନ ଦରକାର ପଡ଼ିଥାଏ। ଯାହାକି ୩ ଆଖି ବିଶିଷ୍ଟ ପ୍ରାୟ ୪୦ ହଜାର ଖଣ୍ଡ ୬–୮ ମାସିଆ ନୀରୋଗୀ ଆଖୁ ହେବା ଆବଶ୍ୟକ। ବିହନ ଉପଚାର ଓ ବିଶୋଧନ ଲାଗି ଆଖୁ ଖଣ୍ଡକୁ ଚୂନ ପାଣିରେ (୫୦୦ ଗ୍ରାମ ସିପ ଚୂନକୁ ୨୦୦ ଲିଟର ପାଣିର ଦ୍ରବଣ) ୧୨–୧୪ ଘଣ୍ଟା ପକାନ୍ତୁ। ଏହା ପରେ ଛାଣି ଏକ ଦ୍ରବଣ (୨୦୦ଗ୍ରାମ କାର୍ବେଣ୍ଡାଜିମ୍ + ୨୦୦ ମି.ଲି. କ୍ଲୋରୋପାଇରିଫସ୍ + ୧କି.ଗ୍ରା. ୟୁରିଆ ସାର +୧୦୦ ଲିଟର ପାଣିର ମିଶ୍ରଣ)ରେ ବିହନ ଖଣ୍ଡଗୁଡ଼ିକୁ ପ୍ରାୟ ୨୦ ମିନିଟ୍ ବୁଡ଼ାଇବା ପରେ କାଢ଼ି ନିଅନ୍ତୁ। ଯଦ୍ୱାରା ବିହନକୁ ଭଲ ଗଜା ଆସିବା ସହ ଶଢ଼ା ରୋଗ ହୋଇ ନ ଥାଏ।





ମୁଖ୍ୟ ଜମିର ମାଟିକୁ ଭଲଭାବେ ଗଭୀର ଓ ଗୁଣ୍ଡ ଚାଷ କରାଯାଏ। ୮୦ ସେ.ମି. ଦୂରତାରେ ୨୫ସେ.ମି. ଗଭୀରର ସିଆର କରନ୍ତୁ। ଅଧିକ ଅମଳ ପାଇବା ନିମନ୍ତେ ନାଳି ପ୍ରଣାଳୀରେ ୨୫ସେ.ମି. ଗଭୀରର ସିଆର କରନ୍ତ। କିନ୍ତୁ ଅଧିକ ଅମଳ ପାଇବା ନିମନ୍ତେ ନାଳି ପ୍ରଣାଳୀରେ ୭୫–୯୦ ସେ.ମି. ଦୂରତାରେ (୩୦ସେ.ମି. ଓସାରିଆ ଓ ୨୦ ସେ.ମି. ଗଭୀରିଆ) ୬୦୦ ସେ.ମି. ବା ୬ ମିଟର ସିଆରର ଲମ୍ବ ମଧ୍ୟରେ ଥାଇ ନାଳି ଖୋଳନ୍ତୁ। ପ୍ରଥମତଃ ଉଇ ଦାଉରୁ ଆଖୁ ବିହନକୁ ରକ୍ଷା କରିବା ନିମିତ୍ତ ଏକର ପ୍ରତି କ୍ଲୋରୋପାଇରିଫସ୍ ଗୁଣ୍ଡ ୧୦କି.ଗ୍ରା. ଶେଷ ଓଡ଼ ଚାଷ ବେଳେ ପ୍ରୟୋଗ କରନ୍ତୁ।

ନଭେମ୍ବରରୁ ଫେବୃୟାରୀ ମଧ୍ୟରେ ଆଖୁ ଖଣ୍ଡର ମୁଣ୍ଡକୁ ମୁଣ୍ଡ ଯୋଡ଼ି ଯୋଡ଼ି ଏକ ଇଞ୍ଚ ଆସ୍ତରର ମାଟି ଘୋଡ଼ାଇ ଲଗାନ୍ତୁ ଓ ଲଗାଇବାର ଠିକ୍ ପରେ ତା' ଉପରେ ଶୁଖିଲା ଆଖୁପତ୍ର ଘୋଡ଼ାଇ ଛାଦୀକରଣ କରାନ୍ତୁ। ଏତଦ୍ୱାରା ମାଟି ନରମ ରହି ଘାସ କମ୍ ହେବା ସହ ସଅଳ କାଣ୍ଡବିନ୍ଧା ପୋକ ସଂକ୍ରମଣ ହୋଇ ନ ଥାଏ। ଏକର ପ୍ରତି ସିଆର ନାଳିରେ ୪୦ କୁଇଣ୍ଟାଲ ଶଢ଼ା ଖତ ସହ ୪୦କି.ଗ୍ରା. ଫସ୍‌ଫରସ୍ ଓ ୨୪ କି.ଗ୍ରା. ପଟାସ୍ ସାର ଦେଇ ପାଣି ମଡ଼ାଇବା ପରେ ଆଖୁ ବିହନ ଖଣ୍ଡକୁ ପୋତନ୍ତୁ। ଲଗାଇବାର ୫–୭ଦିନ ପରେ ହାଲୁକା ଜଳସେଚନ ଦିଅନ୍ତୁ, ଯଦ୍ୱାରା ୧୦ରୁ ୩୦ଦିନ ମଧ୍ୟରେ ସବୁ ଗଜା ବାହାରିଥାଏ। ମୋଟ ଯବକ୍ଷାରଜାନ ୧୦୦କି.ଗ୍ରା.କୁ ୩ ଭାଗରେ (ଦେଢ଼ମାସ, ଅଢ଼େଇ ମାସ ଓ ସାଢ଼େ ତିନି ମାସ ମଧ୍ୟରେ) ଦେଇ କୋଡ଼ାଖୁସା ପରେ ହୁଡ଼ା ଟେକନ୍ତୁ ଓ ପରେ ପରେ ଜଳସେଚନ କରନ୍ତୁ। ଲଗାଇବାର ୪ ମାସରେ ଯବକ୍ଷାରଜାନ ପ୍ରୟୋଗ କଲେ ଅମଳ ସମୟ ବଢ଼ିଯାଏ। ଅଣୁସାର ଯଥା– ମାଙ୍ଗାନିଜ, ଲୌହ, ଦସ୍ତା, ତମ୍ବା, ବୋରନ୍ ବା ଟାଙ୍ଗଣା ଓ ମଲିବଡ଼ିନମ୍‌ର ଅଭାବ ନ ଘଟିବା ପାଇଁ ଏକର ପ୍ରତି ମାଙ୍ଗାନିଜ୍ ସଲ୍‌ଫେଟ୍ ୧୦ କି.ଗ୍ରା., ଆଇରନ୍ ସଲ୍‌ଫେଟ୍–୧୦ କି.ଗ୍ରା., ଜିଙ୍କ୍ ସଲ୍‌ଫେଟ୍– ୧୦–୨୦ କି.ଗ୍ରା., କପର୍ ସଲ୍‌ଫେଟ୍– ୫ କି.ଗ୍ରା., ବୋରାକ୍ସ– ୪କି.ଗ୍ରା.କୁ ମୃତ୍ତିକାରେ ପ୍ରୟୋଗ ଓ ସୋଡ଼ିୟମ୍ ମଲିବଡେଟ୍‌ର ୦.୧ ପ୍ରତିଶତ ଦ୍ରବଣକୁ ଫସଲରେ ସିଞ୍ଚନ କରାନ୍ତୁ। ନଚେତ୍ ମିଶ୍ରିତ ଅଣୁସାର ୧୦କି.ଗ୍ରା. ଲଗାଇବା ସମୟରେ ଦିଅନ୍ତୁ। ଏହି ଫସଲରେ ଜୀବାଣୁସାର– ଆସେଟୋବ୍ୟାକ୍ଟର ଓ ପିଏସବି ଗୁଣ୍ଡ ପ୍ରତ୍ୟେକରୁ ୪ କି.ଗ୍ରା.– ତହିଁରୁ ବିହନକୁ ବୁଡ଼ାଇବା ସହ ମୁଖ୍ୟ ଜମିରେ ଖତ ସହ ପ୍ରୟୋଗ ୧:୪ ଅନୁପାତରେ କରନ୍ତୁ।

**ଜଳ ପରିଚାଳନା, ଅନ୍ତଃଫସଲ:** ଗଜା ଆସିବା ପରେ ହାଲୁକା ଭାବେ କୋଡ଼ାଖୁସା କରି ଘାସ ନିୟନ୍ତ୍ରଣ କରାଯାଏ। ନଚେତ୍ ଏକର ପ୍ରତି ଆଖୁ ଲଗାଇବା ସମୟରେ ତୃଣନାଶକ– ଗ୍ଲାଇଫୋସେଟ୍ ୪୧% ଏସ.ଏଲ. ୧୦୦ ମି.ଲି/ପାରାକୁଆଟ୍ ଡାଇକ୍ଲୋରାଇଡ୍ ୨୪% ଏସଏଲ ୮୦୦ମି.ଲି. କିମ୍ବା ଗଛ ଉଠିବାର ୨୦–୨୫ ଦିନ ବେଳକୁ ହାଲୋସଲ୍‌ଫ୍ୟୁରନ୍ ମିଥାଇଲ ୭୫% ଡବ୍ଲ୍ୟୁଜି ୩୫ ଗ୍ରାମ୍ ଅଥବା ଗଛ ଉଠିବାର ୨୫–୩୦ ଦିନ ବେଳକୁ ୨,୪–ଡି. ସୋଡ଼ିୟମ୍ ସଲ୍ଟ ଟେକ୍‌ନିକାଲ ୧୦୦୦–୧୩୦୦ ଗ୍ରାମ୍‌କୁ ୨୦୦ ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରି ଘାସ ନିୟନ୍ତ୍ରଣ ସହଜରେ କରାଯାଇପାରେ। ଯବକ୍ଷାରଜାନ ସାର ପ୍ରୟୋଗ ପରେ ମାଟି ଟେକନ୍ତୁ।

ଖରାଦିନେ ୧ ସପ୍ତାହ ବା ୧୦ଦିନ ଅନ୍ତରରେ ଜମିର ବତର ଦେଖି ସିଆର ବା ନାଳିରେ ଜଳସେଚନ କରନ୍ତୁ। ସିଞ୍ଚନ ବା ବୁନ୍ଦା ଜଳସେଚନ ବେଶ୍ ଫଳପ୍ରଦ ହୋଇଥାଏ। ବର୍ଷାଦିନେ ଜଳ ନିଷ୍କାସନର ବ୍ୟବସ୍ଥା ରଖିବା ଜରୁରୀ। ଆଖୁ ୪–୫ ମାସର ହୋଇଗଲେ ୨–୪ଟି ଆଖୁକୁ ଏକାଠି କରି ଭେଳା ବାନ୍ଧନ୍ତୁ। ରୋଗଣା ଓ ପାଣି ପିଲ ଗଛକୁ ଅଲଗା କରି ମାସେ ଅନ୍ତରରେ ୨–୩ଟି ଗଛକୁ ଭେଳା ସହ ବାନ୍ଧି ରଖନ୍ତୁ, ଯେପରି ପବନରେ ଆଖୁ ଗଛ ପଡ଼ିବ ନାହିଁ। ଅମଳ କରିବାର ୨୦ଦିନ ପୂର୍ବରୁ ପାଣି ଦିଅନ୍ତୁ ନାହିଁ।

ଆଖୁ ଫସଲରେ ଲଗାଇବାର ଦେଢ଼ ମାସ ଓ ଅଢ଼େଇ ମାସ ବେଳକୁ ଜି.ଏ. ୦.୦୦୧% ଏଲ. ହରମୋନକୁ ୩.୬–୪ ମି.ଲି. ପ୍ରତି ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଆଖୁ ଅମଳ ବୃଦ୍ଧି ପାଏ। ଅନ୍ତଃଫସଲ ଭାବେ ଆଖୁ ସହ ଧନିଆଁ, ମେଥି, ରସୁଣ, ମୂଳା, ପିଆଜ, ଅଦା, ଶାଗ, ସୋରିଷ, ମୁଗ, ବିରି, ଝୁଡ଼ଙ୍ଗ ଆଦି ଫସଲ କରି ଅଧିକରୁ ଅଧିକ ଅମଳ କରିପାରିବେ।

ନୂତନ ଓ ଭିନ୍ନ ପ୍ରଣାଳୀ ମଧ୍ୟରେ (କ) ଏକପାଖିଆ ଆଖୁ ଖଣ୍ଡରୁ ଚାରା ପ୍ରସ୍ତୁତ ପରେ ଆଖୁ ରୋପଣ କରିବାରେ ଏକରକୁ ମାତ୍ର ୧୩ କୁଇଣ୍ଟାଲ ବିହନ ଦରକାର ପଡ଼ିଥାଏ। ଏଥିରେ ଚାରା ପଟାଳି ପ୍ରସ୍ତୁତ କରାଯାଏ।

(ଖ) ମୂଳି ଆଖୁ ଚାଷ ନିମନ୍ତେ ଫସଲର ଅମଳ ପରେ ସେହି ଆଖୁ ମୂଳିରେ ଥିବା ଆଖିରୁ ନୂଆ କାଣ୍ଡ ବାହାରି ମୂଳି ଆଖୁ ରୂପେ ବଢ଼ିଥାଏ। ଏହାର ଅମଳ ମଧ୍ୟ ପ୍ରଥମ ଫସଲ ପରି ମିଳିପାରେ। ମୂଳି ଫସଲରେ ବିହନ ଆଖୁ ଦରକାର ନ ପଡ଼ି, ୧ ମାସ କମ୍ ସମୟରେ ଅମଳ ହେବା ସହ କମ୍ ଖର୍ଚ୍ଚରେ ଅଧିକ ଲାଭ ମିଳିଥାଏ। ଏଥିରେ ମୂଳି କାଟିବା, ହିଡ଼ ଭାଙ୍ଗିବା, ଖାଲି ସ୍ଥାନରେ ଆଖୁ ଲଗାଇବା କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଫସଲ ତୁଳନାରେ ଏଥିରେ ଏକ ଚତୁର୍ଥାଂଶ ଯବକ୍ଷାରଜାନ ଅଧିକ ପ୍ରୟୋଗ କରାଯାଏ।

(ଗ) ମନ୍ଦା ପ୍ରଣାଳୀରେ ଆଖୁଚାଷ ପାଇଁ ନିଶ୍ଚିତ ଜଳସେଚନ ଥାଇ ମଧ୍ୟମ କିସମ ଜମିରେ ଚାଷ କରାଯାଏ। ଏଥିରେ ୧ ଫୁଟ୍ × ୧ଫୁଟ × ୧ଫୁଟ୍ ଆକାରର ମନ୍ଦା ଖୋଳାଯାଇ (ଧାଡ଼ିକୁ ଧାଡ଼ି ୪ଫୁଟ୍ × ମନ୍ଦାକୁ ମନ୍ଦା ୨ ଫୁଟ୍ ରଖି) ପ୍ରତି ମନ୍ଦାର ଅଧା ପର୍ଯ୍ୟନ୍ତ ଖତ ମିଶା ହାଲୁକା ମାଟି ଭରି ତହିଁରେ ମୂଳ ସାର ଓ ୩ଟି କରି ଏକପାଖିଆ ଆଖୁ ବିହନ ଲଗାଯାଏ ଏବଂ ମାଟି ଘୋଡ଼ାଇ ସିଞ୍ଚନ ପାଣି ଦିଆଯାଏ। ଏଥିରେ ଏକର ପ୍ରତି ୧୦ କ୍ୱିଣ୍ଟାଲ ବିହନ ଦରକାର ପଡ଼େ, ଅଧିକ ପିଲ ବାହାରେ, ଅମଳ ଦେଢ଼ଗୁଣା ମିଳିବା ସହ ସମୁଦାୟ ଜମିକୁ ଚାଷ କରିବାକୁ ପଡ଼ି ନ ଥାଏ।

*–ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର,*
*ମୋ: ୭୨୦୫୦୯୬୦୮୦*

## କିପରି କରିବେ କନ୍ଦମୂଳ ଚାଷ

ପ୍ରାର୍ଥନା ମହାନ୍ତି

କନ୍ଦମୂଳ କନ୍ଦ ଜାତୀୟ ଫସଲ ମଧ୍ୟରେ ଏକ ମୁଖ୍ୟ ଫସଲ । ଏହା ଓଡ଼ିଶା, ବିହାର ଓ ଉତ୍ତରପ୍ରଦେଶରେ ବହୁଳ ଭାବରେ ଚାଷ କରାଯାଏ। କନ୍ଦମୂଳ ଚାଷରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଅଛି।

**ଉପକାରିତା:** ଏହାର ଉଭୟ କନ୍ଦ ଏବଂ ତଟକା ସବୁଜ ପତ୍ରକୁ ଖାଦ୍ୟ ଭାବରେ ବ୍ୟବହାର କରାଯାଏ। କନ୍ଦମୂଳର କଅଁଳିଆ ପତ୍ରକୁ ଶାଗ ହିସାବରେ ବ୍ୟବହାର କରାଯାଏ। ଏହି ଶାଗ ଗର୍ଭବତୀ ମହିଳାମାନଙ୍କର ରକ୍ତ ଶୂନ୍ୟତାକୁ ଦୂର କରିଥାଏ। ଏହାର ଡଙ୍କ ଗୋଖାଦ୍ୟ ଭାବେ ପରିଚିତ। ପ୍ରତି ୧୦୦ ଗ୍ରାମ୍ ତଟକା କନ୍ଦରୁ ୨୯.୪ ଗ୍ରାମ୍ ଶ୍ୱେତସାର, ୧ ଗ୍ରାମ ପୁଷ୍ଟିସାର, ୧୦୭୫ ଆଇୟୁ ଖାଦ୍ୟପ୍ରାଣ 'କ' (Vit–A' 1075) ମିଳିଥାଏ।

**ମୃତ୍ତିକା :** ନିଗିଡ଼ା, ବାଲିଆ, ଦୋରସା ମାଟି ଫସଲ ପାଇଁ ବେଶ୍ ଉପଯୁକ୍ତ

– ଏହି ଫସଲ ପ୍ରଚୁର ସୂର୍ଯ୍ୟକିରଣ, କମ୍ ଆର୍ଦ୍ରତା ଏବଂ ହାରାହାରି ୭୦୦ରୁ ୧୦୦୦ ମି.ମି. ବୃଷ୍ଟିଜଳ ଆବଶ୍ୟକ କରେ।


**ଅଧିକ ଅମଳକ୍ଷମ କିସମ:**

| କିସମ | ଅବଧି | ହେକ୍ଟର ପ୍ରତି ଅମଳ | ବିଶେଷ ଗୁଣ |
|---|---|---|---|
| ଶଙ୍କର | ୧୦୫–୧୨୦ ଦିନ (ଶୀତ ଋତୁ) | ୧୩–୧୫ ଟନ୍ | ନାଳି ଚୋପା, ଉତ୍ତମ ରନ୍ଧନ ଗୁଣ |
| ଗୌରୀ | ୧୧୦–୧୨୦ ଦିନ (ରବି/ଖରିଫ) | ୧୨–୧୪ ଟନ୍ | ଖାଦ୍ୟପ୍ରାଣ କ' ଓ ଗ'ରେ ଭରପୂର |
| ଶ୍ରୀଭଦ୍ରା | ୯୦–୧୨୦ଦିନ | ୧୬–୧୮ ଟନ୍ | ସଅଳ କିସମ, ଅଧିକ ଅମଳକ୍ଷମ, ନାଳିଚୋପା |

**ବିହନ:** କନ୍ଦମୂଳର ଡଙ୍କକୁ ସାଧାରଣତଃ ବିହନ ଭାବରେ ବ୍ୟବହାର କରାଯାଏ।

**ଲଗାଇବା ସମୟ:** ଅଣ ଜଳସେଚିତ/କମ୍ ବୃଷ୍ଟିପାତ ହେଉଥିବା ଜମିରେ ବର୍ଷାଦିନେ (ଜୁଲାଇ ମାସର ପ୍ରଥମ ସପ୍ତାହ) ଡଙ୍କ ଲଗାଇବା ପାଇଁ ଠିକ୍ ସମୟ।

– ଜଳସେଚିତ ଜମିରେ କନ୍ଦମୂଳ ସେପ୍ଟେମ୍ବରରୁ ନଭେମ୍ବର ଶେଷ ପର୍ଯ୍ୟନ୍ତ



ଲଗାଯାଇପାରିବ।

**ଜମି ପ୍ରସ୍ତୁତି:** ଜମିକୁ ୨–୩ ଥର ଚାଷକରି ହେକ୍ଟର ପ୍ରତି ୧୦ ଟନ୍ ଶଢ଼ା ଗୋବର ଖତ ମାଟି ସହ ମିଶାନ୍ତୁ।

**ଲଗାଇବା ପ୍ରଣାଳୀ:** ୬୦ ସେ.ମି. ବ୍ୟବଧାନରେ ହୁଡ଼ା ଟେକି ଡଙ୍କକୁ ଡଙ୍କ ୨୦ ସେ.ମି. ବ୍ୟବଧାନରେ ପୋତନ୍ତୁ। ଡଙ୍କର ଲମ୍ବ ସାଧାରଣତଃ ୨୫–୩୦ ସେ.ମି. ଲଗାଇବା ପାଇଁ ଉପଯୁକ୍ତ ହୋଇଥାଏ। ଡଙ୍କ ଲଗାଇବା ପୂର୍ବରୁ ୨ ଗ୍ରାମ୍ କ୍ୟାପଟାନ୍ କିମ୍ବା ଥିରାମକୁ ୧ ଲିଟର ପାଣିରେ ମିଶାଇ ଡଙ୍କଗୁଡ଼ିକୁ ୧୦ ମିନିଟ୍ ବୁଡ଼ାଇ ବିଶୋଧନ କରି ଲଗାଇଲେ ଫସଲରେ ଶୁଣ୍ଢାପୋକ କମ୍ ହୋଇଥାଏ। ଡଙ୍କର ୨–୩ଟି ଗଣ୍ଠି ମାଟି ଭିତରେ ୫ରୁ ୬ ସେ.ମି. ଗଭୀରରେ ପୋତନ୍ତୁ। ଏହାଦ୍ୱାରା ଆବଶ୍ୟକ ମୁତାବକ ଗଛ ସଂଖ୍ୟା ଜମିରେ ରହେ ଏବଂ ଅଧିକ ଅମଳ ମିଳେ। ଏକ ହେକ୍ଟର କନ୍ଦମୂଳ ଚାଷ ପାଇଁ ୮୦–୮୫ ହଜାର ବିହନ ଡଙ୍କ ଆବଶ୍ୟକ।

**ସାର ପ୍ରୟୋଗ ପ୍ରଣାଳୀ:**

| ସାର | ବିହନ ଲଗାଇବା ସମୟରେ ସାରର ପରିମାଣ (କେ.ଜି./ହେକ୍ଟର) | ବିହନ ଲଗାଇବାର ୩୦ଦିନ ପରେ କେ.ଜି./ହେକ୍ଟର |
|---|---|---|
| ୟୁରିଆ | ୪୫ କେ.ଜି. | ୪୫ କେ.ଜି. |
| ସୁପର | ୫୦ କେ.ଜି. | – |
| ପଟାସ | ୪୫ କେ.ଜି. | ୪୫ କେ.ଜି. |

ବିହନ ଲଗାଇବା ପୂର୍ବରୁ ଅଧା ୟୁରିଆ, ପୂରା ସୁପର ଏବଂ ଅଧାପଟାସ (୪୫:୫୦:୪୫) କେ.ଜି./ହେକ୍ଟର ଅନୁପାତରେ ମିଶାନ୍ତୁ। ବିହନ ଲଗାଇବାର ୩୦ ଦିନ (୧ମାସ) ପରେ କୋଡ଼ାଖୁସା କରି, ଘାସ ବାଛି ଆଉ ଅଧା ୟୁରିଆ ଓ ପଟାସ (୪୫:୪୫) କେ.ଜି./ହେକ୍ଟର ହିଡର ପାଖରେ ଦେଇ ଗଛ ମୂଳକୁ ମାଟି ଟେକିଲେ ଅଧିକ ଅମଳ ମିଳିଥାଏ।

**ଘାସ ନିୟନ୍ତ୍ରଣ:** ଫସଲ ୨୫–୩୦ ଦିନର ହୋଇଗଲେ କୋଡ଼ାଖୁସା କରି ଘାସ ବାଛି ସାର ଦେଇ ହୁଡାକୁ ମାଟି ଭଲଭାବରେ ଟେକିବା ଦରକାର। ୧୫ ଦିନ ପରେ ପୁଣି ଘାସ ବାଛି ହୁଡା ଟେକନ୍ତୁ।

**ଜଳସେଚନ:** ବର୍ଷାଦିନିଆ କନ୍ଦମୂଳ ଫସଲ ସାଧାରଣତଃ ଜଳସେଚନ ଆବଶ୍ୟକ କରେ ନାହିଁ, କିଆରିରେ ପାଣି ଜମି ରହିଲେ ଅମଳ କମିଯାଏ। ତେଣୁ ଜମିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରବି ଫସଲ ପାଇଁ ୨–୩ ଦିନ ପର୍ଯ୍ୟନ୍ତ ପ୍ରତିଦିନ ପାଣି ଦିଅନ୍ତୁ ଏବଂ ଏହାପରେ ପ୍ରତି ୨ ଦିନ ଅନ୍ତରରେ ଜଳସେଚନ କଲେ ଭଲ।

**ପୋକଦମନ:** ଶୁଣ୍ଢାପୋକ କନ୍ଦମୂଳର ପ୍ରଧାନ ଶତ୍ରୁ। ଏହି ପୋକ ସାଧାରଣତଃ ୨୫ରୁ ୪୫ ଶତକଡ଼ା ଅମଳ କମାଇ ଦେଇଥାଏ। ଏହାକୁ ଦମନ କରିବା ପାଇଁ ପୋକ ଲାଗି ନ ଥିବା ଡଙ୍କ ବିହନ ରୂପେ ବ୍ୟବହାର କରନ୍ତୁ। ପ୍ରତି ୧୦୦ ବର୍ଗମିଟର ଜମିରେ ଗୋଟିଏ ଫେରୋମୋନ୍‌ଟ୍ରାପ ବସାନ୍ତୁ। ଫସଲ ସଅଳ (୧୦୫ରୁ ୧୨୦ ଦିନ ମଧ୍ୟରେ) ଅମଳ କରନ୍ତୁ। କନ୍ଦମୂଳ ଲଗାଇବା ପୂର୍ବରୁ ଶେଷ ଚାଷ ବେଳେ ମାଟିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡ ମିଶାଇ ଦିଅନ୍ତୁ। ଏହା ଦ୍ୱାରା ଶୁଣ୍ଢାପୋକର ପ୍ରାଦୁର୍ଭାବ କମିଯାଏ।

**ଅମଳ:** ଅମଳ ସମୟ ହୋଇଆସିଲେ, ପତ୍ର ହଳଦିଆ ପଡ଼ି ଗଛ ଶୁଖିଆସେ। ଅମଳ କରିବାର ୨–୩ ଦିନ ପୂର୍ବରୁ ଜମିରେ ପାଣି ମଡ଼ାଇବା ଦ୍ୱାରା ଅମଳ କରିବାରେ ସହଜ ହୋଇଥାଏ। **ସଂରକ୍ଷଣ:** ଅମଳ ପରେ ଖଣ୍ଡିଆ ଏବଂ ପୋକ ଲାଗିଥିବା କନ୍ଦଗୁଡ଼ିକୁ ବାଛି ଅଲଗା କରିଦିଅନ୍ତୁ। ଖୋଲା ପବନ ବାଜୁଥିବା ଘରେ ୨–୩ ଦିନ ଶୁଖାଇ ସଅଳ ଅମଳ ହୋଇଥିବା କନ୍ଦରୁ ଜଳୀୟ ଅଂଶ କମିବାକୁ ଦିଅନ୍ତୁ। ଜଳୀୟ ଅଂଶ କମିଆସିଲେ କନ୍ଦମୂଳ ଏକ ମାସରୁ ଅଧିକ ସମୟ ସାଇତି ରଖିହେବ ଏବଂ ଶୁଣ୍ଢାପୋକ ପ୍ରାଦୁର୍ଭାବରୁ କନ୍ଦକୁ ରକ୍ଷା କରିହେବ।



## ପାଳଛତୁ

ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡାବିଡାଗୁଡିକୁ (୩୦ ବିଡା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା ପରେ ନଡା ଛାଣି ନଡାରୁ ଅଧିକ ପାଣି ନିଗାଡି ଦେବା ପାଇଁ ବିଡାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ବିଡା ଭିଜା ନଡାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡା(୯ ବିଡାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।



## ସଂକ୍ଷେପରେ

### ବିମାନଠୁ ଅଧା ହେବ ତେଜସ୍ ଏକ୍ସପ୍ରେସ୍ ଭଡ଼ା

ନୂଆଦିଲ୍ଲୀ,୨୭-୮: ରେଲୱେର ସହାୟକ କମ୍ପାନୀ ଆଇଆର୍‌ସିଟିସି ଦ୍ୱାରା ପରିଚାଳିତ ହେବାକୁ ଥିବା ଦୁଇଟି ତେଜସ୍ ଏକ୍ସପ୍ରେସ ଟ୍ରେନର ଭଡ଼ା ସେହି ମାର୍ଗରେ ଚାଲୁଥିବା ସମସ୍ତ ବିମାନ ତୁଳନାରେ ୫୦% କମ୍ ହେବ ବୋଲି ମଙ୍ଗଳବାର ଏ ସମ୍ପର୍କରେ ସୂଚନା ମିଳିଛି। ରେଲୱେର ପର୍ଯ୍ୟଟନ ଏବଂ ଖାଦ୍ୟପେୟ ଶାଖା ଇଣ୍ଡିଆନ ରେଲୱେ ଟ୍ୟୁରିଜମ୍ ଆଣ୍ଡ କ୍ୟାଟରିଂ କର୍ପୋରେଶନ(ଆଇଆର୍‌ସିଟିସି) ପକ୍ଷରୁ ଦିଲ୍ଲୀ-ଲକ୍ଷ୍ନୌ ଏବଂ ଅହମ୍ମଦାବାଦ୍-ମୁମ୍ବାଇ ସେଣ୍ଟ୍ରାଲ ତେଜସ୍ ଏକ୍ସପ୍ରେସ ଚଳାଯିବ। କର୍ପୋରେଶନ ଏଥିପାଇଁ ଭଡ଼ା ଧାର୍ଯ୍ୟ କରିବ। ଏଥିପାଇଁ ଏହାକୁ ସରକାରଙ୍କ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ସୂଚନାଥାଉ କି, ବର୍ତ୍ତମାନ ଦିଲ୍ଲୀରୁ ଲକ୍ଷ୍ନୌ ମଧରେ ଏକତରଫା ବିମାନ ଭଡ଼ା ୧୮୦୦ ଟଙ୍କା ଆଖପାଖରେ ରହିଛି। ରେଲୱେ ସୂତ୍ର ଅନୁଯାୟୀ ତେଜସ୍ ଏକ୍ସପ୍ରେସର ଭଡ଼ା ୧୦୦୦ ଟଙ୍କା ଆଖପାଖରେ ରହିବ। ସେହିପରି ଅହମ୍ମଦାବାଦ୍-ମୁମ୍ବାଇ ମଧରେ ଏକତରଫା ବିମାନ ଭଡ଼ା ପ୍ରାୟ ୨୪୦୦ ଟଙ୍କା ଥିବା ବେଳେ ଏହି ରୁଟ୍‌ରେ ତେଜସ୍‌ର ଭଡ଼ା ପ୍ରାୟ ୧୨୦୦ ଟଙ୍କା ଧାର୍ଯ୍ୟ କରାଯିବ। କେତେକ ଟ୍ରେନର ପରିଚାଳନା ଘରୋଇ ହାତରେ ଟେକି ଦେବା ଲାଗି ରେଲୱେ ପକ୍ଷରୁ ବିଚାର କରାଯାଉଥିବା ବେଳେ ପରୀକ୍ଷାମୂଳକ ଭାବେ ଦୁଇଟି ତେଜସ୍ ଟ୍ରେନକୁ ଆଇଆର୍‌ସିଟିସିକୁ ପରିଚାଳନା ପାଇଁ ଦିଆଯାଇଛି।

### ହିରୋ ଇଲେକଟ୍ରିକ ପକ୍ଷରୁ ନୂଆ ସ୍କୁଟର ରେଞ୍ଜ

ନୂଆଦିଲ୍ଲୀ, ୨୭-୮
ହିରୋ ଇଲେକଟ୍ରିକ ପକ୍ଷରୁ ନୂଆ ଡ୍ୟାସ ଇ-ସ୍କୁଟରର ଇଆର୍ ରେଞ୍ଜ ବଜାରକୁ ଆସିଛି। ଯାନଗୁଡିକର ବଜାର ଦର ୬୨,୦୦୦ ଟଙ୍କା ରହିଛି। ଏହା ସାରା ଦେଶରେ କମ୍ପାନୀର ୬୦୦ ଟଚ୍ ପଏଣ୍ଟରେ ଉପଲବ୍ଧ ହେବ। ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ନୂଆ ଅପ୍ଟିମା ଏବଂ ନିକ୍ସ ରେଞ୍ଜ ସ୍କୁଟର କମ୍ପାନୀ ଆଣିଛି। ଏହି ମଡେଲଗୁଡିକ ଦ୍ୱାରା ଗ୍ରାହକମାନେ ୨ ବର୍ଷରେ ପେଟ୍ରୋଲ ଖର୍ଚ୍ଚ ବାବଦକୁ ପ୍ରାୟ ୧ ଲକ୍ଷ ଟଙ୍କା ସଞ୍ଚୟ କରିପାରିବେ। ବିଜନେସ ଟୁ ବିଜନେସ ସେକ୍ଟରରେ ଏହି ମଡେଲଗୁଡ଼ିକୁ ଅଧିକ ସଂଖ୍ୟାରେ ଉପଲବ୍ଧ କରାଇବା ନେଇ ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ସେହିଭଳି ୨୦୨୦ ସୁଦ୍ଧା ୧ ହଜାର ଟଚ୍ ପଏଣ୍ଟରେ କମ୍ପାନୀର ପ୍ରଡକ୍ଟ ଉପଲବ୍ଧ କରାଯିବାକୁ ଯୋଜନା ରଖାଯାଇଛି। ଗ୍ରାହକଙ୍କୁ ସ୍ମାର୍ଟ ମୋବିଲିଟି ସଲ୍ୟୁଶନ ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀର ସିଇଓ ସୋହିନ୍ଦର ଗିଲ୍ କହିଛନ୍ତି।

### ଜନଔଷଧି ସୁଗମ ମୋବାଇଲ ଆପ୍ ଶୁଭାରମ୍ଭ

ନୂଆଦିଲ୍ଲୀ, ୨୭-୮: ଜନଔଷଧି ସୁଗମ ମୋବାଇଲ ଆପ୍ଲିକେଶନର ଶୁଭାରମ୍ଭ ହୋଇଛି। ଜୈବିକ ଔଷଧ ଏବଂ ଜନଔଷଧି କେନ୍ଦ୍ର ସନ୍ଧାନରେ ଏହା ସହାୟକ ହେବ। କେନ୍ଦ୍ର ସାର ଏବଂ ରସାୟନ ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡା ଏହାର ଶୁଭାରମ୍ଭ କରିଛନ୍ତି। ଏହାବାଦ ଜନଔଷଧି ସୁବିଧା ଅକ୍ସୋ-ବାୟୋଡିଗ୍ରେଡେବଲ ସାନିଟାରୀ ନାପକିନ ମାତ୍ର ୧ ଟଙ୍କାରରେ ମିଳିତ ବୋଲି ଗୌଡା ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ସାର ଏବଂ ରସାୟନ ମନ୍ତ୍ରୀ ମନସୁଖଲାଲ ମାଣ୍ଡବୀୟ କହିଛନ୍ତି, ସାନିଟାରୀ ନାପକିନ ଅଭାବ ଯୋଗୁ ୨.୮୦ ଲକ୍ଷ କିଶୋରୀ ଅଧାରୁ ପାଠ ଛାଡି ଦେଇଥାନ୍ତି। ନାପକିନ ପ୍ୟାଡ ସେମାନଙ୍କୁ ଉଚିତ ଦାମରେ ମିଳି ନ ଥାଏ। ଜନଔଷଧି କେନ୍ଦ୍ର ଦ୍ୱାରା କିଶୋରୀଙ୍କୁ ଶସ୍ତା ଦରରେ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରିବା ଲାଗି ସରକାର କାର୍ଯ୍ୟ କରୁଛନ୍ତି। ଜନଔଷଧି ସୁଗମ ଆପ୍ ଜନଔଷଧି କେନ୍ଦ୍ରର ଅବସ୍ଥିତି ସମ୍ପର୍କରେ ଗୁଗୁଲ ମ୍ୟାପ ଦ୍ୱାରା ପ୍ରଦାନ କରିବ। ସେହିଭଳି ଜୈବିକ ଔଷଧ, ଔଷଧ ମୂଲ୍ୟ, ଜୈବିକ ଏବଂ ବ୍ରାଣ୍ଡେଡ ଔଷଧର ତୁଳନା, ଖର୍ଚ୍ଚରେ ହେଉଥିବାସଞ୍ଚୟ ସମ୍ପର୍କରେ ଆପ୍‌ରୁ ଜାଣିହେବ।

ଏସ୍ପିରେଶନାଲ ଡିଷ୍ଟ୍ରିକ୍ଟ କାର୍ଯ୍ୟକ୍ରମ

### ନୀତିଆୟୋଗ-ବେଦାନ୍ତ ଚୁକ୍ତି

ନୂଆଦିଲ୍ଲୀ, ୨୭-୮: ଓଡ଼ିଶାର କଳାହାଣ୍ଡି ଜିଲାରେ ଏସ୍ପିରେଶନାଲ ଡିଷ୍ଟ୍ରିକ୍ଟ କାର୍ଯ୍ୟକ୍ରମ ଲାଗି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ସହ ବେଦାନ୍ତ ଲିମିଟେଡ ଚୁକ୍ତିରେ ସାମିଲ ହୋଇଛି। ସ୍ଥାନୀୟ ଲୋକଙ୍କୁ ସଶକ୍ତୀକରଣ ତଥା ଜୀବନଧାରଣ ମାନରେ ଉନ୍ନତି ଆଣିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ନୀତି ଆୟୋଗ ଏବଂ ବେଦାନ୍ତ ମିଳିତ ଭାବେ ନୂତନ କାର୍ଯ୍ୟଶୈଳୀ ଦ୍ୱାରା ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସହାୟତା, ଆର୍ଥିକ ସହାୟତା ଏବଂ ବିକାଶ ଦିଗରେ କାର୍ଯ୍ୟ କରିବେ। ସରକାରଙ୍କ ସମସ୍ତ ନୀତି ଅନ୍ତର୍ଗତ ଏସ୍ପିରେଶନାଲ ଜିଲା ଭିତ୍ତିଭୂମି ସମ୍ବନ୍ଧିତ ବିଭିନ୍ନ କ୍ଷେତ୍ରରେ ଦୃଷ୍ଟି ଆକର୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଚୁକ୍ତି କଳାହାଣ୍ଡିର ବିକାଶ ଦିଗରେ ସହାୟକ ହେବ ବୋଲି ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି।



“ଉତ୍ତରପୂର୍ବ ଭାରତର ବିକାଶ ଲାଗି ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ପ୍ରାକ୍ ସର୍ତ୍ତ ରହିଛି। ଏହି କାରଣରୁ ମୋଦି ସରକାର ଶକ୍ତି କ୍ଷେତ୍ରର ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।
– ଆର୍.କେ.ସିଂ, କେନ୍ଦ୍ର ଶକ୍ତିମନ୍ତ୍ରୀ



“ଦେଶର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଅଧିକ ୨୦୦୦ ବିମାନ ଯୋଡିହେବ । ବର୍ତ୍ତମାନ ଦେଶରେ ୫୪୦ ବିମାନ ପରିଚାଳନାରେ ରହିଛି।
– ହରଦୀପ ସିଂ ପୁରୀ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

# ମାନ୍ଦାବସ୍ଥା ବିରୋଧରେ ଅସ୍ତ୍ର ହେବ ଆର୍‌ବିଆଇ ପୁଞ୍ଜି




ମୁମ୍ବାଇ,୨୭-୮: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସରକାରଙ୍କୁ ଲାଭାଂଶ ବାବଦରେ ୧.୭୬ ଲକ୍ଷ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛି। ଏହି ପୁଞ୍ଜି ମୋଦି ସରକାରଙ୍କ ଲାଗି ମାନ୍ଦାବସ୍ଥା ସହ ଲଢ଼ିବାରେ ଉପଯୁକ୍ତ ଅସ୍ତ୍ର ହେବାକୁ ଯାଉଛି। ଏହା ନିବେଶ ବଢ଼ାଇବା ସହ ବିଭିନ୍ନ ସେକ୍ଟରକୁ ପ୍ୟାକେଜ ଦେବାରେ ସହାୟକ ହେବ। ଏଥିପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୭୦ ହଜାର କୋଟି ଟଙ୍କାର ସହାୟତା ଦେବେ ବୋଲି ଘୋଷଣା କରିସାରିଥିଲେ। ଏହାଦ୍ୱାରା ଦେଶର ଅର୍ଥନୀତି ୫ ଲକ୍ଷ କୋଟି ଡଲାର ଆଡକୁ ଯିବ ବୋଲି ଆଶା କରାଯାଉଛି।

### ଢାଞ୍ଚାଗତ ନିର୍ମାଣକୁ ଦିଆଯାଇପାରେ ଗୁରୁତ୍ୱ

ବ୍ରୋକରେଜ ଫାର୍ମ ଏମ୍‌କେ ଗ୍ଲୋବାଲର ଏକ ରିପୋର୍ଟରେ କୁହାଯାଇଛି ଯେ, ଯଦି ସରକାର ହସ୍ତାନ୍ତରିତ ରାଶିକୁ ଉଚ୍ଚ ଋଣ ଭାବେ ବଦଳାଇବାକୁ ବିକଳ୍ପ ଭାବେ ଚୟନ କରନ୍ତି, ତେବେ ଏହାକୁ ଢାଞ୍ଚାଗତ ନିର୍ମାଣ ଲାଗି ବ୍ୟୟ କରାଯିବ। ଆର୍‌ବିଆଇ ପକ୍ଷରୁ ମିଳୁଥିବା ଅତିରିକ୍ତ ସହାୟତା ରାଶି ବଜାରକୁ ସମର୍ଥନ ଦେବ। ଅନ୍ୟପକ୍ଷରେ ବୋଫା ମେରିଲ ଲିଞ୍ଚ ରିସର୍ଚ୍ଚରେ କୁହାଯାଇଛି ଯେ, ଏହି ଅର୍ଥକୁ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୁନଃ ପୁଞ୍ଜିକରଣ ଲାଗି ଖର୍ଚ୍ଚ କରିବେ ବୋଲି ମନେକରାଯାଉଛି। ଅଶ୍ୱିନ ପାରେଖ ଆଡ୍‌ଭାଇଜରି ସର୍ଭିସେସ୍‌ର ମ୍ୟାନେଜିଂ ପାର୍ଟନର ଅଶ୍ୱିନ ପାରେଖ କହିଛନ୍ତି ଯେ, ବର୍ତ୍ତମାନର ଆର୍ଥିକ ଦୃଶ୍ୟପଟରେ ଆର୍‌ବିଆଇରୁ ମିଳିଥିବା ପୁଞ୍ଜି ଅର୍ଥନୀତିକୁ ଗତିଶୀଳ କରିବ।



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କେନ୍ଦ୍ର ସରକାରଙ୍କୁ ୧.୭୬ ଲକ୍ଷ କୋଟି ଟଙ୍କା ବଳକା ପାଣ୍ଠିରୁ ଦେବ ବୋଲି ସୋମବାର ନିଷ୍ପତ୍ତି ନେଇଛି। ବର୍ତ୍ତମାନର ହିସାବକୁ ଦେଖିଲେ ଆର୍‌ବିଆଇ ନିକଟରେ ପ୍ରାୟ ୯.୨ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବଳକା ପାଣ୍ଠି ରହିଛି। ତେବେ କେନ୍ଦ୍ରୀୟ ବ୍ୟାଙ୍କ କେନ୍ଦ୍ର ସରକାରଙ୍କୁ ବଳକା ଟଙ୍କା ଆଣୁଛି କେଉଁଠୁ ବୋଲି ସାଧାରଣରେ ପ୍ରଶ୍ନ ଆସିପାରେ।

### ଆର୍‌ବିଆଇ କେଉଁଠୁ ଆଣିଲା ଅର୍ଥ

ସାଧାରଣତଃ ଆର୍‌ବିଆଇର ଆୟ ବ୍ୟବସ୍ଥା ଅନ୍ୟ କମ୍ପାନୀଠୁ ଭିନ୍ନ। ଏହାର ତିନୋଟି ଆକାଉଣ୍ଟ ରହିଛି। ଗୋଟିଏ ହେଲା କରେନ୍ସି ଆଣ୍ଡ ଗୋଲ୍ଡ ରିଭାଲ୍ୟୁଏଶନ ଆକାଉଣ୍ଟ(ସିଜିଆର୍‌ଏ), ଆସେଟ୍ ଡେଭଲପ୍‌ମେଣ୍ଟ ଫଣ୍ଡ(ଏଡିଏଫ୍) ଓ ଅନ୍ୟଟି କଣ୍ଟିଜେନ୍ସି ଫଣ୍ଡ। ମୁଦ୍ରା ବଜାରରେ ଅଚାନକ ଉଠାପକାକୁ ରୋକିବା ଲାଗି ଏହି ଫଣ୍ଡକୁ କାର୍ଯ୍ୟରେ ଲଗାଯାଏ। ସିଜିଆର୍‌ଏ ପାଣ୍ଠି ୨୦୧୦ରୁ ଅଚାନକ ବୃଦ୍ଧି ପାଇଚାଲିଛି। ଏଥିରେ ୨୫% ହାରରେ କମ୍ପାଉଣ୍ଡ ଆନୁଆଲ ଗ୍ରୋଥ ରେଟ୍‌ରେ ୨୦୧୭-୧୮ ସୁଦ୍ଧା ୬.୯୧ ଲକ୍ଷ କୋଟି ଟଙ୍କା ଜମା ହୋଇଛି। ସେହିପରି କଣ୍ଟିଜେନ୍ସି ଫଣ୍ଡ (ସିଏଫ୍)ରେ ଏହି ଅବଧିରେ ୨.୩୨ ଲକ୍ଷ କୋଟି ଟଙ୍କା ବଳକା ରହିଛି। ସିଜିଆର୍‌ଏ ଏବଂ ସିଏଫ୍‌କୁ ମିଶାଇଦେଲେ ଆର୍‌ବିଆଇର ବାଲାନ୍ସ ସିଟ୍‌ର ଏହା ୨୬% ହେଉଛି। ଆର୍‌ବିଆଇ ସରକାରୀ ସିକ୍ୟୁରିଟି, ବଣ୍ଡରେ ନିବେଶ କରି ସେଥିରୁ ସୁଧ ହାସଲ କରିଥାଏ। ଏହାଛଡ଼ା ବ୍ୟାଙ୍କଗୁଡ଼ିକୁ ଋଣ ଦେଇ ସେଥିରୁ ସୁଧ ପାଇଥାଏ। ମୁଦ୍ରା ବଜାରରେ ହସ୍ତକ୍ଷେପ କରି ଅନ୍ୟ ଦେଶର ମୁଦ୍ରା ବିକ୍ରି ସେଥିରୁ ଆର୍‌ବିଆଇ ଲାଭ ଉଠାଇଥାଏ। ବିମଳ ଜଲାନ କମିଟି ପକ୍ଷରୁ ଦିଆଯାଇଥିବା ସୁପାରିସ୍ ଅନୁଯାୟୀ, କଣ୍ଟିଜେନ୍ସି ଫଣ୍ଡ ଏବେ ଆର୍‌ବିଆଇ ବାଲାନ୍ସ ସିଟ୍‌ର ୬.୮% ରହିଛି। ପୂର୍ବରୁ ଏହା ୫.୫ରୁ ୬.୫% ମଧ୍ୟରେ ରଖାଯିବାକୁ ଧାର୍ଯ୍ୟ ହୋଇଥିଲା। ତେବେ କମିଟି ୫.୫%ର ସର୍ବନିମ୍ନ ସ୍ତରକୁ ଗ୍ରହଣ କରି ବଳକା ବାବଦରେ ୫୨,୬୩୭ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ଦେବାକୁ ସୁପାରିସ୍ କରିଛନ୍ତି। ସେହିଭଳି ସିଜିଆର୍‌ଏକୁ ବର୍ତ୍ତମାନ ବାଲାନ୍ସ ସିଟ୍‌ର ୨୪.୫%ରୁ ୨୦ ପ୍ରତିଶତକୁ ହ୍ରାସ କରିବା ଲାଗି କମିଟି କହିଛି। ଫଳରେ ଆର୍‌ବିଆଇ କେନ୍ଦ୍ର ସରକାରଙ୍କୁ ବଳକା ବାବଦରେ ୧,୨୩,୪୧୪ କୋଟି ଟଙ୍କା ଦେବାକୁ କୁହାଯାଇଛି। ଏହି ଦୁଇଟି ଆକାଉଣ୍ଟକୁ ମିଶାଇଲେ ଆର୍‌ବିଆଇ ୧,୭୬,୦୫୧ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ଦେବାକୁ ଯାଉଛି।

### ସଙ୍କଟରେ ଫସିଥିବା ସେକ୍ଟରକୁ ମିଳିପାରେ ପୁଞ୍ଜି

ବିଶେଷଜ୍ଞଙ୍କ କହିବାନୁଯାୟୀ, ଆର୍‌ବିଆଇ ଠାରୁ ମିଳୁଥିବା ପୁଞ୍ଜିର ବ୍ୟବହାର ବକେୟା ଋଣ ହ୍ରାସ କରିବା, ୩.୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିଗତ ବ୍ୟୟ ଯୋଜନାକୁ ସହାୟତା ପ୍ରଦାନ, ବ୍ୟାଙ୍କଗୁଡ଼ିକର ପୁନଃ ପୁଞ୍ଜିକରଣ ଏବଂ ସଙ୍କଟରେ ଫସିଥିବା କ୍ଷେତ୍ରକୁ ପ୍ରୋତ୍ସାହନ ପ୍ୟାକେଜ ଦେବାରେ ବ୍ୟୟ କରାଯିବ। ତେବେ ଏହା ଆକଳନ ବୋଲି କୁହାଯାଉଛି, କାରଣ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହି ଅର୍ଥକୁ କିପରି ଖର୍ଚ୍ଚ କରାଯିବ ସେ ସଂକ୍ରାନ୍ତରେ କହିବାକୁ ମନା କରିଦେଇଛନ୍ତି।

## ବଦଳିପାରେ ଏଟିଏମ୍‌ରୁ ଟଙ୍କା କାଢ଼ିବା ନିୟମ

### ଦୁଇଟି ଉଠାଣ ମଧ୍ୟରେ ୬-୧୨ ଘଣ୍ଟା ସମୟ ଧାର୍ଯ୍ୟ ବିଚାର

ନୂଆଦିଲ୍ଲୀ,୨୭-୮



ଏଟିଏମ୍‌ରୁ ଟଙ୍କା ଉଠାଇବା ଆଜି ସାଧାରଣ ଘଟଣା ହୋଇଗଲାଣି। ତେବେ ଏହା ସାଙ୍ଗକୁ ଏଟିଏମ୍ ଠକାମୀ ମଧ ସେହି ଅନୁପାତରେ ବଢ଼ିବାରେ ଲାଗିଛି। ଗ୍ରାହକଙ୍କୁ ଏଥିରୁ ରକ୍ଷା କରିବା ଲାଗି ଦିଲ୍ଲୀ ଷ୍ଟେଟ୍ ଲେଭଲ ବ୍ୟାଙ୍କର୍ସ କମିଟି (ଏସ୍‌ଏଲବିସି) କେତେକ ପରାମର୍ଶ ଦେଇଛି। ଏହାକୁ ସରକାରଙ୍କ ଅନୁମୋଦନ ମିଳିଗଲେ ବ୍ୟାଙ୍କ ଗ୍ରାହକଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡିବ। ଦୁଇଟି ଏଟିଏମ୍ ଟ୍ରାଞ୍ଜାକ୍ସନ ମଧ୍ୟରେ ୬ରୁ ୧୨ ଘଣ୍ଟା ସମୟ ହେବା ଜରୁରୀ ବୋଲି ଏସ୍‌ଏଲ୍‌ବିସି ପକ୍ଷରୁ ଦିଆଯାଇଥିବା ପରାମର୍ଶରେ କୁହାଯାଇଛି। ଅର୍ଥାତ୍ ଥରେ ଏଟିଏମ୍‌ରୁ ଟଙ୍କା କାଢ଼ିବା ପରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପୁନର୍ବାର ଟଙ୍କା ଉଠାଇ ପାରିବେ ନାହିଁ। ଏହି ଯୋଜନା ସମ୍ପର୍କରେ ଗତ ସପ୍ତାହରେ ୧୮ ବ୍ୟାଙ୍କର ଶୀର୍ଷ ଅଧିକାରୀଙ୍କ ସହ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାଛଡ଼ା ବ୍ୟାଙ୍କଗୁଡ଼ିକୁ ଆହୁରି କେତେକ ପରାମର୍ଶ ଦିଆଯାଇଛି। ଅନଧିକୃତ ରୂପରେ ଟଙ୍କା କାଢ଼ିବା ଲାଗି ଉଦ୍ୟମ କରାଗଲେ ଆକାଉଣ୍ଟଧାରୀଙ୍କୁ ଆଲର୍ଟ କରିବାକୁ ଯାଇ ଓଟିପି(ୱାନ୍ ଟାଇମ୍ ପାସ୍‌ୱର୍ଡ) ପଠାଯିବ। ଏହାବ୍ୟତୀତ ଏଟିଏମ୍ ଲାଗି ସେଣ୍ଟ୍ରାଲାଇଜ୍‌ଡ ମନିଟରିଂ ସିଷ୍ଟମ ଲାଗୁ କରିବାକୁ ପରାମର୍ଶ ଦିଆଯାଇଛି। ସୂଚନାଥାଉ କି, ଏହି ବ୍ୟବସ୍ଥାକୁ ଓବିସି ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ପିଏନ୍‌ବି, ଆଇଡିବିଆଇ ବ୍ୟାଙ୍କ ଏବଂ କାନାରା ବ୍ୟାଙ୍କ ପୂର୍ବରୁ ଲାଗୁ କରିସାରିଲେଣି। ଏ ସମ୍ପର୍କରେ ମତପ୍ରକାଶ କରି ଦିଲ୍ଲୀ ଏସ୍‌ଏଲ୍‌ବିସିର ସଂଯୋଜକ ତଥା ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଏମ୍‌ଡି ତଥା ସିଇଓ ମୁକେଶ କୁମାର ଜୈନ କହିଛନ୍ତି ଯେ, ଏଟିଏମ୍‌ରେ ହେଉଥିବା ଅଧିକାଂଶ ଠକାମୀ ଅର୍ଦ୍ଧରାତ୍ରିରୁ ପାହାନ୍ତିଆ ସମୟରେ ହୋଇଥାଏ। ଏହି କାରଣରୁ ଏଟିଏମ୍‌ରେ ନେଣଦେଣକୁ ସୁରକ୍ଷିତ କରିବା ଲାଗି ଏକ ଯୋଜନା ପ୍ରସ୍ତୁତ କରିବା ସହାୟକ ହେବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ୨୦୧୮-୧୯ରେ ଦିଲ୍ଲୀରେ ୧୭୯ ଏଟିଏମ୍ ଠକାମୀ ମାମଲା ଦାଏର କରାଯାଇଛି। ସେହିପରି ଦିଲ୍ଲୀ ଓ ମହାରାଷ୍ଟ୍ରରେ ପ୍ରାୟ ୨୩୩ ଏଟିଏମ୍ ଠକାମୀ ମାମଲା ଅଦ୍ୟାବଧି ସାମ୍ନାକୁ ଆସିଲାଣି। ଆର୍ଥିକ ବର୍ଷ ୨୦୧୮-୧୯ରେ ସାରା ଦେଶରେ ୯୮୦ ଏଟିଏମ୍ ଜାଲିଆତି ମାମଲା ଦାଏର ହୋଇଛି। ଏହାର ପୂର୍ବ ଆର୍ଥିକ ବର୍ଷରେ ଏହା ୯୧୧ ଥିଲା।

## ଇପିଏଫ୍ ଆଇନରେ ହେବ ସଂଶୋଧନ

### ଘରୋଇ ସହାୟକ, ଡ୍ରାଇଭରଙ୍କୁ ମିଳିବ ପିଏଫ୍

ନୂଆଦିଲ୍ଲୀ,୨୭-୮

ମୋଦି ସରକାର ଦ୍ୱିତୀୟ କାର୍ଯ୍ୟକାଳରେ ସାମାଜିକ ସୁରକ୍ଷା ଉପରେ ଅଧିକ ଦୃଷ୍ଟିନିବଦ୍ଧ କରିଛନ୍ତି। କର୍ମଚାରୀ ଭବିଷ୍ୟନିଧି ଆଇନରେ ଆବଶ୍ୟକ ସଂଶୋଧନ ଆଣି ଘରୋଇ ସହାୟକ, ଡ୍ରାଇଭର ଭଳି ସେଲ୍ଫ ହେଲ୍ପ ବ୍ୟକ୍ତିମାନଙ୍କୁ ଇପିଏଫ୍‌ରେ ସାମିଲ କରିବାକୁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ଏବେ କମ୍ପାନୀ, ସରକାରୀକ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ଲାଗି ପ୍ରଭିଡେଣ୍ଟ ଫଣ୍ଡ ଯୋଜନା ଲାଗୁ କରାଯାଇଛି। ଏଥିରେ ସ୍ୱରୋଜଗାରରେ ସାମିଲ ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇନାହିଁ। ନିକଟରେ ସରକାର ପିଏମ୍ ଶ୍ରମଯୋଗୀ ମାନଧନ ପେନସନ ଯୋଜନା ଆରମ୍ଭ କରିଛନ୍ତି। ଏବେ ଏହାର ଆକାଉଣ୍ଟଧାରୀଙ୍କୁ ପିଏଫ୍ ଆକାଉଣ୍ଟ ଖୋଲି ସେମାନଙ୍କ ଦ୍ୱାରା ଅଂଶଦାନ କରିବାକୁ ସରକାର ଚାହୁଁଛନ୍ତି। ତେବେ ଏଥିଲାଗି ୧୨%ର ଧାର୍ଯ୍ୟ ସୀମା ରଖାଯିବ ନାହିଁ। କେତେ ଲୋକ ସ୍ୱରୋଜଗାର ଶ୍ରେଣୀରେ ରହିଛନ୍ତି, ଏହାଦ୍ୱାରା ଜଣାପଡିବ। ତେବେ ଏହି ପିଏଫ୍ ଆକାଉଣ୍ଟରେ ଅଂଶଦାନକୁ ବାଧ୍ୟତାମୂଳକ କରାଯିବ ନାହିଁ। ଲୋକେ ସହମତି ଭିତ୍ତିରେ ଅଂଶଦାନ କରିପାରିବେ।

## ନୂଆ ସେଲ୍‌ଟସ୍ ଆଣିଲା କିଆ ମୋଟର୍ସ

ନୂଆଦିଲ୍ଲୀ, ୨୭-୮

କିଆ ମୋଟର୍ସ ପକ୍ଷରୁ ମଧ୍ୟମ ଏସ୍‌ୟୁଭି ବର୍ଗରେ ନୂଆ ସେଲ୍‌ଟସ୍ ମଡେଲ ବଜାରକୁ ଆସିଛି। ଯାନଟିର ବଜାର ଦର ୯.୬୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏହା ଉଭୟ ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଆସୁଛି। ମଡେଲଟିରେ ମାନୁଆଲ ଏବଂ ଅଟୋମେଟିକ ଟ୍ରାନ୍ସମିଶନ ବିକଳ୍ପ ରହିଛି। ଏହି ମଡେଲଟି ସାରା ଦେଶରୁ ୩.୨ ଲକ୍ଷ ବୁକିଂ ଲାଭ କରିଛି, ଯାହା ଏହି ବର୍ଗରେ ଏକ ରେକର୍ଡ। ଚାହିଦା ପୂରଣ କରିବା ଲାଗି ସମସ୍ତ ପ୍ରକାର ଚେଷ୍ଟା କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ଆନ୍ଧ୍ରପ୍ରଦେଶର ଅନନ୍ତପୁରଠାରେ ନୂଆ ପ୍ଲାଣ୍ଟ ସ୍ଥାପନା କରିଥିବା ବେଳେ ଏହାର ବାର୍ଷିକ କ୍ଷମତା ୩ ଲକ୍ଷ ୟୁନିଟ ରହିଛି। ବର୍ଦ୍ଧିତ ଚାହିଦା ପୂରଣ କରିବାରେ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂଆ ମଡେଲରେ ରହିଥିବା ଅତ୍ୟାଧୁନିକ ଫିଚର ଏବଂ ଡିଜାଇନ ଗ୍ରାହକଙ୍କ ଦ୍ୱାରା ବେଶ ପସନ୍ଦଯୋଗ୍ୟ ହୋଇଥିବା କିଆ ମୋଟର୍ସ ଇଣ୍ଡିଆର ଏମ୍‌ଡି ତଥା ସିଇଓ କୋକହ୍ୟୁନ ସିମ୍ କହିଛନ୍ତି।

**ବଜାର ଦର ୯.୬୯ ଲକ୍ଷ ଟଙ୍କାରୁ ଆରମ୍ଭ**

**ସାରା ଦେଶରୁ ୩.୨ ଲକ୍ଷ ବୁକିଂ ଲାଭ**




## ପୂର୍ବଭାରତରେ ମର୍ସିଡିଜ୍‌ର ସ୍ୱତନ୍ତ୍ର ମେକାଟ୍ରୋନିକ୍ସ କାର୍ଯ୍ୟକ୍ରମ

**କିଟ୍ ସହ ଏମ୍‌ଓୟୁ**

ଭୁବନେଶ୍ୱର, ୨୭-୮(ବ୍ୟୁରୋ)

ଲକ୍ଜ୍ୟୁରି କାର୍ ନିର୍ମାଣକାରୀ କମ୍ପାନୀ ମର୍ସିଡିଜ ବେଞ୍ଜ ଇଣ୍ଡିଆ ପୂର୍ବଭାରତରେ ପ୍ରଥମ ଥର ଲାଗି ସ୍ୱତନ୍ତ୍ର ମେକାଟ୍ରୋନିକ୍ସ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛି। କମ୍ପାନୀ କିଟ୍ ବିଶ୍ୱବିଦ୍ୟାଳୟ ସହ ଏଥିଲାଗି ଏମ୍‌ଓୟୁ ସ୍ୱାକ୍ଷର କରିଛି। ମର୍ସିଡିଜ ବେଞ୍ଜ ଇଣ୍ଡିଆ ସିଇଓ ମାର୍ଟିନ ସ୍ୱେଙ୍କ ଏବଂ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ଚୁକ୍ତି ହୋଇଛି। ଏହା ଦ୍ୱାରା କିଟ୍ ବିଶ୍ୱବିଦ୍ୟାଳୟରେ ଆଡଭାନ୍ସ ଡିପ୍ଲୋମା ଇନ୍ ଅଟୋମୋଟିଭ ମେକାଟ୍ରୋନିକ୍ସ ପାଠ୍ୟକ୍ରମ ଆରମ୍ଭ ହେବ। କୁଶଳୀ ଶ୍ରମଶକ୍ତିଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀର ମେକାଟ୍ରୋନିକ୍ସ ଟ୍ରେନିଂ ସେଣ୍ଟର ଏ ଦିଗରେ କାର୍ଯ୍ୟ କରୁଛି। ପୁଣେ, ଔରଙ୍ଗାବାଦ,ନୂଆଦିଲ୍ଲୀ, ତ୍ରିଭେନ୍ଦ୍ରମ, ବାଙ୍ଗାଲୋର, ଗାଜିଆବାଦ ଏବଂ ଭୁବନେଶ୍ୱରରେ ସରକାରୀ ଅନୁଷ୍ଠାନ ସହ ମିଳିତ ହୋଇ ୨୦୦୨ ପରଠାରୁ ଏଭଳି ପାଠ୍ୟକ୍ରମରେ ଶିକ୍ଷା ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମକୁ କିଟ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରି ଅତ୍ୟନ୍ତ ଖୁସି ବୋଲି ମର୍ସିଡିଜ ସିଇଓ ସ୍ୱେଙ୍କ କହିଛନ୍ତି। ଏହା ବିଶ୍ୱସ୍ତରୀୟ ତାଲିମ ଗ୍ରହଣ ଦିଗରେ ଛାତ୍ରୀଛାତ୍ରଙ୍କୁ ସହାୟତା କରିବ ବୋଲି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି।

### ଖସୁଛି ଆର୍ଥିକ ଅଭିବୃଦ୍ଧି ହାର

# ତ୍ୱରିତ ସୁଧାର ସମ୍ଭାବନା କମ୍

ନୂଆଦିଲ୍ଲୀ, ୨୭-୮

- ମାନ୍ଦାବସ୍ଥା ଅଭିବୃଦ୍ଧି ଦିଗରେ ବାଧକ
- ମାନୁଫାକ୍ଚରିଂ କ୍ଷେତ୍ରରେ ଚ୍ୟାଲେଞ୍ଜ
- ଆର୍ଥିକ ସ୍ଥିତିକୁ ବିଚାର କରି ପଦକ୍ଷେପ ଜରୁରୀ
- ଆଶ୍ୱସ୍ତି ଆଣିପାରେ ଅର୍ଥମନ୍ତ୍ରୀଙ୍କ ଘୋଷଣା



ଦେଶର ଆର୍ଥିକ ଅଭିବୃଦ୍ଧି ହାର ଖସୁଛି। ଏଥିରେ ତୁରନ୍ତ ସୁଧାର ଆସିବାର ସମ୍ଭାବନା କମ୍ ରହିଥିବା ବଜାର ବିଶେଷଜ୍ଞମାନେ କହୁଛନ୍ତି। ଦେଶ ମଧ୍ୟରେ ବିଗିଡିଥିବା ଆର୍ଥିକ ଢାଞ୍ଚାରେ ତ୍ୱରିତ ଉନ୍ନତି ଆସୁ ନ ଥିବାରୁ ଏହାର ପ୍ରଭାବ ଅର୍ଥନୈତିକ ଅଭିବୃଦ୍ଧି ଉପରେ ପଡୁଥିବା ଜଣାପଡିଛି। ଇନ୍ ଏଣ୍ଡ ବ୍ରାଡଷ୍ଟ୍ରିଟ ଇକୋନୋମି ଅବଜରଭର ତଥ୍ୟ ମୁତାବକ ଔଦ୍ୟୋଗିକ ଉତ୍ପାଦନ ସୂଚୀ(ଆଇଆଇପି) ଅଭିବୃଦ୍ଧି ହାର ଶିଥିଳ ରହିବା ନେଇ ଆଶଙ୍କା କରାଯାଇଛି। ସେହିଭଳି ଦେଶର ମାନଫାକଚରିଂ କ୍ଷେତ୍ର ବିଭିନ୍ନ ଚ୍ୟାଲେଞ୍ଜ ଦେଇ ଗତି କରୁଛି। ଜୁଲାଇ ମାସରେ ଆଇଆଇପି ୨.୫%ରୁ ୩% ଅଭିବୃଦ୍ଧି ହାସଲ କରିପାରେ। ଅର୍ଥନୈତିକ ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଘୋଷଣା ଏବଂ ରିଜର୍ଭ ବ୍ୟାଙ୍କର ବିଭିନ୍ନ ପଦକ୍ଷେପ କମ୍ପାନୀଗୁଡିକ ଲାଗି କିଛିଟା ଆଶ୍ୱସ୍ତି ଆଣିପାରେ। ଏହାବାଦ ବିଭିନ୍ନ କ୍ଷେତ୍ରରେ ରହିଥିବା ଚ୍ୟାଲେଞ୍ଜକୁ ଧ୍ୟାନରେ ରଖି ଆର୍ଥିକ ପ୍ୟାକେଜ ଆସିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ଇନ୍ ଆଣ୍ଡ ବ୍ରାଡଷ୍ଟ୍ରିଟ ଇଣ୍ଡିଆର ମୁଖ୍ୟ ଅର୍ଥନୀତଜ୍ଞ ଅରୁଣ ସିଂ କହିଛନ୍ତି ଯେ, ବିଶ୍ୱ ଏବଂ ଘରୋଇ ବଜାରରେ ରହିଥିବା ବିଭିନ୍ନ ଅସୁବିଧାର ପ୍ରଭାବ ଦେଶର ତ୍ୱରିତ ଅଭିବୃଦ୍ଧି ରାସ୍ତାରେ ବାଧକ ହେଉଛି। ଏଥି ଲାଗି ଅଭିବୃଦ୍ଧି ଧାରା ପ୍ରଭାବିତ ହେଉଛି। ଦେଶର ଆର୍ଥିକ ଢାଞ୍ଚାରେ ଆସିଥିବା ପ୍ରଭାବକୁ ତୁରନ୍ତ ସମାଧାନ କରିବା ଏତେଟା ସହଜ ନୁହେଁ। ସରକାର ଅର୍ଥନୀତିର ବିଭିନ୍ନ ଦିଗକୁ ବିଚାର କରିବା ସହ ସମାଧାନ ଲାଗି ହସ୍ତକ୍ଷେପ କରିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଅର୍ଥନୀତିକୁ ନେଇ ରହିଥିବା ଖାଉଟିଙ୍କ ଧାରଣା ବଦଳିବ ଏବଂ ଘରୋଇ କ୍ଷେତ୍ର ନିବେଶ ବଢାଇବାରେ ସହାୟତା କରିବ। ଶେୟାର ବଜାର ନିବେଶଙ୍କ ଲାଗୁ ହେଉଥିବା ସରଚାର୍ଜକୁ ସରକାର ଶୁକ୍ରବାର ପ୍ରତ୍ୟାହାର କରିଥିବା ବେଳେ ଷ୍ଟାର୍ଟଅପଗୁଡିକର ଏଞ୍ଜେଲ ନିବେଶ ଉପରେ ଟିକସରୁ ମୁକ୍ତି, ଅଟୋ ସେକ୍ଟର ଅସୁବିଧା ଦୂରୀକରଣ ଲାଗି ପଦକ୍ଷେପ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଲାଗି ୭୦,୦୦୦ କୋଟି ଟଙ୍କାର ପୁଞ୍ଜି ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରିଛନ୍ତି। ଏହାବାଦ ବ୍ୟାଙ୍କଗୁଡିକ ସେମାନଙ୍କ ସୁଧହାର ରିଜର୍ଭ ବ୍ୟାଙ୍କର ରେପୋ ରେଟ ସହ ଯୋଡିବାକୁ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ବାସଗୃହ ଏବଂ ଯାନ ଋଣ ଶସ୍ତା ହେବ ବୋଲି ଆଶା କରାଯାଉଛି।



“ ବକ୍ସିଂରୁ ଅବସର ନେବା ପରେ ମୁଁ ନିଜକୁ ହଣ୍ଟିଂ ଓ ଫିଶିଂ କାର୍ଯ୍ୟରେ ନିୟୋଜିତ କରିବା ଲାଗି ଯୋଜନା କରିଛି ।
– ଭାସିଲ ଲୋମାଚେଙ୍କୋ
ୟୁକ୍ରେନ ଲାଇଟ୍ ୱେଟ୍ ବିଶ୍ୱ ଚାମ୍ପିୟନ ବକ୍ସର



“ ମୋତେ କେହି ସମାଲୋଚନା କଲେ ମୁଁ ତାହା ଦେହକୁ ନ ନେବା ଲାଗି ଚେଷ୍ଟା କରିଥାଏ ।
–ଅଜିଙ୍କ୍ୟ ରାହାନେ
ଭାରତର ଟେଷ୍ଟ ଉପଅଧିନାୟକ

## ସଂକ୍ଷେପରେ

### ରମେଶ ପାୱାର ଭାରତ-ଏ'ର ବୋଲିଂ କୋଚ୍



**ମୁମ୍ବାଇ, ୨୭।୮ :** ପ୍ରାକ୍ତନ ଭାରତୀୟ ସ୍ପିନର ରମେଶ ପାୱାରଙ୍କୁ ଭାରତ-ଏ କ୍ରିକେଟ୍ ଦଳର ବୋଲିଂ କୋଚ୍ ନିଯୁକ୍ତ କରାଯାଇଛି। ଘରୋଇ ଭାରତ-ଏ ଗୁରୁବାରଠାରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱି-ପାକ୍ଷିକ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ସିରିଜରେ ଭାରତ-ଏ ୫ଟି ଏକଦିବସୀୟ ଦିନିକିଆ ମ୍ୟାଚ୍ ଓ ୨ଟି ୪ ଦିବସୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଦକ୍ଷିଣ ଆଫ୍ରିକା-ଏ ବିପକ୍ଷ ପ୍ରଥମ ୩ଟି ଦିନିକିଆ ମ୍ୟାଚ୍ ପାଇଁ ମନୀଷ ପାଣ୍ଡେଙ୍କୁ ଭାରତ-ଏ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ୪୧ ବର୍ଷୀୟ ପାୱାର ଏଥିପୂର୍ବରୁ ଭାରତୀୟ ମହିଳା କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍ ପରେ ପାୱାରଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଥିଲା। ଭାରତ ଏହି ବିଶ୍ୱକପ୍‌ର ସେମିଫାଇନାଲରେ ଇଂଲଣ୍ଡ ନିକଟରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ଏହାପରେ ଡବ୍ଲ୍ୟୁଭି ରମନଙ୍କୁ ଭାରତୀୟ ମହିଳା କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଥିଲା। ପାୱାର ଭାରତ ପକ୍ଷରୁ ୨ଟି ଟେଷ୍ଟ ଓ ୩୧ ଦିନିକିଆ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ଯଥାକ୍ରମେ ୬ ଓ ୩୪ଟି ଉଇକେଟ୍ ଅକ୍ତିଆର କରିଛନ୍ତି।

### ହିମାଂଶୁଙ୍କ ହ୍ୟାଟ୍ରିକ୍: ଭାରତର ସହଜ ବିଜୟ

**କଲ୍ୟାଣି (ପଶ୍ଚିମବଙ୍ଗ), ୨୭।୮ (ପି.ଟି.):** ଚଳିତ ୧୫ ବର୍ଷରୁ କମ୍ ବାଳକ ସାଫ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ ଆଉ ଏକ ଚମତ୍କାର ପ୍ରଦର୍ଶନ କରିଛି। ଦଳ ମଙ୍ଗଳବାର ଏକ ମୁକାବିଲାରେ ଶ୍ରୀଲଙ୍କାକୁ ୫-୦ ଗୋଲରେ ପରାସ୍ତ କରିଛି। ମ୍ୟାଚର ଦୃଷ୍ଟି ଆକର୍ଷଣକାରୀ ଖେଳାଳି ଥିଲେ ହିମାଂଶୁ ଜାଙ୍ଗ୍ରା। ସେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିବାବେଳେ ମହେସନ ଏବଂ ଶୁଭୋ ପଲ୍ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। କୋଚ୍ ବିବିଆନୋ ଫର୍ଣ୍ଣାଣ୍ଡିଜ ଏହି ମ୍ୟାଚ ପାଇଁ ତାଙ୍କ ଲାଇନ୍ ଅପ୍‌ରେ ଦୁଇଟି ପରିବର୍ତ୍ତନ କରିଥିଲେ। ଫ୍ରଣ୍ଟ୍‌ରେ ଶ୍ରୀଦାର୍ଥଙ୍କ ସ୍ଥାନରେ ହିମାଂଶୁ ଜାଙ୍ଗ୍ରାଙ୍କୁ ଖେଳାଇଥିଲେ। ସେହିପରି ମିଡଲରେ ଶିବଜିତ୍‌ଙ୍କ ସ୍ଥାନ ସାତ୍ତ୍ୱିକ ଶର୍ମା ନେଇଥିଲେ। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଏହାର ଅନ୍ତିମ ମ୍ୟାଚ ଗୁରୁବାର ବାଂଲାଦେଶ ବିପକ୍ଷରେ ଖେଳିବ। ମ୍ୟାଚ ପରେ କୋଚ୍ ଫର୍ନାଣ୍ଡିଜ କହିଛନ୍ତି, ଖେଳାଳିମାନେ ଅଧିକ ଗୋଲ ସ୍କୋର କରିପାରିଥିବାରୁ ମୁଁ ବିଶେଷ ଖୁସି। ଫ୍ରଣ୍ଟରେ ଖେଳିବାର ସୁଯୋଗ ପାଇ ଯଥାର୍ଥ ବୋଲି ପ୍ରମାଣ କରିଦେଖାଇଥିଲେ ହିମାଂଶୁ। ସେ ଜଣେ ଦକ୍ଷ ସ୍କୋରର ହୋଇ ବାହାରିବେ ବୋଲି ମୋର ଆଶା।

### ଏନଡିଟିଏଲ୍ ଉପରୁ ସସ୍‌ପେଣ୍ଡ ପ୍ରତ୍ୟାହାର ଉଦ୍ୟମ ଚାଲିଛି: କ୍ରୀଡ଼ା ମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୮ (ପି.ଟି.):** ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରୋଟୋରିରୁ ଆସନ୍ତା ଦୁଇ ମାସ ମଧ୍ୟରେ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର ଉଦ୍ୟମ ହେଉଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କରିନ ରିଜିଜୁ ସୋମବାର ସୂଚନା ଦେଇଛନ୍ତି। ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ମହାନିର୍ଦ୍ଦେଶକ ନବିନ ଅଗ୍ରୱାଲ ଏବଂ ଏନ୍‌ଡିଟିଏଲ ସାଇଣ୍ଟିଫିକ୍ ଡାଇରେକ୍ଟର ପି. ଏଲ୍. ସାହୁଙ୍କ ଉପସ୍ଥିତିରେ ମନ୍ତ୍ରୀ ଲାବରେଟୋରି ପରିଦର୍ଶନରେ ଯାଇ ସମୀକ୍ଷା କରିଛନ୍ତି। କେତେକ ବୈଷୟିକ ତ୍ରୁଟି ସୁଧାରିବା ଜରୁରି ବୋଲି ମନ୍ତ୍ରୀ ଅନୁଭବ କରିଛନ୍ତି। ଖୁବ୍ ଶୀଘ୍ର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏନଡିଟିଏଲ ଏସିଆର ଅନ୍ୟତମ ଶ୍ରେଷ୍ଠ ଡୋପ୍ ଟେଷ୍ଟିଂ ଲାବରେଟୋରି ବିବେଚିତ ହୋଇ ଆସୁଥିଲା। ମାତ୍ର ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ନିକଟରେ ଏନଡିଟିଏଲ୍ ସ୍ୱୀକୃତିକୁ ୬ ମାସ ସସ୍‌ପେଣ୍ଡ କରିଛି, ଯାହାକି ଦେଶର ଆଣ୍ଟି-ଡୋପିଂ କାର୍ଯ୍ୟକ୍ରମକୁ ଶକ୍ତ ଧକ୍କା ଦେଇଛି। ମନ୍ତ୍ରଣାଳୟ ୱାଡାର ଏହି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲା।

# ‘ଓଡ଼ିଶା କ୍ରୀଡ଼ାରେ ବୈପ୍ଳବିକ ପରିବର୍ତ୍ତନ ଲକ୍ଷ୍ୟ’

ତପନ ସ୍ୱାଇଁ

**ଭୁବନେଶ୍ୱର, ୨୭।୮**



ଫାଉଣ୍ଡେଶନର ଅନ୍ୟତମ ଦୁଇ ଡାଇରେକ୍ଟର ଚେତନ ଭୂୟାଁ ଓ ଅଶୋକ ମହାନ୍ତି ।

ରାଜ୍ୟ କ୍ରୀଡ଼ା ଭିତ୍ତିଭୂମିରେ ବ୍ୟାପକ ଉନ୍ନତି ଆସିଛି। ଓଡ଼ିଶାରେ ଏବେ ଅନେକ ଜାତୀୟ/ଅନ୍ତର୍ଜାତୀୟ ପ୍ରତିଯୋଗିତା ହେବା ସହ ଭୁବନେଶ୍ୱର ଦେଶର ଅଘୋଷିତ କ୍ରୀଡ଼ା ରାଜଧାନୀର ମାନ୍ୟତା ପାଇଛି। ଆମ ରାଜ୍ୟର ଅନେକ ଖେଳାଳି/ଆଥଲେଟ୍ ଏବେ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି। ମାତ୍ର ଗୋଟିଏ ଜିନିଷର ଘୋର ଅଭାବ ରହିଛି, ତାହା ହେଉଛି ବେଞ୍ଚଷ୍ଟ୍ରେନ୍ଥ। ଦେବାଶିଷ ମହାନ୍ତି ଓ ଶିବସୁନ୍ଦର ଦାସଙ୍କ ପରେ ଆଉ ଜଣେ ଓଡ଼ିଆ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇବା ଏବେ ସ୍ୱପ୍ନ ସଦୃଶ ହୋଇ ଯାଇଛି। ଆଥଲେଟିକ୍ସରେ ମଧ୍ୟ ଅବସ୍ଥା ତଦ୍ରୂପ। ଦୁତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ପୂର୍ଣ୍ଣିମା ହେମ୍ବ୍ରମ ଓ ଅମିୟ ମଲିକଙ୍କ ପରେ ପଛକୁ ଅନାଇଲେ ଅନ୍ଧାର ଦିଶେ। କାରଣ ଆଉ କୌଣସି ପ୍ରତିଭା ସମ୍ପନ୍ନ ଆଥଲେଟ୍ ଏବେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇପାରି ନାହାନ୍ତି। ଜୁନିୟର ସ୍ତରରେ ଯେ ଖେଳାଳିମାନେ ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରୁନାହାନ୍ତି ତା ନୁହେଁ, ମାତ୍ର ସିନିୟର ସ୍ତରରେ ଆମ ନିକଟରେ ବ୍ୟାକ୍‌ଅପ୍ ଖେଳାଳିଙ୍କ ଘୋର ଅଭାବ ରହିଛି। ଆମ ରାଜ୍ୟରେ ହଷ୍ଟେଲ ହେଉ କିମ୍ବା ଏକାଡେମୀ ସବୁଠାରୁ ୧୦-୧୨ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ନିଆ ଯାଉଛି। ମାତ୍ର ଛୋଟ ବୟସରୁ ଅର୍ଥାତ୍ ୬-୭ ବର୍ଷରୁ ପିଲାମାନଙ୍କ ଫିଟ୍‌ନେସ କିମ୍ବା ଖେଳ କଥା ବୁଝିବାକୁ ସେପରି କିଛି ବ୍ୟବସ୍ଥା ନାହିଁ। ଏ ସବୁ ସମସ୍ୟାର ସମାଧାନ ଲକ୍ଷ୍ୟରେ ଆଶାର କିରଣ ଭାବେ ଉଭା ହେବାକୁ ଯାଉଛି ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନ। କେବଳ ରାଜ୍ୟର ନୁହନ୍ତି ଭାରତର ଅନ୍ୟତମ ପ୍ରତିଷ୍ଠିତ ଫିଜିଓଥେରାପିଷ୍ଟ ମୁକ୍ତିପ୍ରସାଦ ଦାଶଙ୍କ ମାନସ ସନ୍ତାନଭାବେ ଏହି ଫାଉଣ୍ଡେଶନ ଆବିର୍ଭାବ ହେବାକୁ ଯାଉଛି। ମୁକ୍ତିଙ୍କ ସହ ଯୋଡ଼ି ହୋଇଛନ୍ତି କ୍ରୀଡ଼ା ସମ୍ପର୍କରେ ବିଚକ୍ଷଣ ଜ୍ଞାନର ଅଧିକାରୀ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ଚେତନ ଭୂୟାଁ ଏବଂ ସସ୍ମିତା ଦାଶ। ଏହି ୪ ଜଣ ଫାଉଣ୍ଡେଶନର ଡାଇରେକ୍ଟର ଥିବାବେଳେ ପ୍ରତିଷ୍ଠିତ ଆଙ୍କର ଗୁନ୍‌ଗୁନ୍ ଏବଂ ସରକାରୀ ଫିଜିକାଲ ଏଜୁକେଶନ କଲେଜର ପୂର୍ବତନ ପ୍ରିନ୍ସିପାଲ ମନୋରଞ୍ଜନ ରାଉତଙ୍କ ସମ୍ମିଶ୍ରଣରେ ଫାଉଣ୍ଡେଶନ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶାରେ ଏପରି ଏକ ଅଭିନବ କରିକଳ୍ପନାର ପରିପ୍ରକାଶ ପୂର୍ବରୁ ମୁକ୍ତିପ୍ରସାଦଙ୍କ ସହ ବିଶେଷ ସାକ୍ଷାତକାର..

**ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନର ଉଦ୍‌ଘାଟନ ୨୯ରେ**

### ଫିଟ୍‌ନେସ ଉପରେ ଫୋକସ

ପ୍ରତି ଖେଳାଳିଙ୍କ ପାଇଁ ଆମେ ପିଲାଙ୍କର ଜେନେରାଲ ଫିଟ୍‌ନେସ ଉପରେ ବେଶି ଫୋକସ କରୁଛୁ। ଜାତୀୟ ସ୍ତରରେ ଯାହା ସ୍ପୋର୍ଟ୍ସ ପ୍ରୋଗ୍ରାମ ହେଉ କିମ୍ବା ଏକାଡେମୀ କିମ୍ବା ହଷ୍ଟେଲ କନ୍‌ସେପ୍ଟ ରହିଛି ସେଥିରେ ଅତିକମ୍‌ରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ନିଆ ଯାଉଛି। ଆମ ରାଜ୍ୟ ସରକାରଙ୍କ ସ୍ପୋର୍ଟ୍ସ ହଷ୍ଟେଲରେ ମଧ୍ୟ ଏହି ନିୟମ ରହିଛି। ମାତ୍ର ୧୦ ବର୍ଷରୁ କମ୍ ପିଲାଙ୍କ ପାଇଁ କେହି ଫୋକସ କରି ନାହାନ୍ତି। ଏହାକୁ ଫୋକସ କରିବା ଆମର ମୁଖ୍ୟ ଲକ୍ଷ୍ୟ। ବଡ଼ ବକ୍ସିଂ ଇଭେଣ୍ଟ ପାଇଁ ଜଣେ ବକ୍ସର ଯେପରି ଶାରୀରିକଭାବେ ଅଭ୍ୟାସ କରିଥାନ୍ତି ଜଣେ ଚେସ୍ ଖେଳାଳି ମଧ୍ୟ ତାହା କରିଥାନ୍ତି। ଚାଇନାରେ ଏପରି କନ୍‌ସେପ୍ଟ ଆରମ୍ଭ ହୋଇଛି। ସେଠାରେ ୫-୬ ବର୍ଷର ପିଲାଙ୍କୁ ଜିମ୍ନାଷ୍ଟିକ୍ ଟ୍ରେନିଂ ଦିଆଯାଉଛି। ଚାଇନାରେ ପ୍ରାୟ ୪୦୦୦ ଜିମ୍ନାଷ୍ଟିକ୍ ଏକାଡେମୀ ରହିଛି। ପ୍ରତି ଏକାଡେମୀରେ ଭୋର ୬ଟା ବେଳୁ ଅଭିଭାବକମାନେ ନିଜ ୪-୫ ବର୍ଷର ପିଲାଙ୍କୁ ଧରି ଏକାଡେମୀରେ ଛାଡ଼ିବାକୁ ଲାଇନ୍ ଲଗାଇଥାଆନ୍ତି। ସେଠାରେ ‘ସ୍ପୋର୍ଟ୍ସ ଫର ଏଭ୍ରି ୱାନ’ ସିଷ୍ଟମ ଆରମ୍ଭ କଲେ। ତା'ର ଫଳ ଏବେ ଚାଇନା ପାଉଛି। ତେଣୁ ଆମକୁ ଦୀର୍ଘକାଳୀନ ଭିତ୍ତିରେ ଆଗକୁ ବଢ଼ିବାକୁ ହେବ। ଏଥିପାଇଁ ସରକାରଙ୍କଠାରୁ ପ୍ରଶାସନିକ ଏବଂ ମାନସିକ ସମର୍ଥନ ଆବଶ୍ୟକ। ଏହା ହୋଇପାରିଲେ ଆମେ ୪-୫ ବର୍ଷରେ ଫଳାଫଳ ପାଇ ପାରିବୁ।

**–ଅଶୋକ ମହାନ୍ତି, ଫାଉଣ୍ଡେଶନ ଡାଇରେକ୍ଟର**

### ପ୍ରତିଭା ସମ୍ପନ୍ନ ଖେଳାଳିଙ୍କ ଏକ ପୁଲ୍ ତିଆରି କରିବୁ

ଏକ ନନ୍ ପ୍ରଫିଟେବଲ ସଂସ୍ଥା ହୋଇଥିବାରୁ ଏହାକୁ ଠିକ୍‌ଭାବେ ମ୍ୟାନେଜ କରିବାକୁ ପଡ଼ିବ। ପିଲାମାନଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ଅନେକ ଯୋଜନା ପ୍ରସ୍ତୁତ କରିଛୁ। ଏଥିରେ ଲୋକ ଶକ୍ତି ମଧ୍ୟ ଆବଶ୍ୟକ ହେବ। ସେଥିପାଇଁ ଫଣ୍ଡ ମଧ୍ୟ ଆବଶ୍ୟକ ହେବ। ତାହାକୁ ଆରେଞ୍ଜ କରି ସଂସ୍ଥାକୁ ଆଗକୁ ବଢ଼ାଇବାକୁ ହେବ। ଓଡ଼ିଶା ପାଇଁ ଟ୍ୟାଲେଣ୍ଟର ଏକ ପୁଲ୍ ତିଆରି କରିବା ଆମର ମୁଖ୍ୟ ଲକ୍ଷ୍ୟ। କେଉଁ ପିଲା କେଉଁ ସ୍ପୋର୍ଟ୍ସରେ ଭଲ କରିବା ତାହା ଠାବ ହୋଇପାରିଲେ ନିଶ୍ଚିତ ରାଜ୍ୟକୁ ଫାଇଦା ମିଳିବ। ଆମେ ଓଡ଼ିଶାର ପ୍ରତି ଜିଲାକୁ ଯାଇ କାର୍ଯ୍ୟକ୍ରମ କରିବାକୁ ଯୋଜନା କରିଛୁ। ତେଣୁ ସବୁକିଛିକୁ ଦୃଷ୍ଟିରେ ରଖି ଆମକୁ ଆଗକୁ ବଢ଼ିବାକୁ ପଡ଼ିବ।

**–ଚେତନ ଭୂୟାଁ, ଫାଉଣ୍ଡେଶନ ଡାଇରେକ୍ଟର**



ମୁକ୍ତି ପ୍ରସାଦ ଦାଶ

**▶▶ ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନ କ'ଣ ?**

➥ ନାଁରୁ ନିଶ୍ଚିତ ଜଣା ପଡୁଛି ଯେ ଆମେ ସ୍କୁଲର ସ୍ପୋର୍ଟ୍ସ ଆକ୍ଟିଭିଟିଜକୁ ସପୋର୍ଟ କରିବାକୁ ଯାଉଛୁ। କେଉଁଭଳି କରିବୁ ତାହାକୁ ନେଇ ତର୍ଜମା ଚାଲିଛି। ୬ ବର୍ଷରୁ ୧୨ ବର୍ଷର ପିଲାଙ୍କୁ ଆମେ ଟାର୍ଗେଟ କରିବୁ। ଓଡ଼ିଶାରେ ଲୋକସଂଖ୍ୟା ଅନୁସାରେ ୬ରୁ ୧୨ ବର୍ଷର ପିଲାଙ୍କ ସଂଖ୍ୟା ପାଖାପାଖି ୬୦ରୁ ୬୫ ଲକ୍ଷ। ୧୨ ବର୍ଷ ବେଳକୁ ପିଲାମାନେ ଯେତେବେଳେ ସ୍ପୋର୍ଟ୍ସରେ ଆକ୍ଟିଭ ହେବା ସମୟ ଆସୁଛି ତା ହାର ବହୁତ କମି ଯାଉଛି। ସ୍ପୋର୍ଟ୍ସ ହଷ୍ଟେଲର କ୍ଷମତା ୧୨୦୦ରୁ ୧୫୦୦। ବାକି କିଛି ଏକାଡେମୀରେ ଖେଳ ଜାରି ରଖିବା ସୁଯୋଗ ପାଉଛନ୍ତି। ଏମିତି ଦେଖିଲେ ଏହି ବୟସର ପିଲାଙ୍କ ସଂଖ୍ୟା ୩-୪ ହଜାରରୁ ଅଧିକ ହେବେ ନାହିଁ। ତେଣୁ ୬ ବର୍ଷରୁ ପିଲାଙ୍କ ଫିଟ୍‌ନେସ ପରଖି ଯଦି ୧୨ ବର୍ଷ ପର୍ଯ୍ୟନ୍ତ ନେବୁ ତେବେ ଆମ ନିକଟରେ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କର ଏକ ବଡ଼ ପୁଲ୍ ହୋଇ ଯାଇଥିବ। ପିଲାମାନଙ୍କ ସହ ଆମେ ୫ ବର୍ଷ ଜଡ଼ିତ ଥିବାରୁ ଏବଂ ସେମାନଙ୍କ ଫିଟ୍‌ନେସ୍‌କୁ ମନିଟରିଂ କରୁଥିବାରୁ ଆମ ନିକଟରେ ଅନେକ ତଥ୍ୟ ଥିବ। ପିଲାଙ୍କ ପ୍ରତିଭା ଓ ପ୍ରଦର୍ଶନକୁ ଦେଖି ଆମେ ସରକାର କିମ୍ବା ବେସରକାରୀ ସଂସ୍ଥା, କ୍ଲବ ଗୁଡ଼ିକୁ ଆମେ ସେମାନଙ୍କୁ ନେବାପାଇଁ ସୁପାରିସ କରି ପାରିବୁ।

**▶▶ ଏହାଦ୍ୱାରା କ'ଣ ଫାଇଦା ମିଳିବ ?**

➥ ପ୍ରୋଗ୍ରାମର ଫାଇଦା ବହୁତ ଅଛି। କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ପ୍ରଫେଶନାଲ ବ୍ୟକ୍ତିମାନେ ଅଛନ୍ତି। ଏହା ମଧ୍ୟରେ ଫିଜିକାଲ ଏଜୁକେଶନ ଶିକ୍ଷକ ରହିଛନ୍ତି। ଯେଉଁ ଭଲ୍ୟୁଣ୍ଟରମାନେ ଅଛନ୍ତି ସେମାନଙ୍କ ପଛରେ କିଛି ନା କିଛି ସ୍ପୋର୍ଟ୍ସ ବ୍ୟାକ୍‌ଗ୍ରାଉଣ୍ଡ ଅଛି। ଜିଲା ପାଇଁ କିମ୍ବା ରାଜ୍ୟ ପାଇଁ ଖେଳିଥିବା କିଛି ଖେଳାଳି, ଭଲ ଫିଜିଓଥେରାପିଷ୍ଟ ଅଛନ୍ତି। ତେଣୁ ବିଭିନ୍ନ ବ୍ୟକ୍ତିଙ୍କ ଅଭିଜ୍ଞତା ପିଲାଙ୍କୁ ଭିନ୍ନଭିନ୍ନ ସୁଫଳ ପ୍ରଦାନ କରିବ। ଏହା ବ୍ୟତୀତ ଛୋଟ ପିଲାଙ୍କର ଶାରୀରିକ ଗଠନରେ ଅନେକ ଅସାମଞ୍ଜସ୍ୟ ରହିଥାଏ। କାହାର ଫ୍ଲାଟ୍ ଫୁଟ୍ ଥାଏ, କାହାର ଅନ୍ୟ କିଛି ଅସୁବିଧା ଥାଏ, ଯାହାକି ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ସେହି ପିଲାମାନେ ଛୋଟ ବେଳରୁ ଯଦି ଫିଜିଓଥେରାପିଷ୍ଟଙ୍କ ସଂସ୍ପର୍ଶରେ ଆସି ପାରିବେ ତେବେ ନିଜ ନିଜ ସମସ୍ୟାରୁ ମୁକ୍ତି ପାଇ ପାରିବେ। ଓଜନିଆ ବ୍ୟାଗ୍ ନେଇ ସ୍କୁଲ ଯାଉଥିବାରୁ କେତେକ ପିଲା କୁଜା ହୋଇଯାଉଛନ୍ତି ତ କାହାର ଅଣ୍ଟା ବଙ୍କା ହୋଇଯାଉଛି। ଏହାକୁ ମଧ୍ୟ ସଜାଡ଼ିବାକୁ ଆମେ ପରାମର୍ଶ ଦେଇ ପାରିବୁ। ସମ୍ପୃକ୍ତ ସ୍କୁଲର ପିଇଟି ଶିକ୍ଷକଙ୍କୁ ହେଉ କିମ୍ବା ଅଭିଭାବକଙ୍କୁ ହେଉ ଆମେ ଚିଠି ମାଧ୍ୟମରେ ଅବଗତ କରାଇ ପାରିବୁ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ହୋଇପାରିଲେ ପିଲାମାନେ ତ୍ରୁଟି ସୁଧାରି ଜଣେ ଭଲ ଖେଳାଳିରେ ପରିଣତ ହୋଇ ପାରିବ। ସ୍କୁଲରେ ଖେଳକୁଦ ସମୟରେ ପିଲାମାନେ ଆହତ ସମସ୍ୟାକୁ ଆସିଥାନ୍ତି। ଆମେ ଯେଉଁ ସ୍କୁଲକୁ କାର୍ଯ୍ୟକ୍ରମ କରିବାକୁ ଯିବୁ ପିଲାମାନଙ୍କୁ ଇଞ୍ଜୁରିରୁ ମୁକ୍ତ କରିବାକୁ ଉଦ୍ୟମ କରିବୁ। କ'ଣ କ'ଣ ବ୍ୟାୟାମ କଲେ ଇଞ୍ଜୁରି ସମସ୍ୟାରୁ ଦୂରରେ ରହି ହେବ ତା ମଧ୍ୟ ଆମେ ପରାମର୍ଶ ଦେଇ ପାରିବୁ। ୧୨ ବର୍ଷ ବୟସରୁ ଅଧିକ ହେଲେ ଯାଇ ଜଣେ ଫିଜିଓଙ୍କ ପରାମର୍ଶ ନେଇ ପାରିବ ବୋଲି ଧାରଣା ଅଛି, ମାତ୍ର ଆମେ ଛୋଟ ବୟସରୁ ମଧ୍ୟ ପିଲାଙ୍କୁ ମନିଟରିଂ କରିପାରିବୁ। ଏବେ ରାଜ୍ୟରେ ପ୍ରାୟ ସବୁ ଖେଳରେ ବୟସ ଅନିୟମିତତାକୁ ନେଇ ଚର୍ଚ୍ଚା ଚାଲିଛି। ଅନେକ ପିଲା ବୟସ କମାଇ ନାଁ ଲେଖିଥାନ୍ତି। ଅନେକଙ୍କର ଜନ୍ମର ଠିକ୍ ପ୍ରମାଣପତ୍ର ରହି ନଥାଏ। ମାତ୍ର ଆମେ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମ ଶ୍ରେଣୀରୁ ଅର୍ଥାତ୍ ୬ ବର୍ଷ ବୟସରୁ ପିଲାମାନଙ୍କୁ ଟ୍ରାକ୍ କରିବୁ। ଏ ସମସ୍ୟା ଆଉ ରହିବ ନାହିଁ। ଆମର ଯେଉଁ ଟେକ୍ନୋଲୋଜି ସପୋର୍ଟ ରହିବ ସେଥିରେ ପିଲାମାନଙ୍କର ଫିଙ୍ଗରପ୍ରିଣ୍ଟ ରହିବ। ଯେତେବେଳେ ବି ଚାହିଁଲେ ସେ ପିଲାର ବୟସ ଜଣାପଡ଼ିବ। ଆମେ ଯଦି ଓଡ଼ିଶାର ସରକାରୀ ହେଉ କି ବେସରକାରୀ ସମସ୍ତ ସ୍କୁଲକୁ ଟଚ୍ କରିପାରିବୁ ତେବେ ଏ ସମସ୍ୟା ଆଉ ରହିବ ନାହିଁ ବୋଲି ଆଶା ରହିଛି।

**▶▶ ଏହି ଚିନ୍ତାଧାରା କିପରି ଆସିଲା, ଭାରତର ଅନ୍ୟ କୌଣସି ରାଜ୍ୟରେ ଏହା ପ୍ରଚଳିତ ଅଛି କି ?**

➥ ମୁଁ ବ୍ୟକ୍ତିଗତଭାବେ ପିଲାବେଳୁ ଖେଳିବାକୁ ଭଲ ପାଏ, ଆଥଲେଟିକ୍ସରେ ମୁଁ ଜାତୀୟ ସ୍ତରର ଖେଳାଳି, ବ୍ୟାଡ୍‌ମିଣ୍ଟନରେ ରାଜ୍ୟ ଚାମ୍ପିୟନ। ଫୁଟବଲ, ଭଲିବଲ ଆଦି ଜିଲା ସ୍ତରରେ ପ୍ରତିନିଧିତ୍ୱ କରିଛି। ଫିଜିଓଥେରାପିଷ୍ଟ ପେସା ସହିତ ଯୋଡ଼ି ହେଲାପରେ ମୋତେ ଖେଳ ସହିତ ଜଡ଼ିତ ରହିବାକୁ ଅଧିକ ସୁଯୋଗ ମିଳିଲା। ଭାରତୀୟ ହକି, ଆଥଲେଟିକ୍ସ, ଫୁଟବଲ ଦଳ ସହିତ ରହି ମୁଁ ୮-୯ଟି ବିଦେଶ ଭ୍ରମଣ କରି ସାରିଛି। ମୁଁ ଯେଉଁ ଆଡ଼େ ଯାଏ ସେମାନଙ୍କ କ୍ରୀଡ଼ା ସଂସ୍କୃତି ସମ୍ପର୍କରେ ଜାଣିବାକୁ ଚେଷ୍ଟା କରେ। ପ୍ରାୟ ସବୁ ସ୍ଥାନରେ ୬ ବର୍ଷରୁ ୧୨ ବର୍ଷ ପିଲାଙ୍କୁ ପ୍ରାଥମିକତା ଦେଇ ଆସୁଛନ୍ତି। ମୋ ମନରେ ମଧ୍ୟ ସେହି କଥା ଥିଲା। କ'ଣ କରାଗଲେ ଦେଶରେ ପିଲାମାନେ ଅଧିକ ଫିଟ୍ ରହିପାରିବେ ଏବଂ ଦକ୍ଷ ଖେଳାଳି ବାହାରି ପାରିବେ। ତେଣୁ ମୁଁ କାର୍ଯ୍ୟକ୍ରମ ମାଧ୍ୟମରେ ଏହାକୁ ଠିକ୍ ରୂପରେଖ ଦେବାକୁ ଚେଷ୍ଟା କରିଛି। ମୋତେ ଫାଉଣ୍ଡେଶନର ଅନ୍ୟ ଦୁଇ ଡାଇରେକ୍ଟର ଅଶୋକ ମହାନ୍ତି ଓ ଚେତନ ଭୂୟାଁ ସହଯୋଗ କରୁଛନ୍ତି। ଭାରତର ଅନ୍ୟ କୌଣସି ରାଜ୍ୟରେ ଏପରି ଚିନ୍ତାଧାରା ନାହିଁ।

**▶▶ ଏହି କାର୍ଯ୍ୟକ୍ରମ ପାଇଁ ପ୍ରଥମ ପର୍ଯ୍ୟାୟରେ କେତେଜଣ ଷ୍ଟାଫ୍ ଆବଶ୍ୟକ ହେବେ ?**

➥ଯୋଜନା ଅନୁସାରେ ଆମେ ସ୍କୁଲରେ ପଢ଼ାରେ ଅସୁବିଧା ସୃଷ୍ଟି ନ କରି କେବଳ ଫିଜିକାଲ ଏଜୁକେଶନ କ୍ଲାସରେ ହିଁ ଏହି କାର୍ଯ୍ୟ କରିବୁ ବୋଲି ଚିନ୍ତା କରିଛୁ। ପ୍ରତି ସ୍କୁଲର ଗୋଟେ ସେକ୍ସନରେ ୪୦ରୁ ୫୦ ପିଲା ପ୍ରାୟତଃ ରହିଥାନ୍ତି। ତେଣୁ ଆମେ ୪୦ ମିନିଟ ମଧ୍ୟରେ ୫୦ ପିଲାଙ୍କ ଟେଷ୍ଟ ହେବାକୁ ହେଲେ ଅତିକମ୍‌ରେ ୮ ଜଣ ଭଲ୍ୟୁଣ୍ଟର ଆବଶ୍ୟକ ହେବେ। ସ୍କୁଲର ପିଲା ସଂଖ୍ୟାକୁ ଦୃଷ୍ଟିରେ ରଖି ଆମ ଟିମ୍‌ର ସଂଖ୍ୟା ବଢ଼ିବ। ଯାହା ହେଲେ ବି ୪୦ ମିନିଟ ମଧ୍ୟରେ କାର୍ଯ୍ୟକ୍ରମ ସାରିବାକୁ ଚେଷ୍ଟା କରିବୁ।

**▶▶ କମ୍ ସମୟ ମଧ୍ୟରେ ଏତେ ଗୁଡ଼ିଏ ପିଲାଙ୍କୁ ହ୍ୟାଣ୍ଡେଲ କରିବାରେ କିଛି ଅସୁବିଧା ହେବ ବୋଲି ଭାବୁଛନ୍ତି କି ?**

➥ସରକାରୀ ଫିଜିକାଲ ଏଜୁକେଶନ ମହାବିଦ୍ୟାଳୟର ପୂର୍ବତନ ପ୍ରିନ୍ସିପାଲ ମନୋରଞ୍ଜନ ରାଉତଙ୍କ ନେତୃତ୍ୱରେ ଆମ ଟିମ୍ ଗଠିତ ହୋଇଛି। ତାଙ୍କ ନିର୍ଦ୍ଦେଶରେ କୋ-ଲିଡର ବିଶ୍ୱରଞ୍ଜନ ସାହୁ ଟିମ୍‌ର ନେତୃତ୍ୱ ନେଉଛନ୍ତି। ୪୦ ମିନିଟ ମଧ୍ୟରେ କିପରି କାର୍ଯ୍ୟକ୍ରମ ସରିବ ତା'ଉପରେ ଅଭ୍ୟାସ ଚାଲିଛି। ଏହା ଆମ ପାଇଁ ମଧ୍ୟ ଏକ ପରୀକ୍ଷା।

**▶▶ ଏହି ଫାଉଣ୍ଡେଶନରେ ଆଉ କେଉଁମାନେ ସଦସ୍ୟ ଅଛନ୍ତି ?**

➥ ଓଡ଼ିଶାର ସମସ୍ତ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଆମେ ଗୋଟିଏ ଛାତ ତଳକୁ ଆଣିବାକୁ ଚାହୁଁଛୁ। କାରଣ ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନ ସେମାନଙ୍କର ସାହାଯ୍ୟ ଆବଶ୍ୟକ କରିବ। ଆମେ ଭବିଷ୍ୟତରେ ଗ୍ରାମୀଣ ସ୍ତରରେ ମଧ୍ୟ ଏହି କାର୍ଯ୍ୟକ୍ରମ କରିବୁ। ତେଣୁ ଜାତୀୟ/ଅନ୍ତର୍ଜାତୀୟ ସ୍ତରର ପିଲାଙ୍କ ଅନୁଭବ ବହୁତ କାମ ଦେବ।

**▶▶ ଫାଉଣ୍ଡେଶନ ସହ ଅନୁବନ୍ଧିତ ସ୍କୁଲ ଗୁଡ଼ିକୁ କ'ଣ କରିବାକୁ ହେବ?**

➥ ପ୍ରଥମ ଏପିଜେ ଇଂଲିଶ୍ ମିଡିୟମ ସ୍କୁଲରେ ଆମେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବୁ। ଅଗଷ୍ଟ ୨୯ରେ ଏହା ଉଦ୍‌ଘାଟନ ହେବ। ଆମ ଟିମ୍‌ର ଅନ୍ୟତମ ସଦସ୍ୟା ଗୁନ୍‌ଗୁନ୍ (ନିର୍ଲିପ୍ତା) ଏହି ସ୍କୁଲ ସହିତ ଯୋଗାଯୋଗରେ ରହିଛନ୍ତି। ଅନୁବନ୍ଧିତ ସ୍କୁଲ ଗୁଡ଼ିକ ଏହି କାର୍ଯ୍ୟକ୍ରମଦ୍ୱାରା ଅନେକ ଜିନିଷ ପାଇବେ। ଆମେ ବର୍ଷକୁ ଗୋଟିଏ ସ୍କୁଲରେ ୪ ଥର ଟେଷ୍ଟ କରିବାକୁ ଯାଉଥିବାରୁ ଯେଉଁ ପିଲାଙ୍କର ଯାହା ସମସ୍ୟା ଅଛି ତାହା ସ୍କୁଲକୁ ଏବଂ ସେମାନଙ୍କ ଅଭିଭାବକଙ୍କୁ ଜଣାଇବୁ। ସେମାନେ ତାହାକୁ କାର୍ଯ୍ୟକାରୀ କରିବେ। କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଭଲ୍ୟୁଣ୍ଟର ଏବଂ ଆବଶ୍ୟକ ସରଞ୍ଜାମର ଖର୍ଚ୍ଚକୁ ଦୃଷ୍ଟିରେ ରଖି ପ୍ରତି ପିଲା ପାଇଁ ବର୍ଷକୁ ୫୦୦ଟଙ୍କା ଆବଶ୍ୟକ ହେବ ବୋଲି ଅନୁଭବ କରୁଛୁ। ସ୍କୁଲକୁ କେବଳ ପିଲା, ପଡ଼ିଆ ଓ ସମୟ ଦେବାକୁ ପଡ଼ିବ।

**▶▶ ପ୍ରଥମ ପର୍ଯ୍ୟାୟରେ ପିଲାମାନଙ୍କର କ'ଣ କ'ଣ ଟେଷ୍ଟ ହେବ ?**

➥ ମୋଟ ୧୫ଟି ଟେଷ୍ଟ ହେବାକୁ ଲକ୍ଷ୍ୟ ରହିଛି। ଏହି ଟେଷ୍ଟ ଗୁଡ଼ିକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ତର୍ଜମା କରାଯାଇଛି। ଏହାଦ୍ୱାରା ପିଲାଙ୍କର ବଡ଼ିମାକ୍ସ ଇଣ୍ଡେକ୍ସ, ଉଚ୍ଚତା, ଓଜନ, ଗୋଡ଼ର ଶକ୍ତି, ହାତ ଓ ଅଣ୍ଟାର ଫ୍ଲେକ୍ସିବିଲିଟି, ଷ୍ଟାମିନା କେତେ ଅଛି ଜଣା ପଡ଼ିବ, ମାଂସପେଶୀର ଶକ୍ତି ଆଦି ଜଣାପଡ଼ିବ। ଏଥିରେ ୪-୫ ବର୍ଷ ଡାଟାବେସ୍ ମେଣ୍ଟେନ ହୋଇପାରିଲେ ପିଲାର ଫିଟ୍‌ନେସ କେଉଁ ଦିଗ ଆଡ଼କୁ ଯାଉଛି ତାହା ଜଣା ପଡ଼ିବ। ପିଲାଟି କେଉଁ ଖେଳକୁ ଆପଣେଇଲେ ଭଲ ହେବ ତାହା ମଧ୍ୟ ନିର୍ଣ୍ଣୟ କରିହେବ। ଆମେ ଏହି ସବୁ ଛୋଟଛୋଟ କଥାକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ିବାକୁ ଯାଉଛୁ। କେଉଁ ଖେଳାଳି କେଉଁ ଖେଳ ପାଇଁ ଉପଯୋଗୀ ଭାରତବର୍ଷରେ କୌଣସି ସଂସ୍ଥା ଆନୁଷ୍ଠାନିକଭାବେ ନିର୍ଣ୍ଣୟ କରିବାକୁ ସକ୍ଷମ ହୋଇପାରି ନାହାନ୍ତି। ତେଣୁ ଠିକ୍ ଖେଳାଳିଙ୍କୁ ଉପଯୁକ୍ତ ଖେଳପାଇଁ ବାଛିବା ଆମର ଏକ ଅଭିନବ ପ୍ରୟାସ।

**▶▶ ଏଥିରେ ଆପଣଙ୍କୁ କିପରି ସମର୍ଥନ ମିଳିବ ବୋଲି ଆଶା ରଖିଛନ୍ତି ?**

➥ ସମର୍ଥନ ମିଳିବ ବୋଲି ଆମର ଆଶା ରହିଛି। କାରଣ ଏଥିରେ କାହାର କିଛି କ୍ଷତି ହେଉଥିବା ମୁଁ ଦେଖିବାକୁ ପାଉନାହିଁ। ଅଧିକରୁ ଅଧିକ ଲୋକ ଏହାକୁ ଗ୍ରହଣ କରିବେ ବୋଲି ଆଶା। ଏବେ ୮ରୁ ୧୦ ସ୍କୁଲରୁ ରେସପଣ୍ଡ ମିଳିସାରିଛି।

**▶▶ ଏହାକୁ ନେଇ ଭବିଷ୍ୟତର ଲକ୍ଷ୍ୟ କ'ଣ ରହିଛି ?**

➥ ରାଜ୍ୟସ୍ତରୀୟ ଟ୍ୟାଲେଣ୍ଟ ସ୍କାଉଟିଂ ହେଉ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ କିମ୍ବା ଖେଲୋ ଇଣ୍ଡିଆ ପକ୍ଷରୁ ଯେଉଁ ଏକାଡେମୀ ହେଉଛି ସେଥିରେ ପ୍ରାୟତଃ ୧୨ରୁ ୧୩ ବର୍ଷର ପିଲାଙ୍କୁ ପ୍ରତିଭା ଅନୁସାରେ ନିଆ ଯାଉଛି। ଆଗାମୀ ଦିନରେ ଆମେ ସେମାନଙ୍କୁ ସାହାଯ୍ୟ କରିବୁ ଏବଂ ପିଲାମାନଙ୍କର ୫ ବର୍ଷର ଡାଟାବେସ୍ ପଠାଇବା ସହ କିଏ କେଉଁ ଖେଳ ପାଇଁ ପ୍ରଯୁଜ୍ୟ ତାହା ଜଣାଇ ପାରିବୁ। ଏହାଦ୍ୱାରା ୧୦-୧୫ ବର୍ଷ ଭିତରେ ଗୁଡ଼ିଏ ଭଲ ଖେଳାଳି ସୃଷ୍ଟି କରିବା ଆମର ଲକ୍ଷ୍ୟ ରହିବ। ଉଦାହରଣ ସ୍ୱରୂପ କୌଣସି ସ୍କୁଲରେ ଛୋଟ ପଡ଼ିଆ ଥିବାରୁ ସେଠାରେ କବାଡ଼ି ଖେଳ ହେଉଛି। ମାତ୍ର ସେହି ସ୍କୁଲର ପିଲାଙ୍କ ମଧ୍ୟରେ ଜଣେ ଦକ୍ଷ ଫୁଟବଲ ଖେଳାଳି ରହିଛନ୍ତି। ଏହାକୁ ଆମେ ଠାବ କରିବୁ ଏବଂ ଲୋକଲୋଚନକୁ ଆଣିବୁ। ଆମେ ଉଭୟ ବେସରକାରୀ ଏବଂ ସରକାରୀ ସ୍କୁଲରେ ଏହି କାର୍ଯ୍ୟକ୍ରମ କରିବାକୁ ଚାହୁଁଛୁ। ତେଣୁ ସରକାରଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ରହିବ। ମୋଟାମୋଟି କହିଲେ ଏହା ଖେଳରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆମର ଆଶା।

## କିଟ୍, ପାରାଦୀପ ସଦସ୍ୟତାକୁ ନେଇ ପୁଣି ବିରୋଧ

**ଓସିଏ ନିର୍ବାଚନ**

**କଟକ ଅଫିସ, ୨୭।୮:** କିଟ୍ ଓ ପାରାଦୀପକୁ ସଦସ୍ୟତା ପ୍ରଦାନ କରାଯିବା ନେଇ ପୁଣି ବିରୋଧ କରାଯାଇଛି। ସମ୍ବିଧାନ ସଂଶୋଧନରେ ଏହି ଦୁଇଟି ନାମ ସଦସ୍ୟ ଭାବେ ସ୍ଥାନ ପାଇବା ଦିନଠାରୁ ଲାଗି ରହିଥିବା ପ୍ରତିବାଦର ସ୍ୱର ମଙ୍ଗଳବାର ନୂତନ ନିର୍ବାଚନ ଅଧିକାରୀଙ୍କ କାନରେ ବି ପଡ଼ିଛି। କ୍ଲବର ସମ୍ପାଦକମାନେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ମାଖନ ଲାଲ ମଜୁମଦାରଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଥିଲେ। ଏହି ଅବସରରେ କିଟ୍ ଓ ପାରାଦୀପଙ୍କୁ ସଦସ୍ୟତା ପ୍ରଦାନ କରାଯିବା ନେଇ ଦୀର୍ଘସମୟର ଆଲୋଚନା ହୋଇଥିବା ଜଣାପଡ଼ିଛି। କେଉଁ ଭିତ୍ତିରେ ନୂତନ ସମ୍ବିଧାନରେ କିଟ୍ ଓ ପାରାଦ୍ୱୀପ ସଦସ୍ୟତା ପାଇଛନ୍ତି ତାହା କ୍ଲବ ସମ୍ପାଦକ ମାନେ ପ୍ରଶ୍ନ କରିଥିଲେ। ବିନା ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)ର ବିଭିନ୍ନ ରିପୋର୍ଟକୁ ଆଧାର କରି ଏହି ପ୍ରକ୍ରିୟା ଭୁଲ ବୋଲି କ୍ଲବ ସମ୍ପାଦକମାନେ ଦାବି ମଧ୍ୟ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ କୌଣସି ଅନ୍ତରପାନ୍ତର ହେବନାହିଁ ବରଂ ସମସ୍ତ କାର୍ଯ୍ୟ ନିୟମକୁ ପରଖି ହେବ ବୋଲି ନିର୍ବାଚନ ଅଧିକାରୀ ମଜୁମଦାର ପ୍ରତିଉତ୍ତର ରଖିଛନ୍ତି। ଓସିଏର ପୁରୁଣା ସମ୍ବିଧାନରେ ସଦସ୍ୟ ସଂଖ୍ୟା ୭୨ ଥିଲା। ଏଥିରେ ୩୦ଟି ଜିଲା ସମେତ ଭୁବନେଶ୍ୱର ‘ବି’ କ୍ରୀଡ଼ା ଜିଲା ଭାବେ ଏଥିରେ ସାମିଲ ହୋଇଥିଲା। ଏହି ୩୧ ସଦସ୍ୟଙ୍କର ଭୋଟିଂ ଅଧିକାର ଥିଲା ୯୩। ପ୍ରତ୍ୟେକ ଜିଲାରୁ ୩ଜଣ ଲେଖାଏଁଙ୍କୁ ଭୋଟ ଅଧିକାର ମିଳୁଥିଲା। ଏହାଛଡ଼ା ୧୦ଟି ସ୍କୁଲ ଓ ୫ଟି କଲେଜରୁ ୨ଜଣ ଲେଖାଏ ହିସାବରେ ୩୦ଜଣଙ୍କୁ ଭୋଟ ଅଧିକାର, ୨୦ଟି କ୍ଲବରୁ ୨ଜଣ ଲେଖାଏ ହିସାବରେ ୪୦ଜଣଙ୍କୁ ଭୋଟ ଅଧିକାର ଥିଲା।

“ ଅର୍ଜୁନ ପୁରସ୍କାର ଆଗାମୀ ଟୁର୍ନାମେଣ୍ଟଗୁଡ଼ିକରେ ଭଲ ପ୍ରଦର୍ଶନ ପାଇଁ ମୋତେ ପ୍ରେରଣା ଦେବ ।

–ଚିଙ୍ଗ୍ଲେନସାନା ସିଂ କାଙ୍ଗୁଜାମ୍
ଭାରତୀୟ ହକି ମିଡ୍ ଫିଲ୍ଡର



“ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ମୁଖ୍ୟ କୋଚ୍ ପାଇଁ ଅଷ୍ଟ୍ରେଲିଆର ସିମନ କାଟିଚ୍ ଉପଯୁକ୍ତ ବ୍ୟକ୍ତି ।

–ମାଇକ୍ ହେସନ
ଆରସିବିର ନୂଆ କ୍ରିକେଟ ଅପରେଶନ ଡାଇରେକ୍ଟର



# ନୂଆ ଟେନିସ ତାରକା ନାଗାଲ

ନୂଆଦିଲ୍ଲୀ, ୨୭।୮ (ପି.ଟି.)

ଯୁବ ଟେନିସ୍ ତାରକା ସୁମିତ ନାଗାଲ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ପଦାର୍ପଣ କରିବା ସହ ସେ ଇତିହାସ ସୃଷ୍ଟି କରିଛନ୍ତି। ମାତ୍ର ୨୨ ବର୍ଷ ବୟସରେ ସେ ଭାରତର ସର୍ବକନିଷ୍ଠ ଖେଳାଳିଭାବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଡେବ୍ୟୁ କରିଛନ୍ତି। ୨୫ ବର୍ଷ ମଧ୍ୟରେ ସେ ସର୍ବ କନିଷ୍ଠ ଭାରତୀୟ ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଶ୍ୱ ର୍ୟାଙ୍କିଙ୍ଗର ୧୯୦ତମ ସ୍ଥାନରେ ଥିବା ନାଗାଲ ଚଳିତ ୟୁଏସ୍ ଓପନ୍‌ରେ ସୁଇଜରଲାଣ୍ଡର ଅଭିଜ୍ଞ ଖେଳାଳି ରୋଜର ଫେଡରରଙ୍କୁ ଭେଟିଥିଲେ। ବିଶ୍ୱର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେଉଥିବା ଫେଡରରଙ୍କ ବିପକ୍ଷରେ ପ୍ରଥମ ସେଟ୍‌ରେ ବିଜୟୀ ହୋଇଥିଲେ। ସୋମବାର ଆର୍ଥର ଆଶେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଅବଶ୍ୟ ପରେ ପ୍ରତ୍ୟାବର୍ତ୍ତନ କରି ଫେଡରର ବାକି ୩ଟି ସେଟ୍‌ରେ ବାଜି ମାରି ବିଜୟୀ ହେବା ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ବିଶ୍ୱର ୩ ନମ୍ବର ଖେଳାଳି ଫେଡରର ପୂର୍ବରୁ ୫ଥର ୟୁଏସ୍ ଓପନ ଟାଇଟଲ ହାସଲ



ସୁମିତ ନାଗାଲ।

## ନାଗାଲଙ୍କ ଭବିଷ୍ୟତ ଉଜ୍ଜ୍ୱଳ: ଫେଡରର

ୟୁଏସ୍ ଓପନ ପ୍ରଥମ ରାଉଣ୍ଡର ପ୍ରଥମ ସେଟ୍‌ରେ ଝଟ୍‌କା ଦେଇଥିବା ସୁମିତ୍ ନାଗାଲଙ୍କୁ ଅଭିଜ୍ଞ ରୋଜର ଫେଡରର ପ୍ରଶଂସା କରିଛନ୍ତି। ନାଗାଲଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଛନ୍ତି। ନାଗାଲଙ୍କଠାରୁ ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ମ୍ୟାଚ ଜିତିବା ପାଇଁ ଫେଡରରଙ୍କୁ ୨ ଘଣ୍ଟା ୫୦ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ନାଗାଲ ନିଜ ଦକ୍ଷତା ଓ ପ୍ରତିଭା ନେଇ ବେଶ୍ ଭଲଭାବେ ଅବଗତ ଅଛନ୍ତି। ସେ କ'ଣ ଖେଳିପାରିବେ ସେ ନିଜେ ମଧ୍ୟ ଜାଣନ୍ତି। ତାଙ୍କ ପ୍ରଦର୍ଶନରେ ସ୍ଥିରତା ରହିଛି। ତେଣୁ ନାଗାଲ ଜଣେ ଭଲ ଟେନିସ୍ ଖେଳାଳି ହୋଇ ବାହାରିବେ। ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି ବୋଲି ମ୍ୟାଚ୍‌ପରେ ଫେଡରର କହିଛନ୍ତି। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଡେବ୍ୟୁ କରି ହଠାତ ଭଲ ଖେଳିବା ସେତେଟା ସହଜ ନୁହଁ। ତେଣୁ ନାଗାଲଙ୍କ ପ୍ରଦର୍ଶନ ଆଶାଠାରୁ ଭଲ ହୋଇଛି। ତେବେ କ୍ଲେ- କୋର୍ଟ ସ୍ପେଶାଲିଷ୍ଟ ଭଳି ମନେ ହେଉଛନ୍ତି ବୋଲି ୩୮ ବର୍ଷୀୟ ଫେଡରର କହିଛନ୍ତି।

କରିଛନ୍ତି। ପ୍ରଥମ ସେଟରେ ସେ ନାଗାଲଙ୍କଠାରୁ ଅପ୍ରତ୍ୟାଶିତ ଭାବେ ଚକ୍‌ମା ଖାଇଥିଲେ। ପରେ ଅବଶ୍ୟ ସେ ତ୍ରୁଟି ସୁଧାରିବାକୁ ସକ୍ଷମ ହୋଇଥିଲେ। ତେବେ ହରିୟାଣାର ଝାଜର ଜନ୍ମିତ ନାଗାଲ ଏଥି ସହିତ ପ୍ରଥମ ଭାରତୀୟ ଭାବେ ଫେଡରରଙ୍କ ବିପକ୍ଷରେ କୌଣସି ସେଟ୍ ଜିତି ବିରଳ ସଫଳତା ହାସଲ କରିଛନ୍ତି। ୫ ଫୁଟ ୧୦ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ନାଗାଲ ବର୍ଷ ଆରମ୍ଭରେ ବିଶ୍ୱ ର୍ୟାଙ୍କିଙ୍ଗର ଟପ୍ ୩୫୦ ବାହାରେ ଥିଲେ। ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ଫେଡରରଙ୍କୁ ପ୍ରଥମ ସେଟ୍‌ରେ ପରାସ୍ତ କରି ପ୍ରଶଂସାର ପାତ୍ର ହୋଇଛନ୍ତି। ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଫେଡରର ୪-୬, ୬-୧, ୬-୨, ୬-୪ ସେଟ୍‌ରେ ବିଜୟୀ ହୋଇଥିଲେ। ଫେଡରରଙ୍କ ବିପକ୍ଷରେ ନାଗାଲ ୧୩ଟି ଗେମ୍‌ରେ ବାଜି ମାରିଥିଲେ। ଗତ ୨୦ ବର୍ଷ ମଧ୍ୟରେ ନାଗାଲ ଚତୁର୍ଥ ଭାରତୀୟ ଖେଳାଳିଭାବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଗୋଟିଏ ସେଟ୍‌ରେ ବିଜୟୀ ହୋଇଛନ୍ତି।

କାନ୍ଧ ଆଘାତ ସମସ୍ୟାରୁ ମୁକୁଳି ନାଗାଲ ଜର୍ମାନୀର ପେନ୍‌କୁ ସ୍ଥାନାନ୍ତର ହୋଇଥିଲେ ଓ ସେଠାରେ ସେ ଜଣାଶୁଣା ଫିଟ୍‌ନେସ୍ ଟ୍ରେନର ସାଶା ନେନ୍‌ସେଲ ଓ ମିଲୋସ ଗାଲେକିକ୍‌ଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ। ଏପ୍ରିଲରୁ ଜୁନ୍ ମଧ୍ୟରେ ସେ ଚ୍ୟାଲେଞ୍ଜର ସର୍କିଟରେ ୮ଟି ଟୁର୍ନାମେଣ୍ଟ ଖେଳିଥିଲେ। ଏଥିମଧ୍ୟରୁ ସେ ୫ଟିରେ ସେମିଫାଇନାଲ ଓ ଗୋଟିଏ ଟୁର୍ନାମେଣ୍ଟରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏହି ୬ଟି ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ସେ ୧୭୦ ପଏଣ୍ଟ ହାସଲ କରିଥିଲେ ଓ ପ୍ରଥମଥର ପାଇଁ କ୍ୟାରିୟରରେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ଟପ୍ ୨୦୦ରେ ସ୍ଥାନ ହାସଲ କରିଥିଲେ। ସାରା ୟୁରୋପ୍‌ରେ ସେ ଚ୍ୟାଲେଞ୍ଜର ଲିଭେଲ ଟୁର୍ନାମେଣ୍ଟ କ୍ରମାଗତ ଭାବେ ଖେଳି ସଫଳ ହୋଇଥିଲେ। ଏହା ହିଁ ତାଙ୍କ ସଫଳତାର ମୁଖ୍ୟ କାରଣ ବୋଲି କୁହାଯାଇ ପାରେ। ଆଗକୁ ସେ ଭଲ ଖେଳି ଏକାଧିକ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖୁଛନ୍ତି। ଭବିଷ୍ୟତରେ ସେ ଜଣେ ଭଲ ଟେନିସ ଖେଳାଳି ହୋଇବାହାରିବେ । ଭାରତୀୟ ଟେନିସ୍‌ରେ ଏକାଧିକ ସମସ୍ୟା ରହିଛି। ଟେନିସ୍‌ର ଲୋକପ୍ରିୟତା ଓ ଭିତ୍ତିଭୂମି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତ ବହୁ ପଛରେ ରହିଛି। ତେବେ ଏହାକୁ ପଛରେ ପକାଇ ନାଗାଲ ଭଳି ଖେଳାଳି ସୃଷ୍ଟି ହେବା ଏକ ବଡ଼ କଥା ବୋଲି କୁହାଯାଇ ପାରେ।

## ‘ଆହୁରି ଭଲ ଖେଳିବା ଲକ୍ଷ୍ୟରେ ରହିଛି’

ଗ୍ରାଣ୍ଡସ୍ଲାମ ଡେବ୍ୟୁ ମ୍ୟାଚ୍ ମୋ ପାଇଁ ବିଶେଷ ଅଭିଜ୍ଞତା ଆଣିଦେଇଛି। ଟେନିସର ଭଗବାନ କୁହାଯାଉଥିବା ରୋଜର ଫେଡରରଙ୍କ ବିପକ୍ଷରେ ଗ୍ରାଣ୍ଡସ୍ଲାମ ପଦାର୍ପଣ କରିବାର ଓ ପ୍ରଥମ ସେଟ୍ ବିଜୟୀ ହେବା ମୋ ପାଇଁ ଅବିଶ୍ୱସନୀୟ ଥିଲା ବୋଲି ସୁମିତ ନାଗାଲ କହିଛନ୍ତି। ଆଗକୁ ଆହୁରି ଭଲ ଖେଳିବା ଲକ୍ଷ୍ୟରେ ରହିଛି। କେବଳ ବିଶ୍ୱର ଟପ୍ ୮୦ କିମ୍ବା ୯୦ ମଧ୍ୟରେ ସାମିଲ ହୋଇ ସନ୍ତୁଷ୍ଟ ହେବି ନାହିଁ ବୋଲି ସେ କହିଛନ୍ତି। ଭାରତ କେବଳ କ୍ରିକେଟ ଭଲ ଖେଳେ ବୋଲି ଲୋକେ କୁହନ୍ତି। କିନ୍ତୁ ଟେନିସ୍‌ରେ ମଧ୍ୟ ଭାରତ ଆଗରେ ରହିଛି ବୋଲି ଲୋକେ କୁହନ୍ତୁ ବୋଲି ମୁଁ ଚାହୁଁଛି। ଫେଡରରଙ୍କୁ ପ୍ରଥମ ସେଟ୍‌ରେ ହରାଇ ନାଗାଲ ପୁଣି ଥରେ ଭାରତରେ ଟେନିସ୍‌କୁ ନେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ପୂର୍ବତନ ଅଲିମ୍ପିକ ସ୍ୱର୍ଣ୍ଣପଦକ ବିଜେତା ତଥା ଅଭିଜ୍ଞ ଶୁଟର ଅଭିନବ ବିନ୍ଦ୍ରା, ଅଭିଜ୍ଞ ଟେନିସ ଖେଳାଳି ସୋମଦେବ ଦେବବର୍ମନ ପ୍ରଶଂସା କରିଛନ୍ତି। ୟୁଏସ୍ ଓପନ ଟେନିସ ମଧ୍ୟ ନାଗାଲଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଛି। ଜିତିବା କିମ୍ବା ହାରିବା ବଡ଼ କଥା ନୁହଁ। ତେବେ ଗୋଟିଏ ଭଲ ଅଭିଜ୍ଞତା ହାସଲ କରିଛି। ଷ୍ଟାଡିୟମରେ ଦର୍ଶକଙ୍କ ସମର୍ଥନ ଚମତ୍କାର ଥିଲା। ‘ଆପୋଲୋ ମିଶନ ୨୦୧୮’ ପ୍ରୋଗ୍ରାମ ପାଇଁ ୨୦୦୭ରେ ନାଗାଲଙ୍କ ପ୍ରତିଭାକୁ ଚିହ୍ନଟ କରିଥିଲେ ଭାରତୀୟ କିମ୍ବଦନ୍ତୀ ଡବଲ୍ସ ଖେଳାଳି ମହେଶ ଭୂପତି। ସେତେବେଳେ ନାଗାଲଙ୍କୁ ମାତ୍ର ୧୦ ବର୍ଷ ବୟସ ହୋଇଥିଲା। ଭିଏତ୍‌ନାମର ନାମ ହୋଆଙ୍ଗ୍ ଲି ସହ ସାଥି ହୋଇ ନାଗାଲ ୨୦୧୫ ଓ୍ୱିମ୍ବେଲଡ଼ନ ବାଳକ ଡବଲ୍ସ ଟାଇଟଲ ହାସଲ କରିଥିଲେ ଓ ସେ ଷଷ୍ଠ ଭାରତୀୟ ଖେଳାଳିଭାବେ ଜୁନିୟର ଗ୍ରାଣ୍ଡସ୍ଲାମ ଟ୍ରଫି ହାସଲ କରିଥିଲେ।

ଜନ୍ମଦିନ ଶୁଭେଚ୍ଛା



ଅମ୍ରିତ କୁମାର (ବୁବି)
ଜନ୍ମ ତା. ୨୮।୦୮।୨୦୧୯
ଆଜି ତୋର ଶୁଭ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଦୀର୍ଘାୟୁ କାମନା କରୁଛୁ। ତୋର ଚଲାପଥ କୁସୁମିତ ହେଉ।
ଶୁଭକାମନା:
ବାପା, ମାମା ଓ ପରିବାରବର୍ଗ।
ଧ-୧୪୦୭୬

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଅଦ୍ୱିକ ରାଉତ
(ନାହା, କେନ୍ଦୁଝର)
ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ଆମେ ସମସ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ ଯେ, ତୋ ଚଲାପଥ କୁସୁମିତ ହେବା ସହ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ:
ଜେଜେବାପା, ଜେଜେମା, ବଡ଼ବାପା, ବଡ଼ମା, ଅଜା, ଆଇ, ପିଉସା, ପୀଉସୀ, ମାମୁ, ଭାଇ, ଭଉଣୀ, ବାପା, ମା ଏବଂ ବନ୍ଧୁ, ପରିବାରବର୍ଗ।
ଧ-୧୪୦୯୧

## ସିଡେଡ୍ ଖେଳାଳିଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ, ୨୭।୮ (ଏଏଫ୍‌ପି): ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍‌ର ପୁରୁଷ ଓ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ସିଡେଡ ଖେଳାଳିମାନେ ଅଭିଯାନ ଆରମ୍ଭ କରିଛନ୍ତି। ସୋମବାର ଟପ୍ ସିଡ ନୋଭାକ ଜୋକୋଭିଚ୍, ଫ୍ରେଞ୍ଚ୍ ଓପନ ଚାମ୍ପିୟନ ଆଶେଲେ ବାର୍ଟି, ତୃତୀୟ ସିଡ କାରୋଲିନା ପ୍ଲିସ୍କୋଭା ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଗତଥରର ଚାମ୍ପିୟନ ସର୍ବିୟାର ଜୋକୋଭିଚ୍ ସ୍ପେନ୍‌ର ୭୬ତମ ର୍ୟାଙ୍କ୍‌ର ଖେଳାଳି ରୋବେର୍ଟୋ କାରବାଲେସ ବାଏନାଙ୍କୁ ୬-୪, ୬-୧, ୬-୪ ସେଟରେ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ସୁଇଜରଲାଣ୍ଡର ଷ୍ଟାନିସଲାସ ଓ୍ୱାରିଙ୍କା ୬-୩, ୭-୬, ୪-୬, ୬-୩ ସେଟରେ ଇଟାଲୀର ଜାନିକ ସିନରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବେଲଜିୟମର ଡେଭିଡ ଗଫିନ୍ ୬-୩, ୩-୬, ୬-୪, ୬-୦ ସେଟ୍‌ରେ ଫ୍ରାନ୍ସର କରେଣ୍ଟିନ୍ ମୌଟେଟଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ବିଶ୍ୱର ୫ ନମ୍ବର ଖେଳାଳି ରୁଷିଆର ଡାନିଲି ମେଡଭେଡେଭ ଭାରତର ପ୍ରଜନେଶ ଗୁଣେଶ୍ୱରନଙ୍କୁ ୬-୪, ୬-୧, ୬-୨ ସେଟରେ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ସପ୍ତମ ସିଡ ମାନ୍ୟତା ପାଇଥିବା ଜାପାନ ତାରକା କେଇ ନିଶିକୋରୀ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରତିପକ୍ଷ ଖେଳାଳି ତଥା କ୍ୱାଲିଫାୟର ମାର୍କୋ ଟ୍ରୁଙ୍ଗେଲିଟି ଇଞ୍ଜୁରି କାରଣରୁ ଓହରିଯିବାରୁ ନିଶିକୋରୀ ଅଗ୍ରଗତି କରିଛନ୍ତି। ତେବେ ସେତେବେଳକୁ ସେ ୬-୧, ୪-୧ରେ ଅଗ୍ରଣୀ ରହିଥିଲେ। ସେହିପରି ଗ୍ରିଗର ଡିମିଟ୍ରୋଭ, ବର୍ନାଡ କୋରିକ୍, ଡେଭିଡ୍ ଗଫିନ୍, ଲୁକାଶ ପାଓଲି, ଫେଲିସିଆନୋ ଲୋପେଜ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ ଅଷ୍ଟ୍ରେଲିଆର ବାର୍ଟି ୧-୬, ୬-୩, ୬-୨ ସେଟରେ ୮୦ତମ ର୍ୟାଙ୍କର କାଜାଖସ୍ତାନର ଜରିନା ଡିୟାସଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ପାଇଁ ବାର୍ଟିଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ସେହିପରି ୨୦୧୬ ୟୁଏସ୍ ଓପନ ରନର୍ସଅପ୍ ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭା ନିଜ ଦେଶର ତେରେଜା ମାର୍ଟିନକୋଭାଙ୍କୁ ୭-୬, ୭-୬ ସେଟରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେରେନା ୱିଲିୟମ୍ସ ରୁଷିଆର ମାରିଆ ସାରାପୋଭାଙ୍କୁ ୬-୧, ୬-୧ ସେଟ୍‌ରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି।





ଭେନସ ୱିଲିୟମ୍ସ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପିଭି ସିନ୍ଧୁ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସିନ୍ଧୁ

ନୂଆଦିଲ୍ଲୀ, ୨୭।୮ (ପି.ଟି.): ଭାରତର ପ୍ରଥମ ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନ ପି. ଭି. ସିନ୍ଧୁ ସ୍ୱଦେଶ ଫେରିଛନ୍ତି। ତାଙ୍କୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ସୁଇଜରଲାଣ୍ଡର ବାସେଲଠାରେ ୨୦୧୬ ଅଲିମ୍ପିକ ରୌପ୍ୟ ବିଜୟିନୀ ରବିବାର ଫାଇନାଲରେ ଜାପାନର ନୋଜୋମି ଓକୁହାରାଙ୍କୁ ୨୧-୭, ୨୧-୭ରେ ହରାଇ ଦେଇଛନ୍ତି। ସିନ୍ଧୁ ସ୍ଥାନୀୟ ବିମାନ ବନ୍ଦରରେ ଅବତରଣ କରିବା ବେଳେ ତାଙ୍କୁ ସ୍ୱାଗତ କରିବା ଲାଗି ବିମାନ ବନ୍ଦରରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଉପସ୍ଥିତ ଖବରଦାତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ମୋ ଦେଶ ପାଇଁ ମୁଁ ଗର୍ବିତ। ବହୁ ପ୍ରତିକ୍ଷୀତ ବିଜୟ ପାଇଁ ଖୁବ୍ ଆନନ୍ଦିତ। କିଛି ଘଣ୍ଟାର ବ୍ୟବଧାନରେ ୨୪ ବର୍ଷୀୟା ସିନ୍ଧୁ କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁଙ୍କ ସହିତ ବ୍ରେକ୍‌ଫାଷ୍ଟ କରିଥିଲେ। କ୍ରୀଡ଼ାମନ୍ତ୍ରୀ ତାଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର ଦେଇ ସମ୍ମାନିତ କରିଥିଲେ। ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଅପରାହ୍ନରେ ସେ ପୈତୃକ ବାସସ୍ଥାନ ହାଇଦ୍ରାବାଦ ଯାତ୍ରା କରିଥିଲେ। ସିନ୍ଧୁ କହିଛନ୍ତି, ମୁଁ ଆହୁରି କଠିନ ପରିଶ୍ରମ କରିବି। ଦେଶ ପାଇଁ ଅଧିକ ପଦକ ଜିତିବା ଲାଗି ଚେଷ୍ଟା କରିବି। ବାସେଲଠାରେ ପଦକ ବିତରଣ ଉତ୍ସବ ମୋ ପାଇଁ ଆବେଗପୂର୍ଣ୍ଣ ଥିଲା। ଜାତୀୟ ସଂଗୀତ ଗାନ ବେଳେ ମୋ ଆଖିରୁ ଆନନ୍ଦାଶ୍ରୁ ଚାଲିଆସିଥିଲା।

## ମୁମ୍ବାଇ ଦଳରେ ଅର୍ଜୁନ ତେନ୍ଦୁଲକର

ମୁମ୍ବାଇ, ୨୭।୮: କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ମୁମ୍ବାଇ କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି। ନାଗପୁରରେ ସେପ୍ଟେମ୍ବର ୫ରୁ ହେବାକୁ ଥିବା ‘ବପୁନା କପ୍’ ଲାଗି ସୋମବାର ମୁମ୍ବାଇ କ୍ରିକେଟ୍ ଆସୋସିଏଶନ (ଏମ୍‌ସିଏ) ପକ୍ଷରୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ୧୫ ଜଣିଆ ମୁମ୍ବାଇ ଦଳ ଅର୍ଜୁନ ସ୍ଥାନ ପାଇଛନ୍ତି।

## ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ: ଟପ୍ ୧୦ରେ ବୁମ୍‌ରା

ଦୁବାଇ, ୨୭।୮ (ପି.ଟି.)



ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ର୍ୟାଙ୍କିଙ୍ଗ ପ୍ରକାଶ ପାଇଛି। ବ୍ୟାଟ୍ସମ୍ୟାନ ତାଲିକାରେ ଭାରତ ଅଧିନାୟକ ବିରାଟ କୋହଲି ଷ୍ଟିଭ୍ ସ୍ମିଥ୍‌ଙ୍କଠାରୁ ପୂର୍ବଭଳି ୬ ପଏଣ୍ଟ ବ୍ୟବଧାନରେ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ସ୍ୱିଡ୍ ଷ୍ଟର ଯଶପ୍ରୀତ ବୁମ୍‌ରା ପ୍ରଥମ ଥର ଟପ୍ ୧୦ରେ ପ୍ରବେଶ କରିଛନ୍ତି। ଟେଷ୍ଟ ବ୍ୟାଟ୍ସମ୍ୟାନ ତାଲିକାରେ ସବୁଠାରୁ ଅଧିକ ପଦୋନ୍ନତି ପାଇଛନ୍ତି ଇଂଲଣ୍ଡ ଅଲ ରାଉଣ୍ଡର ବେନ୍ ଷ୍ଟୋକ୍ସ। ହେଡିଂଲେଠାରେ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ତାଙ୍କ ମ୍ୟାଚ ବିଜୟୀ ବ୍ୟାଟିଂ ପାଇଁ କ୍ୟାରିୟର ଶ୍ରେଷ୍ଠ ୧୩ତମ ସ୍ଥାନ ଅଧିକାର କରିଛନ୍ତି। ଅଲରାଉଣ୍ଡର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶୀର୍ଷ ର୍ୟାଙ୍କିଙ୍ଗପ୍ରାପ୍ତ କୋହଲିଙ୍କ ପଏଣ୍ଟ ସଂଖ୍ୟା ୯୧୦ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଥିବା ସ୍ମିଥଙ୍କ ପଏଣ୍ଟ ସଂଖ୍ୟା ୯୦୪ ରହିଛି। କେନ୍ ୱିଲିୟମସନ ଏବଂ ଚେତେଶ୍ୱର ପୂଜାରା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟରେ ଯଥାକ୍ରମେ ୮୧ ଓ ୧୦୨ ରନ କରିଥିବା ଭାରତୀୟ ଟେଷ୍ଟ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ୧୦ ସ୍ଥାନ ଉପରକୁ ଉଠି ତାଲିକାର ୧୧ଶ ସ୍ଥାନରେ ପହଞ୍ଚିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ଉଇକେଟ ସଫଳତା ପାଇଁ ବୁମ୍‌ରା ୯ ସ୍ଥାନ ପଦୋନ୍ନତି ପାଇ ବୋଲର ର୍ୟାଙ୍କିଙ୍ଗ ତାଲିକାରେ ୭ମ ସ୍ଥାନ ଅଧିକାର କରିଛନ୍ତି।

## ଜେଟ୍‌ଲୀଙ୍କ ନାମରେ ନାମିତ ହେବ କୋଟ୍‌ଲା ଷ୍ଟାଡିୟମ

ନୂଆଦିଲ୍ଲୀ, ୨୭।୮ (ପି.ଟି.): ସ୍ଥାନୀୟ ଫିରୋଜ ଶାହ କୋଟ୍‌ଲା ଷ୍ଟାଡିୟମର ନାମ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ ନାମରେ ନାମିତ ହେବ। ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ମଙ୍ଗଳବାର ଏସଂକ୍ରାନ୍ତରେ ନିଷ୍ପତ୍ତି ନେଇଛି। ଶନିବାର ପରଲୋକ ଗମନ କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ଡିଡିସିଏ ସଭାପତି ଅରୁଣ ଜେଟଲୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହା କରାଯିବ। ନାମକରଣ ଉତ୍ସବ ସେପ୍ଟେମ୍ବର ୧୨ ତାରିଖରେ ହେବ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି କୋଟ୍‌ଲାର ଏକ ଷ୍ଟାଣ୍ଡ ଜେଟଲୀଙ୍କ ନାମରେ କରାଯିବ ବୋଲି ଘୋଷଣା କରିଥିଲେ। ଡିଡିସିଏ ସଭାପତି ରଜତ ଶର୍ମା କହିଛନ୍ତି, ଅରୁଣ ଜେଟଲୀଙ୍କ ସହାୟତା ଏବଂ ଉତ୍ସାହ ସହାୟତାରେ ବିରାଟ କୋହଲି, ବୀରେନ୍ଦ୍ର ସେହ୍ୱାଗ, ଗୌତମ ଗମ୍ଭୀର, ଆଶିଷ ନେହେରା, ରିଷଭ ପନ୍ତଙ୍କ ସମେତ ଅନେକ ଭଲ ଖେଳାଳି ସୃଷ୍ଟି ହୋଇଛନ୍ତି ଯେଉଁମାନେ ଭାରତକୁ ଗର୍ବିତ କରାଇଛନ୍ତି। ଜେଟଲୀଙ୍କର ଡିଡିସିଏରେ କାର୍ଯ୍ୟକାଳ ସମୟରେ ଷ୍ଟାଡିୟମର ଆଧୁନିକୀ କରଣ ହୋଇଥିଲା। ଆସନ ସଂଖ୍ୟା ବୃଦ୍ଧି ସହ ବିଶ୍ୱ ଶ୍ରେଣୀର ଡ୍ରେସିଂ ରୁମ୍ କରାଯାଇଥିଲା। ନାମକରଣ ଉତ୍ସବ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏବଂ କ୍ରୀଡ଼ା ମନ୍ତ୍ରୀ କିରନ ରିଜିଜୁ ଉପସ୍ଥିତ ରହିବେ।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ସତ୍ୟଭାମା ମହାନ୍ତି
ଆଗରକୁଳ, ଜଗତ୍‌ସିଂହପୁର
ଆବିର୍ଭାବ: ୧୦।୦୨।୧୯୨୯
ତିରୋଧାନ: ୧୮।୦୮।୨୦୧୯
ବୋଉ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ମନ ଓ ହୃଦୟରେ ସର୍ବଦା ପ୍ରତିଫଳିତ ହେଉ।
ଶୋକସନ୍ତପ୍ତ:
ପୁତ୍ର/ପୁତ୍ରବଧୂ: ମଣ୍ଟୁ, ଟୁନିଆ, ଝିଅ/ଜ୍ୱାଇଁ: ମମିନା, ବୁଧନ ଏବଂ ନମି, ବାବୁନି, ନାତି/ବୋହୂ: ଅମିତ, ଲାଲି, ନାତୁଣୀ/ଜ୍ୱାଇଁ: ଅଙ୍କିତା, ବାବି, ନଣନ୍ଦ/ନଣନ୍ଦେଇ: ସଖୀ, କ୍ଷୀତିଶ ଏବଂ ସୁକୀ, ଅନନ୍ତ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୪୦୮୭

ଊନବିଂଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଖଗେନ୍ଦ୍ର ଚନ୍ଦ୍ର ପଣ୍ଡା
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୬୭୦୪୮

ଏକାଦଶାହ ଉପଲକ୍ଷେ



ୱ ପ୍ରସନ୍ନ କୁମାର ସେନାପତି
ଆବିର୍ଭାବ- ୨୦/୦୨/୧୯୬୦
ତିରୋଧାନ-୧୮/୦୮/୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ଆପଣଙ୍କ ହତଭାଗ୍ୟ ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ, ଭଉଣୀ, ଭିଣୋଇ ଓ ପରିବାର ବର୍ଗ ।
ଧ-୬୭୩୬୬

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଭାକର ସାମନ୍ତରାୟ
ଗ୍ରା.ପୋ: ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ତିରୋଧାନ ଦିବସ: ୧୭।୦୮।୨୦୧୯
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁତ୍ର– ଶ୍ରୀକାନ୍ତ, ତ୍ରିନାଥ, ମନ୍ମଥ, ଝିଅ– ବୀଣା, କୁନି, ନାତି– ପିଙ୍କୁ, ଚିଙ୍କୁ, ରିଙ୍କୁ, ନାତୁଣୀ– ବୁଢିଆ, ଝିଲିଆ, ଏଲିଆ, ମୁମୁନ, ଭଣଜା ଭାଣିଜୀ– ମାଲୁ, ଗୁଲୁ, ବାପି, ନେପୁ, ବାଦଲ, ଲଲି, ଲିଜା ବନ୍ଧୁ ଓ ପରିବାରବର୍ଗ
ଧ-୬୬୯୫୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ୨୮ ଅଗଷ୍ଟ /୨୦୧୯, Dhenkanal, Wednesday August 28 / 2019

## ସଂକ୍ଷେପରେ

### କଣିହାଁ ବନାଞ୍ଚଳରେ ହାତୀ ଆତଙ୍କ

**କଣିହାଁ,୨୭।୮(ଡି.ଏନ.ଏ.):** କଣିହାଁ ବନାଞ୍ଚଳ ଅଧୀନରେ ଦୀର୍ଘଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ନିକଟସ୍ଥ ଜଙ୍ଗଲରୁ ହାତୀପଲ ଗ୍ରାମାଭିମୁଖୀ ହୋଇ ଫସଲ ଉଜାଡି ଦେବା ସହ ଘର ଦ୍ୱାର ଭାଙ୍ଗି ଦେଉଛନ୍ତି। ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ମଙ୍ଗଳବାର ସାପକଟା ଗ୍ରାମର ସୁକୁମାରୀ ବେହେରାଙ୍କ ଘର ହାତୀ ଭାଙ୍ଗି ଦେଇଛି। ତାଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

ପ୍ରକାଶ ଯେ, କଣିହାଁର ୨ଟି ବନାଞ୍ଚଳ ଏରିଆରେ ୨୦ରୁ ଅଧିକ ହାତୀ ରହିଛନ୍ତି। ବନ ବିଭାଗ ନାମକୁ ମାତ୍ର ହାତୀ ଘଉଡାଇବା କାର୍ଯ୍ୟ ରାସ୍ତା ଉପରେ କରୁଥିବାବେଳେ ଜଙ୍ଗଲ ମଧ୍ୟକୁ ପ୍ରବେଶ କରୁ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। କଣିହାଁ ବନାଞ୍ଚଳ ଅଧିକାରୀ ପ୍ରତାପ ରାଉଳ କହିଛନ୍ତି, ସୁକୁମାରୀ ବେହେରା ଓ ଅନ୍ୟ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। କଣିହାଁ ବନାଞ୍ଚଳର ରେଙ୍ଗାଲି ଫରେଷ୍ଟ ସେକ୍ସନରେ ୯ଟି ହାତୀ ରହିଛନ୍ତି। ଘଉଡାଇବା ପାଇଁ ଉଦ୍ୟମ ଜାରି ରହିଛି।

# ପିଓଏସ୍ ମେଶିନ୍‌ରେ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟ

**ଅନୁଗୋଳ ଅଫିସ, ୨୭।୮**

ଅନୁଗୋଳ ପୌରପାଳିକା ପକ୍ଷରୁ ମଙ୍ଗଳବାର ପିଓଏସ୍ ମେଶିନ୍‌ରେ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟର ଶୁଭାରମ୍ଭ ହୋଇଛି। ଏଣିକି ଲୋକମାନଙ୍କ ନିକଟରୁ ଏପରି ଭାବେ ହୋଲଡିଂ ଟ୍ୟାକ୍ସ ଆଦାୟ କରାଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି।

୮ ଜଣ ଟ୍ୟାକ୍ସ କଲେକ୍ଟରଙ୍କ ପାଇଁ ୮ଟି ପିଓଏସ୍ ମେଶିନ୍ ଏକ ଘରୋଇ ବ୍ୟାଙ୍କରୁ ଆସିଛି। ଏପରି କି ଟ୍ୟାକ୍ସ କଲେକ୍ଟରମାନଙ୍କୁ ଏହି ମେଶିନ୍ ସମ୍ବନ୍ଧରେ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇଛି। ପୂର୍ବରୁ ଲୋକମାନେ ଦେୟ ଦେବା ପାଇଁ କାର୍ଯ୍ୟାଳୟକୁ ଟଙ୍କା ଧରି ଆସୁଥିଲେ। ଏପରି କି ପୌର କର୍ମଚାରୀମାନେ ମଧ୍ୟ ସହରର ବିଭିନ୍ନ ସ୍ଥାନକୁ ଟ୍ୟାକ୍ସ ଆଦାୟ ପାଇଁ ଯାଉଥିଲେ। ତେଣୁ ନଗଦ ଟଙ୍କା ନେଣ ଦେଣ ହେଉଥିବାରୁ ବିଭିନ୍ନ ସମୟରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଥିଲା। ଏବେ ଲୋକମାନଙ୍କ ନିକଟରୁ ପିଓଏସ୍ ମେଶିନ୍ ମାଧ୍ୟମରେ ଟଙ୍କା ଆଦାୟ ହେବ। ଏପରି ବ୍ୟବସ୍ଥା ଅନୁଗୋଳରେ ପ୍ରଥମ ଥର ପାଇଁ ପୌରପାଳିକା ପକ୍ଷରୁ ଆରମ୍ଭ ହୋଇଛି। ତେବେ ଟ୍ୟାକ୍ସ ବ୍ୟବସ୍ଥାକୁ ଆଗାମୀ ଦିନରେ ସହଜ କରିବା ପାଇଁ ଅନ୍‌ଲାଇନ ବ୍ୟବସ୍ଥା କରାଯିବାର ଯୋଜନା ରହିଛି ବୋଲି ପୌର ନିର୍ବାହୀ ଅଧିକାରୀ ଜେନା କହିଛନ୍ତି। ଡେଲି ମାର୍କେଟର ବ୍ୟବସାୟୀ ପଙ୍କଜ ମିଶ୍ର ମେଶିନ୍ ଦ୍ୱାରା ପ୍ରଥମେ ଟ୍ୟାକ୍ସ ପ୍ରଦାନ କରିଥିବା ଜଣାପଡ଼ିଛି। ସେ ୨୦୧୯-୨୦ ବର୍ଷ ପାଇଁ ଦୋକାନ ଭଡ଼ା ବାବଦକୁ ୧୩ ହଜାର ୫ଶହ ଟଙ୍କା ଦେଇଥିବା ପୌରପାଳିକା ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ଶୁଭାରମ୍ଭରେ ଅନୁଗୋଳ ପୌରନିର୍ବାହୀ ଅଧିକାରୀ ଜେନାଙ୍କ ସମେତ, ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ଟିଡି ଚିତ୍ତରଞ୍ଜନ ପ୍ରଧାନ, ମେଶିନ୍ ଯୋଗାଇଥିବା ଘରୋଇ ବ୍ୟାଙ୍କର କର୍ମଚାରୀ ଓ ପୌରପାଳିକାର କର୍ମଚାରୀମାନେ ଉପସ୍ଥିତ ଥିଲେ।


ଟିକସଦାତାଙ୍କୁ ପୌର ପ୍ରଶାସନ ପକ୍ଷରୁ ରସିଦ ପ୍ରଦାନ କରାଯାଉଛି।

# ମଦ ସହ ବାଇକ୍ ଜବତ, ୨ ଗିରଫ

**ବଇଣ୍ଡା,୨୭।୮(ଡି.ଏନ.ଏ.)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ନାକିଚି ରୋଡ ଛକ ନିକଟରେ ମଙ୍ଗଳବାର ସକାଳେ ପୋଲିସ ଚଢାଉ କରି ୧୫ ଲିଟର ଦେଶୀ ଚୋରା ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହଣ୍ଡପା ଥାନା ବୁଦୁଲିମୁଣ୍ଡା ଗ୍ରାମର ଅଜୟ ଘିଓ୍ୱାଲା ଓ ବସନ୍ତ ସେଠୀ। ପୋଲିସ କହିଛି, ଉଭୟେ ଏକ ବାଇକ୍ ଯୋଗେ ୧୫ ଲିଟର ଦେଶୀ ମଦ ଧରି ଧଣ୍ଡାତୋପା ଗ୍ରାମ ଅଭିମୁଖେ ଯାଉଥିବାବେଳେ ଖବରପାଇ ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ, ଏଏସଆଇ କରୁଣାକର ନନ୍ଦ ଚଢାଉ କରିଥିଲେ। ଏଥିସହ ଉକ୍ତ ବାଇକ୍‌କୁ ଜବତ କରାଯାଇଛି। ଏ ନେଇ ନଂ. ୮୪/୧୯ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ ଆଠମଲ୍ଲିକ କୋର୍ଟ ଚାଲାଣ କରିଛି।




# ମହାପାଟଙ୍କ ବାର୍ଷିକ ଯାତ୍ରା ପ୍ରସ୍ତୁତି


ବୈଠକରେ ଉପସ୍ଥିତ ସଦସ୍ୟବୃନ୍ଦ।

**ବଅଁରପାଳ,୨୭।୮(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମହାପାଟ ଦେବୀଙ୍କ ବାର୍ଷିକ ଯାତ୍ରା ଉତ୍ସବ ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନୀଲ କୁମାର ମାଝି ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ସେପ୍ଟେମ୍ବର ୧ ରେ ଏହି ଯାତ୍ରା ପାଳନ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କିପରି ସୁବ୍ୟବସ୍ଥା କରାଯିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଯାତ୍ରା କିପରି ଶାନ୍ତିଶୃଙ୍ଖଳା ସହ ଶେଷ ହେବ ସେହିପ୍ରତି ଅଧିକ ଧ୍ୟାନ ଦିଆଯିବ ବୋଲି ସଭାପତି ସୁନୀଳ କୁମାର ମାଝି ପ୍ରକାଶ କରିଥିଲେ। ବୈଠକରେ ଲୋକନାଥ ମାଝି, ଭଜମୋହନ ମହାନ୍ତି, ଦୈତାରୀ ସାହୁ, ଦାଶରଥି ପାଇକ, ପାର୍ଥ ଅମାନ୍ତ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଗୋକୁଳ ନାୟକ, ଅରୁଣ ସାହୁ, ପଟେଇ ମାଝି, ଭିକାରୀ ସେଠି, ରାମ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।







### ମୃଦୁ ଭୂକମ୍ପ, ସହରବାସୀ ଭୟଭୀତ

**ଅନୁଗୋଳ ଅଫିସ, ୨୭।୮**

ଅନୁଗୋଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅପରାହ୍ନରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ୨ରୁ ୩ ସେକେଣ୍ଡ ପାଇଁ ହୋଇଥିବା ଏହି ଭୂକମ୍ପରେ କ୍ଷୟକ୍ଷତି ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଖବର ମିଳି ନ ଥିଲେ ବି ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ଭୂକମ୍ପ ଅନୁଭବ କରିବା ମାତ୍ରେ ଘରଛାଡ଼ି ଲୋକମାନେ ବାହାରକୁ ଚାଲିଆସିଥିଲେ। ତେବେ ଏହାର ତୀବ୍ରତା କେତେ ଥିଲା ସେ ସମ୍ପର୍କରେ ପ୍ରଶାସନ ନିକଟରୁ ଅଦ୍ୟାବଧି କୌଣସି ସୂଚନା ମିଳିପାରି ନାହିଁ। ଜିଲାର ବହୁ ସ୍ଥାନରେ କୋଇଲା ଖଣି ଥିବାରୁ ସାମାନ୍ୟ ଭୂକମ୍ପ ମଧ୍ୟ ବଡ ଅଘଟଣ ଘଟାଇ ପାରେ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

### ଖାଇବାକୁ ନେଇ ଗଣ୍ଡଗୋଳ

**ବଇଣ୍ଡା,୨୭।୮(ଡି.ଏନ.ଏ.)**

ହଣ୍ଡପା ଥାନା ଗୁଣ୍ଡୁରିମୁଣ୍ଡା ଗ୍ରାମରେ ଥିବା ଏକ ଢାବାରେ ସୋମବାର ଖାଇବାକୁ ନେଇ ଗଣ୍ଡଗୋଳ ହୋଇଛି। ପୋଲିସ କହିଛି, ଢାବା କର୍ମଚାରୀ ଅଶୋକ ସେଠୀ ବସିଥିବାବେଳେ ଗୁଣ୍ଡୁରିମୁଣ୍ଡା ଗ୍ରାମର ଛବି ନାୟକ ଓ ତାଙ୍କର ୨ ଜଣ ସହଯୋଗୀ ଆସି ଢାବାରେ ଖାଇଥିଲେ। ପରେ ଅଶୋକ ଟଙ୍କା ମାଗିବାରୁ ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ ଅଶୋକ ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୪୨/୧୯ରେ ଏକ ମାମଲା ରୁଜୁ କରିଛି। ଏ ନେଇ ଛବି ନାୟକ ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ସହଯୋଗୀଙ୍କୁ ପପୁ ଖାଁ ଓ ୨ ଜଣ କର୍ମଚାରୀ ମାଡ଼ ମାରିଛନ୍ତି। ପୋଲିସ ନଂ. ୧୪୩/୧୯ରେ ଏକ ମାମଲା ରୁଜୁ କରିଛି।



FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: ANGUL: Shree Durga TVS, Ph: 9861222572. DHENKANAL: Orissa TVS, Ph.: 8260250728. Authorised Dealers: Pallahara, Phalguni Motors, Ph.: 06765279020; Kamakhyanagar, Priya Motors, Ph.: 9437332936; Talcher, Shree Durga Motors, Ph: 06760-241799; Gondia : Mohapatra Motors, Ph : 7008092305 ; Rasol : S.B.Motors, Ph : 9437663780; Jiral, Subham Automobiles, Ph : 7894884668, 9437549916; Parjang,Devi Motors, Ph : 9777112004; Mahaveer Motors, Banarpal, Ph : 9040267959; Mahidharpur, Urmila Motors, Ph : 9777930551; Bhuban, Vicky Auto, Ph : 06769-272720, 9937707823.
McCann/Blr/Tvs/864/08/19

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ